# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 8 /2026 | Page 16 | ₹ 7.00 | SAMBALPUR

୫୨ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 102 | ମୂଲ୍ୟ ₹୭/-



No. 33001/17/2526

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ

ମୁଖ୍ୟମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀଙ୍କ**

କରକମଳରେ




# ସୁଭଦ୍ରା ଚତୁର୍ଥ କିସ୍ତି



୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ

**୫ ହଜାର କୋଟିରୁ ଊର୍ଦ୍ଧ୍ୱ**

ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



**ଗରିମାମୟ ଉପସ୍ଥିତି**

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ସମ୍ବିତ ପାତ୍ର
ସାଂସଦ, ପୁରୀ

ଶ୍ରୀ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ଶ୍ରୀ ତୁଷାରକାନ୍ତି ବେହେରା
ବିଧାୟକ, କାକଟପୁର

ଶ୍ରୀ ସୁନୀଲ କୁମାର ମହାନ୍ତି
ବିଧାୟକ, ପୁରୀ

ଶ୍ରୀମତୀ ଉପାସନା ମହାପାତ୍ର
ବିଧାୟିକା, ବ୍ରହ୍ମଗିରି

ଶ୍ରୀ ଓମ୍ ପ୍ରକାଶ ମିଶ୍ର
ବିଧାୟକ, ସତ୍ୟବାଦୀ

ଶ୍ରୀ ଆଶ୍ରିତ ପଟ୍ଟନାୟକ
ବିଧାୟକ, ପିପିଲି

୮ ମାର୍ଚ୍ଚ ୨୦୨୬, ପୁରୀ

••• ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା •••

ପୁଲିସ୍ ହେଲ୍ପଲାଇନ୍ ୧୧୨ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ମହିଳା ହେଲ୍ପଲାଇନ୍ ୧୮୧ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୬୮

OIPR-33001/33001/2/25-26/0004

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

# ଡେଙ୍ଗାଜାନିଗୁଡ଼ାର ଦୁଃଖ ନାଲ୍କୋ ରେଡ୍‌ମଡ୍ ପଣ୍ଡ

## ରାସାୟନିକ ପାଣିରୁ ବ୍ୟାପୁଛି ଚର୍ମରୋଗ, ଦୃଷ୍ଟିଶକ୍ତି ହରାଉଛନ୍ତି ଲୋକେ



ନାଲ୍‌କୋର ରେଡ୍‌ମଡ୍ ପଣ୍ଡ

**କୋରାପୁଟ/ ସୁନାବେଡ଼ା,୭।୩ (ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)**

ଚାଇନାର ନୀଳନଦୀ ତଥା ଚାଇନାର ଦୁଃଖ କୁହାଯାଉଥିବା ହୋୟାଂ ହୋ ନଦୀ ଭଳି କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ନାଲ୍‌କୋ କମ୍ପାନୀ ରେଡ୍‌ମଡ୍ ପଣ୍ଡ ଦଶମନ୍ତପୁର ବ୍ଲକ୍ ମୁଜାଙ୍ଗ ପଞ୍ଚାୟତ ଡେଙ୍ଗାଜାନୀଗୁଡ଼ା ଗ୍ରାମର ଦୁଃଖ ପାଲଟିଛି। ରାସାୟନିକ ମିଶା ଦୂଷିତ ପାଣି ବ୍ୟବହାରକରି ବିଭିନ୍ନ ଚର୍ମରୋଗ ହେଉଛି। ଖାଲି ସେତିକି ନୁହେଁ, ଏହି ପ୍ରଦୂଷିତ ରାସାୟନିକ ପାଣି ବ୍ୟବହାରକରି ଗ୍ରାମର କେତେଜଣ ଲୋକ ଦୃଷ୍ଟିଶକ୍ତି ହରାଉଛନ୍ତି। ସେହିଭଳି ଅନ୍ୟ କେହି ମାନସିକ ଭାରସାମ୍ୟ ହରାଇବା ସହ ଗ୍ରାମର ବୟସ୍କ ପୁରୁଷ ଓ ମହିଳାଙ୍କ ଗୋଡ଼ହାତ ଫୁଲିଯାଉଥିବା ଅଭିଯୋଗ ହୋଇଛି। ବିଡ଼ମ୍ବନାର କଥା, ଏହି ପାଣି ସମସ୍ୟା ଯୋଗୁ ଡେଙ୍ଗାଜାନିଗୁଡ଼ା ଗ୍ରାମର ପୁଅଙ୍କୁ ଅନ୍ୟ ଗ୍ରାମର ଲୋକେ ଝିଅ ଦେଉନାହାନ୍ତି। ଯଦି କେହି ବୋହୂ ହୋଇ ଆସୁଛନ୍ତି ୨ ମାସ ମଧ୍ୟ ନ ରହି ଗାଁ ଛାଡ଼ି ଚାଲିଯାଉଥିବା ଗ୍ରାମବାସୀ କହିଛନ୍ତି। ସମସ୍ୟା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କେହି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି।

ସୂଚନାନୁଯାୟୀ, ୪୦ ବର୍ଷ ଆଗରୁ ନାଲ୍‌କୋ କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ଆଖପାଖ ଅଞ୍ଚଳର ୧୩ ଗାଁକୁ ବିସ୍ଥାପିତ କରିଥିଲା। କିନ୍ତୁ ସେହି ସମୟରେ ଡେଙ୍ଗାଜାନିଗୁଡ଼ା ଗାଁକୁ କମ୍ପାନୀ ବାଦ୍ ଦେଇଥିଲା। ଏବେ ଉକ୍ତ ଗାଁରେ ଶୁଣ୍ଡି, ଆଦିବାସୀ ଓ ଦଳିତ ୩ ସାହିରେ ପ୍ରାୟ ୧୩୦ ପରିବାରର ୬ ଶହ ଲୋକ ରହୁଛନ୍ତି। ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହା ବ୍ୟତୀତ ଗାଁକୁ ଭଲ ରାସ୍ତା ନ ଥିବା ବେଳେ ପିଇବା ପାଣି ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। କମ୍ପାନୀର ବର୍ଜ୍ୟ ବିଷାକ୍ତ କଷ୍ଟିକ୍ ସୋଡ଼ା ମିଶା ପାଣି ଗାଁର ଚାଷ ଓ ପିଇବା ପାଇଁ ବ୍ୟବହାର ହେଉଛି। ଏହା ସେମାନଙ୍କ ପାଇଁ କାଳ ସାଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଖରାଦିନରେ ରେଡ୍‌ମଡ୍ ପଣ୍ଡର ମାଟି ଶୁଖି ପବନରେ ଉଡ଼ି ସମସ୍ୟା ସୃଷ୍ଟି କରୁଛି। ବର୍ଷାଦିନରେ ଲୋକଙ୍କ ପାଇଁ ସମସ୍ୟା ଅଧିକ ଦୁର୍ବିଷହ ହୋଇପଡ଼େ ବୋଲି ଗ୍ରାମର ଟଙ୍କଧର ବିଶୋୟୀ, ମୁଣ୍ଡ ମୁଦୁଲି, ମଧୁ ଭୋଇ, ଧନ ମୁଦୁଲି ଓ ବଲବ ମୁଦୁଲିଆ କହିଛନ୍ତି। ବିଷାକ୍ତ ପାଣି ପିଇ ଗୋରୁ, ଛେଳି, ମେଣ୍ଢା ଆଦି ପ୍ରାଣୀ ରୋଗଗ୍ରସ୍ତ ହେବା ସହ ଅକାଳରେ ମୃତ୍ୟୁ ହେଉଥିବା କହିଛନ୍ତି। ଗାଁରେ ୩ ନଳକୂପ ଥିବା ସତ୍ତ୍ୱେ ସେଥିରୁ ଦୂଷିତ ପାଣି ବାହାରୁଛି। ଏହା ଲୋକଙ୍କ ବ୍ୟବହାରରେ ଲାଗୁ ନ ଥିବା କୁହାଯାଇଛି। ପାଣି ଟୋପାଏ ପାଇଁ ଗ୍ରାମବାସୀଙ୍କୁ ପ୍ରାୟ ୮ କି.ମି. ଦୂର ମୁଜାଙ୍ଗ ପଞ୍ଚାୟତ ପାହାଡ଼ରେ ଥିବା ଝରଣାକୁ ଯିବାକୁ ପଡ଼େ ବୋଲି କହିଛନ୍ତି। ଏ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭକରି ନାଲ୍‌କୋ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି।

ଗାଁର ସମସ୍ୟାକୁ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କୁ ପଚାରିବାରୁ ନାଲ୍‌କୋ ସିଏମ୍‌ଡି ଓ ଖଣିମନ୍ତ୍ରୀଙ୍କ ସହ ଆଲୋଚନାକରି ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇବେ ବୋଲି ସେ କହିଛନ୍ତି। ଏ ନେଇ ଦଶମନ୍ତପୁର ବ୍ଲକ୍ ମୁଜାଙ୍ଗ ସରପଞ୍ଚ କୁନୁ ଭୋଇ କହିଛନ୍ତି, ନାଲ୍‌କୋ କମ୍ପାନୀ ଦ୍ୱାରା ପ୍ରଭାବିତ ଗ୍ରାମବାସୀ ଦୁଃଖ କଷ୍ଟରେ ରହୁଥିବା ବେଳେ କମ୍ପାନୀ କିନ୍ତୁ ଗାଁ ପାଇଁ ପିଇବା ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇ ଦେଉନାହିଁ। ଆଗକୁ ଏହିଭଳି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଡେଙ୍ଗାଜାନିଗୁଡ଼ାର ସମସ୍ୟାକୁ ନେଇ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ନାଲ୍‌କୋ ଓ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଓ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦଶମନ୍ତପୁର ବିଡିଓଙ୍କୁ କୁହାଯାଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ଦାମନଯୋଡ଼ି ନାଲ୍‌କୋ ଜିଏମ୍‌ଏଚ୍‌ଆର୍ ସି.ଏମ୍. ମହନ୍ତଙ୍କୁ ପଚାରିବାରୁ ନାଲ୍‌କୋ ପକ୍ଷରୁ ଡିଏମ୍‌ଏଫ୍ ଜରିଆରେ ଡେଙ୍ଗାଜାନିଗୁଡ଼ା ଗାଁରେ ବିଦ୍ୟୁତ୍, ପାନୀୟଜଳ ଓ ରାସ୍ତା ଆଦି ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଅତିଶୀଘ୍ର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଅନୁଗୋଳ-ଛେଣ୍ଡିପଦା ରାଜପଥ ଅବରୋଧ, ଫେରିଲା ୪୦ ଟ୍ରକ୍



୬୩ନଂ. ରାଜ୍ୟ ରାଜପଥର କୋଶଳାଠାରେ କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକୁ ଅଟକାଯାଇଛି।

## କୋଇଲା ପରିବହନକୁ ତୀବ୍ର ବିରୋଧ, ଅଶାନ୍ତ ଛେଣ୍ଡିପଦା

**ଛେଣ୍ଡିପଦା, ୭।୩ (ଅଜିତ ଧଳ)**

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର କୋଶଳା ଓ ଅନ୍ୟ ଗ୍ରାମ ଦେଇ କୋଇଲା ପରିବହନକୁ ଶୁକ୍ରବାର ରାତିରୁ ତୀବ୍ର ବିରୋଧ କରାଯାଇଛି। କୋଶଳା ଗ୍ରାମବାସୀ ରାଜପଥ ଅବରୋଧ କରିଥିବାବେଳେ ପଡ଼ୋଶୀ ଗ୍ରାମବାସୀ ଛେଣ୍ଡିପଦା-ଜରପଡ଼ା ପୂର୍ତ୍ତ ବିଭାଗ ରାସ୍ତାରେ ଜଗି ବସିଥିଲେ। ଫଳରେ ନୟନୀ କୋଇଲା ଖଣିରୁ କୋଇଲା ବୋଝେଇ କରି ୬୩ନଂ. ରାଜ୍ୟ ରାଜପଥରେ ଆସୁଥିବା ୪୦ ଟ୍ରକ୍ କୋଶଳାଠାରେ ତୀବ୍ର ବିରୋଧର ସମ୍ମୁଖୀନ ହୋଇ ଫେରିଯାଇଛି। କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ନ କରି ପ୍ରଶାସନ ଗାଁ ଭିତରେ ଯାଇଥିବା ରାଜ୍ୟ ରାଜପଥରେ କୋଇଲା ଟ୍ରକ୍ ଚଳାଚଳ କରାଇବାକୁ ବାରମ୍ବାର ଉଦ୍ୟମ କରୁଥିବାରୁ ଏହାକୁ ନେଇ ଛେଣ୍ଡିପଦା ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକର ନୟନୀ କୋଇଲା ଖଣିରୁ କୋଇଲା ଉତ୍ତୋଳନ କରାଯାଇ ସହସ୍ରାଧିକ ଟନ୍ ଗଚ୍ଛିତ ରଖାଯାଇଛି। ଏହି କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ପାଇଁ ଦୀର୍ଘଦିନ ହେବ କୋଶଳା ଗ୍ରାମବାସୀ ଦାବି କରିଆସୁଛନ୍ତି। କିନ୍ତୁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯାଇ ରାଜ୍ୟ ରାଜପଥର କୋଶଳା ଗାଁ ଦେଇ କୋଇଲା ପରିବହନ ପାଇଁ ଉଦ୍ୟମ କରାଯାଉଛି। ଏହାକୁ ନେଇ କୋଶଳା ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେବା ପରେ ଗାଁ ଦେଇ କୋଇଲା ପରିବହନ କରାଇ ନ ଦେବାକୁ ବୈଠକ କରି ଗ୍ରାମବାସୀ ଶପଥ ନେଇଥିଲେ। ତଦନୁଯାୟୀ କୋଶଳା ଚନ୍ଦନନଗର ଠାରେ ରାଜ୍ୟ ରାଜପଥ ଉପରେ ରାତି ଉଜାଗର ହୋଇ ଗ୍ରାମବାସୀ ବସିରହି କୋଇଲା ଟ୍ରକ୍ ଚଳାଚଳ କରାଇ ଦେଇ ନ ଥିଲେ। ଫଳରେ ନୟନୀ କୋଇଲା ଖଣିରୁ ପ୍ରାୟ ୪୦ଟି ଟ୍ରକ୍‌ରେ ଆସୁଥିବା କୋଇଲା ଅନୁଗୋଳ ଅଭିମୁଖେ ଯାଇପାରି ନ ଥିଲା। ସେହିପରି କମ୍ପସଲା ସରପଞ୍ଚ ବାବୁଲା ପ୍ରଧାନଙ୍କ ଆହ୍ୱାନ କ୍ରମେ କମ୍ପସଲା ଜଗନ୍ନାଥ ମନ୍ଦିର ସମ୍ମୁଖରେ କମ୍ପସଲା ଗ୍ରାମ ସଭାପତି ଭୀମସେନ ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ବସିଥିଲା। ଗାଁ ମଧ୍ୟ ଦେଇ କୋଇଲା ଗାଡି ଚଳାଚଳ କଲେ ଚାଷ ଜମି ପ୍ରଭାବିତ ହେବା ସହିତ ଅଞ୍ଚଳ ପ୍ରଦୂଷିତ ହେବ। ଏଣୁ ଗାଁ ଦେଇ କୋଇଲା ଗାଡ଼ି ଯାତାୟାତ କରାଇ ନ ଦେବାକୁ ସେମାନେ ଶପଥ କରିବା ସହିତ ରାତିରେ ପାଳିକରି ଗାଁ ରାସ୍ତାକୁ ଜଗି ରହିଥିଲେ। ସେହିପରି ଛେଣ୍ଡିପଦାରୁ ଜରପଡ଼ା ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ଦେଇ କୋଇଲା ପରିବହନ ହେବା ଆଶଙ୍କା କରି ତେନ୍ତୁଲୋଇ ମା' କନକଦୁର୍ଗା ମନ୍ଦିର ପ୍ରାଙ୍ଗଣରେ ୬ଟି ଗାଁର ସଭାପତି, ସମ୍ପାଦକ ଓ ଭଦ୍ରବ୍ୟକ୍ତିମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଛେଣ୍ଡିପଦା-ଜରପଡ଼ା ରାସ୍ତା ଅଣଓସାରିଆ ଥିବାରୁ କୋଇଲା ବୋଝେଇ ଟ୍ରକ୍ ଯାତାୟାତ କଲେ ଦୁର୍ଘଟଣା ଘଟିବା ଆଶଙ୍କା କରି ତେନ୍ତୁଲୋଇ ଗାଁଠାରେ ଲୋକେ ପାଳିକରି ଜଗି ରହିଥିଲେ। ଅନ୍ୟପକ୍ଷରେ କୋଇଲା ବୋଝେଇ ଟ୍ରକ୍ ଗୁଡ଼ିକ ଚଳାଚଳ କରିପାରୁ ନ ଥିବାରୁ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ସଭାପତି ମହେଶ୍ୱର ହେବରା। ଘଟଣା ସମ୍ପର୍କରେ ଛେଣ୍ଡିପଦା ଥାନା ଅଧିକାରୀ ବିଭୂଦତ୍ତ ରାଉତରାୟ କହିଛନ୍ତି, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ।



# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ | Bhubaneswar, Sunday, March 8 /2026



## ରୁଷୀୟ ତୈଳ କ୍ରୟ ଅନୁମତି ସହ ଆମେରିକାର ପ୍ରତିକ୍ରିୟା

# ବୋଲ ମାନୁଛି ଭାରତ

ଭାରତୀୟମାନେ ଭଲ ଅଭିନେତା। ସେମାନଙ୍କୁ ଯେମିତି କହିଲେ ସେମିତି ଅଭିନୟ କରୁଛନ୍ତି ବୋଲି ରୁଷୀୟ ତୈଳ କ୍ରୟ ଅନୁମତି ପ୍ରଦାନ ପ୍ରସଙ୍ଗରେ ଆମେରିକା ତାଚ୍ଛଲ୍ୟ କରିଛି। ଟ୍ରମ୍ପ ପ୍ରଶାସନର ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ଏକ ପ୍ରେସ୍ ମିଟ୍‌ରେ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆମେରିକା ପକ୍ଷରୁ ରୁଷୀୟ କ୍ରୁଡ୍ ଉପରେ କଟକଣା ଜାରି କରାଯିବା ପରେ ଭାରତ ମସ୍କୋଠାରୁ ଅଶୋଧିତ ତୈଳ କ୍ରୟ ବନ୍ଦ କରିଦେଇଥିଲା। ସମ୍ପ୍ରତି ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଇରାନ୍ ବିଶ୍ୱର ତୈଳ ଯୋଗାଣକୁ ପଣବନ୍ଦୀ କରିବାକୁ ଉଦ୍ୟମ ଚଳାଇଥିବାରୁ ଆମେରିକା ଭାରତକୁ ପୁଣି ରୁଷୀୟ ତୈଳ କିଣିବାକୁ ଅନୁମତି ଦେଇଛି। ସେମାନେ ଏବେ ରୁଷିଆଠାରୁ ତୈଳ କିଣିବେ। ଭାରତ ଭଲ ବୋଲ ମାନୁଛି। ତେବେ ଏହା ଏକ ସାମୟିକ ଆଶ୍ୱସ୍ତି ବୋଲି ବେସେଣ୍ଟ ସ୍ପଷ୍ଟ କରିଛନ୍ତି। ଆମେରିକାର ଏପରି କଟାକ୍ଷକୁ ନେଇ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଅନ୍ୟପକ୍ଷେ କଂଗ୍ରେସ କେନ୍ଦ୍ରକୁ ଭୀରୁ ଓ ସାଲିସକାରୀ ସରକାର ବୋଲି ସମାଲୋଚନା କରିଛି।

**ନ୍ୟୁୟର୍କ,୭।୩**

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ରହିଥିବାବେଳେ ରୁଷିଆରୁ ତେଲ କିଣିବା ଲାଗି ଭାରତକୁ ଆମେରିକା ଅନୁମତି ଦେଇଥିବା ଏହାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଥିଲେ। ବିଶ୍ୱର ତୈଳ ଯୋଗାଣ ପଥକୁ ଅବରୋଧ କରିବାକୁ ଇରାନର ଉଦ୍ୟମ ଯୋଗୁ ସୃଷ୍ଟ ଚାପକୁ ଲାଘବ କରିବା ନିମନ୍ତେ ସାମୟିକ ଭାବେ ଏହି ରିହାତି ଦିଆଯାଇଥିବା ସେ ସ୍ପଷ୍ଟ କରିଥିଲେ। ବେସେଣ୍ଟ ଭାରତୀୟଙ୍କୁ ଭଲ ଅଭିନୟକାରୀ ବୋଲି କହିଛନ୍ତି। ଆମେରିକା କହିବାରୁ ଭାରତ ରୁଷିଆରୁ ତୈଳ କିଣିବା ବନ୍ଦ କରିଥିଲା ବୋଲି ସେ ଦାବି କରିଛନ୍ତି। ଏହାର ବିକଳ୍ପ ଭାବେ ସେମାନେ ଆମେରିକା ତେଲ କିଣିବାକୁ ଯାଉଛନ୍ତି। ତେବେ ବିଶ୍ୱରେ ସାମୟିକ ଭାବେ ସୃଷ୍ଟି ହୋଇଥିବା ତୈଳ ପ୍ରତିବନ୍ଧକକୁ ଲାଘବ କରିବା ପାଇଁ ଭାରତକୁ ରୁଷିଆ ତେଲ ଗ୍ରହଣ କରିବାକୁ ଆମେ ଅନୁମତି ଦେଇଛୁ। ଆମେ ଅନ୍ୟ ରୁଷିଆ ତୈଳକୁ କଟକଣାମୁକ୍ତ କରିପାରୁ ବୋଲି ବେସେଣ୍ଟ ଫକ୍ସ ବିଜନେସ୍‌କୁ ଏକ ସାକ୍ଷାତ୍କାରରେ କହିଛନ୍ତି।

ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ଉପସାଗରୀୟ ସଙ୍କଟ ଗମ୍ଭୀର ହୋଇଛି। ତୈଳ ଆବଶ୍ୟକତା ମେଣ୍ଟାଇବା ପାଇଁ ରୁଷିଆରୁ ତେଲ କିଣା ଜାରି ରଖିବା ନିମନ୍ତେ ଆମେରିକା ଭାରତକୁ ୩୦ ଦିନ ରିହାତି ପ୍ରଦାନ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶକ୍ତି କାର୍ଯ୍ୟସୂଚୀ ଯୋଗୁ ତୈଳ ଓ ଗ୍ୟାସ ଉତ୍ପାଦନ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବିଶ୍ୱ ବଜାରକୁ ତୈଳ ପରିବହନ ଜାରି ରଖିବା ପାଇଁ ଭାରତୀୟ ରିଫାଇନରମାନଙ୍କୁ ସାମୟିକ ଭାବେ ୩୦ ଦିନ ପାଇଁ ରୁଷିଆରୁ ତେଲ କିଣିବାକୁ ଟ୍ରେଜେରି ବିଭାଗ ଅନୁମତି ଦେଇଥିବା ବେସେଣ୍ଟ କହିଥିଲେ। ଭାରତ ୪୦ ପ୍ରତିଶତ ତୈଳ ମଧ୍ୟପ୍ରାଚ୍ୟରୁ ଆମଦାନୀ କରିଥାଏ, ଯାହାର ଅଧିକାଂଶ ଭାଗ ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ପରିବହନ ହୋଇଥାଏ। ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନ ଉକ୍ତ ଷ୍ଟ୍ରେଟ୍‌କୁ ଅବରୋଧ କରିଛି।

ରୁଷିଆରୁ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଥିବା ଏହାର ଟ୍ରେଜେରି ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ସାହସ ନାହିଁ**

ପଡ଼ୋଶୀଙ୍କୁ କ୍ଷମା ମାଗିଲା ଇରାନ

........୮........

### ଆଜିର ମନ୍ତବ୍ୟ

"ଶିକ୍ଷିତ, ସଶକ୍ତ ମହିଳାମାନେ ଏକ ସମୃଦ୍ଧ ଓ ପ୍ରଗତିଶୀଳ ରାଷ୍ଟ୍ର ପାଇଁ ଦୃଢ଼ ଭାବେ ସହାୟକ ହୋଇପାରିବେ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**






# ଆଜି ମିଳିବ ଚତୁର୍ଥ କିସ୍ତି ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୭।୩ (ସୁଚିସ୍ମିତା ସାହୁ)**

ମହିଳା ଦିବସ ଅବସରରେ ୮ ତାରିଖ ରବିବାର ମିଳିବ ଚତୁର୍ଥ କିସ୍ତି ସୁଭଦ୍ରା ଟଙ୍କା। ମୋଟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫




ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫ ହଜାର କୋଟିରୁ ଅଧିକ ଟଙ୍କା ସିଧା ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ପୁରୀ ତାଳବଣିଆଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରିବା ପରେ ସମସ୍ତ ଆକାଉଣ୍ଟକୁ ଟଙ୍କା ପଠାଯିବ। ଏବେସୁଦ୍ଧା ମୋଟ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ଜଣ ଆବେଦନ କରିଛନ୍ତି। ଯୋଗ୍ୟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀଙ୍କ ମଧ୍ୟରେ ୨ ଲକ୍ଷ ୧୩ ହଜାର ୧୯୮ଜଣ ନୂଆ ହିତାଧିକାରୀ ଯୋଡି ହୋଇଛନ୍ତି। ସୁଭଦ୍ରା ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗ ଆଧାରରେ ଯାଞ୍ଚ କରାଯାଇ ଆଉ ୩୬ ହଜାର ୩୮୫ଜଣ ସୁଭଦ୍ରା ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଏପ୍ରିଲ ମାସରେ ୨୧ ବର୍ଷ ହୋଇଥିବା ମହିଳାମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ୨୧ ବର୍ଷ ହୋଇଥିବା ଯେଉଁ ମହିଳାମାନେ ଗତ ଜାନୁଆରୀ ମାସରେ ପ୍ରଥମ ସୁଭଦ୍ରା ଟଙ୍କା ପାଇଛନ୍ତି, ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

# କୋଲାବ ଜଳଭଣ୍ଡାରରେ ବୁଡ଼ି ୩ ଛାତ୍ର ମୃତ

**କୋରାପୁଟ,୭।୩ (ଅମିତାଭ ବେହେରା)**

କୋଲାବ ଜଳଭଣ୍ଡାରରେ ବୁଡ଼ି କୋରାପୁଟ ସହରର ଲାଣ୍ଡିଗୁଡ଼ା ଗ୍ରାମ ନିକଟ ନବୋଦୟ ବିଦ୍ୟାଳୟର ୩ ଦଶମ ଶ୍ରେଣୀ ଛାତ୍ରଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ କୋରାପୁଟ ସହର ପୂଜାରୀପୁଟ ଅଞ୍ଚଳର ଲିଙ୍ଗରାଜ ଖିଲ, ଲକ୍ଷ୍ମୀପୁର ବ୍ଲକ୍ ବିରିଗୁଡ଼ା ଗ୍ରାମର ସ୍ୱସ୍ତିକ ହଲୱା ଓ ଲମତାପୁଟ ବ୍ଲକ୍‌ର ଓମ୍‌ପ୍ରକାଶ ବେହେରା। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଟାଉନ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ପଠାଇଛି। ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, କୋରାପୁଟ ନବୋଦୟ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷା ସେଣ୍ଟର ମାଛରାସ୍ଥିତ ଆଦର୍ଶ ବିଦ୍ୟାଳୟରେ ☞ପୃଷ୍ଠା-୨

# ଆଜିଠୁ ବର୍ଷା, ପବନ

**ଭୁବନେଶ୍ୱର, ୭।୩ (ବନ୍ଦନା ସେଠୀ)**

### ଘୂର୍ଣ୍ଣିବଳୟ ପ୍ରଭାବରେ ତାପମାତ୍ରା ୨ ଡିଗ୍ରୀ କମିଲା

ସମଗ୍ର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ବିସ୍ତାରିତ ହୋଇରହିଛି। ଏହିଠାରୁ ଦୁଇଟି ଟ୍ରଫ୍ ଲାଇନ୍ ଉତ୍ତରପ୍ରଦେଶ ଓ କର୍ନାଟକ ପର୍ଯ୍ୟନ୍ତ ଯାଇଛି। ଏହାର ପ୍ରଭାବରେ ରବିବାରଠାରୁ ୨ଦିନ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପବନ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାକୁ ବର୍ଷା, ଘଡ଼ଘଡ଼ି, ବିଜୁଳି ସହ ୪୦ ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହି ଥିବାରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ବୌଦ୍ଧ, ନୟାଗଡ଼, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, ☞ପୃଷ୍ଠା-୨




# ଆଜି କ'ଣ କେଉଁଠି

## ନୟାଗଡ଼

- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ପଞ୍ଚମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ଭୋର ୫ଟା ।
- ଆନ୍ତର୍ଜାତିକ ମହିଳା ଦିବସର ଉଦ୍‌ଯାପନ ଦିବସ, ସ୍ଥାନ: ନୟାଗଡ଼ ଇନ୍‌ଡୋର ଷ୍ଟାଡିୟମ, ସମୟ:ସକାଳ ୬ଟା ୩୦ ରୁ ସକାଳ୯ଟା ୩୦ ।
- ବିଶ୍ୱ ମହିଳା ଦିବସ, ସ୍ଥାନ:ନୟାଗଡ଼ ଖେଳ ପଡିଆ, ସମୟ:ସକାଳ ୭ଟା ।
- ବନଦୁର୍ଗାଙ୍କ ୨ୟ ବାର୍ଷିକ ଉତ୍ସବ, ସ୍ଥାନ:ଖଣ୍ଡପଡା ବ୍ଲକ ସିଂଘାପଡା, ସମୟ: ସକାଳ ୮ଟା ।

## ରାୟଗଡ଼ା

- ସୁଭଦ୍ରା କିସ୍ତି ବଣ୍ଟନ ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ନୂତନ ସଭାଗୃହ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା ।
- ତାଲୁକ ଆଇନ ସେବା ସଂସ୍ଥା ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଗୁଣପୁର ବ୍ଲକ୍ କାର୍ଯ୍ୟାଳୟ ଭିଡିଓ କନଫରେନ୍ସ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ଦିବସ ଅବସରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଗ୍ରତାରା ପଡିଆ, କୁମୁଟିପେଣ୍ଟ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ସରୋଜିନୀ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମଦ ବିରୋଧ ଅଭିଯାନରେ ଶପଥ ନେବେ ମହିଳା, ସ୍ଥାନ: ନବରଙ୍ଗପୁରର ପାତ୍ରପୁର, ସମୟ:ପୂର୍ବାହ୍ନ ୧୧ଟା।

## କୋରାପୁଟ

- ଆନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ: ସ୍ପୋର୍ଟ୍ସ କମ୍ପ୍ଲେକ୍ସ, କୋରାପୁଟ, ସମୟ: ସକାଳ ୭ଟା।
- ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶୋଭାଯାତ୍ରା, ସ୍ଥାନ: ମହାସଂଘ କାର୍ଯ୍ୟାଳୟ ପରିସର, ସୁନାବେଡା-୩, ସମୟ: ସକାଳ ୮ଟା।
- ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ସ୍ୱଦେଶୀ ମେଳା, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସକାଳ ୯ଟା ୩୦।
- ଆନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଡିପିଏମ୍‌ୟୁ ହାଲ ପରିସର, କୋରାପୁଟ, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱଦେଶୀ ମେଳା ଉଦ୍‌ଘାଟନ, ସ୍ଥାନ: ଦଶହରା ପଡିଆ, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: କୁଷୁମଗୁଡ଼ା, ବୈପାରିଗୁଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- ପ୍ରତାପ ମେମୋରିଆଲ କ୍ରିକେଟ ପ୍ରତିଯୋଗିତା ଫାଇନାଲ, ସ୍ଥାନ: ବାଞ୍ଜୁଲାପୁଟ ଡି.ପି କ୍ୟାମ୍ପ ପଡିଆ, ନନ୍ଦପୁର, ସମୟ: ଅପରାହ୍ନ ୨ଟା।
- ଅନ୍ତଃରାଷ୍ଟ୍ରୀୟ ମହିଳା ଦିବସ ଉପଲକ୍ଷେ ମହିଳା ସମ୍ମାନ ସମାରୋହ, ସ୍ଥାନ: ଜ୍ଞାନ ଭବନ, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ଜିଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଓ ସୁଭଦ୍ରା କିସ୍ତି ପ୍ରଦାନ, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଆଦିବାସୀ ସଂଘ ତରଫରୁ ପ୍ରାକୃତିକ ସମ୍ପଦ ସୁରକ୍ଷା ଓ ଲୋକ ଅଧିକାର ଯାତ୍ରା, ସ୍ଥାନ: ମାଲକାନଗିରି ବସ୍‌ଷ୍ଟାଣ୍ଡ,ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ସମ୍ବଲପୁର

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଜିଲା ପ୍ରଶାସନ ପକ୍ଷରୁ ୱାକାଥନ, ସ୍ଥାନ : ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ଛକ, ସମୟ : ସକାଳ ୭ଟା ।
- ବନ୍ଦନା ଆର୍ଟ କର୍ଣ୍ଣର ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଚିତ୍ରାଙ୍କନ ପ୍ରତିଯୋଗିତା, ସ୍ଥାନ : ଗୁଜୁରାଟି କଲୋନୀ ସ୍ଥିତ ଜଲାରାମ ମନ୍ଦିର ପରିସର, ସମୟ : ସକାଳ ୮ଟା ।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ କାର୍ଯ୍ୟକ୍ରମ, ସ୍ଥାନ : କୁଚିଣ୍ଡା , ସମୟ : ସକାଳ ୯ଟା ।
- ହୀରାକୁଦ ବନ୍ୟପ୍ରାଣୀ ବିଭାଗ ପକ୍ଷରୁ ଦ୍ୱିତୀୟ ବାଇସନ ଫେଷ୍ଟ କାର୍ଯ୍ୟକ୍ରମ, ସ୍ଥାନ : ଡେବ୍ରିଗଡ ଅଭୟାରଣ୍ୟ, ସମୟ : ୯ଟା ।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: କୁଚିଣ୍ଡା ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଓ ଜର୍ଣ୍ଣାଲିଷ୍ଟ ମିଟ, ସ୍ଥାନ : ଅଇଁଠାପାଲି ସ୍ଥିତ ପ୍ରେସ ଭବନ, ସମୟ : ପୂର୍ବାହ୍ନ ୧୧ଟା ।
- ସ୍କିଲ ଟ୍ରି ଓ ଆର୍ଟ ଅନୁରେଖା ଆୟୋଜିତ ଶ୍ରୀକଳା ମହିଳା ଚିତ୍ରକଳା ପ୍ରଦର୍ଶନୀ, ସ୍ଥାନ : ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ସ୍ଥିତ ଲଳିତ କଳା ଏକାଡେମୀ, ସମୟ : ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ।
- ବ୍ରଇଣ୍ଟିଂ କିଟ ଡିଜିଟାଲ ପକ୍ଷରୁ ମହିଳା ସମ୍ମିଳନୀ-୨୦୨୬, ସ୍ଥାନ : କ୍ଷେତରାଜପୁର ନିକଟସ୍ଥ ରିଜେଣ୍ଟା ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ଟା ।
- କୁଲତା ସମାଜ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ : ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡି ପୀଠ, ସମୟ : ଅପରାହ୍ନ ୫ଟା ।
- ଜିଲା ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ତୀର୍ଥଯାତ୍ରା ଶୁଭାରମ୍ଭ , ସ୍ଥାନ : ପାନ୍ଥ ନିବାସ, ସମୟ : ଅପରାହ୍ନ ୫ଟା ।
- ପ୍ରଜ୍ଞାନ ମିଶନ ସମ୍ବଲପୁର ଶାଖା ଆୟୋଜିତ ଗୀତା ଜ୍ଞାନ ଯଜ୍ଞ, ସ୍ଥାନ : ଗଙ୍ଗାଧର ମୁକ୍ତ ମଣ୍ଡପ, ସମୟ : ଅପରାହ୍ନ ୫ଟା ୩୦ ।

## ବଲାଙ୍ଗୀର

- ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ : ଜାମୁଟଝୁଲା ଗ୍ରାମ, ତୁରେକେଲା ବ୍ଲକ, ସମୟ ସକାଳ ୮ଟା ୪୫ ।
- ଲୋଇସିଂହା ଷ୍ଟାଡିୟମ ଜିମ୍‌ଖାନା ଉଦ୍‌ଘାଟନ,ସ୍ଥାନ: ଲୋଇସିଂହା ଷ୍ଟାଡ଼ିୟମ ପରିସର,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା

- ପ୍ରଶାନ୍ତ ସିଂହ ମେମୋରିଆଲ ନକ୍‌ଆଉଟ୍ ଫୁଟବଲ୍ ଟୁର୍ନାମେଣ୍ଟ ( ଜୁନିୟର), ସ୍ଥାନ: ସେକ୍ଟର-୨୦ ରାଇଜିଂ କ୍ଲବ, ସମୟ: ପ୍ରାତଃ ୭ଟା।
- ୪ର୍ଥ ଆନ୍ତଃ ଜିଲାସ୍ତରୀୟ ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ସେକ୍ଟର-୬ ଇସ୍ପାତ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ପ୍ରେରଣା ପ୍ରତିଭା ସମ୍ମାନ ସମାରୋହ, ସ୍ଥାନ: ବରଟୋଲୀ, ସମୟ: ସକାଳ ୯ଟା।
- ମହିଳା ଦିବସ ଉପଲକ୍ଷେ ମହିଳା ସମାରୋହ, ସ୍ଥାନ: ଇସ୍ପାତ ସାହିତ୍ୟ ସଂସଦ, ସମୟ: ପୂର୍ବାହ୍ନ ୧୦ଟା। ମିଶ୍ର ଖଟାଲ ବସ୍ତିରେ ମହିଳା ଦିବସ ପାଳନ, ସ୍ଥାନ: ସେକ୍ଟର-୨୦, ସମୟ: ପୂର୍ବାହ୍ନ ୧୦ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସରସ ସ୍ୱଦେଶୀ ମେଳା, ସ୍ଥାନ: ସେକ୍ଟର-୧୩ ମେଳଣ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶକ୍ତି ଦୌଡ/ଗଣ ଦୌଡ, ସ୍ଥାନ: ଡିଆରଡିଏଛକ,ସମୟ:ସକାଳ ୬ଟା୩୦।
- ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ଓ ଜିଲା ସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରୁରାଲ ରିସୋର୍ସ ସେଣ୍ଟର, ମହୁଲପାଲି,ସୁନ୍ଦରଗଡ,ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମାରୋହ, ସ୍ଥାନ : ରେଭିନ୍ୟୁ କଲୋନୀ ଅବସର ଭବନ, ସୁନ୍ଦରଗଡ,ସମୟ: ଅପରାହ୍ନ୫ଟା।

## ବରଗଡ଼

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପଦଯାତ୍ରା, ସ୍ଥାନ:ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୬ଟା ୩୦।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ: ରାଇସଲପଦର, ଗାଇସିଲେଟ, ସମୟ: ସକାଳ ୮ଟା।
- ତୁଳସୀ ଦାସ, ରାମାୟଣ ପାରାୟଣ, ସ୍ଥାନ:ଜଗନ୍ନାଥ ମନ୍ଦିର ପରିସର, ଗାଇସିଲେଟ, ସମୟ:ସକାଳ ୯ଟା।
- ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ ସମାରୋହ, ସ୍ଥାନ:ଯଦୁମଣି ଅଡିଟୋରିୟମ, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ, ସ୍ଥାନ:ପାଣି ପଞ୍ଚାୟତ ଭବନ, ବରଗଡ଼, ସମୟ:ଅପରାହ୍ନ ୪ଟା ୩୦।
- ହୋଲି ମିଳନ ସମାରୋହ,ସ୍ଥାନ: ଶ୍ରୀ ଗୋପାଳ ଗୋଶାଳା, ବରଗଡ଼, ସମୟ:ସନ୍ଧ୍ୟା ୬ଟା।
- ବିଶ୍ୱ ମହିଳା ଦିବସରେ ଆଲୋଚନାଚକ୍ର, ସ୍ଥାନ: ଗାନ୍ଧୀ ସ୍ମୃତି ପାଠାଗାର, ବରଗଡ଼, ସମୟ:ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ବରିଷ୍ଠ ନାଗରିକ ସଂଘ ପକ୍ଷରୁ ଆନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ଭବାନୀପାଟଣା ଅମଲା ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ସ୍ଥିତି ଓ କର୍ତ୍ତବ୍ୟ ଉପରେ ଆଲୋଚନା ଚକ୍ର, ସ୍ଥାନ: ଜୁନାଗଡ଼ ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳାଙ୍କ ମଧ୍ୟରେ ମାରାଥନ, ସ୍ଥାନ: ଲାଞ୍ଜିଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା।

## ବୌଦ୍ଧ

- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ମାଉସୀ ମା' ମନ୍ଦିର ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ଶକ୍ତି ମେଳାର ତୃତୀୟ ଦିବସ, ସ୍ଥାନ: କଟେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମାରାଥନ, ସ୍ଥାନ: ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟରୁ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୭ଟା।
- ସୁଭଦ୍ରା ଚତୁର୍ଥ କିସ୍ତି ପ୍ରଦାନ ପାଇଁ ଜିଲାସ୍ତରୀୟ କାର୍ଯ୍ୟକ୍ରମ, ସ୍ଥାନ: ଦେବଗଡ଼ କଲେଜ, ବିଜୁ ପଟ୍ଟନାୟକ ଅଡିଟୋରିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବିଧାୟକଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଦେବଗଡ଼ ବିଜେଡି କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ତିଲେଇବଣି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ରାଜାବାସୁଦେବ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।
- ମା'କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା'କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବିଶ୍ୱ ମହିଳା ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ସହରରେ ପଦଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା।
- ବିଗ୍ରହଙ୍କ ମନ୍ଦିର ପ୍ରତିଷ୍ଠା ଓ ପୂର୍ଣ୍ଣାହୂତି, ସ୍ଥାନ: ହନୁମାନ ମନ୍ଦିର, ବିନିକା ଗଡଭିତର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ମହିଳା ଦିବସ ଅବସରରେ ସେବା ସମ୍ମାନ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ ଦୟାନନ୍ଦ ପ୍ଲେ ସ୍କୁଲ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ଅମଲାପାଲି ଗାଁ, ସମୟ: ସନ୍ଧ୍ୟା ୭ଟା ୨୬।
- ସ୍ୱାମୀ ବିବେକାନନ୍ଦ କ୍ରିକେଟ ଟୁର୍ନାମେଣ୍ଟ ଚତୁର୍ଥ ଦିବସ, ସ୍ଥାନ: ଖଡିଆଳ ବ୍ଲକ ସାନମହେଶ୍ୱର ପଞ୍ଚାୟତ ଘରଧରା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ଉପଲକ୍ଷେ କଳସ ଶୋଭାଯାତ୍ରା ଓ ଅଧିବାସ, ସ୍ଥାନ: ଖଡିଆଳ ବ୍ଲକ ରଜାମୁଣ୍ଡା ଗାଁ, ସମୟ: ଅପରାହ୍ନ ୩ଟା।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ କେରମେଲି ଗାଁ, ସମୟ: ସକାଳ ୯ଟା ୧୫।
- ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଲାଞ୍ଜି ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ମେରା ଯୁବା ଭାରତ ନୂଆପଡ଼ା ଓ ରୋକାଲ ଜୟ ଜଗନ୍ନାଥ ୟୁଥ୍ କ୍ଲବ ଆନୁକୂଲ୍ୟରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପନ, ସ୍ଥାନ: ବୋଡେନ ବ୍ଲକ ରୋକାଲ ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ସକାଳ ୮ଟା।
- ପୁସ୍ତକ ଉନ୍ମୋଚନ ସମାରୋହ, ସ୍ଥାନ: ସ୍ୱୟଂଶାସିତ ମହାବିଦ୍ୟାଳୟ ଖଡିଆଳ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନା ଶୁଭାରମ୍ଭ, ସ୍ଥାନ: ଆମ ବସ୍‌ଷ୍ଟାଣ୍ଡ ନୂଆପଡ଼ା, ସମୟ: ଅପରାହ୍ନ ୪ଟା।
- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ଉପଲକ୍ଷେ ବନ୍ଧୁମିଳନ, ସ୍ଥାନ: ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଗ୍ରହସ୍ଥିତିର ସୁପ୍ରଭାବରେ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ଶୃଙ୍ଖଳିତ ରହିବ। ପିଲାଙ୍କ ଆବଶ୍ୟକତା ଅନୁସାରେ ଜିନିଷ ନ ଆଣିବାରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରିନେବେ। ବାହାର ଜାଗାରେ ସତର୍କତାର ସହ କାମ ନ କଲେ କ୍ଷତିରେ ପଡ଼ିପାରନ୍ତି।

**ବୃଷ** ରାଶ୍ୟାଧିପ ଭାଗ୍ୟାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ଆପଣ ସାହାଯ୍ୟ, ସମର୍ଥନ ଲାଭକରି ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରିବେ। ତଥାପି ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କେତେକ କାରଣକୁ ନେଇ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ।

**ମିଥୁନ** ଆଜି ଚନ୍ଦ୍ରଙ୍କ କୋଣଭାବସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ କୌଣସି ଚେଷ୍ଟା ନିଷ୍ଫଳ ହେବନାହିଁ। ଗ୍ରହଚକ୍ର ଆପଣଙ୍କୁ ଋଣ ପରିଶୋଧ କରିବା ସକାଶେ ବାଧ୍ୟ କରିପାରେ। ଜଣେ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ବାଣିଜ୍ୟ, ପରିବହନ, ପ୍ରଶାସନ, ଆଇନ, ଅଦାଲତ, ନିର୍ମାଣାଦି କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପ୍ରତିବନ୍ଧକ ଦୂରେଇଯିବ।

**କର୍କଟ** ରାଶ୍ୟାଧିପତି କେନ୍ଦ୍ରସ୍ଥ ହୋଇ ଗୁରୁଦୃଷ୍ଟିରେ ରହି ସାମଗ୍ରିକ ସୁଖ ସାଧନର ପୃଷ୍ଠଭୂମି ସାଜିପାରନ୍ତି। ସବୁ ଭଲ ହେଲେ ମଧ୍ୟ କେତେକ କାରଣକୁ ନେଇ ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ** ଆଜି ବାକ୍‌ପଟୁତା ଯେକୌଣସି ପରିସ୍ଥିତିକୁ ସଜାଡ଼ି ନେବାରେ ସାହାଯ୍ୟ କରିବ। ମନରେ ସାହସ ବାନ୍ଧି କାମ କଲେ ସଫଳତା ପାଇବେ। ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ବନ୍ଧୁପରିଜନମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ତଥାପି ଘରେ ବନ୍ଧୁମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ଆମୋଦ ପ୍ରମୋଦର ମଜା ଉଠାଇପାରନ୍ତି।

**କନ୍ୟା** ଟଙ୍କା ବାକି ରଖିଥିବା ଲୋକଟି ଖୋଜି ଖୋଜି ଘରେ ଆସି ଟଙ୍କା ଦେଇଯିବ। ପାରିବାରିକ କ୍ଷେତ୍ରରେ ବୃଥା ସନ୍ଦେହ କରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟିର ସୂଚନା ରହିଛି। ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ତୁଳା** ଯାତ୍ରାରେ ଲକ୍ଷ୍ୟ ପୂରଣ, ବାଣିଜ୍ୟରେ ଉନ୍ନତି ଏବଂ ଗୃହାରମ୍ଭ ପୂର୍ବକ ଖୁସି ରହିପାରନ୍ତି। କରି ଜାଣିଲେ ସବୁ କିଛି ଠିକ୍ ହୋଇପାରିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ସ୍ଥିତି କିମ୍ବା ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଭାବପ୍ରବଣତାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଉତ୍ତେଜନା ସୃଷ୍ଟିକାରୀ ଭାଷା ପ୍ରୟୋଗରୁ କ୍ଷାନ୍ତ ରହିବା ଭଲ। ଭାବିଚିନ୍ତି ପଦକ୍ଷେପ ନେଲେ କୌଣସି ଅସୁବିଧା ନଥାଇ କାର୍ଯ୍ୟସିଦ୍ଧି ଘଟିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଭାସମିତି, କ୍ରୀଡ଼ା, କଳା, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ବନ୍ଧୁଙ୍କ ପରାମର୍ଶ ଆପଣଙ୍କ ଉଦ୍ୟମକୁ ବାସ୍ତବତାରେ ପରିଣତ କରିବ। ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବା କାରଣରୁ ମନ ଚହଲିଯିବ। ବ୍ୟବସାୟ, ପରିବହନ, ଆମଦାନୀ କ୍ଷେତ୍ରରେ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** କୌଣସି ଅସୁବିଧା ନ ଥାଇ ମଧ୍ୟ ପ୍ରିୟବନ୍ଧୁଟିର ଅନୁପସ୍ଥିତିର ଚିନ୍ତା ମନକୁ ବ୍ୟାକୁଳିତ କରିପାରେ। ଆଜି ଯାହା କରିବାକୁ ଚାହୁଁଛନ୍ତି ବନ୍ଧୁଙ୍କ କଥା ମାନି କଲେ ଭଲ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କରି ବିସ୍ମୟ ପ୍ରକାଶ କରିବେ। ବ୍ୟବସାୟ, ପରିବହନ, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ପ୍ରତିବନ୍ଧକ ଭିତର ଦେଇ କାମ ସମ୍ପନ୍ନ କରିପାରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ପୂର୍ବକ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସମ୍ପର୍କୀୟଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ** ଆପଣଙ୍କ ଚିନ୍ତାଧାରା ସହ କାର୍ଯ୍ୟପଦ୍ଧତି ମନ୍ଦ ନ ହେଲେ ମଧ୍ୟ ପ୍ରକାଶଭଙ୍ଗୀର ବ୍ୟତିକ୍ରମ ସବୁକିଛି ବିଗାଡ଼ି ଦେବ। ଏହି କାରଣ ଅନୁସରଣରେ କର୍ମକ୍ଷେତ୍ରରେ ଈର୍ଷାପରାୟଣ ସହକର୍ମୀଟି ସହ ବିବାଦ ବୃଦ୍ଧିର ସୂଚନା ରହିଛି। ଏଣେ ଘରୋଇ କ୍ଷେତ୍ରରେ ନିଜ ଆତ୍ମୀୟମାନେ ମଧ୍ୟ କେତେକ କାରଣକୁ କେନ୍ଦ୍ରକରି ବିଶ୍ୱାସଘାତକତା କରିପାରନ୍ତି।

ଆଜି ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ଚୈତ୍ର କୃଷ୍ଣ ୫ମୀ ରବିବାର, ରାଶିନକ୍ଷତ୍ର-ଦିବା ଘ.୦୧।୩୨ମି. ଗତେ ବିଶାଖା/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୪ ଗତେ ଘ.୦୯।୫୯ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪/୨୨ ଗତେ ଘ.୦୫।୫୦ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ସକାଳେ କଲି ବେଉସା**
**ମୁଣ୍ଡରେ ବାଜିଲା କୁରାଢ଼ି ପସା।**

ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପାଇଁ ସଠିକ ସମୟ ରହିଥାଏ। ଜୀବନର ଠିକ୍ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବାଆସିବା କରିବା ଦରକାର ପଡେ, ବହୁ ଧାଁ ଦୌଡ଼ କରିବାକୁ ପଡ଼ିଥାଏ। ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ ଯୋଗୁ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦୃଷ୍ଟେ ଅଛି ତୋର କୋଚିଲା ଫଳ**
**ଭୁଞ୍ଜି ବସି ତୁ କିମ୍ପା ହେଉ ବିକଳ?**

ଯାହା ଭାଗ୍ୟରେ ଯାହା ଥିବ, ସେଇ ଫଳ ହିଁ ସେ ଭୋଗ କରିବ। ସେଥିପାଇଁ ବ୍ୟାକୁଳ ହେବାର କିଛି ମୂଲ୍ୟ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ





ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଅବଶିଷ୍ଟାଂଶ

## ବୋଲ ମାନୁଛି ...

ସଚିବଙ୍କ ମନ୍ତବ୍ୟ ଉପରେ କଂଗ୍ରେସ ଶନିବାର ନରେନ୍ଦ୍ର ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସରକାର ଭୀରୁତାର ସହ ସାଲିସ୍ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ରୁଷିଆ ଜାହାଜଗୁଡ଼ିକରେ ତୈଳ ଲୋଡ୍ ହୋଇ ସମୁଦ୍ରରେ ଅଟକି ରହିଥିବାବେଳେ ଭାରତ ଉକ୍ତ ତୈଳ କିଣିବା ପାଇଁ ଆମେରିକା ୩୦ ଦିନ ପାଇଁ ଅନୁମତି ଦେଇଥିବା କହିଥିଲା। ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ବିଶ୍ୱସ୍ତ ଭାବେ ପାଳନ କରୁଥିବା ମୋଦି ସରକାରଙ୍କୁ ଆମେରିକା ଟ୍ରେଜେରି ସଚିବ ବେସେଣ୍ଟ ସାର୍ଟିଫିକେଟ ଦେଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ନିଜର ୫୬ ଇଞ୍ଚ୍ ଛାତି ବୋଲି ଦାବି କରୁଥବା ମୋଦି କିପରି ଭୀରୁତା ଓ ସାଲିସ୍‌କାରୀ ହୋଇଯାଇଛନ୍ତି, ସେ ନେଇ ଅଧିକ କହିବା ଆବଶ୍ୟକ ନାହିଁ ବୋଲି ରମେଶ Xରେ ଲେଖିବା ସହ ବେସେଣ୍ଟଙ୍କ ଭିଡିଓ କ୍ଲିପ୍ ପୋଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଜଣେ ବରିଷ୍ଠ ସରକାରୀ ପଦାଧିକାରୀ କହିଛନ୍ତି, ରୁଷିଆରୁ ତୈଳ କିଣିବା ପାଇଁ କୌଣସି ଦେଶର ଅନୁମତି ଉପରେ ଭାରତ କଦାପି ନିର୍ଭର କରେନାହିଁ। ରୁଷିଆରୁ ଅଶୋଧିତ ତୈଳ କିଣିବା ପାଇଁ ଆମେରିକା କଟକଣାମୁକ୍ତ ଅନୁମତି ଦେଇଥିଲେ ମଧ୍ୟ ଏହା ଦେଶର ନୀତିକୁ ସ୍ଥିର କରେନାହିଁ। ଆମେରିକାର ପ୍ରତିବାଦ ସତ୍ତ୍ୱେ ରୁଷିଆରୁ ତୈଳ କିଣା ଜାରି ରହିଥିଲା। ୨୦୧୩ରେ ଆମେରିକାର କଟକଣା ବେଳେ ତତ୍କାଳୀନ କଂଗ୍ରେସ ସରକାରଙ୍କ ଦ୍ୱାରା ତୈଳ ଆମଦାନୀରେ ପରିବର୍ତ୍ତନ ଅଣାଯାଇଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି।

## ଆଜିଠୁ ବର୍ଷା, ...

ଗଜପତି, କୋରାପୁଟ, ମାଲକାନଗିରି ଜିଲାରେ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ସୋମବାର ବର୍ଷାର ପରିମାଣ କମିବା ସହ କାଁ ଭାଁ ସ୍ଥାନରେ ବର୍ଷିବ। ତେବେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲାକୁ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି ହୋଇଛି। ତେବେ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବା ନେଇ ସୂଚନା ଦିଆଯାଇଛି।

ଅପରପକ୍ଷେ ଘୂର୍ଣ୍ଣିବଳୟ ପାଇଁ ରାଜ୍ୟରେ ଅସହ୍ୟ ତାତିରୁ ସାମାନ୍ୟ ତ୍ରାହି ମିଳିଛି। ପାରଦ ୨ ଡିଗ୍ରୀ ଖସିଥିବାବେଳେ ଶନିବାର ୧୫ ସହରର ତାପମାତ୍ରା ୩୫ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ସର୍ବାଧିକ ତାପମାତ୍ରା ୩୭.୭ ଡିଗ୍ରୀ ସହିତ ସୋନପୁର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା। ଏହା ତଳକୁ ଟିଟିଲାଗଡ଼ରେ ତାପମାତ୍ରା ୩୭.୬ ଡିଗ୍ରୀ ରହିଥିବାବେଳେ ଭବାନୀପାଟଣା ୩୬.୫ ଡିଗ୍ରୀ, ବଲାଙ୍ଗୀର ୩୬.୪ ଡିଗ୍ରୀ, ସମ୍ବଲପୁର ୩୬.୪ ଡିଗ୍ରୀ, ନୂଆପଡ଼ା ୩୬.୨ ଡିଗ୍ରୀ, ଝାରସୁଗୁଡା ୩୬.୨ ଡିଗ୍ରୀ ଓ ନବରଙ୍ଗପୁରରେ ତାପମାତ୍ରା ୩୬ ଡିଗ୍ରୀ ରେକର୍ଡ ହୋଇଛି।

## କୋଲାବ ଜଳଭଣ୍ଡାରରେ ...

ଚାଲିଥିବା ବେଳେ ଶନିବାର ଶେଷ ପରୀକ୍ଷା ଥିଲା। ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ସାରି ନବୋଦୟ ବିଦ୍ୟାଳୟ ହଷ୍ଟେଲକୁ ଫେରିଥିଲେ। କିନ୍ତୁ ଲିଙ୍ଗରାଜ, ସ୍ୱସ୍ତିକ ଏବଂ ଓମ୍ କେତେଜଣ ସାଙ୍ଗଙ୍କ ସହ ନିକଟସ୍ଥ କୋଲାବ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇ ଜଣକ ପରେ ଜଣେ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ପାଟି କରିବାରୁ ଗ୍ରାମବାସୀ ୩ ଜଣଙ୍କୁ ପାଣିରୁ ବାହାର କରିଥିଲେ। ଏ ନେଇ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଖବର ପାଇ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଘଟଣାସ୍ଥଳରେ ପହଞ୍ଚି ୩ ମୃତଦେହ ଜବତ କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ସୂଚନା ମିଳିଛି। ମୃତକଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଦୁର୍ଘଟଣା ହୋଇଥିବା ଅଭିଯୋଗ ଆଣିଛନ୍ତି। ଚିକିତ୍ସାଳୟରେ ଚାପା ଉତ୍ତେଜନା ଲାଗି ରହିଥିବାରୁ କୋରାପୁଟ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳ, ଟାଉନ ଥାନାଧିକାରୀ ପାତ୍ର, ସଦର ଥାନାଧିକାରୀ ରୁନୁ ମାଝୀ ପ୍ରମୁଖ ଉପସ୍ଥିତ ରହିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ | Bhubaneswar, Sunday, March 8/2026




ଇରାନ୍ ଯୁଦ୍ଧ ଯୋଗୁ ତୈଳ ସଙ୍କଟ ପରିପ୍ରେକ୍ଷୀରେ ପେଟ୍ରୋଲ ମିଳୁନାହିଁ ବୋଲି ଗୁଜବ ସୃଷ୍ଟି ହୋଇଛି। ଏଥିଯୋଗୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ପେଟ୍ରୋଲ ପମ୍ପରେ ଶନିବାର ଲୋକଙ୍କ ଗହଳି ଲାଗିଛି। (ଫଟୋ: ସୁଚିତ୍ରା ଦାସ)

# ଆଜି ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ

**ଟି୨୦ ବିଶ୍ୱକପ୍**

ଅହମଦାବାଦ,୭।୩(ପି.ଟି.)

ଆଇସିସି ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫାଇନାଲ ମ୍ୟାଚ୍ ରବିବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମୁକାବିଲାରେ ଡିଫେଣ୍ଡିଂ ତଥା ଦୁଇଥରର ଚାମ୍ପିୟନ ଭାରତ ଓ ପ୍ରଥମଥର ଟାଇଟଲ ଲକ୍ଷ୍ୟରେ ଥିବା ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଜିତି ବିଶ୍ୱର ପ୍ରଥମ ଦଳ ଭାବେ ନିଜ ଟାଇଟଲକୁ ଡିଫେଣ୍ଡ କରିବା ସହ ତୃତୀୟଥର ପାଇଁ ଟ୍ରଫି ଉଠାଇବାକୁ ଲକ୍ଷ୍ୟ ରଖିଛି। ମୋଟ ଉପରେ ଏହା ଭାରତ ପାଇଁ ଚତୁର୍ଥ ଫାଇନାଲ। ପୂର୍ବରୁ ଭାରତ ୨୦୦୭, ୨୦୧୪ ଓ ୨୦୨୪ରେ ଫାଇନାଲ ଖେଳିଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୨୦୨୧ ସଂସ୍କରଣରେ ଫାଇନାଲ ଖେଳିଥିଲା। ଉଲ୍ଲେଖଯୋଗ୍ୟ ଯେ, ଟି୨୦ ବିଶ୍ୱକପ୍ ଇତିହାସରେ ଦୁଇ ଦଳ ପରସ୍ପରକୁ ୩ ଥର ଭେଟିଥିବା ବେଳେ ନ୍ୟୁଜିଲାଣ୍ଡ ପ୍ରତ୍ୟେକ ଥର ବାଜିମାତ୍ କରିଛି।

୨୦୨୩, ନଭେମ୍ବର ୧୯ ତାରିଖରେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲକୁ କୌଣସି ଭାରତୀୟ ଭୁଲି ପାରିନାହାନ୍ତି। ୯୩ ହଜାର ଦର୍ଶକଙ୍କୁ ଚକିତ କରି ଭାରତକୁ ହରାଇ ଅଷ୍ଟ୍ରେଲିଆ ଆଇସିସି ଦିନିକିଆ ବିଶ୍ୱକପ୍ ଟ୍ରଫି ଜିତିଥିଲା। ହେଲେ ଏଥର ଏହି ଷ୍ଟାଡିୟମରେ ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ପାଇଁ କିଛି ସ୍ମରଣୀୟ କରିବାର ସୁଯୋଗ ଟିମ୍ ଇଣ୍ଡିଆ ପାଖରେ ରହିଛି। ୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ ଭାରତ କୌଣସି ଟୁର୍ନାମେଣ୍ଟ ☞ପୃଷ୍ଠା-୧୧

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ, ଏଠି ମହଙ୍ଗା

ଇରାନ୍ ସହ ଆମେରିକା-ଇସ୍ରାଏଲ୍ ଯୁଦ୍ଧର ସିଧାସଳଖ ପ୍ରଭାବ ଏବେ ଭାରତରେ ପଡ଼ିଲାଣି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ହୋର୍ମୁଜ ପ୍ରଣାଳୀ ଦେଇ କ୍ରୁଡ୍ ଅଏଲ୍ ଓ ପ୍ରାକୃତିକ ବାଷ୍ପ ଆମଦାନୀ ବାଧାପ୍ରାପ୍ତ ହୋଇଛି। ଫଳରେ ଦେଶରେ ଏଲ୍‌ପିଜି ସିଲିଣ୍ଡର ପିଛା ୬୦ ଟଙ୍କା ମହଙ୍ଗା ହୋଇଛି। ଯୁଦ୍ଧ ପୂର୍ବରୁ ଅଶୋଧିତ ତୈଳ ବ୍ୟାରେଲ ପିଛା ୬୨ ଡଲାର ଥିବାବେଳେ ମାତ୍ର ସପ୍ତାହେ ଭିତରେ ଏହା ୯୨.୬୯ ଡଲାରରେ ପହଞ୍ଚିଛି। ସରକାର ରନ୍ଧନ ଗ୍ୟାସ୍ ଦର ବଢ଼ାଇଥିବାରୁ ପେଟ୍ରୋଲ, ଡିଜେଲ ମୂଲ୍ୟରେ ମଧ ବୃଦ୍ଧି ଆଶଙ୍କା କରି ମାଲକାନଗିରି ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଟାଙ୍କିରେ ଭିଡ଼ ଦେଖିବାକୁ ମିଳିଛି। ତୈଳ ଦର ବଢ଼ିଲେ ପରିବହନ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ମହଙ୍ଗା ହେବ। ତେଣୁ ଦରଦାମ ନିୟନ୍ତ୍ରଣ ପାଇଁ ସରକାର ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ୱାଶିଂଟନ୍/ନୂଆଦିଲ୍ଲୀ(ରଏଟର୍ସ)/ଭୁବନେଶ୍ୱର(ସୁନିତ୍ ମିଶ୍ର),୭।୩

- **ଅଶୋଧିତ ତୈଳ ୧୦୦ ଡଲାର ମୁହାଁ**
- **ଓଡ଼ିଶାରେ ପେଟ୍ରୋଲ ଟାଙ୍କିରେ ଭିଡ଼**

ଇରାନ୍ ବିରୋଧୀ ଯୁଦ୍ଧ ଶନିବାର ଅଷ୍ଟମ ଦିନରେ ପହଞ୍ଚିଛି। ଗତ ସପ୍ତାହରେ ଯୁଦ୍ଧର ଠିକ୍ ପୂର୍ବରୁ ଅଶୋଧିତ ତୈଳ ବ୍ୟାରେଲ ପିଛା ୬୨ ଆମେରିକୀୟ ଡଲାର ଥିବାବେଳେ ଏବେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କାରେ ଏହା ୯୨ ଡଲାର ଡେଇଁଲାଣି। ବିଶ୍ଳେଷକଙ୍କ ମତରେ ବର୍ତ୍ତମାନ ଯେପରି ଭୂରାଜନୈତିକ ଉତ୍ତେଜନା ଲାଗିରହିଛି ତାକୁ ଦେଖିଲେ ସ୍ଥିତିରେ ସୁଧାର ଆଶା କରାଯାଇ ନ ପାରେ। ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଦେଇ ତୈଳ ଯୋଗାଣରେ ବାଧା ଉପୁଜୁଥିବାରୁ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ତୈଳ ବଜାରରେ ନିଆଁ ଲାଗିବ। କ୍ରୁଡ୍ ମୂଲ୍ୟରେ ୧୨% ବୃଦ୍ଧି ଘଟିଥିବାବେଳେ ଆଗାମୀ ଟ୍ରେଡିଂ ସେସନ୍‌ରେ ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବ। ଏପରି କି ୧୫୦ ଡଲାରରେ ପହଞ୍ଚିବା ପାଇଁ ସପ୍ତାହେ ମଧ ଲାଗି ନ ପାରେ ବୋଲି ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ନଜର ରଖୁଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

ଦେଖିବାକୁ ଗଲେ ମଧ୍ୟପ୍ରାଚ୍ୟ ଯୁଦ୍ଧର ନକାରାତ୍ମକ ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହୋଇଛି। ଲଜିଷ୍ଟିକ୍ ଓ ଶିପିଙ୍ଗ୍‌ରେ ଅସୁବିଧା ଯୋଗୁ ତୈଳ ପରିବହନ ପୂର୍ବ ଭଳି ହୋଇପାରୁ ନାହିଁ। ଭାରତକୁ ☞ପୃଷ୍ଠା-୧୧

## ପେଟ୍ରୋଲ ମିଳୁ ନ ଥିବା ଗୁଜବ, ପମ୍ପରେ ଭିଡ଼

ମାଲକାନଗିରି,୭।୩(ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ତେଲ ନ ମିଳିବା ଗୁଜବକୁ ନେଇ ମାଲକାନଗିରି ସଦର ମହକୁମାର ସମସ୍ତ ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକଙ୍କ ଭିଡ଼ ଦେଖିବାକୁ ମିଳିଛି। ଏପରିକି ପ୍ରତ୍ୟେକ ଗାଡ଼ି ଚାଳକ ପ୍ରାୟ ୧ ହଜାର ଟଙ୍କାର ପେଟ୍ରୋଲ ଓ ଡିଜେଲ ନିଜ ନିଜ ଗାଡ଼ିରେ ପକାଉଥିବା ବେଳେ ସ୍ୱତନ୍ତ୍ର ଭାବେ ଏକ ଜାର୍‌କିନ୍‌ରେ ମଧ ପେଟ୍ରୋଲ ନେଇ ଘରେ ଗଚ୍ଛିତ ରଖୁଥିବା ନଜର ଆସିଛି। ଅନ୍ୟପକ୍ଷେ ରନ୍ଧନ ଗ୍ୟାସ୍ ମୂଲ୍ୟରେ ମଧ ୬୦ ଟଙ୍କା ବୃଦ୍ଧିକୁ ନେଇ ବିଭିନ୍ନ ମହଲରେ ମହିଳାଙ୍କ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ବନ୍ଧରେ ଜିଲା ଯୋଗାଣ ☞ପୃଷ୍ଠା-୧୧

## ସ୍ତ୍ରୀଙ୍କୁ ପିଟି ମାରିଦେଲେ

ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)

ସ୍ୱାମୀଙ୍କ ମୃତ୍ୟୁ ପରେ, ଯାହାଙ୍କୁ ଜୀବନର ସବୁକିଛି ଭାବି ପାଖରେ ଆଶ୍ରୟ ନେଇଥିଲେ, ଶେଷରେ ତାଙ୍କରି ଆକ୍ରମଣରେ ଜୀବନ ଗଲା। ଶୁକ୍ରବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳରେ। ଘରୋଇ ପାଟିତୁଣ୍ଡକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ବାଡ଼ିରେ ପିଟି ସ୍ୱାମୀ ମାରିଦେଇଛନ୍ତି। ମୃତା ମହିଳା ହେଲେ ସୁନ୍ଦରଗଡ଼ ଜିଲା ବଣାଇ ଅଞ୍ଚଳର ମଞ୍ଜୁ ବେହେରା(୪୫)। ତେବେ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଅନୁଗୋଳ ଜିଲା ସମଲ ଥାନା ଅଧୀନ ପବିତ୍ରନଗର ଗ୍ରାମର ଅଜିତ ବେହେରାଙ୍କୁ ପୋଲିସ ଅଟକ ରଖିଛି।

ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଡ଼େଇଙ୍କ ସୂଚନା ଅନୁଯାୟୀ, ଅଜିତ ବାରକୋଟ ଥାନା ଅଧୀନ ବମ୍ପରଡ଼ା ଆଇଆର୍‌ବି ବାଟାଲିୟନ ନିକଟ ବାଘମାରି ଜଙ୍ଗଲ ପାର୍ଶ୍ୱରେ ରହୁଥିଲେ। ଅପରପକ୍ଷେ ମଞ୍ଜୁଙ୍କ ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପ୍ରାୟ ଦେଢ଼ବର୍ଷ ହେବ ଅଜିତଙ୍କ ପାଖରେ ରହି ଆସୁଥିଲେ। ଉଭୟେ ସ୍ତ୍ରୀସ୍ୱାମୀ ଭାବେ ଚଳୁଥିଲେ। ସେମାନେ ବାରକୋଟ ଥାନା ଅଞ୍ଚଳରେ ବୁଲି ବୁଲି ଭିକ୍ଷାବୃତ୍ତିକରି ଗୁଜୁରାଣ ମେଣ୍ଟାଉଥିଲେ। ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ☞ପୃଷ୍ଠା-୧୧






ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା । ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ ।-ଶ୍ରୀମା

-ପଞ୍ଚଦୋଳ



# ସାହସ ନାହିଁ



## ଆକାର ପଟେଲ

ଏକ ଦେଶ ଭାବରେ ଆମେ ସବୁବେଳେ କିମ୍ବା ପ୍ରାୟତଃ ଯାହା ଚାହୁଁ ତାହା ପାଇପାରିବୁ ନାହିଁ, ଏହି ବାସ୍ତବତାକୁ ସ୍ୱୀକାର କରିବାରେ ମୋର କୌଣସି ସମସ୍ୟା ନାହିଁ। ତେବେ ନିଜକୁ ଏବଂ ନିଜର ଇଚ୍ଛାକୁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱ ଉପରେ ଲଦି ପାରୁଥିବା କୌଣସି ଦେଶ ପ୍ରକୃତରେ ସର୍ବୋଚ୍ଚ ଶାସକ ବା ପ୍ରଭୁତ୍ୱସମ୍ପନ୍ନ ନୁହେଁ। ଏହା ଇତିହାସର ସବୁଠାରୁ ଶକ୍ତିଶାଳୀ ଦେଶଗୁଡ଼ିକ ପାଇଁ ମଧ୍ୟ ସତ୍ୟ । ଯଦି ଏହା ସତ୍ୟ ହୋଇ ନ ଥାନ୍ତା, ତେବେ ଭିଏତ୍‌ନାମ, ଆଫଗାନିସ୍ତାନ ଏବଂ ଇରାକ ଛାଡ଼ି ଆମେରିକା ପଳାଇ ନ ଥାନ୍ତା ଏବଂ ଏବେ ଇରାନ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ଯାଉ ନ ଥାନ୍ତା । ଆମେରିକା ହିଂସା ମାଧ୍ୟମରେ ଇରାନକୁ ନତମସ୍ତକ କରାଇବାକୁ ଚାହୁଁଛି ଏବଂ ତାହା ଘଟିବ ନାହିଁ। ଆମେ ଏକ ଶକ୍ତିଶାଳୀ ରାଷ୍ଟ୍ର ନୁହେଁ, ତେଣୁ ଆମକୁ ଆମ କ୍ଷମତା ଅନୁସାରେ କାମ କରିବାକୁ ପଡ଼ିବ। ସତ୍ୟକୁ ଗ୍ରହଣ କରିବା ଏବଂ ପରିଦୃଶ୍ୟ ବିଷୟଗୁଡ଼ିକୁ ଅନୁଧ୍ୟାନକରି ତ୍ରୁଟିକୁ ସ୍ୱୀକାର କରିବାରେ କୌଣସି ଲଜ୍ଜା କରିବାର ନାହିଁ। ହେଲେ ଗରିବ ଜନସଂଖ୍ୟାର ପ୍ରକୃତ ପ୍ରତିଛବି ସାମ୍ନାକୁ ଆସିପାରୁନାହିଁ, ଯାହାର ଏକ ବୃହତ୍ ଅଂଶ ମାଗଣା ଶସ୍ୟ ପାଇଁ ପ୍ରତି ମାସରେ ଧାଡ଼ିରେ ଠିଆହେବାକୁ ବାଧ୍ୟ ହେଉଛନ୍ତି। ଏହା ସତ୍ୟ ଯେ, ଭାରତର ବିଶାଳ ଜନସଂଖ୍ୟାର ଶକ୍ତି ଅନୁଭୂତ ହେଉନାହିଁ। ଏହା ଭବିଷ୍ୟତରେ ହୋଇପାରେ, କିନ୍ତୁ ବର୍ତ୍ତମାନ ହୋଇପାରିନାହିଁ। ଆମ କ୍ଷମତାର ଅଭାବ ଅଛି ଏବଂ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ତୁଳନାରେ ଆମେ କମ୍ ସାର୍ବଭୌମ ବୋଲି ଗ୍ରହଣ କରିବାରେ ମୋର ବି କୌଣସି ଅସୁବିଧା ନାହିଁ । ତଥାପି ମୋ ମତରେ ଏକ ସମସ୍ୟା ଅଛି। ଆମର ସୀମିତ ସାର୍ବଭୌମତ୍ୱ ବା ପ୍ରଭୁତ୍ୱକୁ ନିୟୋଜିତ କରାଯିବାରେ ଛୋଟ ସମସ୍ୟାଟି ରହିଛି। ଆମେ ଯେଉଁ କଠୋର ଜାତୀୟତାବାଦ ଦେଖାଉଛୁ ତାହା ଦୁର୍ବଳ ରାଷ୍ଟ୍ର ଏବଂ ସାଧାରଣତଃ ଆମର ପଡ଼ୋଶୀଙ୍କ ପାଇଁ ପ୍ରଯୁଜ୍ୟ। ମୋ ମତରେ ବୃହତ୍ ଶକ୍ତି ହେଉଛନ୍ତି ସେମାନେ, ଯେଉଁମାନେ ଆଞ୍ଚଳିକ କ୍ଷେତ୍ରରେ ନିଜର ଶକ୍ତି ଦେଖାଇ ନ ଥାନ୍ତି କିମ୍ବା ବାଂଲାଦେଶରୁ ଖେଳାଳି ବାଛିବାରୁ ଆଇପିଏଲ୍ ଦଳଗୁଡ଼ିକୁ ରୋକିବାରେ ଶକ୍ତି ଖର୍ଚ୍ଚ କରନ୍ତି ନାହିଁ,ଯେପରି ଆମେ କରୁ। ସେମାନେ କ୍ରୀଡ଼ା କ୍ଷେତ୍ରରେ ପ୍ରତିପକ୍ଷଙ୍କ ସହ ହାତ ମିଳାଇବାକୁ ମନାକରନ୍ତି ନାହିଁ। ଭାରତ ତାହା କରେ।

ଯେଉଁଠାରେ ପ୍ରକୃତ ଜାତୀୟ ସ୍ୱାର୍ଥର ପ୍ରଶ୍ନ ଉଠେ ସେକ୍ଷେତ୍ରରେ ଆମେ ସାଧାରଣତଃ ବିଫଳ ହେଉଛୁ। ପ୍ରତିରୋଧ କଷ୍ଟକର ହେଉଛି ଏବଂ ସହଜରେ ଆଜ୍ଞା ପାଳନ କରୁଛୁ। ଆମେରିକା କହିବ ରୁଷିଆର ତେଲ କିଣ ନାହିଁ। ଆଜ୍ଞା ସାର୍। ରୁଷୀୟ ତେଲ କିଣନ୍ତୁ। ଠିକ୍ ଅଛି ମହାଶୟ। ଇରାନୀ ତେଲ କିଣ ନାହିଁ। ଆଜ୍ଞା ସାର୍। ଆମେ ସମ୍ପୂର୍ଣ୍ଣ ଭାବେ ଅବଗତ ଯେ, ଇରାନ ଯୁଦ୍ଧ ଉପରେ ସତ୍ୟ କହିବା ଟ୍ରମ୍ପଙ୍କୁ କ୍ରୋଧିତ କରିବ। ତେଣୁ ଆମେ ଅନ୍ୟ ବାଟ ଦେଖୁଛୁ। ଏହି ଯୁଦ୍ଧ ସମ୍ପର୍କରେ ସିଧାସଳଖ କହିବା ପୀଡ଼ାଦାୟକ ହେଲେ ମଧ୍ୟ ଆମକୁ କେବେ କେବେ ନିଜ ପରିଚୟ ସମ୍ପର୍କରେ ଅନୁଧ୍ୟାନ କରିବାକୁ ପଡ଼ିବ। ରୁଷିଆରୁ ତେଲ ଆଣିବା ପାଇଁ ୩୦ ଦିନର ଛାଡ଼ ହେଉଛି ଏକ ଛୁଟି ସଦୃଶ। ଆମେ ପୁନର୍ବାର ଏପ୍ରିଲରେ ବନ୍ଦୀ ଭାବେ ନିଜକୁ ସମର୍ପଣ କରିବୁ ବୋଲି ସ୍ୱୀକାର କରିବାକୁ ପଡ଼ିବ। କେହି କ'ଣ ଭାବୁଛନ୍ତି ଯେ ଭାରତ ପରି ବାହ୍ୟଶକ୍ତି ଉତ୍ସ ଉପରେ ନିର୍ଭରଶୀଳ ଚାଇନା ସହ ଏହି ଉପାୟରେ ଆମେରିକା କଥାବାର୍ତ୍ତା ହୋଇପାରିବ ? ଏହା କେବେ ବି ଭାବି ପାରିବେ ନାହିଁ। କଠୋର,ଗମ୍ଭୀର ଶି'ଙ୍କୁ ଏହା କହିବାକୁ ଟ୍ରମ୍ପ ଭୟ କରିବେ।

ଆମେ ନିଷ୍ପତ୍ତି ନେଇଛୁ ଯେ, ଜଣେ ରାଷ୍ଟ୍ରମୁଖ୍ୟ ତଥା ଧର୍ମଗୁରୁ, ଯାହାଙ୍କୁ ଅନେକ ଲକ୍ଷ ଭାରତୀୟ ଧାର୍ମିକ ନେତା ମାନୁଥିଲେ ; ତାଙ୍କ ହତ୍ୟା ସମ୍ପର୍କରେ କୌଣସି ମନ୍ତବ୍ୟ ଦେବୁ ନାହିଁ, ନିନ୍ଦା କରିବା ତ ଦୂରର କଥା । ଆମେ ମଧ୍ୟ କୁନି କୁନି ସ୍କୁଲ ଝିଅଙ୍କ ଗଣହତ୍ୟା ପାଇଁ ଶୋକ କରିବୁ ନାହିଁ। ନିରସ୍ତ୍ର ନାବିକମାନେ ଆମର ସମ୍ମାନିତ ଅତିଥି ଥିଲେ ବି ସେମାନଙ୍କୁ ଅନ୍ଧାରରେ ଉଡ଼ାଇ ଦିଆଗଲା । ଆମେ ମଧ୍ୟ ନୀରବ ରହିଛୁ। ତେବେ ଏସବୁ ଏକ ସମସ୍ୟା ଭାବେ ମୁଁ ମନେକରୁଛି, କାରଣ ବୁଝିପାରୁଛି ଯେ ଆମେ ଏକ ଦୁର୍ବଳ ଦେଶ ଭାବରେ ଆଜ୍ଞା ପାଳନ କରିବାକୁ ପସନ୍ଦ କରିଛୁ। ତଥାପି, ଆମର ଅର୍ଥହୀନ ଏବଂ ବାହୁସ୍ଫୋଟ କଥା ଉପରେ ବି ଗମ୍ଭୀର ସମସ୍ୟା ଅଛି। ଏଭଳି ଫମ୍ପା କଥା ଦେଶ ପାଇଁ ଉଦ୍ଦିଷ୍ଟ ହୋଇପାରେ, କିନ୍ତୁ ବିଶ୍ୱ ଏହାକୁ ଲକ୍ଷ୍ୟ କରିପାରୁଛି। ନିଜକୁ କହୁଛୁ ଯେ ଆମେ ବିଶ୍ୱଗୁରୁ ଏବଂ ଜି୨୦ ଓ ଅନ୍ୟାନ୍ୟ ବିଷୟର ମୁଖ୍ୟ। କେବଳ ଏହି ବିଶ୍ୱାସରେ ଏହା କରୁଛୁ ଯେ ଭାରତୀୟମାନେ ସରଳମନା ଏବଂ ଅଙ୍କ ଓ ଏଭଳି ଅସଙ୍ଗତ କଥା ଉପରେ ବିଶ୍ୱାସ କରନ୍ତି। ଆମେ ଯଦି ଏହା କରୁ ତେବେ ସ୍ଥିତି ଭୟଙ୍କର ହେବ । ଆମେ ଏହା ଜାଣୁ ଯେ, ବୃହତ୍ ଶକ୍ତି ସହ କାର୍ଯ୍ୟ କରିବା ସମୟରେ ସାହସ ଓ ପ୍ରତିବଦ୍ଧତାର ଅଭାବ ସାମ୍ନାକୁ ଆସିଛି। ଆମ କଥା ଅପେକ୍ଷା ଅନ୍ୟମାନଙ୍କ ସହିତ ଆମେ କରୁଥିବା କାର୍ଯ୍ୟ ଆମକୁ ଅଧିକ ଭଲ ଭାବରେ ଜଣାଇଦେଉଛି।

ହୋର୍ଡିଂ ଏବଂ ଟେଲିଭିଜନରେ ଆମର ମହାନତା ବିଷୟରେ ଦର୍ଶାଯାଇଥିବା ଖବରକୁ ଯେଉଁମାନେ ଗ୍ରହଣ କରୁନାହାନ୍ତି ସେମାନଙ୍କ ମଧ୍ୟରୁ ମୁଁ ଜଣେ ହୋଇଥିବାରୁ ଏସବୁ କାର୍ଯ୍ୟକୁ ବିରକ୍ତିକର ମନେକରୁଛି। ଏହାକୁ ସମସ୍ୟାପୂର୍ଣ୍ଣ ବୋଲି ଭାବୁଛି ଏବଂ ମୋ ମତରେ ଏହା ଏକ ପ୍ରମୁଖ ସମସ୍ୟା। ଗଣତାନ୍ତ୍ରିକ ସରକାରଗୁଡ଼ିକ କେବଳ ନୀତି ଏବଂ ନୈତିକତାର କାରଣ ପାଇଁ ନୁହେଁ, ବରଂ ସରକାରଙ୍କ କାମକୁ ସହଜ କରିବାରେ ସେମାନଙ୍କ ଭୋଟରଙ୍କୁ ବାସ୍ତବ କଥା କହିବା ଦରକାର ବୋଲି ଆଶା କରାଯାଏ। ତେବେ ଆମର ସମର୍ପଣ ବାସ୍ତବରେ ସମର୍ପଣ ନୁହେଁ ବୋଲି ବୁଝାଇବାରେ ଯଦି ଭାରତୀୟ ଜନତା ପାର୍ଟି ବିଭ୍ରାନ୍ତ ହୋଇ ନ ଥାନ୍ତା ଏବଂ ୩୦ ଦିନର ଛାଡ଼ ପ୍ରକୃତରେ ଏକ କୂଟନୈତିକ ବିଜୟ ବୋଲି ଯଦି ଭାଜପା ଅବଗତ କରିଥାଆନ୍ତା ,ତେବେ ସେଥିରେ ଦ୍ୱନ୍ଦ୍ୱ ଉପୁଜି ନ ଥାଆନ୍ତା। ଇରାନ ସମେତ ସାରା ବିଶ୍ୱରେ ଆମର ଯେତେ ବନ୍ଧୁ ଅଛନ୍ତି, ସେମାନେ ଜାଣିଥାଆନ୍ତେ ଯେ ସେମାନଙ୍କ ସହ ଯାହା ଘଟୁଛି ସେଥିପାଇଁ ଆମେ ସେମାନଙ୍କୁ ପରିତ୍ୟାଗ କରିନାହୁଁ । କିନ୍ତୁ ତାହା ଆମେ କରିନାହୁଁ, କାରଣ ଆମ ସାହସର ଅଭାବ ରହିଛି।

Email:aakar.patel@gmail.com

# ପୁଷ୍ପଗିରି ବିଶ୍ୱବିଦ୍ୟାଳୟ: ଅସ୍ମିତାର ପରିଚୟ



ଡ. କେଦାରନାଥ ଦାଶ

ଇଉରୋପରେ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବାର ବହୁ ପୂର୍ବରୁ ଭାରତରେ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାର ପ୍ରମାଣ ମିଳେ। ଭାରତରେ ଉଚ୍ଚ ଶିକ୍ଷା ଅଧ୍ୟୟନ ଅତି ପୁରାତନ। ପ୍ରାଚୀନ ଭାରତରେ ନାଳନ୍ଦା, ତକ୍ଷଶିଳା, ବଲ୍ଲଭ, ଓଡାନ୍ତପୁରୀ, ବିକ୍ରମଶିଳା, ଜଗଦଲ୍ଲା, ସୋମପୁର, ସାରଦା ପୀଠ ଭଳି ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା। ତନ୍ମଧ୍ୟରୁ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଭୂମିକା ସ୍ୱତନ୍ତ୍ର ଥିଲା। ପୁରାତନ ଉଡ୍ର(ଓଡ଼ିଶା)ର ଯାଜପୁର ଅଞ୍ଚଳରେ ଏହା ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ରୂପେ ସ୍ଥାପିତ ହୋଇଥିଲା। ଅନେକ ଐତିହାସିକ ଏବଂ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହାର ପରିସର ସମଗ୍ର ହୀରକ ତ୍ରିଭୁଜ ଏବଂ ତାହାର ସଂଲଗ୍ନ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲା। କୁହାଯାଏ ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଆରମ୍ଭ ହୋଇ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ତେଣୁ ତାହାକୁ ଭାରତରେ ସର୍ବପୁରାତନ ଏବଂ ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କୁହାଯାଏ। ଯାଜପୁର ଜିଲାର ଅସିଆ ପର୍ବତମାଳାରେ ସ୍ଥାପିତ ହୋଇ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମଗ୍ର ପୃଥିବୀର ଦୃଷ୍ଟି ଆକର୍ଷଣ କରିଥିଲା। ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ତାନ୍ତ୍ରିକ ବୌଦ୍ଧତତ୍ତ୍ୱର ବଜ୍ରଯାନ, କାଳଚକ୍ର ଯାନ ଓ ସହଜଯାନ ସମ୍ପ୍ରଦାୟର ଏକ ଚର୍ଚ୍ଚିତ ଅଧ୍ୟୟନ କେନ୍ଦ୍ର ଥିଲା।

ଚାଇନା ପରିବ୍ରାଜକ ହୁଏନ୍‌ସାଂ ଯେକି ଉଡ୍ର(ଓଡ଼ିଶା)କୁ ୬୩୯ ଖ୍ରୀଷ୍ଟାବ୍ଦରେ ଆଗମନ କରି ଓଡ଼ିଶାର ସମୃଦ୍ଧି ସମ୍ପର୍କରେ ଦର୍ଶାଇ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ତାଙ୍କର ପୁସ୍ତକ ସିୟୁକିରେ ଏହି ବିଷୟରେ ଏକ ବିବରଣୀ ପ୍ରକାଶ କରିଛନ୍ତି। ହୁଏନ୍‌ସାଂ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଅବସ୍ଥିତ ଥିବା ପାହାଡ଼ରେ ଅଲୌକିକ କିରଣ ବିଛୁରିତ ହେବା ସହ ଅନେକ ଚମତ୍କାର ଘଟୁଥିଲା ବୋଲି ବର୍ଣ୍ଣନା କରିଛନ୍ତି। ହୁଏନ୍‌ସାଂ ତାହାକୁ ପୁ-ସିଏ-ପୋ-କି-ଲି ଭାବରେ ଦର୍ଶାଇଛନ୍ତି । ଅନ୍ୟ ଏକ ପ୍ରମାଣରୁ ଜଣାପଡ଼େ ଯେ, ତେଲଙ୍ଗାନା ରାଜ୍ୟର ନାଗାର୍ଜୁନ କୁଣ୍ଡଠାରେ ତୃତୀୟ ଶତାବ୍ଦୀର ଏକ ଶିଳାଲିପିରେ ଉଲ୍ଲେଖ କରାଯାଇଛି ଯେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟଠାରେ ଏକ ପ୍ରସ୍ତର ମଣ୍ଡପ ନିର୍ମାଣ ଇଶାଭାକୁ ବଂଶର ରାଜା ବୀରପୁରୁଷ ଦତ୍ତ ଅର୍ଥ ସାହାଯ୍ୟ କରିଥିଲେ।

ଏହି ବିଶ୍ୱବିଦ୍ୟାଳୟକୁ ଚାଇନା, ଜାପାନ, ଗ୍ରୀସ୍, ଆରବ, ଇଣ୍ଡୋନେସିଆ, ଭୁଟାନ, ତିବ୍ବତ, ନେପାଳ, ଥାଇଲାଣ୍ଡ, ଭିଏତ୍‌ନାମ, କୋରିଆ, ମଙ୍ଗୋଲିଆ, ଲାଓସ, କାମ୍ବୋଡିଆ, ସିଂହଳ ପ୍ରଭୃତି ଦେଶରୁ ବିଦ୍ୱାନ୍‌ମାନେ ଉଚ୍ଚତର ଅଧ୍ୟୟନ ଓ ଗବେଷଣା ନିମନ୍ତେ ଆସୁଥିଲେ। ଏଠାରେ ଉଚ୍ଚତର ଗବେଷଣା ଓ ନବଉନ୍ମେଷକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଉତ୍ତମ ଛାତ୍ରନିର୍ମାଣ, ଚାରିତ୍ରିକ ବିକାଶ, ନୈତିକ ଶିକ୍ଷା



ଏବଂ ରାଷ୍ଟ୍ରଗଠନ ସମ୍ପର୍କରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଥିଲା। ବେଦ, ହେତୁବିଦ୍ୟା(ତର୍କଶାସ୍ତ୍ର), ଶବ୍ଦ ବିଦ୍ୟା(ବ୍ୟାକରଣ ଓ ଭାଷାତତ୍ତ୍ୱ), ଚିକିତ୍ସା ବିଦ୍ୟା, ନୀତି ଓ ନ୍ୟାୟ(ଆଇନ), ଅର୍ଥଶାସ୍ତ୍ର, ସଂଖ୍ୟା, ଧର୍ମଶାସ୍ତ୍ର, ଯୋଗ ଓ ପ୍ରାଣାୟାମ ସହ ଗଣିତ ଜ୍ୟୋତିଷ, ଗଣିତ ବାଣିଜ୍ୟ, ରାଜନୀତି ବିଜ୍ଞାନ, ସମରକଳା, ଅଧ୍ୟାତ୍ମବାଦ, ସମୁଦ୍ର ବିଜ୍ଞାନ, ସ୍ଥାପତ୍ୟ ବିଦ୍ୟା, କଳା ପ୍ରଭୃତି ଅଧ୍ୟୟନ କରାଯାଉଥିଲା। ହୁଏନ୍‌ସାଂଙ୍କ ମତରେ ଏହାର ପର୍ବତ ଶୋଭା, ଅଧ୍ୟୟନ ପ୍ରଣାଳୀ, ସୂକ୍ଷ୍ମ କାରୁକାର୍ଯ୍ୟ, ମନୋରମ ପ୍ରାକୃତିକ ଦୃଶ୍ୟ ସୁଦୂର ଅଞ୍ଚଳରୁ ବିଦ୍ୟାର୍ଥୀମାନଙ୍କୁ ଆକର୍ଷଣ କରୁଥିଲା। କଳିଙ୍ଗର ନୌଶକ୍ତି ଅତି ଉଚ୍ଚକୋଟୀର ହୋଇଥିବାରୁ ବିଦ୍ୟାର୍ଥୀମାନେ ସମୁଦ୍ରପଥରେ ଆସି କଳିଙ୍ଗର ବିଭିନ୍ନ ବନ୍ଦରରେ ପହଞ୍ଚି ବିରୂପା ଓ ବ୍ରାହ୍ମଣୀ ନଦୀପଥରେ ଏଠାକୁ ଆସି ପାରୁଥିଲେ।

ବୌଦ୍ଧ ଗ୍ରନ୍ଥମାନଙ୍କରୁ ଜଣାପଡ଼େ ଯେ ଗୁରୁ ପଦ୍ମସମ୍ଭବ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଓ ସିଦ୍ଧି ପ୍ରାପ୍ତ ହୋଇ ସିକ୍କିମ, ଭୁଟାନ, ତିବ୍ବତ, ନେପାଳ, ଅରୁଣାଚଳ ଇତ୍ୟାଦି ଅଞ୍ଚଳରେ ବୌଦ୍ଧ ଧର୍ମ ପ୍ରସାର କରିଥିଲେ। ଉଦୟଗିରି ପ୍ରବେଶପଥରେ ଥିବା ଅବଲୋକେତଶ୍ୱର ମୂର୍ତ୍ତି ପଶ୍ଚାଦପଟ୍ଟରେ ଉଲ୍ଲେଖ କରାଯାଇଛି ଯେ, ଗୁରୁ ପଦ୍ମସମ୍ଭବଙ୍କ ଦେହାବଶେଷ ଏକ ପେଟିକା ମଧ୍ୟରେ ଉଦୟଗିରି ଅଞ୍ଚଳରେ ସଂରକ୍ଷିତ ହୋଇରହିଛି। ଗୁରୁ ପଦ୍ମ ସମ୍ଭବ ସମ୍ବଲକ (ସମ୍ବଲପୁର) ରାଜ୍ୟର ରାଜା ଇନ୍ଦ୍ରଭୂତିଙ୍କର ପାଳିତ ପୁତ୍ର ଥିଲେ। ଇନ୍ଦ୍ରଭୂତି ମଧ୍ୟ ଜଣେ ତାନ୍ତ୍ରିକ ସିଦ୍ଧ ଆଚାର୍ଯ୍ୟ ଥିଲେ। ସେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ବଜ୍ରଯାନର ଜଣେ ପ୍ରତିଷ୍ଠାତା ସାଧକ ଥିଲେ। ତାଙ୍କ ଭଉଣୀ ଲକ୍ଷ୍ମୀଙ୍କରା ଅଷ୍ଟମ ଶତାବ୍ଦୀରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ସହଜଯାନ ପ୍ରତିଷ୍ଠା କରିଥିଲେ। ଏଠାରେ ଆଚାର୍ଯ୍ୟ ପିତୋପାଦ କାଳଚକ୍ରଯାନର ପ୍ରତିଷ୍ଠାତା ଥିଲେ। ବୌଦ୍ଧଗ୍ରନ୍ଥମାନଙ୍କରୁ ଜଣାପଡେ, ଭୌମକର ବଂଶର ରାଜତ୍ୱକାଳରେ ଶିବଙ୍କର ଦେବ-୧ ବୌଦ୍ଧ ଆଚାର୍ଯ୍ୟ ପ୍ରଜ୍ଞାଙ୍କ ହାତରେ 'ଗଣ୍ଡବ୍ୟୁହ' ନାମକ ଏକ ପାଣ୍ଡୁଲିପି ନିଜ ସ୍ୱାକ୍ଷର ସହ ଚାଇନା ରାଜା ତୋ-ତିସାଙ୍ଗଙ୍କ ନିକଟକୁ ପଠାଇଥିଲେ। ସେ ଚାଇନାରେ ବୌଦ୍ଧଧର୍ମ ପ୍ରଚାର କରିବା ସହ ଅନେକ ବୌଦ୍ଧଗ୍ରନ୍ଥକୁ ଚାଇନାର ମାଣ୍ଡାରିନ୍ ଭାଷାରେ ଅନୁବାଦ କରିଥିଲେ। ପଞ୍ଚମ ଶତାବ୍ଦୀରେ ଆଚାର୍ଯ୍ୟ ବୋଧିଶ୍ରୀ ଜଣେ ତାନ୍ତ୍ରିକ ସାଧକ ଥିଲେ। ସେ ବହୁ ରାଜା ଓ ମହାରାଜାମାନଙ୍କଠାରୁ ପାଣ୍ଠି ସଂଗ୍ରହ କରି ଛାତ୍ରବୃତ୍ତି ବ୍ୟବସ୍ଥା କରିଥିଲେ। ଦ୍ୱିତୀୟ ଶତାବ୍ଦୀରେ ଆଚାର୍ଯ୍ୟ ନାଗାର୍ଜୁନ ମଧ୍ୟ ଉକ୍ତ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ଶୂନ୍ୟତା ଚିନ୍ତାଧାରା ଓ ମାଧ୍ୟମିକ ମତ ପ୍ରକାଶ କରିଥିଲେ। ତାଙ୍କର ଶିଷ୍ୟ ଆଚାର୍ଯ୍ୟ ଆର୍ଯ୍ୟଦେବ ଏଠାରେ ଚତୁଃଶତକ, ଚକ୍ରକୀର୍ତ୍ତି ପ୍ରଭୃତି ପୁସ୍ତକ ରଚନା କରିଥିଲେ। ପଞ୍ଚମ ଶତାବ୍ଦୀରେ ପୁରୀର ଡିଙ୍ଗନାଗ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ବୌଦ୍ଧ ତର୍କ ଶାସ୍ତ୍ର ଏବଂ ନ୍ୟାୟ ଶାସ୍ତ୍ରରେ ପ୍ରସିଦ୍ଧି ଲାଭ କରିଥିଲେ। ଆଚାର୍ଯ୍ୟ ଅମୋଘଚନ୍ଦ୍ର, ବଜ୍ରବୋଧି ଏବଂ ଶୁଭଙ୍କର ସିଂ ସର୍ବତଥାଗତତତ୍ତ୍ୱ ସଂଗ୍ରହ ଓ ମହାଭୈରକୋଣା ସୂତ୍ର ପୁସ୍ତକକୁ ଦକ୍ଷିଣ ପୂର୍ବ ଏସିଆ ଓ ଶ୍ରୀଲଙ୍କାକୁ ନେଇ ସେଠାରେ ମଣ୍ଡଳ ସ୍ତୁପ ସ୍ଥାପନା କରିଥିଲେ। ଉପରୋକ୍ତ ବୌଦ୍ଧ ଆଚାର୍ଯ୍ୟଙ୍କ ବ୍ୟତୀତ ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ନାରୋପା, ଶବରୀପାଦ, ଲୁଇପାଦ, କମ୍ବଳପାଦ, ଅନଙ୍ଗଭଦ୍ର, ବିରୁପାଦ, କାହ୍ନୁପାଦ ଇତ୍ୟାଦି ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିଲେ। ରାଜା ହର୍ଷବର୍ଦ୍ଧନ ମଧ୍ୟ ଜୟସେନ ନାମକ ଜଣେ ବିଦ୍ୱାନ୍‌ଙ୍କୁ ନାଳନ୍ଦାରୁ ଏଠାକୁ ଦର୍ଶନ ତତ୍ତ୍ୱ ଅଧ୍ୟୟନ ନିମନ୍ତେ ପଠାଇଥିଲେ।

କିନ୍ତୁ ସମୟ ସ୍ରୋତରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଗୁରୁତ୍ୱ କ୍ରମଶଃ ହ୍ରାସ ପାଇଲା ଏବଂ କାଳଗର୍ଭରେ ଲୀନ ହୋଇଗଲା। ଏହାର ବିଭିନ୍ନ କାରଣ ମଧ୍ୟରୁ ବିଦେଶୀ ଶତ୍ରୁମାନଙ୍କର ଆକ୍ରମଣ, ସାମାଜିକ ଓ ରାଜନୈତିକ ପରିବର୍ତ୍ତନ, ବୌଦ୍ଧଧର୍ମ ପ୍ରତି ଶାସକମାନଙ୍କର ପୃଷ୍ଠପୋଷକତା ହ୍ରାସ ଇତ୍ୟାଦି ହୋଇପାରେ।

ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର କରି ତାହାର ହୃତ ଗୌରବକୁ ଫେରାଇ ଅଣାଯାଇପାରିବାର ବର୍ତ୍ତମାନ ପ୍ରକୃଷ୍ଟ ସମୟ। କେନ୍ଦ୍ର ସରକାର ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ଏହାକୁ ରାଜ୍ୟ ସରକାରଙ୍କ ସହଯୋଗରେ ପୁନଃ ପ୍ରତିଷ୍ଠା କରିପାରିବେ। ଯଦି ନାଳନ୍ଦା ବିଶ୍ୱବିଦ୍ୟାଳୟ ୧୦ ବର୍ଷ ପୂର୍ବରୁ କେନ୍ଦ୍ର ସରକାର ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ବିହାର ସରକାରଙ୍କ ସହାୟତାରେ ପ୍ରତିଷ୍ଠା ହୋଇପାରିଛି, ତା'ହେଲେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ମଧ୍ୟ ପୁନଃ ପ୍ରତିଷ୍ଠା ସମ୍ଭବ। ଯଦି ବା କେନ୍ଦ୍ର ସରକାର ପ୍ରାୟ ଏକ ବର୍ଷ ପୂର୍ବରୁ ଏହି ପ୍ରକଳ୍ପକୁ ପୂର୍ବୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି, ତଥାପି ଏହା ସମ୍ବନ୍ଧରେ କୌଣସି ଅଗ୍ରଗତି ଘଟିପାରି ନାହିଁ।

ପ୍ରସ୍ତାବିତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ବିକଶିତ ଭାରତ-୨୦୪୭ ଓ ସମୃଦ୍ଧ ଓଡ଼ିଶା-୨୦୩୬ ହାସଲ ନିମନ୍ତେ ବିଶେଷ ଭାବରେ ଭିତ୍ତିଭୂମି, ଦକ୍ଷତା, ନବସୃଜନ ଏବଂ ସଂସ୍କାର ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନଦେଇ ଜ୍ଞାନ ଆହରଣରେ ସକ୍ରିୟ ଅଂଶଗ୍ରହଣ କରିପାରିବ। ଏହାଦ୍ୱାରା ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନୂତନ ଆଶାର ସଞ୍ଚାର ହୋଇପାରିବ। ଯାହାଦ୍ୱାରା ଦେଶର ପ୍ରଗତି ହେବା ସହ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସହାୟକ ହେବ। ଶିକ୍ଷାଭିତ୍ତିଭୂମିର ବିକାଶ ତଥା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସହଭାଗିତା ବୃଦ୍ଧି କରି ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଅଧିକ ସମୃଦ୍ଧ ହେବ। ଅତୀତରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଯେଉଁ ମର୍ଯ୍ୟାଦା ବହନ କରୁଥିଲା, ତାହାର ପୁନରୁଦ୍ଧାର ଆବଶ୍ୟକ, ଯାହାଦ୍ୱାରା ଓଡ଼ିଆ ଅସ୍ମିତା ରକ୍ଷା କରିବାରେ ସହାୟକ ହେବ। ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଦ୍ୱାରା ଭାରତୀୟ ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଏକ ସେତୁ ପ୍ରତିଷ୍ଠା ହୋଇପାରିବ।

**ପ୍ରାକ୍ତନ ଅଧ୍ୟକ୍ଷ, ବାବା ଭୈରବାନନ୍ଦ ସ୍ୱୟଂଶାସିତମହାବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର**
**ମୋ: ୯୪୩୭୩୧୫୨୬୨**

# ନେପାଳ ରାଜନୀତିର ରଣନୀତିକାର

ନେପାଳ ୨୦୨୫ ସେପ୍ଟେମ୍ବରରେ ଦେଖିଥିଲା ଜେନ୍ ଜି ବିପ୍ଳବ। ଏହାର ପ୍ରଭାବ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅନୁଭୂତ ହୋଇଥିଲା। ପରିଣାମ ସ୍ୱରୂପ ନେପାଳରେ କେ.ପି. ଶର୍ମା ଓଲିଙ୍କ ମେଣ୍ଟ ସରକାରର ପତନ ଘଟିଥିଲା। ଅନ୍ତରୀଣ ପ୍ରଧାନମନ୍ତ୍ରୀ ହୋଇଥିଲେ ସୁଶୀଳା କାର୍କି। ବିଧିବଦ୍ଧ ସରକାର ପତନର ୬ ମାସ ପରେ ସେଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ସଦ୍ୟ ଖବର ମୁତାବକ ନବଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ବୃହତ୍ ବିଜୟ ଦିଗରେ ଅଗ୍ରସର ହେଉଛି। ରାପରରୁ ରାଜନେତା ପାଲଟିଥିବା ତଥା କାଠମାଣ୍ଡୁର ପୂର୍ବତନ ମେୟର ୩୫ ବର୍ଷୀୟ ବଳେନ୍ଦ୍ର ଶାହା ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି କୁହାଯାଉଛି। ତେବେ ପ୍ରତିଷ୍ଠିତ ରାଜନୈତିକ ଦଳଗୁଡ଼ିକୁ ପଛରେ ପକାଇ ରବି ଲାମିଛାନେଙ୍କ ନେତୃତ୍ୱରେ ଆର୍‌ଏସ୍‌ପି ଏବେ ସଫଳତା ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ସବୁଠାରୁ ଆଗରେ ରହିଥିବା ଦେଶବ୍ୟାପୀ ଚର୍ଚ୍ଚା ହେଉଛି।

ରବି ନେପାଳର ନଗରକୋଟ୍‌ରେ ୧୩ ସେପ୍ଟେମ୍ବର ୧୯୭୫ରେ ଜନ୍ମଗ୍ରହଣ କରିଥିଲେ। ରାଜନୀତି ପୂର୍ବରୁ ସେ ନେପାଳର ଘରେ ଘରେ ଟେଲିଭିଜନ୍ ବ୍ୟକ୍ତିତ୍ୱ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ରସିଦ୍ଧ ସାମ୍ବାଦିକ ତଥା ଟେଲିଭିଜନ ଖବର ଉପସ୍ଥାପକ ଭାବେ ସେ ଦୁର୍ନୀତି ବିରୋଧୀ ପ୍ରସଙ୍ଗ ଉତ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୨ ନିର୍ବାଚନର ଠିକ୍ ପୂର୍ବରୁ ଯେତେବେଳେ ସେ ଆରଏସ୍‌ପି ଗଠନ କରିଥିଲେ, ସେତେବେଳେ ସେ ଦେଶବାସୀଙ୍କୁ ଏକ ସରଳ ପ୍ରତିଶ୍ରୁତି ଦେଇଥିଲେ ; ଯାହାର ସ୍ଲୋଗାନ୍ ଥିଲା 'ପୁରୁଣା ରାଜନୈତିକ ଦଳଗୁଡ଼ିକ ବିଫଳ ହୋଇଛନ୍ତି ଏବଂ ଏବେ ଏକ ସ୍ୱଚ୍ଛ ବିକଳ୍ପ ଆସିଛି।' ସେପ୍ଟେମ୍ବର ୨୦୨୫ର ଜେନ୍ ଜି ବିପ୍ଳବ ପରବର୍ତ୍ତୀ ପ୍ରଥମ ସଂସଦୀୟ ନିର୍ବାଚନରେ ସେହି ପ୍ରତିଶ୍ରୁତି ଫଳପ୍ରସୂ ହେବାକୁ ଯାଉଛି। ନେପାଳର ପାରମ୍ପରିକ ନେତୃତ୍ୱଠାରୁ ରବିଙ୍କ ଆକର୍ଷଣ ରାଜନୀତିରେ ଭିନ୍ନ ଦିଗ ଦେଖାଇଛି। ବିଭିନ୍ନ ପ୍ରସଙ୍ଗକୁ ଅତି ନିଖୁଣ ଭାବେ ଲୋକଙ୍କ ନିକଟରେ କିଭଳି ପହଞ୍ଚାଯାଇ ପାରିବ ସେଥିପାଇଁ ସେ ନିଜସ୍ୱ ରଣନୀତି ସୃଷ୍ଟି କରିଥିଲେ। ରାଜନୈତିକ ବିଶ୍ଲେଷକଙ୍କ ମତରେ 'ସେ ବିଚାରଧାରା ବିକ୍ରି କରୁ ନ ଥିଲେ, ବରଂ ଅଧୈର୍ଯ୍ୟତାକୁ ବିକ୍ରି କରୁଥିଲେ'। ଏଭଳି ଏକ ନିଆରା ଛବିପ୍ରଦର୍ଶନ ଆର୍‌ଏସ୍‌ପିକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା। ଫଳରେ ସହରାଞ୍ଚଳ ଭୋଟର, ନେପାଳୀ ଯୁବା ଏବଂ ବାରମ୍ବାର ସମାନ ମୁହଁଙ୍କୁ ଦେଖି ଅତିଷ୍ଠ ହୋଇଯାଇଥିବା ନାଗରିକଙ୍କୁ ଦଳର ଅଭିନବ ଶୈଳୀ ଆକର୍ଷିତ କରିଥିଲା। ଦେଖୁଦେଖୁ ରବି ଉତ୍ତମ ସଂଗଠକ ଆସନରେ ବସିବାର ଦକ୍ଷତା ଅର୍ଜନ କରିପାରିଥିଲେ। ଆର୍‌ଏସ୍‌ପିର ପ୍ରଥମ ସଫଳତା ପରେ ସେ ଶୀଘ୍ର କ୍ଷମତା ଭିତରକୁ ପ୍ରବେଶ କରିଥିଲେ। ସମୟର ଆବଶ୍ୟକତା ଦେଖି ସେ ପୁରୁଣା ଦଳଗୁଡ଼ିକର ମିଳିତ ପ୍ରୟାସକୁ ସମର୍ଥନ କଲେ ଏବଂ

ବ୍ୟକ୍ତିତ୍ୱ



ରବି ଲାମିଛାନେ

ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ଓରଫ୍ ପ୍ରଚଣ୍ଡଙ୍କ ଅଧୀନରେ କିଛି ସମୟ ପାଇଁ ଉପ-ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଅବଶ୍ୟ ତାଙ୍କୁ ସେତେବେଳେ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। କାରଣ ଟେଲିଭିଜନ ଜରିଆରେ ସେ ଯାହାଙ୍କୁ ଆକ୍ରମଣ କରୁଥିଲେ ସେହି ବ୍ୟବସ୍ଥା ଭିତରେ ରହିଯାଇଥିଲେ। ପୁଣି ଜାନୁଆରୀ ୨୦୨୩ରେ ନେପାଳ ସୁପ୍ରିମକୋର୍ଟ ବେଆଇନ ନାଗରିକତା କାଗଜପତ୍ର ଯୋଗୁ ତାଙ୍କର ସାଂସଦ ପଦବୀ ରଦ୍ଦ କରିବାରୁ ତାଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା। ସୂଚନା ଦିଆଯାଇପାରେ ଯେ, ଭିଜିଟର ଭିଜା ବଳରେ ସେ ଆମେରିକାରେ ପ୍ରବେଶ କରି ପରବର୍ତ୍ତୀ ସମୟରେ ୨୦୦୭ରୁ ୨୦୧୭ ଯାଏ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ। ପରେ ସେ ନେପାଳ ନାଗରିକତ୍ୱ ଗ୍ରହଣ କଲା ବେଳେ ଆବଶ୍ୟକ ପଦ୍ଧତି ଦେଇ ଯାଇ ନ ଥିବାରୁ ସୁପ୍ରିମକୋର୍ଟ ତାଙ୍କୁ ସମସ୍ତ ସରକାରୀ ପଦରୁ ହଟାଇଦେଇଥିଲେ। ୨୯ ଜାନୁଆରୀ ୨୦୨୩ରେ ସେ ବିଧିବଦ୍ଧ ଭାବେ ନେପାଳର ପୁନଃ ନାଗରିକତ୍ୱ ହାସଲ କରିଥିଲେ। ପରେ ରବି ୨୦୨୪ରେ ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ତାଙ୍କର ଏଭଳି ଚରିତ୍ର ଦର୍ଶାଉଥିଲା ଯେ, ଯେତେବେଳେ କ୍ଷମତା ନିକଟବର୍ତ୍ତୀ ହେଉଥିଲେ ସେ ବ୍ୟବସ୍ଥା ସହିତ ବୁଝାମଣା କରିବାକୁ ପ୍ରସ୍ତୁତ ଥିଲେ। ସେପ୍ଟେମ୍ବର ୨୦୨୫ର ଜେନ୍ ଜି ବିପ୍ଳବ ଦେଶର ରାଜନୈତିକ ଓ ସାମାଜିକ ଦୃଶ୍ୟପଟକୁ ବଦଳାଇ ଦେଇଥିଲା। ବିଦ୍ରୋହର ମୂଳ କାରଣ ଥିଲା ସୋସିଆଲ ମିଡିଆ ନିଷେଧ। କିନ୍ତୁ ଏହା ଦୁର୍ନୀତି, ବେକାରି ବିରୋଧରେ ଏକ ବ୍ୟାପକ ବିଦ୍ରୋହ ଥିଲା ବୋଲି ପ୍ରଚାର କରି ରବି ଟେଲିଭିଜନ ଉପସ୍ଥାପନା ଶୈଳୀରେ ସ୍ଥିତିର ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ। ଏହା ସତ୍ତ୍ୱେ ସମବାୟ ଠକେଇ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲେ ହେଁ ସେ ଜେଲ୍‌ରୁ ମୁକୁଳି ଆସିଥିଲେ।

ସେପ୍ଟେମ୍ବର ପରବର୍ତ୍ତୀ ସମୟରେ କାଠମାଣ୍ଡୁ ମେୟର ବଳେନ୍ଦ୍ର ଶାହା (ବାଲେନ ଭାବେ ପରିଚିତ) ବୃହତ୍ ରାଜନୈତିକ ବଳୟକୁ ପ୍ରବେଶ କରିଥିଲେ। ଡିସେମ୍ବର ୨୦୨୫ରେ ସେ ଆର୍‌ଏସ୍‌ପିରେ ଯୋଗ ଦେଲେ। ଏହି ସମୟରେ ରବି ଚତୁରତା ପ୍ରଦର୍ଶନ କରି କହିଲେ ଆର୍‌ଏସ୍‌ପି ଜିତିଲେ ବାଲେନ ହେବେ ପ୍ରଧାନମନ୍ତ୍ରୀ। ନିଜକୁ ଦଳ ମୁଖ୍ୟ ରଖି ସେ ଯେଉଁ ଗୋଟି ଚଳାଇଲେ ତାହା ଆର୍‌ଏସ୍‌ପିକୁ ସଫଳତା ଦେବାରେ ସହାୟକ ହୋଇଛି। ଆଗକୁ ବାଲେନ ପ୍ରଧାନମନ୍ତ୍ରୀ ହେଲେ ମଧ୍ୟ ଶାସନର ଡୋରି ରବିଙ୍କ ହାତରେ ରହିବ ବୋଲି କୁହାଯାଉଛି।

ରବିଙ୍କ ବ୍ୟକ୍ତିଗତ ଜୀବନ ଦେଖିଲେ ଇଶା ତାଙ୍କ ପ୍ରଥମ ସ୍ତ୍ରୀ ଥିଲେ ଓ ଉଭୟଙ୍କର ଦୁଇ ଝିଅ ଅଛନ୍ତି। ୨୦୧୯ରେ ଇଶାଙ୍କୁ ଛାଡ଼ପତ୍ର ଦେବା ପରେ ସେତେବେଳେ ନେପାଳ ଫିଲ୍ମ ଡେଭଲପ୍‌ମେଣ୍ଟ ବୋର୍ଡର ଅଧ୍ୟକ୍ଷା ଥିବା ନିକିତା ପୌଡେଲଙ୍କୁ ସେ ବିବାହ କରିଥିଲେ।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଗୋଟିଏ ପରିବାର ବି ନିଜ ଗାଁ ଓ ଏହାର ଆଖପାଖରେ ଆର୍ଥିକ ତଥା ସାମାଜିକ ସ୍ତରରେ ପରିବର୍ତ୍ତନ ଆଣିପାରନ୍ତି, ଯାହାର ବାସ୍ତବତା ଦେଖିବାକୁ ମିଳିଛି ରାଜସ୍ଥାନର କୋଲିଆ ଗାଁରେ। ସେଠାକାର ବାସିନ୍ଦା ଗୁପ୍ତା ପରିବାର ଉଦ୍ୟମରେ ମହିଳାମାନେ ରୋଜଗାରକ୍ଷମ ହେଉଛନ୍ତି। ଏହି ପରିବାର ଦ୍ୱାରା ୨୦୧୫ରେ ଏକ କୌଶଳ ବିକାଶ କେନ୍ଦ୍ର ଖୋଲା ଯାଇଥିଲା। ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ମହିଳାମାନଙ୍କୁ ସିଲେଇ, କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି। ଗୁପ୍ତା ପରିବାର ତରଫରୁ ଶ୍ରୀବବୁଲ ଗୁପ୍ତା ଫାଉଣ୍ଡେଶନ ଖୋଲାଯାଇଛି ଏବଂ ଏହା ମାଧ୍ୟମରେ ସମସ୍ତ କାର୍ଯ୍ୟ ସଞ୍ଚାଳିତ ହେଉଛି। ଏଥିରେ ସ୍ଥାନୀୟ ପଞ୍ଚାୟତର ବି ସହଯୋଗ ରହିଛି। କୌଶଳ ବିକାଶ କେନ୍ଦ୍ରରେ ପ୍ରଥମେ ଦରଜି ଓ ସିଲେଇ ଶିକ୍ଷା ଦିଆଯିବା ପରେ କମ୍ପ୍ୟୁଟର ଶିକ୍ଷା ସାମିଲ କରାଯାଇଛି। ଏବେ ଏହି କେନ୍ଦ୍ରରେ ୩୦ରୁ ୪୦ ମହିଳା ପ୍ରଶିକ୍ଷଣ ନେଉଛନ୍ତି ଓ ଏଯାବତ୍ ସେଠାରୁ ୧,୦୦୦ ମହିଳା ଟେଲରିଂ ତାଲିମ ନେଇସାରିଲେଣି। ସେମାନେ ପୋଷାକ ତିଆରି କରି ରୋଜଗାର କରିପାରୁଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ଝିଅ ବିଉଟି ପାର୍ଲର ଶିକ୍ଷା ନେଉଛନ୍ତି ଏବଂ ୬୦୦ରୁ ଅଧିକ ଝିଅପୁଅ କମ୍ପ୍ୟୁଟର ଆକାଉଣ୍ଟିଂ ଶିକ୍ଷା ପାଇସାରିଲେଣି। ଗୁପ୍ତା ପରିବାର ପକ୍ଷରୁ ମାଗଣାରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରିବା ସହ କୃତ୍ରିମ ଅଙ୍ଗଦାନ କରାଯାଉଛି। ୨୦୦୭ରେ ଏକ ପ୍ରସୂତି ହସ୍ପିଟାଲ ଖୋଲାଯିବା ପରେ ମହିଳାଙ୍କ ଚିକିତ୍ସା ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୭୭

- ବାଲେଶ୍ୱର ଜିଲାର ଭେଲୋରାଠାରେ ଏକ ଦୂରଗାମୀ ପବ୍ଲିକ୍ କଲ୍ ଅଫିସ ଉଦ୍‌ଘାଟିତ।
- ମାନ୍ଦ୍ରାଜ ସେଣ୍ଟ୍ରାଲ ଓ ହାଓଡ଼ା ଷ୍ଟେସନ ମଧ୍ୟରେ କରମଣ୍ଡଳ ଏକ୍ସପ୍ରେସ ନାମରେ ଏକ ଦ୍ରୁତଗାମୀ ରେଳଗାଡ଼ି ଚଳାଚଳ ଆରମ୍ଭ।

## ଚିରନ୍ତନୀ

କେତେ ସୁକୁମାର ପରଶ ଜାଗିଲା ମରମେ
ହରଷାଇ
କେତେ ଫଗୁଣର ଅବିର ଲାଗିଲା ଚରମେ
ମନେ ନାହିଁ ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku | ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | | 3 |
| | | | | 3 | 4 | 6 | 2 | |
| | 3 | | | 6 | | 4 | 7 | |
| 7 | | | 6 | | | | | |
| 2 | | | | | | 5 | | |
| | 4 | | | 2 | 3 | | 8 | |
| | 8 | | | | | 9 | | 2 |
| | 6 | | | | | | | 1 |
| | | | 1 | 5 | | 8 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 1 | 5 | 8 | 4 | 2 | 9 |
| 9 | 2 | 8 | 7 | 4 | 3 | 6 | 1 | 5 |
| 4 | 1 | 5 | 2 | 9 | 6 | 8 | 3 | 7 |
| 1 | 4 | 7 | 3 | 8 | 5 | 9 | 6 | 2 |
| 5 | 8 | 3 | 9 | 6 | 2 | 1 | 7 | 4 |
| 2 | 6 | 9 | 4 | 1 | 7 | 5 | 8 | 3 |
| 3 | 9 | 4 | 8 | 2 | 1 | 7 | 5 | 6 |
| 6 | 7 | 1 | 5 | 3 | 9 | 2 | 4 | 8 |
| 8 | 5 | 2 | 6 | 7 | 4 | 3 | 9 | 1 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢୁଛି

ମହାଶୟ,

ଓଡ଼ିଶାରେ ଶେଷ ୫ବର୍ଷ ମଧ୍ୟରେ ୨୭,୧୬୭ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସରକାରଙ୍କ ଦ୍ୱାରା ପାଳନ କରାଯାଇଥିବା ସଡ଼କ ସୁରକ୍ଷା ମାସ ବିତିଯାଇଥିଲେ ମଧ୍ୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଉପରୁ ରୋକ ଲାଗିପାରୁନାହିଁ। ଇତି ମଧ୍ୟରେ ସରକାରଙ୍କର ବିଭିନ୍ନ ପ୍ରକାରର ନିୟମାବଳୀ ଜାରି କରାଯାଇଥିଲେ ବି କୌଣସି ପ୍ରକାରର ଫଳପ୍ରଦ ହେଉନାହିଁ । ଏହାର ପ୍ରମୁଖ କାରଣ ଆମେମାନେ ନିଜକୁ ନିଜେ ସଚେତନ ହୋଇପାରୁଛନ୍ତି ନା କାହାକୁ ସଚେତନ କରାଉଛନ୍ତି । ମାତାପିତା ଉପଯୁକ୍ତ ବୟସ ନ ହୋଇଥିବା ପିଲାଙ୍କ ହାତରେ ଗାଡି ଧରାଇ ଦେଉଛନ୍ତି। ସେମାନେ ଦ୍ରୁତଗତିରେ ଗାଡ଼ି ଚାଳନା କରିବା ଦ୍ୱାରା ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ବହୁ ସମୟରେ ଚାଳକମାନେ ନିଶା ସେବନ କରି ଗାଡ଼ିକୁ ନିଜ ଆୟତ୍ତରେ ନ ରଖି ଦୁର୍ଘଟଣା ଘଟାଉଛନ୍ତି। ଗାଡ଼ି ଚାଳନା କରିବା ସମୟରେ ହେଲମେଟ, ସିଟ୍ ବେଲ୍ଟ ବ୍ୟବହାର କରୁନାହାନ୍ତି। ସରକାରଙ୍କ ଦ୍ୱାରା ଲଗାଯାଇଥିବା ସାଇନବୋର୍ଡ ଓ ଟ୍ରାଫିକ ନିୟମକୁ ଅବମାନନା କରିବା ଦ୍ୱାରା ଦିନକୁ ଦିନ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧି ପାଉଛି । ଫଳରେ ଆମେ ନିଜେ କ୍ଷତିରେ ପଡ଼ିବା ସହିତ ଅନ୍ୟକୁ କ୍ଷତିରେ ପକାଉଛନ୍ତି ।

**-ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାରୀ ଶକ୍ତିର ଜୟଯାତ୍ରା, ସ୍ୱାବଲମ୍ବୀ ହେଉଛି ଓଡ଼ିଶା


ପ୍ରଭାତୀ ପରିଡ଼ା, ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ନାରୀ ସଶକ୍ତୀକରଣ କେବଳ ଏକ ସାମାଜିକ ଲକ୍ଷ୍ୟ ନୁହେଁ, ବରଂ ଏହା ସ୍ଥାୟୀ ବିକାଶର ମୂଳଦୁଆ। ଏକ ସମାଜ ପ୍ରକୃତରେ ସେତିକିବେଳେ ପ୍ରଗତି କରେ, ଯେତେବେଳେ ସେଠାକାର ମହିଳାମାନେ ଶିକ୍ଷିତ, ଆତ୍ମବିଶ୍ୱାସୀ, ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭାବରେ ଅଂଶଗ୍ରହଣ କରିବାକୁ ସମର୍ଥ ହୁଅନ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତ ମହିଳାମାନଙ୍କ ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ପ୍ରଗତିଶୀଳ ସରକାରୀ ଆଭିମୁଖ୍ୟ ଏବଂ ଗୋଷ୍ଠୀ–ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା–ନେତୃତ୍ୱାଧୀନ ବିକାଶର ଏକ ସଶକ୍ତ ଉଦାହରଣ ଭାବେ ଉଭା ହୋଇଛି। ଏହି ପରିବର୍ତ୍ତନର କାହାଣୀ କେବଳ ନୀତିଗତ ନୁହେଁ, ବରଂ ଏହା ଲକ୍ଷ ଲକ୍ଷ ମହିଳାଙ୍କ ଅଦମ୍ୟ ସାହସ ଓ ସଂକଳ୍ପର ଗାଥା, ଯେଉଁମାନେ ପାରମ୍ପରିକ ସୀମାକୁ ଅତିକ୍ରମ କରି ଆତ୍ମନିର୍ଭରଶୀଳତାର ଆକାଶକୁ ଛୁଇଁଛନ୍ତି।

ଐତିହାସିକ ଭାବେ ଓଡ଼ିଶାର ମହିଳାମାନେ ସର୍ବଦା ନିଜର ଶକ୍ତି ଓ ସହନଶୀଳତାର ପରିଚୟ ଦେଇ ଆସିଛନ୍ତି। 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ଭାବେ ପରିଚିତ ସଂଗ୍ରାମୀ ପାର୍ବତୀ ଗିରିଙ୍କ ଠାରୁ ଆରମ୍ଭ କରି ଅଗ୍ରଣୀ ଜନନେତ୍ରୀ ସରଳା ଦେବୀଙ୍କ ପର୍ଯ୍ୟନ୍ତ, ମହିଳାମାନେ ରାଜ୍ୟର ସାମାଜିକ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ବର୍ତ୍ତମାନ ସମୟରେ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରେରଣାଦାୟୀ ଜୀବନ ଯାତ୍ରା, ଯିଏ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ବାହାରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୋଇଛନ୍ତି, ତାହା ଏକ ଶକ୍ତିଶାଳୀ ବାର୍ତ୍ତା ଦିଏ ଯେ ଦୃଢ଼ ଇଚ୍ଛାଶକ୍ତି ଓ ସୁଯୋଗ ଜଣେ ବ୍ୟକ୍ତିର ଜୀବନକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିପାରେ। ମହିଳାମାନଙ୍କ ଆତ୍ମବିଶ୍ୱାସ ସେତେବେଳେ ବୃଦ୍ଧି ପାଏ, ଯେତେବେଳେ ସେମାନଙ୍କ ପାଖରେ ଶିକ୍ଷା, ଆର୍ଥିକ ସ୍ୱାଧୀନତା ଏବଂ ସାମାଜିକ ମାନ୍ୟତା ପହଞ୍ଚିଥାଏ। ପୂର୍ବରୁ ବିଶେଷ କରି ଗ୍ରାମାଞ୍ଚଳରେ ଅନେକ ମହିଳା କେବଳ ଘରୋଇ କାମରେ ସୀମିତ ରହୁଥିଲେ, କିନ୍ତୁ ଆଜି ଓଡ଼ିଶାର ମହିଳାମାନେ ଜଣେ ଜଣେ ସଫଳ ଉଦ୍ୟୋଗୀ, ଗୋଷ୍ଠୀ ନେତ୍ରୀ ଏବଂ ବିକାଶର ସକ୍ରିୟ ସହଭାଗୀ ଭାବେ ଉଭା ହେଉଛନ୍ତି।

ଏହି ରୂପାନ୍ତରଣର ମୂଳରେ ରହିଛି 'ମିଶନ ଶକ୍ତି', ଯାହା ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଙ୍ଗଠିତ କରି ସେମାନଙ୍କ ମଧ୍ୟରେ ଆର୍ଥିକ ସ୍ୱାଧୀନତା ଓ ସାମୂହିକ ସଶକ୍ତୀକରଣକୁ ପ୍ରୋତ୍ସାହିତ କରୁଛି। ଆଜି ଏହି ଆନ୍ଦୋଳନ ରାଜ୍ୟର ପ୍ରାୟ ୬ ଲକ୍ଷ ଗୋଷ୍ଠୀ ଏବଂ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ ଯୋଡ଼ିପାରିଛି। ଏହି ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ମହିଳାମାନେ ଅର୍ଥ ସଞ୍ଚୟ କରିବା ସହ ଋଣ ସୁବିଧା ପାଇ ସିଲେଇ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷି ଭଳି ଜୀବିକା ନିର୍ବାହ କାର୍ଯ୍ୟ ଆରମ୍ଭ କରୁଛନ୍ତି। 'ସୁଭଦ୍ରା ଶକ୍ତି କ୍ୟାଫେ', 'ସୁଭଦ୍ରା ଶକ୍ତି ବଜାର' ଏବଂ ରିଟେଲ ମାର୍ଟ ଭଳି ପଦକ୍ଷେପଗୁଡ଼ିକ ମହିଳାମାନଙ୍କୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ବଡ଼ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି। ଏହା ସହିତ 'ଲକ୍ଷପତି ଦିଦି' ଅଭିଯାନ ଗ୍ରାମାଞ୍ଚଳ ମହିଳାମାନଙ୍କୁ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମାଧ୍ୟମରେ ବାର୍ଷିକ ଅତିକମ୍‌ରେ ଏକ ଲକ୍ଷ ଟଙ୍କା ରୋଜଗାର କରିବାରେ ସହାୟକ ହେଉଛି। ମହିଳାମାନେ ଦୁଗ୍ଧ ଚାଷ, କୁକୁଡ଼ା ପାଳନ, କ୍ଷୁଦ୍ର ବ୍ୟବସାୟ ଏବଂ ଖାଦ୍ୟ ଉଦ୍ୟୋଗ ଭଳି କ୍ଷେତ୍ରରେ ତାଲିମ ଗ୍ରହଣ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି।

ଓଡ଼ିଶା ସରକାର ମହିଳା ଓ କନ୍ୟାମାନଙ୍କ ପାଇଁ ସେମାନଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ସହାୟତା କରିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। 'ସୁଭଦ୍ରା' ଭଳି କାର୍ଯ୍ୟକ୍ରମ ମହିଳାମାନଙ୍କ ଆର୍ଥିକ ନିରାପତ୍ତା ଓ ଜୀବିକାର ସୁଯୋଗକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଗରିବ ପରିବାରର କନ୍ୟାମାନଙ୍କ ସମ୍ମାନଜନକ ବିବାହ ସୁନିଶ୍ଚିତ କରିବାରେ ସହାୟତା କରୁଥିବାବେଳେ ପ୍ରସ୍ତାବିତ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' କନ୍ୟା ସନ୍ତାନର କଲ୍ୟାଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରୁଛି। ଯେତେବେଳେ ସମାଜର ଅର୍ଦ୍ଧେକ ଅଂଶ ଆତ୍ମବିଶ୍ୱାସର ସହ ପାଦ ବଢ଼ାଏ, ସେତେବେଳେ ପ୍ରଗତିର ଗତି ଅପ୍ରତିହତ ରହେ। ଆଜିର ଓଡ଼ିଶା ସମଗ୍ର ବିଶ୍ୱକୁ ଏହି ବାର୍ତ୍ତା ଦେଉଛି ଯେ, ଯେତେବେଳେ ନାରୀର ଅଭ୍ୟୁଦୟ ହୁଏ, ସେତେବେଳେ ପ୍ରକୃତରେ ସମଗ୍ର ସମାଜ ପ୍ରଗତିର ଶିଖର ଆଡ଼କୁ ଅଗ୍ରସର ହୁଏ।

# ସଂଘର୍ଷ ଦେଇଛି ପରିଚୟ

**ହାରିବା ନୁହେଁ, ଜିତିବା ଲାଗି ଏମାନେ ଚଳାଇ ଆସିଛନ୍ତି ସଂଗ୍ରାମ। କେବଳ ନିଜ ପାଇଁ ନୁହେଁ ଅନ୍ୟମାନଙ୍କୁ ବାଟ ଦେଖାଇବା ଲାଗି ଚାଲିଛି ଅହରହ ଉଦ୍ୟମ। ଏଭଳି କାର୍ଯ୍ୟରେ ନିଜକୁ ସାମିଲ କରାଇ ସ୍ୱତନ୍ତ୍ର ପରିଚୟ ପାଇଥିବା କେତେଜଣ ମହିଳାଙ୍କୁ ନେଇ ପ୍ରତିବେଦନ...**

## ଶିକ୍ଷିତ କରାଇବା ଲକ୍ଷ୍ୟରେ ସଂଗ୍ରାମ

ପାଠପଢ଼ି ସମାଜରେ ସ୍ୱାବଲମ୍ବୀ ହୋଇ ନିଜର ପରିଚୟ ସୃଷ୍ଟି ପାଇଁ ଥିଲା ତାଙ୍କର ଲକ୍ଷ୍ୟ। କିନ୍ତୁ ଆର୍ଥିକ ଅନଟନ ତାଙ୍କ ଲକ୍ଷ୍ୟ ପଥରେ ପ୍ରତିବନ୍ଧକ ସାଜୁଥିଲା। ଏପରିକି ଉପବାସରେ ଅନେକ ସମୟ ବିତିଛି। ପାଠପଢ଼ିବା ପାଇଁ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ଭୁବନେଶ୍ୱରକୁ ନେଇଆସିଥିଲା। ଏଠି ପୁଣି ଆରମ୍ଭ ହେଲା ସଂଘର୍ଷ। ଆତ୍ମବିଶ୍ୱାସ ସହ କଠିନ ପରିଶ୍ରମ ତାଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଛି। ଏକାକୀ ଲଢ଼େଇ କରି ଉଦାହରଣ ସାଜିଥିବା ସେହି ମହିଳା ହେଲେ ପ୍ରଭାସିନୀ ଷଡ଼ଙ୍ଗୀ।

କେନ୍ଦୁଝର ଜିଲା ବଡବିଲର ଝିଅ ପ୍ରଭାସିନୀ। ପିଲାଟି ବେଳରୁ ପରିବାର ଲୋକଙ୍କ ସ୍ନେହ ଶ୍ରଦ୍ଧା ସେଭଳି ମିଳୁ ନ ଥିଲେ ବି ପାଠପଢା ନିଶା କମୁ ନ ଥିଲା। ଏଭଳି ଅବସ୍ଥାରେ ରହି ସେ ଦଶମ ଶ୍ରେଣୀ ପାଶ୍ କଲେ। ଯୁକ୍ତ ୨ ପାଠପଢ଼ିବା ପାଇଁ ସେ ଭୁବନେଶ୍ୱର ଚାଲିଆସିଲେ। ରମାଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ରେ ନାମ ଲେଖାଇଲେ। ଆରମ୍ଭରୁ ଦେଖାଦେଲା ଆର୍ଥିକ ସମସ୍ୟା। ଏଥିଲାଗି ଟ୍ୟୁଶନ କଲେ। କେତେକ ଘରୋଇ ଅଫିସରେ ସ୍ୱଳ୍ପ ସମୟ କାର୍ଯ୍ୟକରି କିଛି ଅର୍ଥ ରୋଜଗାର କଲେ। ଏହିଭଳି ଭାବେ ଯୁକ୍ତ୨ ଏବଂ ଗଣିତ ଅନର୍ସ ସହ ଯୁକ୍ତ୩ ଶିକ୍ଷା ଶେଷ କଲେ। ଇତିମଧ୍ୟରେ ନୃତ୍ୟଗୁରୁ କ୍ଷଣପ୍ରଭା ପରିଡ଼ାଙ୍କ ପାଖରେ ନୃତ୍ୟ ଶିକ୍ଷା କଲେ। ପରବର୍ତ୍ତୀ ସମୟରେ ସତ୍ୟସାଇ ସେବା ସଙ୍ଗଠନ ସହିତ ମିଶି ଗରିବ ଲୋକଙ୍କ ସହାୟତା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଏଠାରେ କେତେକ ସମାଜସେବୀଙ୍କ ସହଯୋଗ କ୍ରମେ ପ୍ରଭାସିନୀ ବିବାହ କଲେ। ତତ୍‌ପରେ ସ୍ୱାମୀଙ୍କ ସହଯୋଗରେ ଭୁବନେଶ୍ୱରରେ ସାଇ ବ୍ଲେସିଙ୍ଗ କ୍ଲାସେସ୍ ଖୋଲି ସିବିଏସ୍‌ଇ ପିଲାଙ୍କୁ ପାଠପଢ଼ାଇବା ଆରମ୍ଭ କରିଛନ୍ତି ପ୍ରଭାସିନୀ। ଏଥିସହ ବସ୍ତି ଅଞ୍ଚଳରେ ରହୁଥିବା ପିଲାମାନେ ପାଠପଢ଼ିବା ପାଇଁ ଯେପରି ହଇରାଣ ନ ହେବେ ସେଥିଲାଗି ସେ କେତେକ ବସ୍ତିକୁ ଯାଇ ମାଗଣାରେ ପାଠ ପଢ଼ାଉଛନ୍ତି। କେବଳ ପାଠ ନୁହେଁ, ପିଲାଙ୍କୁ ନୃତ୍ୟ ମଧ୍ୟ ଶିଖାଉଛନ୍ତି। ତେବେ ସମାଜ ପ୍ରତି ଏଭଳି କାର୍ଯ୍ୟ କରିବାର ଆଗ୍ରହ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ଦେଇଛି।


ପ୍ରଭାସିନୀ ଷଡ଼ଙ୍ଗୀ

## ଜିତିବା ଲାଗି ଦୁର୍ବାର ପ୍ରଚେଷ୍ଟା

ନୟାଗଡ଼ ଖଜୁରିପଡା ଅଞ୍ଚଳର ଏକକ ମା' ମଧୁସ୍ମିତା ଲେଙ୍କା। ସାଧାରଣ ପରିବାରରୁ ଆସିଥିବା ମଧୁସ୍ମିତାଙ୍କ ଜୀବନ ସଂଘର୍ଷରେ ପୂର୍ଣ୍ଣ। ସ୍ୱାମୀଙ୍କ ଦେହାନ୍ତ ପରେ ସେ ଭାଙ୍ଗିପଡ଼ି ନାହାନ୍ତି । ଝିଅକୁ ମଣିଷ କରିବା ସହିତ ସ୍ୱାମୀଙ୍କ ପରିଚୟକୁ ସମାଜରେ ବଞ୍ଚାଇ ରଖିବା ପାଇଁ ସେ ଚଳାଇଛନ୍ତି ସଂଘର୍ଷ। ଗ୍ରାଜୁଏଶନ ଶେଷ ପରେ ଘରଲୋକ ମଧୁସ୍ମିତାଙ୍କର ବିବାହ କରି ଦେଇଥିଲେ। ବିବାହର ୨ ବର୍ଷ ପରେ ଝିଅ ଜନ୍ମ ହେଲା। ହେଲେ ତାଙ୍କର ଏହି ସୁଖର ସଂସାର ବେଶିଦିନ ତିଷ୍ଠି ନ ଥିଲା। କରୋନାରେ ତାଙ୍କ ସ୍ୱାମୀ ଅମୂଲ୍ୟ କୁମାର ପରିଡାଙ୍କର ଦେହାନ୍ତ ହୋଇଯାଇଥିଲା। ସେହି ସମୟରେ ସ୍ୱାମୀଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥିଲା। ଅପରପକ୍ଷେ ସ୍ୱାମୀଙ୍କ ଦେହାନ୍ତ ପରେ ଶାଶୁଘର ଲୋକଙ୍କ ସହଯୋଗ ମିଳି ନ ଥିଲା। ବାଧ୍ୟ ହୋଇ ସ୍ୱାମୀଙ୍କ ଦେହାନ୍ତର ପ୍ରଥମ ଦିନରୁ ହିଁ ତାଙ୍କୁ ବାପାଙ୍କ ଘରେ ରହିବାକୁ ପଡ଼ିଲା। ତେବେ କିଛିଦିନ ପରେ ଅଧାରେ ରହିଥିବା ଆଇନ ପାଠପଢ଼ାକୁ ସମ୍ପୂର୍ଣ୍ଣ କରିବା ଲାଗି ଆରମ୍ଭ କଲେ ଉଦ୍ୟମ। ଏଥିସହ ସ୍ୱାମୀଙ୍କ ଚିକିତ୍ସା ପାଇଁ କେତେକ ଶୁଭେଚ୍ଛୁଙ୍କ ପାଖରୁ ମିଳିଥିବା ସହାୟତା ଟଙ୍କାକୁ ନେଇ ଏକ ସଙ୍ଗଠନ ଗଢି ଗରିବ ଲୋକଙ୍କ ସେବା କାର୍ଯ୍ୟରେ ଲଗାଉଛନ୍ତି ମଧୁସ୍ମିତା। ତାଙ୍କ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଏବଂ ଅଙ୍ଗଦାନ ଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରଖିଛନ୍ତି। ଏଥିସହ ଆଇନ ଶିକ୍ଷା ସମାପ୍ତ ପରେ ଏବେ ସେ ନୟାଗଡ କୋର୍ଟରେ ଓକିଲାତି ପେସାରେ ନିଜକୁ ସାମିଲ କରାଇଛନ୍ତି। ତେବେ ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ସହ ଝିଅକୁ ଭଲ ମଣିଷ କରି ଗଢ଼ିବାକୁ ଚେଷ୍ଟା ଚଳାଇଛନ୍ତି ମଧୁସ୍ମିତା।


ମଧୁସ୍ମିତା ଲେଙ୍କା

–ରିପୋର୍ଟ: ସୁଚିସ୍ମିତା ସାହୁ

## ବାଟ ଦେଖାଇଛି ପଟ୍ଟଚିତ୍ର

କଟକ ଜିଲା ପଶ୍ଚିମ ବାଙ୍କୀ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ତରୁଲତା ସାହୁ । ଛୋଟ ବୟସରୁ ହିଁ ପାଠପଢ଼ା ସହ ପଟ୍ଟଚିତ୍ର ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ଯୁକ୍ତ ୨ ପାଠପଢ଼ା ଶେଷ ପରେ ସେ ପଟ୍ଟଚିତ୍ର ପ୍ରତି ପୂରା ଧ୍ୟାନ ଦେବାସହ ତାଙ୍କ ଭାଇ ଓ ଗ୍ରାମ ସରପଞ୍ଚଙ୍କ ପ୍ରୋତ୍ସାହନରେ ଆଗକୁ ବଢ଼ିଥିଲେ। ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଡ଼ିଶା ରାଜ୍ୟ କଳା ବିକାଶ ଅନୁଷ୍ଠାନରେ ପଟ୍ଟଚିତ୍ର ପ୍ରଶିକ୍ଷଣ ନେଇଥିଲେ। ଗୁରୁ ନୀଳକଣ୍ଠ ସାହୁ ଏବଂ ରବୀନ୍ଦ୍ର ସାହୁଙ୍କଠାରୁ ଶିକ୍ଷା ପରେ ସେ ଗ୍ରାମର ମହିଳା ଓ ଛାତ୍ରୀଙ୍କୁ ପଟ୍ଟଚିତ୍ର ଶିଖାଇଲେ। ଏ ସମ୍ପର୍କରେ ତରୁଲତା କୁହନ୍ତି–ପଟ୍ଟଚିତ୍ର କାମ କରି ଯେପରି ସ୍ୱାବଲମ୍ବୀ ହୋଇଛି ସେହିଭଳି ଅନ୍ୟ ମହିଳାଙ୍କୁ ଏହା ମାଧ୍ୟମରେ ସ୍ୱାବଲମ୍ବୀ କରାଇବାକୁ ଲକ୍ଷ୍ୟ ରଖିଛି। ଆମ ଗାଁକୁ ଗୋଟିଏ ଉଦ୍ୟୋଗୀ ଗ୍ରାମରେ ପରିଣତ କରାଇବାକୁ ଆଶା ରହିଛି। ସେଥିଲାଗି 'ଜୟ ମା ମଙ୍ଗଳା' ପଟ୍ଟଚିତ୍ର ଉତ୍ପାଦକ ଗୋଷ୍ଠୀ ଗଠନ କରି ସେଠାରେ ୩୦ ଜଣ ମହିଳା ପଟ୍ଟଚିତ୍ର ଉପରେ ଶିକ୍ଷା ଗ୍ରହଣ କରୁଛନ୍ତି। ବିନା ସୁଧରେ ସରକାରଙ୍କ ତରଫରୁ ବ୍ୟାଙ୍କରୁ ଋଣ ଆଣି ପଟ୍ଟଚିତ୍ର କାର୍ଯ୍ୟମାନ କରୁଛି। ମିଶନ ଶକ୍ତି ଏବଂ ଓରମାସ୍ ତରଫରୁ ବାହାର ରାଜ୍ୟରେ ଆମଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ବିକ୍ରି ଲାଗି ସୁଯୋଗ ମିଳିଛି। ତେବେ ଗାଁର ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟରେ ପଟ୍ଟଚିତ୍ର କାର୍ଯ୍ୟ ଶିଖାଇବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଥିବା କହିଛନ୍ତି ତରୁଲତା। ମହିଳା ସଶକ୍ତୀକରଣ ସ୍ଲୋଗାନକୁ ନିଜ ଇଚ୍ଛା ଶକ୍ତି ବଳରେ ଦୁଇପାଦ ଆଗକୁ ବଢ଼େଇ ପାରିଛନ୍ତି ସେ। ତାଙ୍କର ଏଭଳି କାର୍ଯ୍ୟ ଲାଗି 'ବାଙ୍କୀ ଗୌରବ' ଉପାଧି, 'ଯୁବବନ୍ଧୁ କଳା ସମ୍ମାନ – ୨୦୨୨', ଭୁବନେଶ୍ୱରରୁ 'ମହିଳା ସମ୍ମାନ ୨୦୨୪' ଏବଂ ଆଦର୍ଶ ଯୁବ ପରିଷଦ ଶ୍ରୀରାମ କମିଟି ତରଫରୁ 'ଶ୍ରେଷ୍ଠ ମହିଳା ସମ୍ମାନ ୨୦୨୫'ରେ ସେ ସମ୍ମାନିତ ହୋଇଛନ୍ତି।


ତରୁଲତା ସାହୁ

**–ସୁବ୍ରତ କୁମାର ନାୟକ** (ତାଳବସ୍ତ, ଡମପଡା)

No. 10001/105/2526


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ବିଶ୍ୱ ଗ୍ଲକୋମା (କଳାମୋତିଆ) ସପ୍ତାହ
୮-୧୪ ମାର୍ଚ୍ଚ ୨୦୨୬

ଗ୍ଲକୋମା (କଳାମୋତିଆ)ର ନିୟନ୍ତ୍ରଣ ଓ ପ୍ରତିରୋଧ ସମ୍ପର୍କିତ ସଚେତନତା ପାଇଁ ପ୍ରତି ବର୍ଷ ମାର୍ଚ୍ଚ ୨ୟ ସପ୍ତାହରେ "ବିଶ୍ୱ ଗ୍ଲକୋମା ସପ୍ତାହ" ପାଳନ କରାଯାଉଅଛି । ଉପଯୁକ୍ତ ସଚେତନତା ଓ ଡ଼ାକ୍ତରି ଚିକିତ୍ସା ଦ୍ୱାରା ଏହି ରୋଗକୁ ନିୟନ୍ତ୍ରଣ କରାଯାଇ ପାରିବ ।

ଗ୍ଲକୋମା ମୁକ୍ତ ବିଶ୍ୱ ପାଇଁ ଏକାଠି ହେବା

ଗ୍ଲକୋମାର କାରଣ
- ବାର୍ଦ୍ଧକ୍ୟ
- ସମୀପ ଦୃଷ୍ଟିଦୋଷ
- ଦୀର୍ଘ ମିଆଦି ଷ୍ଟିରଏଡ୍ ଚିକିତ୍ସା
- ବଂଶଗତ
- ଡାଇବେଟିସ୍/ ଉଚ୍ଚ ରକ୍ତଚାପ/ ଥାଇରଏଡ୍
- ଆଖିର ମାତ୍ରାଧିକ ଚାପ
- ପୂର୍ବରୁ ଆଖି ଆଘାତ ପ୍ରାପ୍ତ ହୋଇଥିଲେ

ନିମ୍ନ ଲକ୍ଷଣ ଥିଲେ ଚକ୍ଷୁ ପରୀକ୍ଷା କରାଇ ନିଅନ୍ତୁ
- ପରିବାରରେ ଯଦି କାହାର କଳାମୋତିଆ ଥାଏ
- ଅସହ୍ୟ ମୁଣ୍ଡବ୍ୟଥା ଏବଂ ଆଖିରେ ଯନ୍ତ୍ରଣା
- ଚଷମା କାଚର ବାରମ୍ବାର ପାୱାର ବଦଳିବା
- ଲାଇଟ୍ ଚାରିପାଖେ ରଙ୍ଗିନ୍ ବୃତ୍ତ ଦେଖାଯିବା
- ହଠାତ୍ ଆଖି ଲାଲ୍ ପଡି କିଛି ଦେଖାନଯିବା
- ଦୃଷ୍ଟିର ପରିସୀମା ସୀମିତ ହୋଇଯିବା

ସଅଳ ଚିହ୍ନଟ ସଠିକ୍ ଚିକିତ୍ସା କରିବା, କଳାମୋତିଆକୁ ଦୂରେଇ ଦେବା
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0024

No. 10001/106/2526

ସୁସ୍ଥ ଓଡ଼ିଶା
ବିକଶିତ ଓଡ଼ିଶା

ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଇଞ୍ଜେକ୍ସନ୍

ହିତାଧିକାରୀଙ୍କ ପାଇଁ ସୂଚନା
- ନିରାପଦ, ଦୀର୍ଘକାଳୀନ ତଥା ପ୍ରଭାବଶାଳୀ ଗର୍ଭନିରୋଧକ
- ୪ ସପ୍ତାହର ଗ୍ରେସ୍ ପିରିୟଡ୍ ସହିତ ୩ ମାସ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ
- ବ୍ୟବହାର ପୂର୍ବରୁ ପେଲ୍‌ଭିକ୍ ପରୀକ୍ଷାର ଆବଶ୍ୟକ ନାହିଁ
- ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ପାଇଁ ଉପଯୁକ୍ତ (ପ୍ରସବର ୬ ସପ୍ତାହ ପରେ)
- ସ୍ତନ୍ୟପାନକୁ ପ୍ରଭାବିତ କରେନାହିଁ
- ସୁବିଧାଜନକ ଏବଂ ବ୍ୟବହାର କରିବାକୁ ସହଜ

ଯଦି, ଅନ୍ତରା : ଏମ୍‌ପିଏ ଗର୍ଭନିରୋଧକ ଗ୍ରହଣକରିଥିବା ମହିଳାଙ୍କ କ୍ଷେତ୍ରରେ ଅନିୟନ୍ତ୍ରିତ ରକ୍ତସ୍ରାବ କିମ୍ବା ଆମେନୋରିଆ (ଋତୁସ୍ରାବ ବନ୍ଦ), ଅସ୍ୱଭାବିକ ଓଜନ ବୃଦ୍ଧି, ଅଧିକ ମୁଣ୍ଡବିନ୍ଧା କିମ୍ବା ଚିଡ଼ିଚିଡ଼ା ଭାବ ଦେଖାଦିଏ ତେବେ ଡାକ୍ତରଙ୍କ ସହିତ ପରାମର୍ଶ କରନ୍ତୁ ।

ବିଭିନ୍ନ ଗର୍ଭନିରୋଧକ ପଦ୍ଧତି
- ଇଞ୍ଜେକସନ୍ ଏମ.ପି.ଏ.
- ଜରୁରୀକାଳୀନ ଗର୍ଭନିରୋଧକ ବଟିକା
- ଗର୍ଭନିରୋଧକ ବଟିକା
- କପର-ଟି ଆଇ.ୟୁ.ସି.ଡି ୩୭୫ ଆଇ.ୟୁ.ସି.ଡି ୩୮୦ କି
- କଣ୍ଡୋମ
- ପୁରୁଷ ବନ୍ଧ୍ୟାକରଣ
- ମହିଳା ବନ୍ଧ୍ୟାକରଣ

ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିନାମୂଲ୍ୟରେ ଉପଲବ୍ଧ

ଏହି ସେବା ପାଇବା ପାଇଁ ଆଶା କିମ୍ବା ସ୍ୱାସ୍ଥ୍ୟକର୍ମୀଙ୍କ ସହ ପରାମର୍ଶ କରନ୍ତୁ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0025

# ଭିନ୍ନକ୍ଷମ ସନ୍ତୋଷିନୀଙ୍କ ଉପରେ ପରିବାର ବୋଝ


ସନ୍ତୋଷିନୀ ବଡ଼େଇ

ନୂଆପଡ଼ା,୭।୩ (ମକାରୁ ବେମାଲ)

ଆଶାବାଡ଼ି ବିନା ଚାଲିବା ତାଙ୍କ ପାଇଁ କଷ୍ଟକର । ଏଭଳି ସ୍ଥିତିରେ ସେ ନିଜକୁ କେବେ ଦୁର୍ବଳ ମନେକରନ୍ତନାହିଁ । ମା'ଙ୍କ ସହ ଘର କାମ ସାଙ୍ଗକୁ କ୍ଷେତକୁ ଯାଇ ବାପାଙ୍କୁ ଚାଷ କାର୍ଯ୍ୟରେ ସାହାଯ୍ୟ କରନ୍ତି । ୩ ବିବାହିତ ଭଉଣୀଙ୍କ ସହ ବୃଦ୍ଧା ଆଈଅଜାଙ୍କ ଭଲମନ୍ଦ ବୁଝନ୍ତି । ଭିନ୍ନକ୍ଷମ ହୋଇ ବି ମାତାପିତାଙ୍କୁ କେବେ ପୁଅର ଅଭାବ ଅନୁଭବ କରିବାକୁ ଦେଇନାହାନ୍ତି । ଏଭଳି ଜଣେ କର୍ମଠ ଓ ଦୃଢ଼ମନା ଭିନ୍ନକ୍ଷମ ଝିଅ ହେଉଛନ୍ତି ନୂଆପଡ଼ା ଜିଲା କୋମନା ବ୍ଲକ ସିଆଲଲଟି ପଞ୍ଚାୟତ ବାଗମୁଣ୍ଡା ଗାଁର ସନ୍ତୋଷିନୀ ବଡ଼େଇ (୩୨)।

ବାଗମୁଣ୍ଡା ଗାଁର ଅନାଦି ବଡ଼େଇ ଓ ଅହଲ୍ୟା ବଡ଼େଇଙ୍କ ୪ ଝିଅ ମଧ୍ୟରେ ସନ୍ତୋଷିନୀ ହେଉଛନ୍ତି ଦ୍ୱିତୀୟ । ଜନ୍ମରୁ ତାଙ୍କ ବାମ ଗୋଡ଼ ଆଣ୍ଠୁରୁ ତଳକୁ ଅକର୍ମଣ୍ୟ ହୋଇଯାଇଛି । କେବଳ ଡାହାଣ ଗୋଡ଼ କାର୍ଯ୍ୟକ୍ଷମ ଥିବାରୁ ବୈଶାଖୀ ହିଁ ସାହାରା । ଦୁଇ କାଖରେ ବୈଶାଖୀ ଜାକି ସେ ବଡ଼ କଷ୍ଟରେ ଚଲାବୁଲା କରନ୍ତି । ଏଭଳି ପ୍ରତିକୂଳ ପରିସ୍ଥିତିରେ ମଧ ସେ ପାଠପଢ଼ି ଶିକ୍ଷିତ ହୋଇଛନ୍ତି । ଅନ୍ୟର ସାହାରା ନେଇ ୩ କି.ମି. ସିଆଲଲଟି ଉଚ୍ଚ ବିଦ୍ୟାଳୟକୁ ଯାଇ ୧୦ମ ଶ୍ରେଣୀ ସମାପ୍ତ କରିଥିଲେ । ପରେ କଲେଜରେ ପଢ଼ିବାକୁ ତାଙ୍କୁ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଗାଁଠାରୁ ୩୦କି.ମି. ଦୂରରେ କୋମନା ପଞ୍ଚାୟତ ସମିତି କଲେଜ ଓ ୩୫ କି.ମି. ଦୂରରେ ନୂଆପଡ଼ା ନ୍ୟାଶନାଲ କଲେଜ ରହିଛି । ପୁଣି ଗାଁଠାରୁ କୌଣସି ବସ୍ ସୁବିଧା ନାହିଁ । ପ୍ରାୟ ୧୦ କି.ମି. ଚାଲିଚାଲି କିମ୍ବା ସାଇକେଲରେ ଗଲା ପରେ କୋମନା କିମ୍ବା ନୂଆପଡ଼ା ପାଇଁ ବସ୍ ସୁବିଧା ମିଳେ । ଉଚ୍ଚଶିକ୍ଷାକୁ ସେ ଏକ ଆହ୍ୱାନ ଭାବେ ଗ୍ରହଣକରି କୋମନା ପଞ୍ଚାୟତ ସମିତି କଲେଜରେ ନାମ ଲେଖାଇଲେ । ବାପାଙ୍କ ସାଇକେଲ ପଛପଟେ ବସି ପ୍ରାୟ ୧୦ କି.ମି. ତରବୋଡ଼ ପର୍ଯ୍ୟନ୍ତ ଯାଇ ସେଠାରୁ ବସ୍ ଧରି କୋମନା ପହଞ୍ଚୁଥିଲେ । କୋମନା ବସ୍‌ଷ୍ଟାଣ୍ଡରୁ ୧କି.ମି. ରାସ୍ତା ବୈଶାଖୀ ସାହାଯ୍ୟରେ ଚାଲିଚାଲି କଲେଜରେ ପହଞ୍ଚୁଥିଲେ । ବାଧାବିଘ୍ନକୁ ସାମ୍ନାକରି ସେ ଯୁକ୍ତ ୨ ପାସ୍ କଲେ । ଏହାପରେ ଇଗ୍ନୁରେ ନାମ ଲେଖାଇ ଘରେ ରହି ପାଠପଢ଼ି କଳାରେ ସ୍ନାତକ ପଢ଼ା ସାରିଛନ୍ତି । ସରକାରୀ ଚାକିରି ପାଇଁ ବିଭିନ୍ନ ବିଭାଗରେ ଆବେଦନ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିଲା ନାହିଁ । ଶେଷରେ ନିରାଶ ହୋଇ ସେ ମା'ବାପାଙ୍କୁ କାମରେ ସାହାଯ୍ୟ କରିଆସୁଛନ୍ତି । ସରକାରୀ ସୁବିଧା କହିଲେ କେବଳ ରାଶନ କାର୍ଡ ଓ ମାସିକ ଭତ୍ତା ପାଉଛନ୍ତି । ଏଯାଏ ୩ଚକିଆ ସାଇକେଲ ଖଣ୍ଡେ ମିଳିନାହିଁ । ୨୦୧୯ ଡିସେମ୍ବରରୁ ସେ ମିଶନ ଶକ୍ତି ବିଭାଗରେ ଗୋଷ୍ଠୀ ସହାୟିକା (ସିଆରପି) ଭାବରେ କାର୍ଯ୍ୟକରି ଗାଁର ମହିଳା ଗୋଷ୍ଠୀଗୁଡ଼ିକର ବିଭିନ୍ନ କାର୍ଯ୍ୟ ତଦାରଖ କରିବା ସହ ସେମାନଙ୍କୁ ବ୍ୟାଙ୍କ ଓ ଆନୁଷଙ୍ଗିକ କାମ ପାଇଁ ସହଯୋଗ କରୁଛନ୍ତି । ହେଲେ ଏଯାଏ ଟଙ୍କାଟିଏ ମିଳି ନ ଥିବା ସନ୍ତୋଷିନୀ କହିଛନ୍ତି । ସେଥିରେ ମଧ ସେ ଭାଙ୍ଗି ନ ପଡ଼ି ସ୍ୱାବଲମ୍ବୀ ହେବା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ନିଜକୁ ସବୁ କାମରେ ସକ୍ଷମ ବୋଲି ପ୍ରତିପାଦିତ କରିବାକୁ ଚେଷ୍ଟା କରୁଥିବା ସନ୍ତୋଷିନୀଙ୍କୁ ସରକାରୀ ଚାକିରି ଯୋଗାଇ ଦିଆଗଲେ ତାଙ୍କର ଭବିଷ୍ୟତ ସୁରକ୍ଷିତ ହୋଇପାରନ୍ତା ବୋଲି ଗ୍ରାମବାସୀ ମତ ପ୍ରକାଶ କରିଛନ୍ତି ।

# ମହିଳା ଦିବସରେ ଶକ୍ତି ସ୍ୱରୂପିଣୀ କାର୍ଯ୍ୟକ୍ରମ


ଛାତ୍ରୀ ଓ ମହିଳାମାନେ ଯୋଗ ପ୍ରଶିକ୍ଷଣ ନେଉଛନ୍ତି ।

ନୂଆପଡ଼ା,୭।୩ (ମକାରୁ ବେମାଲ)

ନୂଆପଡ଼ା ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିୟମଠାରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସର ପ୍ରଥମ ଦିନରେ ଶକ୍ତି ସ୍ୱରୂପିଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡେଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଯୋଗ ପ୍ରଶିକ୍ଷକ ଶଶି ଭୂଷଣ ପାଣିଗ୍ରାହୀ, କ୍ଷମାନିଧି ଦେବାଙ୍ଗନ, କାର୍ତ୍ତିକ ଶବର ପ୍ରମୁଖ ଯୋଗ ଦେଇଥିଲେ । ବିଭିନ୍ନ ବିଦ୍ୟାଳୟରୁ ୩ ଶହରୁ ଊର୍ଦ୍ଧ୍ୱ ଛାତ୍ରୀ, ଶିକ୍ଷୟିତ୍ରୀ ପ୍ରଶିକ୍ଷଣରେ ଭାଗ ନେଇଥିଲେ । ଶକ୍ତି ସ୍ୱରୂପିଣୀ କାର୍ଯ୍ୟକ୍ରମରେ ଶାରୀରିକ ଫିଟ୍‌ନେସ, ପୋଷଣ ଓ ମାନସିକ ସୁସ୍ଥତା ସକାଶେ ସାମୂହିକ ଯୋଗ ଅଧିବେଶନ, ଜୁମ୍ବା, ଶାରୀରିକ କୌଶଳ ଇତ୍ୟାଦି ସମ୍ପର୍କରେ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା । ଆଗାମୀ ଦୁଇଦିନ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ଜିଲା କ୍ରୀଡ଼ା ଅଧିକାରୀ ବଡେଇ ସୂଚନା ଦେଇଛନ୍ତି । ଖେଲୋ ଇଣ୍ଡିଆ ସେଂଟର ନୂଆପଡା କୋଚ ଦେବବ୍ରତ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବସ୍‌କୁ ଧକ୍କା ଦେଇ ବାଇକ୍ ଆରୋହୀ ମୃତ

କୋକସରା,୭।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

କୋକସରା ଥାନା ଲଗୁଗାଁ-ଚିକିଲି ରାସ୍ତାର ପେଟ୍ରୋଲ ପମ୍ପ ନିକଟରେ ଶୁକ୍ରବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି । ରାସ୍ତା କଡରେ ଛିଡା ହୋଇଥିବା ବସ୍‌କୁ ଧକ୍କା ଦେଇ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଜୟପାଟଣା ବ୍ଲକ ବାଞ୍ଜିବାହାଲ ଗ୍ରାମର ପୁରୁନ ଚଲାନ (୩୨) । ସୂଚନା ମୁତାବକ, ଫୁପଗାଁ କରାଡଙ୍ଗରୀପଡାରୁ ବିବାହ ଭୋଜି ଖାଇ ପୁରୁନ ଓ ଶାଦ ମାଝୀ ବାଇକ୍ ଯୋଗେ ନିଜ ଗାଁକୁ ଫେରୁଥିଲେ । ଏହି ସମୟରେ ଚିକିଲି ପେଟ୍ରୋଲ ପମ୍ପ ନିକଟରେ ଛିଡା ହୋଇଥିବା ବସ୍‌କୁ ସେମାନେ ଧକ୍କା ଦେଇଥିଲେ । ଫଳରେ ବାଇକ୍‌ରୁ ଛିଟିକି ପଡି ଗୁରୁତର ହୋଇଥିଲେ । କୋକସରା ପୋଲିସ ଗୁରୁତର ପୁରୁନ୍‌ଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ । ତେବେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି । ଅନ୍ୟପଟେ ତାଙ୍କ ସହିତ ଥିବା ଶାଦ ମାଝୀ କୁଆଡ଼େ ଫେରାର ହୋଇଯାଇଛନ୍ତି । ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଦୁର୍ଘଟଣା ହୋଇଥିବା ବସ୍ ଓ ବାଇକ୍‌କୁ ଜବତ କରିଛି । କୋକସରା ମେଡ଼ିକାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ଲକ୍ଷ୍ମୀବିକାଶ ହାୟର ଇନ୍‌ଷ୍ଟିଚ୍ୟୁଶନ୍ସରେ ଏମ୍‌ଡିପି କାର୍ଯ୍ୟକ୍ରମ



ଏମ୍‌ଡିପି କାର୍ଯ୍ୟକ୍ରମରେ ପ୍ରଶିକ୍ଷକଙ୍କ ସହ ଛାତ୍ରୀଛାତ୍ର ।

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଲକ୍ଷ୍ମୀ ବିକାଶ ହାୟର ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଶନ୍ସରେ ଶୁକ୍ରବାର ଭାରତ ସରକାରଙ୍କ ଅଧୀନସ୍ଥ ସେଣ୍ଟ୍ରାଲ ଟୁଲ ରୁମ ଆଣ୍ଡ ଟ୍ରେନିଂ ସେଣ୍ଟର (ସିଟିଟିସି) ପକ୍ଷରୁ ଏଣ୍ଟରପ୍ରେନ୍ୟୁରଶିପ ଉପରେ ଏକ ଏମ୍‌ଡିପି (ମ୍ୟାନେଜମେଣ୍ଟ ଡେଭେଲୋପମେଣ୍ଟ ପୋଗ୍ରାମ) ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ଅନୁଷ୍ଠାନର ନିର୍ଦ୍ଦେଶକ ଡି. ଶ୍ୟାମ, ଡି. ରାମ କୁମାର, ଏକାଡେମିକ ଇନ୍‌ଚାର୍ଜ ଡି. ବିଜୟା ଓ ପରିଚାଳନା ମଣ୍ଡଳୀ ସଦସ୍ୟା ଡି. ପଦ୍ମିନୀଙ୍କ ମାର୍ଗଦର୍ଶନରେ ଆୟୋଜିତ ହୋଇଥିଲା । କାର୍ଯ୍ୟକ୍ରମରେ ଭବାନୀପାଟଣା ସିଟିଟିସିର ପ୍ରଶିକ୍ଷଣ ଅଧିକାରୀ ଜୀବନଜ୍ୟୋତି ଓଝା, ଦେବାଶିଷ ଦେଓ, ରଞ୍ଜନ କୁମାର ଗିରି, ସ୍ନେହା ସିଂହ ଓ ସତବିର ସିଂହ ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କଙ୍କ ମଧ୍ୟରେ ଉଦ୍ୟମିତା ସଚେତନତା ବୃଦ୍ଧି କରିବା ସହିତ ପ୍ରଶାସନିକ ଓ ନେତୃତ୍ୱ ନେବା ଉପରେ ମାର୍ଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମ ସଫଳ କରିବାରେ ପ୍ରଫେସର ପ୍ରଜ୍ଞା ପରିମିତା ଜେନା ମୁଖ୍ୟ ଭୂମିକା ତୁଲାଇଥିଲେ ।

# ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଦାଦନ ଶ୍ରମିକଙ୍କ ମୃତ୍ୟୁ

କୋକସରା,୭।୩ (ଦୁଷ୍ମନ୍ତ କୁମାର ପାଙ୍ଗଯୋଷୀ)

ହାଇଦ୍ରାବାଦ ସହରରେ ଶ୍ରମିକ କାମ କରୁଥିବା ଜଣେ ଦାଦନ ଶ୍ରମିକଙ୍କ ମୃତ୍ୟୁ ହୋଇଛି । ସେ ହେଲେ କୋକସରା ଥାନା ଡହଗାଁ ପଞ୍ଚାୟତ ସର୍ଗିଗୁଡା ଡଙ୍ଗରୀପଡାର ଦୁଲ୍ଲଭ ମାଝୀ । ସୂଚନାକ୍ରମେ ଡଙ୍ଗରିପଡ଼ାର ଦୁଲ୍ଲଭ ଓ ଚନ୍ଦ୍ର ଶେଖର ମାଝୀ ୩-୪ ମାସ ତଳେ ଗାଁର ଅନ୍ୟ ଯୁବକମାନଙ୍କ ସହିତ ହାଇଦ୍ରାବାଦ ସହର ପଟାନଚେରୁର ନନ୍ଦିଗାଁଓକୁ ଯାଇ ଏକ ଘରୋଇ ସଂସ୍ଥା ଜରିଆରେ କୋଠାକାମରେ ଶ୍ରମିକ ଭାବେ କାମ କରୁଥିଲେ । ଶୁକ୍ରବାର ସକାଳେ କାମ କରୁଥିବାବେଳେ ବିଦ୍ୟୁଥ୍ ସଂସ୍ପର୍ଶରେ ଆସି ଦୁଲ୍ଲଭଙ୍କ ମୃତ୍ୟୁ ହୋଇଥିବା ବେଳେ ବିଲ୍ଡିଂରୁ ଖସି ଚନ୍ଦ୍ରଶେଖର ଗୁରୁତର ହୋଇ ସ୍ଥାନୀୟ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ସ୍ଥାନୀୟ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇ ସାଥି ଶ୍ରମିକ ଓ ଠିକା ସଂସ୍ଥାକୁ ହସ୍ତାନ୍ତର କରିଥିଲା । ଆମ୍ବୁଲାନ୍ସ ଯୋଗେ ନିଜ ଭିଟାମାଟିକୁ ମୃତଦେହ ଫେରୁଥିବା ପରିବାର ସୂତ୍ରରୁ ଜଣାପଡ଼ିଛି । ମୃତକଙ୍କ ପରିବାର ଓ ଗୁରୁତର ଥିବା ଯୁବକଙ୍କ ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହୋଇଛି ।

# ଫୁଟ୍‌ବଲ ଖେଳାଳି ରତ୍ନାକର ବିଶିଙ୍କ ପରଲୋକ



ଜୁନାଗଡ଼,୭।୩(ସୁନୀଲ କୁମାର ସିଂହ)

କଳାହାଣ୍ଡି ଜିଲା ଜୁନାଗଡ଼ ବ୍ଲକ ଭଇଁରୀଗୁଡ଼ାର ବରିଷ୍ଠ ଫୁଟ୍‌ବଲ ଖେଳାଳି ରତ୍ନାକର ବିଶି (୭୫)ଙ୍କ ଶୁକ୍ରବାର ନିଜ ବାସଭବନରେ ପରଲୋକ ହୋଇଯାଇଛି । ଗତ କିଛିଦିନ ହେଲା ସେ ଅସୁସ୍ଥ ଥିଲେ । ଶେଷ ସମୟରେ ତାଙ୍କ ସ୍ତ୍ରୀ ଚେନ ବିଶି, ବଡ଼ପୁଅ ଦେବେନ୍ଦ୍ର, ସାନପୁଅ ପରେଶ, ବଡ଼ବୋହୂ ବନଶ୍ରୀ, ସାନବୋହୂ ସବିତା, ନାତି ସମ୍ମିତ, ରିତେଶ ପ୍ରମୁଖ ଉପସ୍ଥିତ ଥିଲେ । ଗାଁ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ପୁଅ ଦେବେନ୍ଦ୍ର ଓ ପରେଶ ମୁଖାଗ୍ନି ଦେଇଥିଲେ । ଶେଷକୃତ୍ୟ ସମୟରେ ଅଞ୍ଚଳର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ହୋଇଥିଲେ । ସ୍ୱର୍ଗତ ବିଶି ଜଣେ ଅଭିଜ୍ଞ ଫୁଟ୍‌ବଲ ଖେଳାଳି ଥିବାବେଳେ ଉତ୍ତେଇ ଜଳସେଚନ ବିଭାଗରେ ଚାକିରି କରି ଅବସର ଗ୍ରହଣ କରିଥିଲେ । ତାଙ୍କ ପୁଅ ଦେବେନ୍ଦ୍ର ଜିଲାର ଜଣେ ବରିଷ୍ଠ ଖବରଦାତା ଭାବେ କାର୍ଯ୍ୟ କରୁଛନ୍ତି । ତାଙ୍କ ପରଲୋକ ଖବର ଶୁଣି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

# ଶିଳ୍ପ ପ୍ରତିଷ୍ଠା ପାଇଁ ନିବେଶକଙ୍କୁ ସୁବିଧା ଦିଆଯିବ



ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ।

ନୂଆପଡ଼ା,୭।୩ (ମକାରୁ ବେମାଲ)

ନୂଆପଡ଼ା ଜିଲା ମୁଖ୍ୟାଳୟ ସମ୍ମିଳନୀ କକ୍ଷଠାରେ ଜିଲା ସିଙ୍ଗଲ ଉଇଣ୍ଡୋ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଜିଲା ଶିଳ୍ପ କେନ୍ଦ୍ର ପରିଚାଳକ ସମୀର ମୁଦୁଲି ଆଲୋଚ୍ୟ ବିଷୟବସ୍ତୁ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଖରିଆର ରୋଡ୍‌ସ୍ଥିତ ବର୍ଦ୍ଧମାନ ଶୀତଳ ଭଣ୍ଡାର ପକ୍ଷରୁ ଦାଖଲ ହୋଇଥିବା ଜମି କିସମ ପରିବର୍ତ୍ତନ ଉପରେ ଆଲୋଚନା କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା । ସେହିପରି ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ ବିକାଶ ନୀତି-୨୦୨୨ ଅନ୍ତର୍ଗତ ସିଳଦାସ୍ଥିତ ବିଶେଷ ଇଣ୍ଡଷ୍ଟ୍ରିଜ ପକ୍ଷରୁ ଦାଖଲ ହୋଇଥିବା ୨୨ ଲକ୍ଷ ୫୪ ହଜାର ୫୫୦ ଟଙ୍କାର ପ୍ରସ୍ତାବ ଗୃହୀତ ହୋଇଥିଲା । ଜିଲାର ଶିଳ୍ପ ବିକାଶ ସହ ନିବେଶକମାନଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇଦେବା ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ । ବୈଠକରେ ନୂଆପଡ଼ା ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ, ତହସିଲଦାର ନୂଆପଡ଼ା, ସିଟି ଓ ଜିଏସ୍‌ଟି ଡେପୁଟି କମିଶନର ଖରିଆର ରୋଡ୍, ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ବଲାଙ୍ଗୀର, ଟିପିଡବ୍ଲ୍ୟୁଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ନୂଆପଡ଼ା, ଅଗ୍ରଣୀ ବ୍ୟାଙ୍କ ପରିଚାଳକ ନୂଆପଡ଼ା ପ୍ରମୁଖ ଉପସ୍ଥିତ ରହି ମତାମତ ରଖିଥିଲେ ।

## ପୋଖରୀରେ ବୁଡ଼ି ଛାତ୍ର ମୃତ୍ୟୁ ଘଟଣା

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ମେଦିନୀପୁରସ୍ଥିତ ଶାସ୍ତ୍ରିଜୀ ଶିକ୍ଷା ନିକେତନର ନବମ ଶ୍ରେଣୀ ଛାତ୍ର ସୌମ୍ୟ ରଞ୍ଜନ ସାହୁ (୧୪)ଙ୍କ ବୁଧବାର ପୋଖରୀରେ ବୁଡି ମୃତ୍ୟୁ ଘଟିଥିଲା । ଏ ନେଇ ମୃତକଙ୍କ ବାପା ମନ୍ମଥ ସାହୁ ସ୍କୁଲ କର୍ତ୍ତୃପକ୍ଷଙ୍କ ନାମରେ ସ୍ଥାନୀୟ ଥାନାରେ ଏତଲା ଦେବା ପରେ ପୋଲିସ ଶାସ୍ତ୍ରିଜୀ ଶିକ୍ଷା ନିକେତନର ହଷ୍ଟେଲ ୱାର୍ଡେନ ଓ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନୋଟିସ ଜାରି କରିଥିଲେ । ଶନିବାର ଏହି ଘଟଣାକୁ ନେଇ ମାନବାଧିକାର କର୍ମୀ ଦିଲୀପ କୁମାର ଦାସ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି)ରେ ଏକ ଲିଖିତ ଅଭିଯୋଗ କରିଛନ୍ତି । ଏହି ଘଟଣାରେ ଅବହେଳା କରିଥିବା ସ୍କୁଲ କର୍ତ୍ତୃପକ୍ଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି ।

# ଭିନ୍ନକ୍ଷମଙ୍କୁ ମୁଖ୍ୟମନ୍ତ୍ରୀ ପାଣ୍ଠିରୁ ସହାୟତା ପ୍ରଦାନ



ଜିଲାପାଳ ଜଣେ ଭିନ୍ନକ୍ଷମ ଅଭିଭାବକଙ୍କୁ ଚେକ୍ ପ୍ରଦାନ କରୁଛନ୍ତି ।

ନୂଆପଡ଼ା,୭।୩ (ମକାରୁ ବେମାଲ)

ନୂଆପଡ଼ା ଜିଲାର ୨ ଜଣ ଡୁଚେନ୍ ମସ୍କୁଲାର ଡିଷ୍ଟ୍ରୋଫି (ଡିଏମ୍‌ଡି) ଆକ୍ରାନ୍ତ ଭିନ୍ନକ୍ଷମଙ୍କ ଅଭିଭାବକଙ୍କୁ ମୁଖ୍ୟମନ୍ତ୍ରୀ ସହାୟତା ପାଣ୍ଠିରୁ ୧୦ ଲକ୍ଷ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଜିଲାପାଳ ମଧୁସୂଦନ ଦାଶ ଚେକ୍ ଆକାରରେ ଉଭୟଙ୍କୁ ସହାୟତା ପ୍ରଦାନ କରିଛନ୍ତି । ଦୁଇ ଭିନ୍ନକ୍ଷମ ହେଲେ ବୋଡେନ ବ୍ଲକ୍ ସାଲେକେଲା ଗାଁର କମଳାକାନ୍ତ ନିଆଲ ଓ ଖଡିଆଳ ବ୍ଲକ ରଜାମୁଣ୍ଡା ଗାଁର ଯୁଗଳ କିଶୋର ବଛା । ଉଭୟଙ୍କ ଶରୀର ୮୦ ପ୍ରତିଶତରୁ ଊର୍ଦ୍ଧ୍ୱ ଅକ୍ଷମ ହୋଇଥିବାରୁ ଏହି ସହାୟତା ଦ୍ୱାରା ଉନ୍ନତମାନର ଚିକିତ୍ସା ପାଇ ଜୀବନଜୀବିକା ଆରମ୍ଭ କରିପାରିବେ । ଏହି ସହାୟତା ରାଶିର ଉଚିତ ବିନିଯୋଗ କଲେ ଭିନ୍ନକ୍ଷମ ହୋଇ ମଧ ସକ୍ଷମ ହୋଇ ପରିବାର ପ୍ରତିପୋଷଣ କରିପାରିବେ ବୋଲି ଜିଲାପାଳ କହିଛନ୍ତି ।

# ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜର ବୈଠକ

ତୁଣ୍ଡଲା,୭।୩ (ଫିରୋଜ କୁମାର ଦାଶ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସିର୍ଜାପାଲି ପଞ୍ଚାୟତ ବାଦିପଡ଼ାଠାରେ ତୈଳିକ ବୈଶ୍ୟ ହଳଦିଆ ସାହୁ ସମାଜ (ଷଣ୍ଢ ବଂଶ)ର ବୈଠକ ଅନୁଷ୍ଠିତ ହୋଇଯାଇଛି । ମୁରଲୀ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜୟଦେବ ସାହୁ, କିସାନଲାଲ ସାହୁ, ଯୋଗେଶ୍ୱର ସାହୁ, ମଧୁସୂଦନ ସାହୁ, ସନ୍ତୋଷିନୀ ସାହୁ ପ୍ରମୁଖ ଯୋଗଦେଇ ଶିକ୍ଷା, ଦୀକ୍ଷା ଓ ସଂସ୍କାର ଉପରେ ଆଲୋଚନା କରିଥିଲେ । ବିଶେଷ କରି ଷଣ୍ଢ ବଂଶର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ ବିଷୟରେ ଆଲୋଚନା ହୋଇଥିଲା । ଏହି ଅବସରରେ ସମସ୍ତ ଅତିଥିଙ୍କୁ ସମ୍ମାନିତ କରାଯାଇଥିଲା । ଟୁକୁ ଚନ୍ଦ୍ର ସାହୁ ଓ ଅଶ୍ୱିନୀ ସାହୁ ମଞ୍ଚ କରିଚାଳନା କରିଥିବା ବେଳେ ଚୂଡ଼ାମଣି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ବୈଠକ


ବୈଠକରେ ଯୋଗଦେଇଥିବା ସମାଜର କର୍ମକର୍ତ୍ତାମାନେ ।

ଖଡ଼ିଆଳ,୭।୩ (ସୁଜିତ କୁମାର ପ୍ରଧାନ)

ଖଡିଆଳ ବ୍ଲକ କାଶୀପଲାସ୍ଥିତ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ସମ୍ବିଧାନ ସଂଶୋଧନ ଉପ କମିଟି ସଭାପତି ବିଜୟ ପ୍ରତାପ ସିଂ ମହାରଥା ଅଧ୍ୟକ୍ଷତା କରିଥିଲେ । ନିମନ୍ତ୍ରିତ ଅତିଥି ଭାବେ ଖଡ଼ିଆଳ ପାଟଣା କ୍ଷତ୍ରିୟ ସମାଜର କୁଳପତି ଶମ୍ଭୁ କିଶୋର ଦଣ୍ଡସେନା, ମୁଖ୍ୟ ସମ୍ପାଦକ ଦିଲୀପ କୁମାର ନାଏକ ଯୋଗଦାନ କରି ସମ୍ବିଧାନ ସଂଶୋଧନ ଉପରେ ଆଲୋଚନା କରିଥିଲେ । କମିଟିରେ ୨ ସମ୍ପାଦକ ଡ. ସୁଶାନ୍ତ କୁମାର ବିଶି ଓ ଓଡ଼ିଶା ହାଇକୋର୍ଟରେ ବରିଷ୍ଠ ଆଇଜୀବୀ ବିଭୁଦତ୍ତ ଚଲାନ ସମ୍ବିଧାନ ସଂଶୋଧନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସମାଜର ପୂର୍ବତନ କୁଳପତି ଜ୍ଞାନ ପ୍ରକାଶ ସିଂ, ବରିଷ୍ଠ ପରାମର୍ଶଦାତା ଅଶ୍ୱିନୀ କୁମାର ପ୍ରଧାନୀ, ସଙ୍ଗଠକ ପରମେଶ୍ୱର ବାରିକ, ଯୁଗ୍ମ ସଙ୍ଗଠକ ଜଗଦୀଶ ବାରିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ୨୧ରୁ ରଜକ ସେବା ସଂଘର ବାର୍ଷିକ ସମ୍ମିଳନୀ

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଜୁନାଗଡ଼ଠାରେ ଆସନ୍ତା ମାର୍ଚ୍ଚ ୨୧ ଓ ୨୨ ତାରିଖରେ ରଜକ ସେବା ସଂଘର ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ପଶ୍ଚିମ ଓ ୯ଟି ଜିଲାର ରଜକ ସମାଜର ଭଉଣୀଭାଇ ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଏହା ପୂର୍ବରୁ ଜୁନାଗଡ଼ ଆର୍‌ଏମ୍‌ସି ସଭାଗୃହଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କଳାହାଣ୍ଡି ଜିଲା ସଭାପତି ବସନ୍ତ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାର ୧୩ ବ୍ଲକ୍‌ର ଆଞ୍ଚଳିକ ରଜକ ସମାଜ ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ କର୍ମକର୍ତ୍ତା ଯୋଗଦେଇଥିଲେ । ସମ୍ମିଳନୀକୁ ସଫଳକରିବା ନିମନ୍ତେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା । ସେହିପରି ବିଭିନ୍ନ ପ୍ରତିଭାଙ୍କୁ ସମ୍ମାନିତ କରାଯିବା ପ୍ରସ୍ତାବ ଉପରେ ମଧ ଆଲୋଚନା ହୋଇଥିଲା । ଏହି ଉପଲକ୍ଷେ କଳାହାଣ୍ଡିର ସମସ୍ତ ବ୍ଲକ୍‌ରେ ବିଭିନ୍ନ ପ୍ରତିଯୋଗିତା କରାଯାଇଛି । ସେଥିରେ ମହିଳାମାନଙ୍କ ପାଇଁ ହୁଲହୁଳି, ରଙ୍ଗୋଲି, ଚୌକି ବସା, ହାଣ୍ଡିଫଟା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବ୍ଲକ୍‌ରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ସେହି ପ୍ରତିଯୋଗୀମାନେ ପୁନଶ୍ଚ ବାର୍ଷିକ ସମ୍ମିଳନୀରେ ଭାଗନେଇ ନିଜର କଳା ପ୍ରଦର୍ଶନ କରିବା ପାଇଁ ଅନୁରୋଧ କରାଯାଇଥିବା ଜିଲା ସଭାପତି ସେଠୀ ସୂଚନା ଦେଇଥିଲେ । ଏହାସହ ଯୁବକମାନଙ୍କୁ ସମାଜ ପ୍ରତି ଆକୃଷ୍ଟକରିବା ସକାଶେ ଭବାନୀପାଟଣା ବ୍ଲକ ମେଦିନୀପୁରଠାରେ ଏକ ଦ୍ୱିଦିବସୀୟ କ୍ରିକେଟ ପ୍ରତିଯୋଗିତା କରାଯାଇଥିଲା । ଏଥିରେ କେସିଙ୍ଗା ବ୍ଲକ୍ ନର୍ଲା ବ୍ଲକ୍‌କୁ ପରାସ୍ତକରି ବିଜୟୀ ହୋଇଥିଲା ।



ରଜକ ସେବା ସଂଘ ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତାମାନେ ।

# ଭାରତୀୟ ଜ୍ଞାନ ବ୍ୟବସ୍ଥା ବହୁମୁଖୀ

## ଦ୍ୱିଦିବସୀୟ ଜାତୀୟ ସମ୍ମାନ ଉଦ୍‌ଯାପିତ



ଉଦ୍‌ଯାପନୀ ଦିବସରେ ଅତିଥି ଓ ଛାତ୍ରୀଛାତ୍ର ।

ଭବାନୀପାଟଣା,୭।୩(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମ ତଥା ପିଏମ୍ ଉଷାର ସହଯୋଗରେ ଚାଲିଥିବା ଦ୍ୱିଦିବସୀୟ ଜାତୀୟ ସମ୍ମାନ ଶନିବାର ଉଦ୍‌ଯାପିତ ହୋଇଯାଇଛି । 'ଇଣ୍ଟିଗ୍ରେଶନ ଅଫ ଇଣ୍ଡିଆନ ନଲେଜ ସିଷ୍ଟମ ଇନ କରିକୁଲମ ଆଜ୍ ପର୍ ନ୍ୟାଶନାଲ ଏଜୁକେଶନ ପଲିସି- ୨୦୨୦' ଶୀର୍ଷକରେ ଏହି ସମ୍ମାନ ହୋଇଥିଲା ।

ଉଦ୍‌ଯାପନୀ ଉତ୍ସବରେ ଭାରପ୍ରାପ୍ତ କୁଳପତି ଡ. ନିବେଦିତା ନାଥ ଯୋଗଦେଇ ମୂଲ୍ୟବୋଧଭିତ୍ତିକ ବକ୍ତବ୍ୟ ପ୍ରଦାନ କରିଥିଲେ । ହରିୟାଣାର ଅମିଟ୍ୟ ବିଶ୍ୱବିଦ୍ୟାଳୟ ଏନ୍‌ଭାରନମେଣ୍ଟାଲ ଓ ସଷ୍ଟେନବିଲିଟି ବିଭାଗ ମୁଖ୍ୟ ଡ. କୁଶାଗ୍ର ରାଜେନ୍ଦ୍ର ଭାରତୀୟ ଜ୍ଞାନ ବ୍ୟବସ୍ଥାର ମୌଳିକ ତତ୍ତ୍ୱ ବୁଝାଇଥିଲେ । କୁଳସଚିବ ଡ. ଗୁଣନିଧି ନାଏକ, ଉପ-କୁଳସଚିବ ତଥା ଇଂରାଜୀ ବିଭାଗର ମୁଖ୍ୟ ମେଜର ଡ. ଜୟଦେବ ସାହୁ ସମ୍ମାନର ଲକ୍ଷ୍ୟ ଓ ଉପଯୋଗିତା ବିଷୟରେ ଆଲୋଚନା କରିଥିଲେ । ଦ୍ୱିତୀୟ ଦିବସରେ ଡ. ଆୟାଗୋରୀ ନାଗେଶ୍ୱର ରାଓ ଭାରତୀୟ ଜ୍ଞାନ ବ୍ୟବସ୍ଥା ପେଡାଗୋଗି ଓ ପାଠ୍ୟକ୍ରମ ବିକାଶ, ଡ. କୁଶାଗ୍ର ରାଜେନ୍ଦ୍ର ଭାରତୀୟ ଜ୍ଞାନ ବ୍ୟବସ୍ଥାର ପ୍ରାୟୋଗିକ ନୀତି, ଡ଼. ବାଲାଜୀ ପାଢୀ ଗଣିତ, ଜ୍ୟୋତିଷ ବିଦ୍ୟା ଓ ସ୍ଥାପତ୍ୟ, ଡ. ଶଶିକୁମାର ଶେଖର ଉଦ୍ଭିଦବିଜ୍ଞାନ ଆୟୁର୍ବେଦ, ସଞ୍ଜୀବ କୁମାର ସାହୁ ଅର୍ଥଶାସ୍ତ୍ର ଓ ନୀତିଶାସ୍ତ୍ର, ଡ. ଦିନେଶ କୁମାର ଶର୍ମା ରସାୟନ ବିଜ୍ଞାନ ଓ ଧାତୁବିଜ୍ଞାନ ବିଷୟରେ ତଥ୍ୟାତ୍ମକ ଆଲୋଚନା କରିଥିଲେ । ଭାରତୀୟ ଜ୍ଞାନ ବ୍ୟବସ୍ଥାର ବିବିଧ ଦିଗ ଉପରେ ଆଲୋଚନା କରି ଭାରତୀୟ ସମାଜ, ସଂସ୍କୃତି ଓ ସାହିତ୍ୟରେ ତାହାର ପ୍ରତିଫଳନ ବିଷୟରେ ଦୀର୍ଘ ଆଲୋଚନା ହୋଇଥିଲା । ପରିଶେଷରେ ଉପସ୍ଥିତ ଥିବା ସମସ୍ତ ଗବେଷକ, ଗବେଷିକା, ଅଧ୍ୟାପକ, ଅଧ୍ୟାପିକାଙ୍କୁ ପ୍ରମାଣପତ୍ର ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡ. ଝରଣାରାଣୀ ଧଙ୍ଗଡାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ସଞ୍ଜିବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବରଗଡ଼ରେ ଆଇନଶୃଙ୍ଖଳା ସ୍ଥିତି ବେହାଲ

■ ଛୁରି ଆକ୍ରମଣରେ ଟ୍ରକ୍ ଚାଳକ ଗୁରୁତର
■ ଆକ୍ରମଣ ପରେ ଖସିଗଲେ ୩ ଦୁର୍ବୃତ୍ତ

ବରଗଡ଼, ୭।୩(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଆଇନ ଶୃଙ୍ଖଳା ସ୍ଥିତି ବେହାଲ ହୋଇପଡ଼ିଛି। ଜିଲାର ସଦର ମହକୁମା ବରଗଡ଼ ସହରରେ ସ୍ୱଷ୍ଟ ଦିବାଲୋକରେ ଅପରାଧୀମାନେ ସକ୍ରିୟ ହୋଇ ପଡ଼ିଛନ୍ତି। ଗତ କିଛିଦିନ ତଳେ ବରଗଡ଼ ଟାଉନ ଥାନା ସମ୍ମୁଖ ହାଟପଦାରେ ଭୁଜାଲି ମାଡ଼ରେ ୨ଜଣଙ୍କ ଜୀବନ ଚାଲିଯାଇଥିଲା। ଏହି ଘଟଣା ସହରବାସୀ ଭୁଲି ନ ଥିବାବେଳେ ଶନିବାର ସ୍ୱଷ୍ଟ ଦିବାଲୋକରେ ସହର ଉପକଣ୍ଠ ୫୩ ନମ୍ବର ଜାତୀୟ ରାଜପଥର ଘୁଲିପାଲି ଛକ ନିକଟ ବିଟ୍ ରାସ୍ତାରେ ଜଣେ ଟ୍ରକ୍ ଚାଳକ କଟକ ଚୌଦ୍ୱାର ନିବାସୀ ରଞ୍ଜନ କୁମାର ପରିଡ଼ାଙ୍କ ଉପରେ ଦୁର୍ବୃତ୍ତମାନେ ଛୁରିରେ ଆକ୍ରମଣ କରିଛନ୍ତି। ଆହତ ଟ୍ରକ୍ ଚାଳକଙ୍କୁ ବରଗଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସ୍ଥାନୀୟ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ବିଭିନ୍ନ ନୂଆଁ ବାଇକ୍ ବୋଝେଇ ଟ୍ରକ୍ ଧରି ଚାଳକ ଜଣକ ବରଗଡ଼ସ୍ଥିତ ଏକ ଅଟୋମୋବାଇଲ ଶୋ'ରୁମ୍‌ର ଅମ୍ବାପାଲିସ୍ଥିତ ଗୋଦାମକୁ ଆସୁଥିଲେ। ଆସିବା ବାଟରେ ପୂର୍ବାହ୍ନ ପ୍ରାୟ ସାଢ଼େ ୧୦ଟାରେ ସେ ଘୁଲିପାଲି ଛକ ନିକଟରେ ଅଟକିଥିଲେ। ଏହି ସମୟରେ ୩ଜଣ ଦୁର୍ବୃତ୍ତ ତାଙ୍କ ପାଖକୁ ଆସି ପ୍ରଥମେ ପାଣି ପିଇବାକୁ ମାଗିଥିଲେ ଏବଂ ପରେ ତାଙ୍କଠାରୁ ଟଙ୍କା ଦାବି କରିଥିଲେ। ସେ ଟଙ୍କା ନ ଦେବାରୁ ଦୁର୍ବୃତ୍ତମାନେ ଛୁରିରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଅତର୍କିତ ଆକ୍ରମଣ କରି ସେଠାରୁ ଖସି ଯାଇଥିଲେ ବୋଲି ଟ୍ରକ ଚାଳକ ଅଭିଯୋଗ କରିଛନ୍ତି। ଟ୍ରକ ଚାଳକ ଜଣକ ବହୁକଷ୍ଟରେ ଟ୍ରକ୍‌କୁ ଧରି ଅମ୍ବାପାଲିସ୍ଥିତ ଅଟୋମୋବାଇଲ ଗୋଦାମକୁ ପହଞ୍ଚି ଥିଲେ ଏବଂ ସେଠାରୁ ସ୍ଥାନୀୟ ଲୋକେ ତାଙ୍କୁ ବରଗଡ଼ ଡାକ୍ତରଖାନାକୁ ଆଣିଥିଲେ।

ତେବେ ବରଗଡ଼ ସହରରେ ଏଭଳି ଅପରାଧ ନୂଆଁ ନୁହେଁ। କଥା କଥାକେ ଏଠାରେ ଦୁର୍ବୃତ୍ତମାନେ ଛୁରି, ଭୁଜାଲି ବାହାର କରି ଲୋକଙ୍କୁ ଆକ୍ରମଣ କରୁଥିବା ଅଭିଯୋଗ ହୋଇଛି। ବିଗତ ଦିନରେ ଏଭଳି ଏକାଧିକ ଘଟଣା ଘଟିଥିବା ନଜିର ରହିଛି। କଫ ସିରପ୍, ବ୍ରାଉନ ସୁଗାର ଭଳି ନିଶା କାରବାର ଯୋଗୁ ସହରରେ ଆଇନ ଶୃଙ୍ଖଳା ସ୍ଥିତି ଏଭଳି ବେହାଲ ହୋଇ ପଡ଼ିଥିବା ସହରବାସୀ ଅଭିଯୋଗ କରିଛନ୍ତି। ଏପରି କି ଶୁକ୍ରବାର ବରଗଡ଼ ସାଇବର ଓ ଅର୍ଥନୈତିକ ଅପରାଧ ଥାନା ଉଦ୍‌ଘାଟନୀ କାର୍ଯ୍ୟକ୍ରମକୁ ବରଗଡ଼ ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ ଏବଂ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ୍ ଆସିଥିବାବେଳେ ସେ ନେଇ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ନିଶା କାରବାର ତଥା ଅପରାଧ ଦମନ ପାଇଁ ପୋଲିସ କଠୋର ପଦକ୍ଷେପ ନେବ ବୋଲି ଉଭୟେ କହିଥିଲେ। ତେବେ ଏହାର ଦିନକ ପରେ ବିଟ୍ ରାସ୍ତା ଉପରେ ଛୁରିରେ ଟ୍ରକ ଚାଳକଙ୍କୁ ଆକ୍ରମଣ ଘଟଣା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।


ଆପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ପୋଲିସ ଟିମ୍ ଅପରେଶନରେ ବାହାରୁଛି।

**ଅପରାଧ ଦମନ ପାଇଁ ପୋଲିସର ଅପରେଶନ**

ବରଗଡ଼ ସହରରେ ଅପରାଧ ରୋକିବାକୁ ପୋଲିସ ତା'ର ଅପରେଶନକୁ ଜୋରଦାର୍ କରିଛି। ଏସ୍‌ପି ପି.ଏସ୍. ମୀନାଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଏସ୍‌ପି ଶିବ ପ୍ରସାଦ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ପୋଲିସର ସ୍ୱତନ୍ତ୍ର ଟିମ୍ ଶନିବାର ସକାଳୁ ସହରର ବିଭିନ୍ନ ସ୍ଥାନରେ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉରେ ଆପରାଧିକ କାର୍ଯ୍ୟକଳାପରେ ଲିପ୍ତ ଥିବା ୮ଜଣଙ୍କୁ ଗିରଫ କରାଯାଇଛି ବୋଲି ଅତିରିକ୍ତ ଏସ୍‌ପି ବିଶ୍ୱାଳ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରୁ ହାଟପଦା, ନାଗେନପାଲି, ଗୋବିନ୍ଦପାଲିର ୨ଜଣ ଲେଖାଏ ହୋଇଥିବାବେଳେ ବିଶିପଡ଼ାର ଜଣେ ଅଟନ୍ତି। କୋରେକ୍ସ ଆଦି ନିଶା କାରବାର, ସଟ୍ଟା କାରବାର ରୋକିବାକୁ ପୋଲିସ ଗୁରୁତ୍ୱର ସହିତ ନେଇଛି ଏବଂ ଏଭଳି ଅଭିଯାନ ଜାରି ରହିବ ବୋଲି ଅତିରିକ୍ତ ଏସ୍‌ପି ବିଶ୍ୱାଳ କହିଛନ୍ତି।

**ଆଇନ ଶୃଙ୍ଖଳା ନେଇ ଓକିଲ ସଂଘ ଆହ୍ୱାନରେ ବୈଠକ**

ବରଗଡ଼ର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳାକୁ ନେଇ ବିଭିନ୍ନ ମହଲ ଉଦ୍‌ବେଗ ପ୍ରକାଶ କରିଛି। ଏ ନେଇ ପୂର୍ବରୁ ଜିଲା ଓକିଲ ସଂଘ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କୁ ସ୍ମାରକପତ୍ର ଦେବା ସହିତ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ ଏବଂ ଉତ୍ତରାଞ୍ଚଳ ପୋଲିସ ଆଇଜିଙ୍କୁ ଭେଟିଥିଲା। ଏହାସତ୍ତ୍ୱେ ଆଇନ ଶୃଙ୍ଖଳା ବ୍ୟବସ୍ଥାରେ ଆଶାନୁରୂପ ସୁଧାର ଆସି ନ ଥିବା ପରିପ୍ରେକ୍ଷୀରେ ଜିଲା ଓକିଲ ସଂଘ ଆହ୍ୱାନରେ ଶନିବାର ସ୍ଥାନୀୟ ଉପଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ କଚେରି ପରିସରରେ ଏକ ବୈଠକ ବସିଥିଲା। ଜିଲା ଓକିଲ ସଂଘର ସଭାପତି ଭୀଷ୍ମଦେବ ସରାଫଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ସହରର ବିଭିନ୍ନ ଅନୁଷ୍ଠାନ, ସଂଗଠନର ପ୍ରତିନିଧିମାନେ ଯୋଗଦେଇ ହୁଗୁଳା ହୋଇ ପଡ଼ିଥିବା ଆଇନ ଶୃଙ୍ଖଳା ସ୍ଥିତି ନେଇ ସେମାନଙ୍କ ମତ ରଖିଥିଲେ। ତେବେ ସହରରେ ନିଶା କାରବାର, ଅପରାଧ ନିୟନ୍ତ୍ରଣ ନ ହେଲେ ଆଗକୁ ମୁଖ୍ୟମନ୍ତ୍ରୀ, ଆଇନମନ୍ତ୍ରୀ, ଗୃହ ବିଭାଗ ସଚିବଙ୍କୁ ଭେଟିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି ବୋଲି ଜିଲା ଓକିଲ ସଂଘ ସଭାପତି ସରାଫ୍ କହିଛନ୍ତି।

## କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା


ବୈଠକରେ ଆଲୋଚନା ଚାଲିଛି।

ବରପାଲି, ୭।୩(ଚିତ୍ତରଞ୍ଜନ ସାହୁ)

ବରପାଲି ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସମିତିର ସଭାପତି ଗୁରୁ ମେହେରଙ୍କ ଅଧ୍ୟକ୍ଷତାରେ ସାପ୍ତାହିକ ବଜାର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମିତିର ସମ୍ପାଦକ ଦିଲୀପ କୁମାର ଭୋଇ ସମିତିର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସହ ସମ୍ପାଦକ ବସନ୍ତ କୁମାର ମହାପାତ୍ର ଓ ଅଜିତ କୁମାର ମିଶ୍ର ସଭା ପରିଚାଳନା କରିଥିଲେ। ବରପାଲି ସମ୍ବଲପୁର ଜିଲା କେନ୍ଦ୍ର ସମବାୟ ଶାଖା ପରିଚାଳକ ସାଲବେଗ ବାଦି ଯୋଗଦାନ କରି ଚାଷୀମାନଙ୍କ ପାଇଁ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଯନ୍ତ୍ରପାତି ବିନା ସୁଧରେ ଋଣ, ସାର ଆଦି ଜିନିଷ ଠିକ ସମୟରେ କେମିତି ପାଇପାରିବେ ସେ ଉପରେ ଆଲୋଚନା ହୋଇଥିଲା। ୟୁରିଆ ସାରର ବ୍ୟବହାର ଏବଂ ୟୁରିଆ ସାର ସମିତିକୁ କମ ଆସୁଥିବାରୁ ସଭାରେ ଅଧିକ ଆଣିବା ପାଇଁ ଚାଷୀମାନେ ଦାବି ରଖିଥିଲେ। ବାର୍ଷିକ ସମିତି ସଭାରେ ବରପାଲି ସମବାୟ ସମିତି ଡାଇରେକ୍ଟର ଧୋବା ପଧାନ, ମହେନ୍ଦ୍ର କୁମାର ଗହିର, ପୁରନ୍ଦର ମେହେର, ରବି ସାହୁ, ଧଜ ପଧାନ ଯୋଗଦେଇ ଚାଷୀମାନଙ୍କ ଉନ୍ନତି ତଥା ଚାଷୀମାନେ ଅଧିକ ଲାଭବାନ ହୋଇ ସ୍ୱାବଲମ୍ବୀ ହୋଇପାରିବେ ସେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସାଧାରଣ ସଭାରେ ସହସ୍ରାଧିକ ଚାଷୀ ଉପସ୍ଥିତ ଥିଲେ। ଶେଷରେ ସଭାପତି ଗୁରୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ବରପାଲିରେ ପାଳିତ ହେଲା ହରିହର ଭେଟ

ବରପାଲି, ୭।୩(ଚିତ୍ତରଞ୍ଜନ ସାହୁ)

ବରପାଲିରେ ଦୋଳ ପୂର୍ଣ୍ଣିମା ଅବସରରେ ହରିହର ଭେଟ ଧୁମ୍‌ଧାମ୍‌ରେ ପାଳିତ ହୋଇଛି। ଦୋଳ ପୂର୍ଣ୍ଣିମା ଦିନ ଚନ୍ଦ୍ର ଗ୍ରହଣଥିବାରୁ ବିଳମ୍ବରେ ହରି ଓ ହର ମନ୍ଦିରରୁ ବାହାରି ଥିଲେ। ସ୍ଥାନୀୟ କପିଳେଶ୍ୱର ମନ୍ଦିରରୁ ହର ବାହାରିଥିବା ବେଳେ ଗୋପାଳ ଜି ମନ୍ଦିରରୁ ହରି ଶୋଭାଯାତ୍ରାରେ ବାହାରି ଥିଲେ। ହର ରେଲୱେ ଷ୍ଟେଶନ କଲେଜ ଛକ ଦେଇ ଦୈନିକ ବଜାର ସମ୍ମୁଖରେ ପହଞ୍ଚି ଥିବାବେଳେ ହରି ବରପାଲି ବସ୍ତି ଦେଇ ମୁଖ୍ୟ ରାସ୍ତାରେ ଆସି ଉକ୍ତ ମେଳଣ ସ୍ଥାନରେ ପହଞ୍ଚି ଥିଲେ। ସେଠାରେ ଉଭୟଙ୍କ ଭେଟ ହୋଇ ପୁଣି ଜଗନ୍ନାଥ ମନ୍ଦିର ନିକଟକୁ ଶୋଭାଯାତ୍ରାରେ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ନୂତନ ପଞ୍ଜିକା ପଠନ କରାଯାଇଥିଲା। ଉଭୟ ଶୋଭାଯାତ୍ରାରେ ଘଣ୍ଟ ବାଦ୍ୟ, ଡିଜେ, ଦୁଲଦୁଲି ବାଦ୍ୟ ସାମିଲ ହୋଇଥିଲା। ଶୀତଳଷଷ୍ଠୀ ଯାତ୍ରା କମିଟିର ସଭାପତି ଆନନ୍ଦ ବାବୁ, ସମ୍ପାଦକ ଜୟନ୍ତ କୁମାର ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା କମିଟିର ବହୁ ସଭ୍ୟ ଏଥିରେ ସାମିଲ ହୋଇଥିଲେ। ମେଳଣ ସ୍ଥାନରେ ସନ୍ଧ୍ୟା ସମୟରୁ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଳମ୍ବିତ ରାତି ହେଲେ ମଧ୍ୟ ହଜାର ହଜାର ଭକ୍ତ ଏହି ହରି ହର ଭେଟରେ ସାମିଲ ହୋଇଥିଲେ।

# ଶ୍ରମିକ ନେତା ଅବକାଶ ସାହୁ ଦୋଷମୁକ୍ତ

**ଠିକା ସଂସ୍ଥାକୁ ଚାନ୍ଦା ମାଗିବା ମାମଲା**

ହରଭଙ୍ଗା,୭।୩(ନରେନ୍ଦ୍ର କୁମାର ସାହୁ)

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ଶ୍ରମିକ ନେତା ତଥା ପୂର୍ବତନ ଜିଲା ପରିଷଦ ସଭ୍ୟ ଅବକାଶ ସାହୁ ଏକ ଠିକା ସଂସ୍ଥାକୁ ଜୁଲୁମ କରି ଚାନ୍ଦା ମାଗିବା ମାମଲାରେ ଦୋଷମୁକ୍ତ ହୋଇଛନ୍ତି। ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶ ପ୍ରତିଶ କୁମାର ସାମଲ ଶୁକ୍ରବାର ଏହି ମାମଲାକୁ ବିଚାର କରି ଅଭିଯୁକ୍ତ ଶ୍ରମିକ ନେତା ସାହୁଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ପ୍ରକାଶ ଯେ, ଖରଭୂଇଁ ଗ୍ରାମରେ ଏକ ବେସରକାରୀ ଠିକା ସଂସ୍ଥା ୨୦୦୯ରୁ ଏକ କ୍ରସର ସ୍ଥାପନ କରି କାମ କରିଆସୁଥିଲା। ଉକ୍ତ ଗ୍ରାମରେ ଆହୁରି ୩ଟି କ୍ରସର ସ୍ଥାପନ ହୋଇଅଛି। ଏଥିଯୋଗୁ ଖରଭୂଇଁ ଅଞ୍ଚଳରେ ପରିବେଶ, ଘର ଓ ଚାଷ ନଷ୍ଟ ହେଉଥିବା ଅଭିଯୋଗ କରି ଶ୍ରମିକ ନେତା ଅବକାଶ ସାହୁଙ୍କ ନେତୃତ୍ୱରେ ଗ୍ରାମବାସୀ କ୍ରସର ବନ୍ଦ ପାଇଁ ଆନ୍ଦୋଳନ କରିଥିଲେ। କିନ୍ତୁ ଠିକା ସଂସ୍ଥା ପ୍ରଶାସନକୁ ହାତ କରି କ୍ରସର ଚଳାଇବା ଯୋଗୁ ମହିଳାପୁରୁଷ ଓ ଛାତ୍ରୀଛାତ୍ର ରାସ୍ତା ବନ୍ଦ କରି ଆନ୍ଦୋଳନ କରିଥିଲେ। ଆନ୍ଦୋଳନ ଯୋଗୁ ଠିକା ସଂସ୍ଥା କ୍ରସର ବନ୍ଦ ହୋଇଯାଇଥିଲା। ଫଳରେ ଶ୍ରମିକ ନେତା ଅବକାଶ ସାହୁ ୨୦୧୫ରୁ ଜୋର ଜବରଦସ୍ତ ଧମକାଇ ଚାନ୍ଦା ମାଗୁଥିବା ନେଇ ତା୨୧।୧୦।୨୨ରିଖରେ ପ୍ଲାଣ୍ଟ ମ୍ୟାନେଜର ହରଭଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ହରଭଙ୍ଗା ପୋଲିସ ଏକ ମାମଲା (ନଂ.୯୨/୨୨) ରୁଜୁ କରି ତା ୧୫।୧୧।୨୨ରିଖରେ ତାଙ୍କୁ ବାଣିଗୋଛାରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରବର୍ତ୍ତୀ ସମୟରେ ମାମଲାଟି ହରଭଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଦଣ୍ଡାଧୀଶଙ୍କ ଅଦାଲତରେ ସିଟି କେସନଂ ୨୪୧/୨୨ ହୋଇ ବିଚାର ହୋଇଥିଲା। ମାମଲାରେ ସମସ୍ତ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଅଦାଲତ ଅଭିଯୁକ୍ତ ଅବକାଶ ସାହୁଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ଅବକାଶ ସାହୁଙ୍କ ପକ୍ଷରୁ ମାମଲାକୁ ଆଇନଜୀବୀ ଅଜିତ କୁମାର ବାରିକ ପରିଚାଳନା କରୁଥିଲେ।

# ଖଣିଜ ସମ୍ପଦର ସୁରକ୍ଷା ପାଇଁ ଏକଜୁଟ ହୁଅ


ଖବରଦାତା ସମ୍ମିଳନୀରେ ଲୋକ ଅଧିକାର ଯାତ୍ରାର ପ୍ରତିନିଧିବୃନ୍ଦ।

ବରଗଡ଼,୭।୩(ପ୍ରେମାନନ୍ଦ ଖମାରୀ)

ଜଳ, ଜଙ୍ଗଲ, ଜମି ତଥା ଓଡ଼ିଶାର ପ୍ରାକୃତିକ ସମ୍ପଦ ସୁରକ୍ଷା ପାଇଁ ଗ୍ରୀନ ନୋବେଲ ପୁରସ୍କାରପ୍ରାପ୍ତ ବିଶିଷ୍ଟ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାଙ୍କ ନେତୃତ୍ୱରେ ଜନ ଆନ୍ଦୋଳନକାରୀଙ୍କ ରାଷ୍ଟ୍ରୀୟ ସମନ୍ୱୟ ତରଫରୁ ଏକ ରାଜ୍ୟସ୍ତରୀୟ ଲୋକ ଅଧିକାର ଯାତ୍ରା ମଙ୍ଗଳବାର ବରଗଡ଼ ଜିଲାକୁ ପହଞ୍ଚିଥିଲା। ଏହି ଯାତ୍ରା ଫେବୃଆରୀ ୨୫ ତାରିଖ ଛତିଆଠାରୁ ବାହାରି ମାର୍ଚ୍ଚ ୨୩ ଶହୀଦ ଭଗତ ସିଂଙ୍କ ବଳିଦାନ ଦିବସରେ କଟକଠାରେ ସମାପନ ହେବ। ଏହି ଉଦ୍ଦେଶ୍ୟରେ ମଙ୍ଗଳବାର ବରଗଡ଼ ସମତା ଭବନ ବରଗଡ଼ଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଖବରଦାତା ସମ୍ମିଳନୀରେ ସାମନ୍ତରା କହିଥିଲେ, ବିଗତ ସରକାର ଦ୍ରୁତ ଶିଳ୍ପାୟନ ନାମରେ ଓଡ଼ିଶାର ପ୍ରାକୃତିକ ସମ୍ପଦ ଦେଶୀ ବିଦେଶୀ କମ୍ପାନୀମାନଙ୍କୁ ଟେକି ଦେଉଥିଲା। ବର୍ତ୍ତମାନର ସରକାର ବିକଶିତ ଓଡ଼ିଶା ଲକ୍ଷ୍ୟ ନେଇ ଓଡ଼ିଶାର ସମସ୍ତ ଖଣିଜ ସମ୍ପଦକୁ ଆଦାନୀ ଏବଂ ଅମ୍ବାନୀକୁ ଟେକି ଦେଉଛନ୍ତି, ଯାହାର ପରିଣାମ ସ୍ୱରୂପ ଆଗାମୀ କିଛି ବର୍ଷ ପରେ ଓଡ଼ିଶା ଶୁଷ୍କ ହୋଇଯିବ। ନଦୀ, ନାଳ ଶୁଖିଯିବ। ଯାହା ଚାଷବାସ ଉପରେ ପ୍ରଭାବ ପଡ଼ିବ। ଏଥିପାଇଁ ଓଡ଼ିଶାର ଚାଷୀ ଆଦିବାସୀ, ଦଳିତ, ଖଟିଖିଆ ସମସ୍ତଙ୍କୁ ଏକଜୁଟ ହୋଇ ଲଢ଼େଇ କରିବାକୁ ହେବ ବୋଲି ସାମନ୍ତରା କହିଥିଲେ। ଓଡ଼ିଶାର ବର୍ତ୍ତମାନ ଜୀବନ ଜୀବିକା ପାଇଁ ଚାଲିଥିବା ସମସ୍ତ ଆନ୍ଦୋଳନକୁ ଏକଜୁଟ କରି ଆସନ୍ତା ମାର୍ଚ୍ଚ ୨୯ତାରିଖ ଶହୀଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସରେ ଭୁବନେଶ୍ୱରରେ ଏକ ବିଶାଳ ସମାବେଶ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଯାତ୍ରାରେ ଗ୍ରୀନ ନୋବେଲ ବିଜେତା ତଥା ପରିବେଶବିତ ପ୍ରଫୁଲ୍ଲ ସାମନ୍ତରା, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଂଯୋଜକ ତଥା ଲୋକ ଅଧିକାର ଯାତ୍ରାର ସଂଯୋଜକ ଡାକ୍ତର ବିଶ୍ୱବିତ୍, ପଶ୍ଚିମ ଓଡ଼ିଶା କୃଷକ ସମନ୍ୱୟ ସମିତିର ଆବାହକ ଲିଙ୍ଗରାଜ, ଆମ୍ ଆଦ୍‌ମୀ ପାର୍ଟିର ରାଜ୍ୟ ସାଧାରଣ ସମ୍ପାଦକ କଲ୍ୟାଣ ଆନନ୍ଦ, ନିୟମଗିରି ଆନ୍ଦୋଳନର ନେତା ଲିଙ୍ଗରାଜ ଆଜାଦ, ଜନଆନ୍ଦୋଳନକାରୀଙ୍କ ଯୁବନେତା ଲକ୍ଷ୍ମଣ ନାୟକ ପ୍ରମୁଖ ସାମିଲ ହୋଇଛନ୍ତି।

## ନୃସିଂହନାଥ ମନ୍ଦିରର ଅଫିସିଆଲ ୱେବ୍‌ସାଇଟ ଉନ୍ମୋଚିତ

ପାଇକମାଲ,୭।୩(ବଡ଼ ଶତପଥୀ)

ବରଗଡ ଜିଲାର ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିର ସମଗ୍ର ଭାରତ ବର୍ଷରେ ଏକ ବିରଳ ଓ ପ୍ରସିଦ୍ଧ ତୀର୍ଥକ୍ଷେତ୍ର । ପ୍ରତିଦିନ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ଏହି ପବିତ୍ର ପର୍ଯ୍ୟଟନ ସ୍ଥଳୀର ବିବରଣୀ ପୃଥିବୀ ସାରା ଲୋକେ ଜାଣିବା ଆବଶ୍ୟକ ବୋଲି ମଙ୍ଗଳବାର ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ଶ୍ରୀ ନୃସିଂହନାଥ ମନ୍ଦିରର ଅଫିସିଆଲ ୱେବ ସାଇଟ ଉନ୍ମୋଚନ ଅବସରରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି। ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବରଗଡର ଏମ୍‌ପି ତଥା ମନ୍ଦିରର ପୂର୍ବତନ ଟ୍ରଷ୍ଟ ବୋର୍ଡ ଅଧ୍ୟକ୍ଷ ପ୍ରଦୀପ ପୁରୋହିତ ଯୋଗଦାନ କରି ଏହି ୱେବ ସାଇଟର ଶୁଭ ଉନ୍ମୋଚନ କରିଥିଲେ। www.nrusinghanath-temple.in ୱେବ ସାଇଟ ମାଧ୍ୟମରେ ମନ୍ଦିରର ସମସ୍ତ ବିବରଣୀ ଉପଲବ୍ଧ ହୋଇଛି ବୋଲି ସୂଚନା ଦିଆଯାଇଥିଲା। ସମ୍ମାନିତ ଅତିଥି ପିଡବ୍ଲୁଡିର ଇଞ୍ଜିନିୟର ଅରୁଣ କୁମାର ପାଣ୍ଡେ ଓ ପଦ୍ମପୁର ଉପଖଣ୍ଡ ସାମ୍ବାଦିକ ସଂଘର ସଭାପତି ବଡ ଶତପଥୀ ତୀର୍ଥକ୍ଷେତ୍ରର ବିକାଶ ପାଇଁ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ତଥା ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ଓ ଜଣାଶୁଣା ଫିଲ୍ମ ନିର୍ଦ୍ଦେଶକ ଲିଟୁ ମହାନ୍ତି ଯୋଗଦାନ କରି ଏହି ପୀଠର ତଥ୍ୟ ଓ ସଂରକ୍ଷଣ ପାଇଁ ଆଗକୁ ଆହୁରି ଉଦ୍ୟମ କରିବା ଆବଶ୍ୟକ ରହିଛି ବୋଲି କହିଥିଲେ। ୱେବ ସାଇଟର ନିର୍ମାତା ଶଶିକାନ୍ତ ସାହୁଙ୍କୁ ଉପଢ଼ୌକନ ଦେଇ ମୁଖ୍ୟ ଅତିଥି ସମ୍ମାନିତ କରିଥିଲେ।

# ଅଞ୍ଚଳ ମହାବିଦ୍ୟାଳୟରେ ବାର୍ଷିକୋତ୍ସବ

**ଇଂଲିଶ୍ ସାହିତ୍ୟର ବିଭିନ୍ନ କାଳଜୟୀ ସ୍ରଷ୍ଟାଙ୍କ ଉପରେ ଆଲୋଚନା**

ପଦ୍ମପୁର,୭।୩(ପ୍ରଦୀପ୍ତ ଦାଶ)

ଅଞ୍ଚଳ ମହାବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ସ୍ନାତକୋତ୍ତର ଇଂଲିଶ୍ ବିଭାଗର ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ୨ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ସାହିତ୍ୟ ପଠନର ଆବଶ୍ୟକତା ଓ ଛାତ୍ରୀଛାତ୍ରଙ୍କ ବୌଦ୍ଧିକ ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ଶ୍ରୀକାନ୍ତ କୁମାର ସାହୁ ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କରିଥିଲେ। ମୁଖ୍ୟବକ୍ତା ଭାବେ ଇଂଲିଶ୍ ବିଭାଗର ପ୍ରାକ୍ତନ ପ୍ରଫେସର କାଳିଦାସ ମିଶ୍ର ଯୋଗଦେଇ ପାଠକୀୟ ରୁଚି ଓ ପୁସ୍ତକ ଅଧ୍ୟୟନର ଶୈଳୀ ସମ୍ପର୍କରେ ବୁଝାଇ ଅଷ୍ଟାଦଶ ଶତାବ୍ଦୀର ବିଶିଷ୍ଟ ଲେଖକ ପୋପ, ଡ. ଜନ୍‌ସନ୍‌ଙ୍କଠାରୁ ଆରମ୍ଭ କରି କବି ଜନ କିଟ୍ସଙ୍କ ପର୍ଯ୍ୟନ୍ତ ବିଭିନ୍ନ କାଳଜୟୀ ସ୍ରଷ୍ଟାଙ୍କ ବିଷୟରେ ଆଲୋଚନା କରିଥିଲେ। ବିଶେଷକରି ଏଲିଅଟ୍ ଓ ୱାର୍ଡ୍ସୱର୍ଥଙ୍କ ମଧ୍ୟରେ ତୁଳନାତ୍ମକ ବିଶ୍ଳେଷଣ କରି ୱାର୍ଡ୍ସୱର୍ଥଙ୍କ ସରଳ ଓ ସାଧାରଣ ମଣିଷର ଭାଷାକୁ ପ୍ରଶଂସା କରିଥିଲେ। ମୁଖ୍ୟ ଅତିଥି ଭାବେ ଇଂଲିଶ୍ ସାହିତ୍ୟର ବିଶିଷ୍ଟ ଭାଷାତାତ୍ତ୍ୱିକ ପ୍ରଫେସର କୁଞ୍ଜବନ ପଟେଲ ଯୋଗଦେଇ ବିଭିନ୍ନ ଭାଷାର ଧ୍ୱନିତତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିବା ବେଳେ ସମ୍ମାନିତ ଅତିଥି ତଥା ଅଧ୍ୟାପିକା ଅଲ୍ପନା ରାୟ ଚୌଧୁରୀ 'କୃଷ୍ଣକାୟ ନାରୀବାଦ' ଉପରେ ଏକ ଚମତ୍କାର ଭିତ୍ତିପ୍ରବନ୍ଧ ଉପସ୍ଥାପନ କରିଥିଲେ। ଅଧ୍ୟାପକ ଡ. ପ୍ରଦୀପ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟାପକ ତୋଷାବନ୍ତ ବାରିକଙ୍କ ସହଯୋଗରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଶେଷ ସାହିତ୍ୟିକ କୃତି ପାଇଁ ଯୁକ୍ତ ୨ ବିଭାଗରୁ ସାଙ୍କେତିକା ପାଣିଗ୍ରାହୀ ଓ ଯୁକ୍ତ ୩ ବିଭାଗରୁ ଆଦିତ୍ୟ ବନ୍‌ଛୋରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ଶ୍ରୁତି, ଅନିତା, ପ୍ରତିମା, କିରଣ୍ମୟୀ, ଝିଲି, ଆର୍ଯ୍ୟନ୍, ଚିନ୍ମୟ, ଅବିନାଶ ଓ ରିତେଶଙ୍କ ମିଳିତ ସହଯୋଗରେ ସମସ୍ତ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ପରିଶେଷରେ ଅଧ୍ୟାପକ ସମୀର ନାଗ ଧନ୍ୟବାଦ ଅର୍ପଣ କରିଥିଲେ।



ମଞ୍ଚରେ ସମ୍ବର୍ଦ୍ଧିତ ଅତିଥି।

# ଶିକ୍ଷା, ସ୍ୱାସ୍ଥ୍ୟସେବାରେ ସମର୍ପିତ ସନ୍ତୋଷିନୀ

**ଅନ୍ତର୍ଜାତୀୟ ମହିଳା ଦିବସ**


ସନ୍ତୋଷିନୀ କର୍ଣ୍ଣ


ନର୍ସିଂ କଲେଜରେ ଉଲ୍ଲସିତ ଛାତ୍ରୀମାନେ ଖୁସି ମନାଉଛନ୍ତି।

ଅତାବିରା, ୭।୩(ଯୁଧିଷ୍ଠିର ମହାପାତ୍ର)

ସମ୍ପ୍ରତି ସମଗ୍ର ବିଶ୍ୱରେ ମାର୍ଚ୍ଚ ୮ ତାରିଖକୁ ମହିଳା ଦିବସ ବା ନାରୀ ସଶକ୍ତୀକରଣ ଦିବସ ରୂପେ ପାଳନ କରାଯାଉଛି। ନାରୀ ସଶକ୍ତୀକରଣର ଅର୍ଥ ହେଉଛି ନାରୀ ପ୍ରତିଭାର ଉପଯୋଗ କରି ସାମାଜିକ ପ୍ରଗତିକୁ ତ୍ୱରାନ୍ୱିତ କରାଇବା। ଏସବୁକୁ ଦୃଷ୍ଟିରେ ରଖି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛନ୍ତି; ଯଦ୍ୱାରା ନାରୀ ନିଜେ ଶିକ୍ଷା ସଚେତନତା ମାଧ୍ୟମରେ ସ୍ୱାବଲମ୍ବୀ ହୋଇପାରିବ ଓ ରାଷ୍ଟ୍ର ଗଠନର ଅନୁଭୂମିକା ଗ୍ରହଣ କରିଥିବା ନାରୀ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବ।

କୁହାଯାଏ ଝିଅ ହେଲେ ପାଠୋଇ, ଦେଶ ଯିବ ଆଗେଇ । ଏହାକୁ ମୂଳମନ୍ତ୍ର ଭାବେ ଗ୍ରହଣ କରି ବରଗଡ଼ ଜିଲା ଅତାବିରା ବ୍ଲକ ବୁଗବୁଗା ଗ୍ରାମର ମୂଳ ବାସିନ୍ଦା, ସାମାଜିକ କର୍ମୀ ସନ୍ତୋଷିନୀ କର୍ଣ୍ଣ ଖୋଲିଛନ୍ତି ଶିକ୍ଷାନୁଷ୍ଠାନ। ଯେମିତି ଗରିବ ପିଲା ଶିକ୍ଷାରୁ ବଞ୍ଚିତ ନ ହୋଇ ପାଠ ପଢ଼ିପାରିବେ। ସେ ଦିଗରେ ଦୀର୍ଘ ୩୪ ବର୍ଷ ହେଲା ତାଙ୍କ ଅନୁଷ୍ଠାନ କାର୍ଯ୍ୟ କରୁଛି। ଖାଲି ଶିକ୍ଷା ନୁହେଁ, ସମାଜରେ ସ୍ୱାସ୍ଥ୍ୟସେବାର ଗୁରୁତ୍ୱ ବୁଝି ୧୯୯୨ରୁ ନର୍ସିଂ ବିଦ୍ୟାଳୟ ଚଳାଉଛନ୍ତି। ପ୍ରଥମେ ଔଷଧୀୟ ବୃକ୍ଷଲତା ରୋପଣ କରି ତାଙ୍କ ସଂଘର୍ଷମୟ ଜୀବନ ଆରମ୍ଭ କରିଥିଲେ। ସ୍ୱାମୀ ଫକୀର କର୍ଣ୍ଣ କୃଷି ଅଧିକାରୀ ଭାବେ କାର୍ଯ୍ୟ କରୁଥିବାରୁ ଏହି ସମୟରେ ସେ ଔଷଧୀୟ ବୃକ୍ଷଲତା ରୋପଣର ପ୍ରେରଣା ପାଇଥିଲେ। ପରେ ୧୯୯୨ରେ ସୁନ୍ଦରଗଡ଼ଠାରେ ୧୮ ଜଣ ଛାତ୍ରୀଛାତ୍ରଙ୍କୁ ନେଇ ଜିଏନ୍‌ଏମ୍ ନର୍ସିଂ ପାଠ୍ୟକ୍ରମ ଆରମ୍ଭ କରିଥିଲେ। ୨୦୧୨ରେ ଏଏନ୍‌ଏମ୍, ୨୦୧୩ରେ ବି.ଏସ୍‌ସି ନର୍ସିଂ, ୨୦୧୪ରେ ପିବି ବି.ଏସ୍‌ସି, ଏମ୍.ଏସ୍‌ସି ନର୍ସିଂ ଏବଂ ୨୦୨୦ରେ ବରଗଡ଼ରେ ସମସ୍ତ ନର୍ସିଂ ପାଠ୍ୟକ୍ରମ ଆରମ୍ଭ କରି ନିଜ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିଛନ୍ତି ସନ୍ତୋଷିନୀ କର୍ଣ୍ଣ। ମାହେଶ୍ୱରୀ ନର୍ସିଂ କଲେଜ ତଥା ମାହେଶ୍ୱରୀ ଗ୍ରୁପ ଅଫ ଇନ୍‌ଷ୍ଟିଚ୍ୟୁଶନ ବରଗଡ଼ ଓ ସୁନ୍ଦରଗଡ଼ରେ ତାଙ୍କ ଶିକ୍ଷାନୁଷ୍ଠାନ ଚାଲିଛି । ଏହିପରି ଭାବେ ସେ ସୁନ୍ଦରଗଡ଼ରେ ୧୮ ଜଣ ଛାତ୍ରୀଛାତ୍ରଙ୍କ ପାଠପଢାରୁ ଆରମ୍ଭ କରି ଏବେ ୧୬୦୦ ପିଲା ଅଧ୍ୟୟନ କରୁଛନ୍ତି। ବରଗଡ଼ରେ ବି ୬୦୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି; ଯେଉଁଥିପାଇଁ ଅନେକ ସ୍ଥାନରେ ସେ ସମ୍ମାନିତ ମଧ୍ୟ ହୋଇଛନ୍ତି । ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ କର୍ମନିଯୁକ୍ତି ଦେଇଛନ୍ତି । ଏପରି କି ସେହି ଶିକ୍ଷାନୁଷ୍ଠାନ ଓ ନର୍ସିଂ କଲେଜରେ ପାଠ ପଢି ଛାତ୍ରୀଛାତ୍ର ପରବର୍ତ୍ତୀ ମୁହୂର୍ତ୍ତରେ ଚାକିରି ମଧ୍ୟ କରିପାରିଛନ୍ତି। ୨୦୨୦ ଏପ୍ରିଲ ସ୍ୱାମୀ ଫକୀର କର୍ଣ୍ଣ ସରକାରୀ କୃଷି କର୍ମଚାରୀ ଜୀବନ ଅବସର ପରେ ପୂର୍ଣ୍ଣମାତ୍ରାରେ ସନ୍ତୋଷିନୀଙ୍କୁ ସହଯୋଗ କରୁଛନ୍ତି। ଫଳରେ ସନ୍ତୋଷିନୀଙ୍କ ଆଗକୁ ରଖିଥିବା ଲକ୍ଷ୍ୟ ଦ୍ୱିଗୁଣିତ ହୋଇଛି। ସନ୍ତୋଷିନୀଙ୍କ ସାଂସାରିକ ଜୀବନରେ ଦୁଇ ଝିଅ ଗୋଟିଏ ପୁଅଙ୍କ ସହ ସ୍ୱାମୀଙ୍କ ସମର୍ଥନ ରହି ଆସିଛି, ଯାହା କି ତାଙ୍କୁ ସ୍ୱାବଲମ୍ବୀ କରି ସମ୍ମାନ ସହ କାର୍ଯ୍ୟଧାରା ଆଗକୁ ଜାରି ରଖିଛନ୍ତି। ତାଙ୍କ କାର୍ଯ୍ୟଧାରା ଆଗାମୀ ପିଢ଼ି ମହିଳାଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇଛି।

# ଗଣମାଧ୍ୟମ ବିନା ଗଣତନ୍ତ୍ର ସମ୍ଭବ ନୁହେଁ

## ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର



ଅତିଥିମାନଙ୍କ ଗହଣରେ ଉପସ୍ଥିତ ଛାତ୍ରୀଗଣ।

**ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୨ସ୍ଥିତ ସୁଶୀଳାବତୀ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ 'ଗଣତନ୍ତ୍ରରେ ଚତୁର୍ଥ ସ୍ତମ୍ଭର ଭୂମିକା' ଶୀର୍ଷକ ଏକ ଜାତୀୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ରମାଦେବୀ ବିଶ୍ୱବିଦ୍ୟାଳୟର ଡ. ମାନସ କୁମାର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ, ସମଗ୍ର ବିଶ୍ୱରେ ଗଣମାଧ୍ୟମର ଚରିତ୍ର ଓ ଚେହେରା ଇତିମଧ୍ୟରେ ବଦଳି ଯାଇଛି। ରାଜନୀତି ଓ ଗଣତନ୍ତ୍ରରେ ନୂତନ ଗଣମାଧ୍ୟମ ବର୍ତ୍ତମାନ ପ୍ରମୁଖ ଭୂମିକା ଗ୍ରହଣ କରିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ପ୍ରଭାବିତ କରୁଛି। ଏକଚାଟିଆ ପୁଞ୍ଜି ଭାବେ ଗଣମାଧ୍ୟମ ନିୟନ୍ତ୍ରିତ ହେବା ଗଣତନ୍ତ୍ର ପାଇଁ ଶୁଭଙ୍କର ନୁହେଁ। ସାମାଜିକ ଗଣମାଧ୍ୟମର ପରିସର ଗଣତାନ୍ତ୍ରିକ ଲଢେଇରେ ଏକ କ୍ଷେତ୍ର ଭାବେ ଉନ୍ମୋଚିତ ହୋଇଛି। ଯୁବବର୍ଗ ବର୍ତ୍ତମାନ ସମୟରେ ଗଣତନ୍ତ୍ର ପଦ୍ଧତି ଓ ଏହାର ସୁରକ୍ଷା ବିଷୟରେ ସଚେତନ ହେବା ଆବଶ୍ୟକ ବୋଲି ବେହେରା କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷା ଇପ୍‌ସିବା ଏକ୍କା, ପ୍ରଶାସନିକ ମୁଖ୍ୟ ଡ. ସଞ୍ଜୟ ହାତୀ ପ୍ରମୁଖ ମଞ୍ଚାସିନ ଅତିଥି ଭାବେ ଉପସ୍ଥିତ ଥିଲେ। ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ନିମନ୍ତେ ସାଧାରଣ ଜନତାଙ୍କ ସମାଲୋଚନାକୁ ମଧ୍ୟ ଉଦାରତାର ସହ ଗ୍ରହଣ କରିବାର ମାନସିକତା ଗଣତନ୍ତ୍ର ପାଇଁ ଜରୁରୀ ବୋଲି ଡ. ହାତୀ କହିଥିଲେ। ଡ. ବେହେରା ଗଣତାନ୍ତ୍ରିକ ରାଷ୍ଟ୍ରରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ କହିଥିଲେ। ଗଣମାଧ୍ୟମ ବିନା ଗଣତାନ୍ତ୍ରିକ ରାଷ୍ଟ୍ର କଦାଚିତ ସମ୍ଭବ ନୁହେଁ ବୋଲି ଶେଷରେ କର୍ମଶାଳାର ସାରାଂଶରେ ସମସ୍ତ ଅତିଥି ମତପ୍ରକାଶ କରିଥିଲେ। ପରେ କଲେଜର ଛାତ୍ରୀମାନଙ୍କ ମଧ୍ୟରେ କର୍ମଶାଳା ଶୀର୍ଷକ ଉପରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ କ୍ରିତି ପ୍ରସାଦ ସହଯୋଗ କରିଥିବା ବେଳେ ଅଧ୍ୟାପିକା ଦୀପିକା ମାଝୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ସୁମନ ମେହେର ସ୍ୱାଗତ ଭାଷଣ ଏବଂ ରିନୁ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ କୁଳଦୀପ ପାନ୍ନା ସହଯୋଗ କରିଥିଲେ।

# ୧୩ ବୋମା ଓ ବାରୁଦ ଜବତ, ଜଣେ ଗିରଫ


ଜବତ ବୋମା, ସୂତୁଲି ବମ୍, ଜିଆଇ ତାର।

**ବଡ଼ଗାଁ,୭।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ଧୁମାଗଡା ଗ୍ରାମରୁ ଶନିବାର ପୋଲିସ ୧୩ଟି ଜୀବନ୍ତ ବୋମା ସହିତ ବୋମା ତିଆରିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀ ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଖଡୁ ଖୁଲେଇ(୬୫)ଙ୍କୁ ପୋଲସ ଗିରଫ କରିଛି। ଏନେଇ ଥାନାରେ କେସ୍ ନମ୍ବର ୮୬, ୟୁ/ଏସ ୩(ଏ ) ୪(ଏ ) ୪(ଏ) ୫ ଏକ୍ସପ୍ଲୋସିଭ ସବଷ୍ଟାନସେସ୍ ଆକ୍ଟରେ ମାମଲା ରୁଜୁ ହୋଇଛି। ଖଡୁ ଜଙ୍ଗଲରେ ବାର୍‌ହା ଶିକାର ପାଇଁ ବୋମା ତିଆରି କରୁଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର କୁମାର ସାହୁ କୌଣସି ସୂତ୍ରରୁ ଗାଁର ଜଣେ ବ୍ୟକ୍ତି ବୋମା ରଖିଥିବା ସୂଚନା ପାଇଥିଲେ। ସୂଚନା ଆଧାରରେ ଆଇଆଇସି ସାହୁଙ୍କ ସହିତ ଏଏସଆଇ ବିଜୟ କୁମାର କର, ଏଏସଆଇ ଟି.କେ. ବେହେରା ଶନିବାର ୧୧ଟା ସମୟରେ ଧୁମାଗଡା ଗ୍ରାମର ଖୁଲେଇ ଜଙ୍ଗଲ ପଟକୁ ବୋମା ନେଇ ଯାଉଥିଲାବେଳେ ତାଙ୍କ ଠାରୁ ବୋମା ଜବତ କରିଥିଲେ। ତଦନ୍ତ ବେଳେ ତାଙ୍କଠାରୁ ୧୩ଟି ଜୀବନ୍ତ ବୋମା, ୨୦୦ ଗ୍ରାମ୍ ବାରୁଦ, ୧୨ଟି ସୁତୁଲି ବମ୍ ଓ ୧୪ ବଣ୍ଡଲ ଜିଆଇ ତାର ଜବତ ହୋଇଛି।

# ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହିତ ବିଦାୟୀ ପ୍ରଧାନଶିକ୍ଷୟିତ୍ରୀ ମମତା କର।

**ସୁନ୍ଦରଗଡ଼, ୭।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସଦର ବ୍ଲକ ସମିନା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ମମତା କରଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ ଦିଆଯାଇଛି। ସେ ଫେବୃଆରୀ ୨୮ରେ ଚାକିରିରୁ ଅବସର ଗ୍ରହଣ କରିଛନ୍ତି। ଶନିବାର ବିଦ୍ୟାଳୟ ପରିସରରେ ଆୟୋଜିତ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶା ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସୁନ୍ଦରଗଡ଼ ପୌରାଧ୍ୟକ୍ଷା ତନୟା ମିଶ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ କରଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦେଇ ତାଙ୍କର ସୁଖମୟ ଅବସର ଜୀବନ କାମନା କରିଥିଲେ। ସଦର ବ୍ଲକ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ନେହେରୁଲାଲ ପଟେଲ ଓ ଅବସରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜେନାମଣି ନାଏକ ଉପସ୍ଥିତ ଥିଲେ। ଏହି ସଭାରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ନିର୍ମଳ କୁମ୍ଭାର, ସମିତି ସଭ୍ୟ ରାଣାପ୍ରତାପ ସିଂ, ଲଙ୍କହୁଡା ସରପଞ୍ଚ ସୁଜାତା ନାଏକ, ସିଆରସିସି ମଞ୍ଜୁ କୁମ୍ଭାର, ବଡବାହାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଲିଲିମା ପଟେଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଲତିକା ନାଏକ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ କରଙ୍କ ବହୁମୁଖୀ ପ୍ରତିଭାର ଅବତାରଣ କରିଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ପଟେଲ ସଭାରେ ସଭାପତିତ୍ୱ କରିଥିଲେ। ଶିକ୍ଷୟିତ୍ରୀ ରାଜଶ୍ରୀ ପଟେଲ ଓ ପ୍ରଣୀତା ପଟେଲ ମଞ୍ଚ ପରିଚାଳନା କରିଥିଲେ। ବାରଗାଡ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦିଲୀପ ପଟେଲ ଧନ୍ୟବାଦ ପ୍ରଦାନ କରିଥିଲେ। ବିଦାୟୀ ପ୍ରଧାନ ଶିକ୍ଷୟିତ୍ରୀ କର ଦୀର୍ଘ ବର୍ଷ ଧରି ନିଖିଳ ଓଡିଶା ପ୍ରାଥମିକ ଶିକ୍ଷକ ସଂଘ ସୁନ୍ଦରଗଡ ଜିଲା ସଭାପତିଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ।

# ମହିଳା ସଶକ୍ତୀକରଣର ପ୍ରତିଧ୍ୱନି ନିର୍ମାଲ୍ୟ ଏସ୍‌ଏଚ୍‌ଜି

**ସୁନ୍ଦରଗଡ,୭।୩ (ଜୟ ନାରାୟଣ ମେଣ୍ଡୁଲି)**


ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଛତୁଚାଷ ଓ ଜିଆଖତ ପ୍ରସ୍ତୁତି କରୁଛନ୍ତି।

ସୁନ୍ଦରଗଡ଼ ଜିଲା ଟାଙ୍ଗରପାଲି ବ୍ଲକ ଫୁଲଧୂଡି ଗ୍ରାମର ମହିଳାମାନେ ସ୍ୱାବଲମ୍ବୀ ହୋଇ ସମାଜରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ସୁନ୍ଦରଗଡ଼ କିରେଇସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ପୋଷ୍ୟଗ୍ରାମ ଏହି ଫୁଲଧୂଡି ଗ୍ରାମର ମହିଳା ମାନେ ଛତୁଚାଷ, ଜିଆଖତ ଚାଷକୁ ଜୀବିକା ଉପାର୍ଜନର ମୁଖ୍ୟପନ୍ଥା ଭାବେ ଗ୍ରହଣ କରିଛନ୍ତି । ଏହି କ୍ଷେତ୍ରରେ ବିଶେଷ ଭାବରେ ସେହି ଗ୍ରାମର ନିର୍ମାଲ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ର ୧୦ଜଣ ସଦସ୍ୟାଙ୍କ ମିଳିତ ଉଦ୍ୟମରେ ଆର୍ଥିକ, ସାମାଜିକ, ବୈଷୟିକ କ୍ଷେତ୍ରରେ ସଶକ୍ତିକରଣର ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି। ଏସ୍‌ଏଚ୍‌ଜିର ସଭାପତି ସୁଷମା ନାଏକ, ସମ୍ପାଦିକା ସଂଯୁକ୍ତା ପ୍ରଧାନଙ୍କ କହିବା ଅନୁସାରେ ସେମାନେ ୨୦୧୭ ମସିହା ପୂର୍ବରୁ କେବଳ ଧାନଚାଷ କରୁଥିଲେ। ବର୍ଷର ବାକି ସମୟ କେବଳ ଗୃହ କାର୍ଯ୍ୟରେ ନିୟୋଜିତ ହେଉଥିଲେ । ଫଳରେ ସେମାନେ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହୋଇପାରୁ ନ ଥିଲେ। ଏହାପରେ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୧ର ତାଲିମ ଓ ବୈଷୟୀକ ଜ୍ଞାନ କୌଶଳ ଦ୍ୱାରା ଛତୁଚାଷ, ଜିଆଖତ, ପନିପରିବା ଚାରା ଉତ୍ପାଦନ, ମହୁଲ ଏବଂ ଛତୁର ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି, ମହୁଚାଷ ଆଦି ଉପରେ ପାରଦର୍ଶିତା ଲାଭ କରିଥିଲେ। ବର୍ତ୍ତମାନ ଏହି ଗୋଷ୍ଠୀର ସଦସ୍ୟମାନେ ମାର୍ଚ୍ଚରୁ ନଭେମ୍ବର ପର୍ଯ୍ୟନ୍ତ ପ୍ରାୟ ୨୨୫୦୦ଟି ପାଳଛତୁ ବେଡ୍ (ଶଯ୍ୟା), ଡିସେମ୍ବରରୁ ଫେବୃୟାରୀ ପର୍ଯ୍ୟନ୍ତ ୮୦୦ଟି ଧିଙ୍ଗିରୀ ଛତୁ ବ୍ୟାଗ, ଜିଆଖତ ୨୦ଟି ଟାଙ୍କି, ୨୦ ଟି ମହୁମାଛି ବାକ୍ସ, ଛତୁ ଓ ମହୁଲରୁ ବିଭିନ୍ନ ମୂଲ୍ୟଯୁକ୍ତ ଉତ୍ପାଦ, ବଡ଼ି ଓ ଅନ୍ୟାନ୍ୟ ଆଚାର ପ୍ରସ୍ତୁତ କରି ଆୟବୃଦ୍ଧି କରିପାରିଛନ୍ତି। ଏହିସବୁଥିରୁ ସେମାନେ ବାର୍ଷିକ ହାରାହାରି ୫୦ ଲକ୍ଷ ପର୍ଯ୍ୟନ୍ତ ଆୟ କରି ନିଜର ଆର୍ଥିକ ସ୍ଥିତିକୁ ସୁଦୃଢ କରିପାରିଛନ୍ତି । ଏହି ନିର୍ମାଲ୍ୟ ସ୍ୱୟଂ ସହାୟକ ଗୋଷ୍ଠୀ ଜିଲାରେ ମହିଳା ସଶକ୍ତୀକରଣର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛନ୍ତି। ଫଳରେ, ଜିଲା ତଥା ଜିଲା ବାହାରୁ ବହୁତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଓ ଚାଷୀମାନେ ପରିଭ୍ରମଣରେ ଆସି ଅନୁପ୍ରାଣିତ ହେଉଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଏବଂ ଆନ୍ତର୍ଜାତୀୟ ମହିଳା କୃଷକ ବର୍ଷ ପାଳନ ଅବସରରେ ଏହି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କର କାର୍ଯ୍ୟ ନିଶ୍ଚିତ ଭାବରେ ପ୍ରଶଂସନୀୟ।

# ଦକ୍ଷତାକୁ ଧ୍ୟାନରେ ରଖି କ୍ୟାରିୟର ଚୟନ କର

## କ୍ୟାରିୟର ମାର୍ଗଦର୍ଶନ, ପରାମର୍ଶ କାର୍ଯ୍ୟକ୍ରମ

**କୁତ୍ରା,୭।୩(ଦେବାଶିଷ ସାହୁ)**

ପ୍ରଧାନମନ୍ତ୍ରୀ ରାଇଜିଙ୍ଗ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ପିଏମ୍‌ଶ୍ରୀ ସରକାରୀ ଉତ୍କୃଷ୍ଟ ଉଚ୍ଚ ବିଦ୍ୟାଳୟରେ କ୍ୟାରିୟର ମାର୍ଗଦର୍ଶନ ଓ ପରାମର୍ଶ କାର୍ଯ୍ୟକ୍ରମ ଶନିବାର ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଭାଗ ନେଇ ନିଜ ଭବିଷ୍ୟତ କ୍ୟାରିଅର ସମ୍ପର୍କରେ ମୂଲ୍ୟବାନ ପରାମର୍ଶ ପାଇଥିଲେ। କାର୍ଯ୍ୟକ୍ରମରେ ତାଲିମ ପ୍ରାପ୍ତ କ୍ୟାରିୟର କାଉନ୍‌ସିଲର ଅବିନାଶ କର, ସ୍ମୃତିସ୍ୱରୂପ ଦାସ ଓ ସୁନୀଲ ସେଠୀ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଶିକ୍ଷା ପରବର୍ତ୍ତୀ ବିଭିନ୍ନ କ୍ୟାରିୟର ସୁଯୋଗ ସମ୍ପର୍କରେ ଅବଗତ କରାଇଥିଲେ। ସେମାନେ ଛାତ୍ରୀଛାତ୍ରଙ୍କୁ ନିଜର ଆଗ୍ରହ, ଦକ୍ଷତା ଓ ଲକ୍ଷ୍ୟକୁ ଧ୍ୟାନରେ ରଖି ଭବିଷ୍ୟତର କ୍ୟାରିୟର ଚୟନ କରିବାକୁ ପରାମର୍ଶ ଦେଇଥିଲେ। ଏହାସହିତ ନିୟମିତ ଅଧ୍ୟୟନ, ଶିଷ୍ଟାଚାର ଓ ଆତ୍ମବିଶ୍ୱାସ ଦ୍ୱାରା ସଫଳତା ଅର୍ଜନ କରିପାରିବେ ବୋଲି ସେମାନେ ଉଲ୍ଲେଖ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନଳିନୀକାନ୍ତ ଶାସନୀ କାର୍ଯ୍ୟକ୍ରମକୁ ସ୍ୱାଗତ କରି କହିଥିଲେ ଯେ, ଏପରି ପରାମର୍ଶମୂଳକ କାର୍ଯ୍ୟକ୍ରମ ଛାତ୍ରୀଛାତ୍ରଙ୍କୁ ଭବିଷ୍ୟତ ନିର୍ଦ୍ଦେଶନାରେ ମହତ୍ତ୍ୱପୂର୍ଣ୍ଣ ମାର୍ଗଦର୍ଶନ ଦେଇଥାଏ। ବରିଷ୍ଠ ଶିକ୍ଷକ ଡ. ବିଭୀଷଣ ବାରିକ ମଧ୍ୟ ଛାତ୍ରୀଛାତ୍ରଙ୍କୁ ମନୋଯୋଗ ସହିତ ପାଠ ପଢ଼ି ନିଜ ସ୍ୱପ୍ନକୁ ସାକାର କରିବାକୁ ପ୍ରେରିତ କରିଥିଲେ। କାର୍ଯ୍ୟକ୍ରମର ଶେଷରେ ଛାତ୍ରୀଛାତ୍ରମାନେ କ୍ୟାରିୟର ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ପଚାରିଥିଲେ ଓ କାଉନସିଲରମାନେ ସେଗୁଡ଼ିକର ସ୍ପଷ୍ଟ ଉତ୍ତର ଦେଇ ସନ୍ଦେହ ଦୂର କରିଥିଲେ।

# ଆଇଟିଆଇରେ ଅଷ୍ଟପ୍ରହର ନାମଯଜ୍ଞ

**ବଡ଼ଗାଁ,୭।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ପରିସରରେ ଆୟୋଜିତ ଅଷ୍ଟ ପ୍ରହର ନାମଯଜ୍ଞ ଶନିବାର ଅପରାହ୍ନରେ ସମାପନ ହୋଇଛି। ଗୁରୁବାର ସନ୍ଧ୍ୟାରେ କଳସ ଯାତ୍ରା ସହ ଅଧିବାସ ହୋଇଥିଲା। ଅନୁଷ୍ଠାନର କର୍ମଚାରୀ ସୌରଭ ପଣ୍ଡା ସପତ୍ନୀକ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପ୍ରତିଷ୍ଠାତା ସମ୍ପାଦକ ରାମଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ କାର୍ଯ୍ୟ ପରିଚାଳିତ ହୋଇଥିଲା। ଆଇଟିଆଇର ଚେୟାରମ୍ୟାନ ଡ.ଅରୁଣ କୁମାର ନାୟକ, କୀର୍ତ୍ତନ ପରିଚାଳନା କମିଟି ସଭାପତି ଦିବ୍ୟ ଲୋଚନ ପୃଷେଟଙ୍କ ସହିତ କର୍ମଚାରୀ, ଛାତ୍ରୀଛାତ୍ରମାନେ ଶ୍ରଦ୍ଧାଳୁଙ୍କୁ ସେବା ଯୋଗାଇଥିଲେ। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ସଙ୍କୀର୍ତ୍ତନରେ ସାମିଲ ହୋଇଥିଲେ। ଆଇଟିଆଇ ପ୍ରିନ୍ସିପାଲ ସାଗରିକା ନାଏକ, ଭାଇସ ପ୍ରିନ୍ସିପାଲ ସୁଶୀଲ ନାଏକ, ଜନ ସମ୍ପର୍କ ଅଧିକାରୀ ମମତା ବଡ଼ପଣ୍ଡା, ସରିତା କମାର, ମଞ୍ଜୁଳା ରାଜ, ଅଜୟ ରାଜଙ୍କ ସହିତ ସମସ୍ତ କର୍ମଚାରୀ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଅହୋରାତ୍ର ନାମ ସଂକୀର୍ତ୍ତନ ହୋଇ ଶନିବାର ମଧ୍ୟାହ୍ନରେ ସମାପନ ସହ ନଗର କୀର୍ତ୍ତନ, ଦଧି ହାଣ୍ଡି ଭଞ୍ଜନ ହୋଇଥିଲା।

# ରାଜପଥରେ ଗୋ ଚାଲାଣ, ୭ ଗୋରୁ ଉଦ୍ଧାର

**ବଡ଼ଗାଁ,୭।୩(ଅଶୋକ ଷଡଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଦେଇ ଯାଇଥିବା ରାଜ୍ୟ ରାଜପଥରେ ରାତିରେ ଗୋ ଚାଲାଣ ହେଉଛି। ବଡ଼ଗାଁ ଥାନା ପୋଲିସ ଗୋ ଚାଲାଣ ରୋକିବା ପାଇଁ ବହୁବାର ପଦକ୍ଷେପ ନେଇ ଗୋରୁଙ୍କୁ ଉଦ୍ଧାର କରିଥିଲାବେଳେ ଗୋ ମାଂସ ମଧ୍ୟ ଜବତ କରୁଛି। ଶୁକ୍ରବାର ରାତିରେ ବଡ଼ଗାଁ ଥାନା ଆଇଆଇସି ମହେନ୍ଦ୍ର କୁମାର ସାହୁ କୌଣସି ସୂତ୍ରରୁ ରାଜପଥ ଦେଇ ଗୋ ଚାଲାଣ ଗାଡ଼ି ଯାଉଥିବା ସୂଚନା ପାଇଥିଲେ। ଆଇଆଇସିଙ୍କ ନିର୍ଦ୍ଦେଶ କ୍ରମେ ବଡ଼ଗାଁ ଥାନା ଏଏସଆଇ ବିଜୟ କୁମାର କର, ଏଏସଆଇ ଅରୂପାନନ୍ଦ ଦାସ ପୋଲିସ ବଳ ସହିତ ଗୋ ଚାଲାଣ ହେଉଥିବା ପିକ୍‌ଅପ୍‌କୁ ପିଛା କରି ଭୋର୍ ୬ଟାରେ ତୁଡାଲଗା ନିକଟ ଏକ ଢାବା ସମ୍ମୁଖରେ ସୁନ୍ଦରଗଡ଼ ପଟୁ ଖତକୁରବାହାଲ ଯାଉଥିବା ପିକ୍‌ଅପ୍‌କୁ ଅଟକାଇଥିଲେ। ପିକ୍‌ଅପ୍‌ରେ ଥିବା ୭ଟି ଗାଈକୁ ଉଦ୍ଧାର କରି ଗାଡ଼ିକୁ ଜବତ କରିଛନ୍ତି। ଘଟଣାସ୍ଥଳରୁ ଗାଡ଼ି ଚାଳକ ଦୌଡ଼ି ଫେରାର ହୋଇଯାଇଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିବା ଏଏସଆଇ କର ସୂଚନା ଦେଇଛନ୍ତି।

# କୁସୁମୁରା ଅଞ୍ଚଳରୁ ନିଖୋଜ ଯୁବତୀ ଉଦ୍ଧାର

**ବାଲିଶଙ୍କରା,୭।୩ (ହୃଦାନନ୍ଦ ବାରିକ)**

କିଞ୍ଜିରକେଲା ଥାନା ଅନ୍ତର୍ଗତ ଖରଲଛାପଲ ଅଞ୍ଚଳର ଜଣେ ଯୁବତୀ ଗତ ୪ ତାରିଖରୁ ନିଖୋଜ ଥିଲେ। ନିଖୋଜ ଯୁବତୀଙ୍କ ବାପା ଏନେଇ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇବାପରେ ପୋଲିସ ଉକ୍ତ ନିଖୋଜ ଯୁବତୀଙ୍କୁ କୁସୁମୁରା ଅଞ୍ଚଳରୁ ଉଦ୍ଧାର କରି ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି ।

# ଆର୍‌ଏସ୍‌ପିରେ ଅନ୍‌ଲାଇନ୍ ସୁରକ୍ଷା କୁଇଜ୍

**ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)**

ଆର୍‌ଏସ୍‌ପିର ସୁରକ୍ଷା ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ଗୋପବନ୍ଧୁ ଅଡିଟୋରିୟମ୍‌ରେ ଏକ ଅନ୍‌ଲାଇନ୍ ସୁରକ୍ଷା କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅଧିକାରୀଙ୍କ ସମେତ ସମୁଦାୟ ୧୮୭ ଜଣ ନିୟମିତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ଏଚ୍‌ଆର୍ ଏଲ୍ ଏଣ୍ଡ୍ ଡି ବିଭାଗର ସିଜିଏମ ପି. କେ. ସାହୁ ଏବଂ ସୁରକ୍ଷା ଓ ଅଗ୍ନିଶମ ସେବା ବିଭାଗର ସିଜିଏମ ହୀରାଲାଲ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଏକ କ୍ୟୁଆର୍-ଭିତ୍ତିକ ଅନ୍‌ଲାଇନ୍ କୁଇଜ୍ ଥିଲା, ଯେଉଁଥିରେ ଅଂଶଗ୍ରହଣକାରୀମାନଙ୍କୁ ଏକ ଗୁଗୁଲ ଫର୍ମ ମାଧ୍ୟମରେ ୩୦ ମିନିଟ୍ ମଧ୍ୟରେ ୪୦ ଟି ପ୍ରଶ୍ନର ଉତ୍ତର ଦେବାକୁ ପଡ଼ିଥିଲା। କୁଇଜ୍ ଚିନ୍ତାଶୀଳ ଭାବେ ବ୍ୟବସ୍ଥିତ କରାଯାଇଥିଲା ଯାହା ଦ୍ୱାରା ଅଭିନବ ଡିଜିଟାଲ୍ ସ୍କ୍ରିନିଂ ପ୍ରକ୍ରିୟା ନିରପେକ୍ଷ ମୂଲ୍ୟାଙ୍କନକୁ ସୁନିଶ୍ଚିତ କରିବା ସହ ଅନ୍ତିମ ପର୍ଯ୍ୟାୟ ପାଇଁ ୧୦ ଅଧିକାରୀ ଏବଂ ୧୦ କର୍ମଚାରୀଙ୍କୁ ଏକ ସଂକ୍ଷିପ୍ତ ତାଲିକା ପ୍ରଦାନ କରିପାରିଥିଲା। ସଂକ୍ଷିପ୍ତ ତାଲିକାରେ ଅଂଶଗ୍ରହଣକାରୀଙ୍କୁ ପରବର୍ତ୍ତୀ ସମୟରେ ଦୁଇ ଜଣିଆ ଦଳରେ ସଂଯୁକ୍ତ କରାଯାଇଥିଲା। ପ୍ରତ୍ୟେକ ବର୍ଗରେ ପାଞ୍ଚଟି ଦଳ ଗଠନ କରାଯାଇଥିଲା। ଫାଇନାଲ ରାଉଣ୍ଡ ଏକ ମୌଖିକ ପ୍ରତିଯୋଗିତା ଭାବେ ପ୍ରକାଶିତ ହୋଇଥିଲା। ଜାତୀୟ ସୁରକ୍ଷା ସପ୍ତାହ ପାଳନର ଅଂଶସ୍ୱରୂପ ଆଗାମୀ ସୁରକ୍ଷା ଦିବସ ସମାରୋହରେ ପ୍ରତ୍ୟେକ ବର୍ଗର ବିଜେତା ଓ ରନର୍ସ ଅପ୍ ଦଳଗୁଡ଼ିକୁ ସମ୍ମାନିତ କରାଯିବ। ସୁରକ୍ଷା ବିଭାଗର ଜିଏମ ଅବକାଶ ବେହେରାଙ୍କ ମାର୍ଗଦର୍ଶରେ ଏହି କାର୍ଯ୍ୟକ୍ରମକୁ ସୁରକ୍ଷା ବିଭାଗର ଏଜିଏମ ବି. କେ. ପାଢ଼ୀ ସଂଯୋଜନା କରିଥିଲେ।


ଆର୍‌ଏସ୍‌ପି କର୍ମଚାରୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

# ପରିତ୍ୟକ୍ତ ଟାଙ୍କିରୁ ନିଖୋଜଙ୍କ ମୃତଦେହ ଜବତ

**ରାଉରକେଲା,୭।୩(ସଙ୍ଗୀତା ଜେନା)**

ଟାଙ୍ଗରପାଲୀ ଥାନା ଅନ୍ତର୍ଗତ ଲାଲ୍‌ଟାଙ୍କି ଅଞ୍ଚଳରେ ଏକ ପରିତ୍ୟକ୍ତ ଟାଙ୍କିରୁ ଶନିବାର ପୂର୍ବାହ୍ନ ୧୧ଟାରେ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଲକ୍ଷ୍ମୀ ମାର୍କେଟ ଫିଲ୍‌ଟର ହାଉସ ଅଞ୍ଚଳର ଭଗବାନ ସାହୁ(୬୫)। ମୃତ୍ୟୁର କାରଣ ଜଣାପଡିନାହିଁ। ସେ ନିଖୋଜ ହୋଇଥିବା ପରିବାର ଲୋକେ ଶୁକ୍ରବାର ଏତଲା ଦେଇଥିବା ବେଳେ ଶନିବାର ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ଖଣ୍ଡାରେ ଆକ୍ରମଣ, ଯୁବକ ଗିରଫ

**ରାଉରକେଲା,୭।୩(ସଙ୍ଗୀତା ଜେନା)**

ଟାଙ୍ଗରପାଲୀ ଥାନା ଅଞ୍ଚଳରେ ବୁଧବାର ପୂର୍ବାହ୍ନ ୧୧ଟାରେ ୨ଜଣ ଯୁବକଙ୍କୁ ଖଣ୍ଡାରେ ଆକ୍ରମଣ ଅଭିଯୋଗରେ ପୋଲିସ ଜଣଙ୍କୁ ଶନିବାର ଗିରଫ କରିଛି। ଅଭିଯୁକ୍ତ ହେଲେ ନବକୃଷ୍ଣନଗରର ପବିତ୍ର ସିଂହ(୩୫)। ଅଭିଯୋଗକାରୀ କାଳନ୍ଦୀ ସୂତାର ଏବଂ ସୁରେଶ ସିଂଙ୍କ ଏତଲା ଆଧାରରେ ପୋଲିସ ତାଙ୍କୁ ଗିରଫ କରିଛି।

# ସରକାରୀ ମହିଳା କଲେଜରେ ଅନ୍ତର୍ଜାତୀୟ ମହିଳା ଦିବସ


ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିଙ୍କ ସହିତ ଅଧ୍ୟକ୍ଷା,ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀମାନେ।

**ସୁନ୍ଦରଗଡ, ୭।୩ (ଜୟ ନାରାୟଣ ମେଣ୍ଡୁଲି)**

ସୁନ୍ଦରଗଡ଼ ସରକାରୀ ମହିଳା ମହାବିଦ୍ୟାଳୟରେ ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ଇନ୍ଦିରା ଗଡ଼ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଡ. ପ୍ରକୃତି ପଟେଲ ଯୋଗଦେଇ ନାରୀମାନଙ୍କ ସୁରକ୍ଷା, ସ୍ୱଚ୍ଛତା ଉପରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ। ଜୀତା ସାମାଜିକ ସଂଗଠନର ସଦସ୍ୟା ମଧୁସ୍ମିତା ମହାପାତ୍ର ଯୋଗଦେଇ ନାରୀ ଶିକ୍ଷାର ଗୁରୁତ୍ୱ ଓ ସ୍ୱାଧୀନତା ସମ୍ପର୍କରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଆଇସିସି ସମନ୍ୱୟକାରୀ ଡ. ଭାନୁପ୍ରିୟା ଏବଂ ଶକ୍ତିଶ୍ରୀ ସଂଯୋଜିକା ଡ. ତୃପ୍ତିମୟୀ ସାହୁ ସୂଚାରୁ ରୂପେ ପରିଚାଳନା କରିଥିଲେ। ଶେଷରେ ଗୃହ ବିଜ୍ଞାନର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଚାରୁଲତା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ବହୁ ସଂଖ୍ୟାରେ ଅଧ୍ୟାପିକା ଅଧ୍ୟାପକ ଏବଂ ଛାତ୍ରୀମାନେ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ରାସ୍ତାକାମ ସରିଛି, ଷ୍ଟ୍ରିଟ୍‌ଲାଇଟ ଲାଗୁନି

**ସମ୍ବଲପୁର,୭।୩(ଭବାନୀ ଶଙ୍କର ଭୋଇ)**


ଜେଲଛକରୁ ଜିଲାସ୍କୁଲ ରାସ୍ତା କାମ ସରିଥିଲେ ବି ଷ୍ଟ୍ରିଟଲାଇଟ ଲାଗିନାହିଁ।

- ଦୋହରୀକରଣ ସମୟରେ ବିଦ୍ୟୁତ୍ ଖୁଣ୍ଟ ଉଠାଇ ଦିଆଯାଇଥିଲା
- ସହରର ମୁଖ୍ୟ ରାସ୍ତା ଅନ୍ଧାର
- ସ୍ୱେରେଜ ପ୍ରକଳ୍ପ ଯୋଗୁ ରାସ୍ତାରେ ଯାତାୟାତ ବିପଦପୂର୍ଣ୍ଣ

ସମ୍ବଲପୁରର ପ୍ରମୁଖ ରାସ୍ତା ବୀର ସୁରେନ୍ଦ୍ର ସାଏ ମାର୍ଗ ଦୀର୍ଘମାସ ହେବ ରାତିରେ ଅନ୍ଧକାର ହୋଇ ରହୁଛି। ରାସ୍ତା ଦୋହରୀକରଣ ସମୟରେ ସମସ୍ତ ଖମ୍ବରୁ ବିଦ୍ୟୁତ୍ ଲାଇଟ କାଢି ଦିଆଯାଇଥିଲା। ଦୋହରୀକରଣ କାମ ସମ୍ପୂର୍ଣ୍ଣ ହୋଇସାରିଛି। ତଥାପି ରାସ୍ତାରେ ବର୍ତ୍ତମାନ ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟ ଲଗାଯାଇ ନ ଥିବାରୁ ଲୋକେ ଅନ୍ଧକାର ଭିତରେ ଯାତାୟାତ କରୁଛନ୍ତି। ସନ୍ଧ୍ୟାହେଲେ ଅନ୍ଧକାର ଭିତରେ ଯିବା ଆସିବାବେଳେ ବହୁ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହୁଛି। ଏହି ସମସ୍ୟ କେବଳ ବୀର ସୁରେନ୍ଦ୍ର ସାଏ ମାର୍ଗରେ ସୀମିତ ହୋଇରହିନାହିଁ। ଦୁର୍ଗାପାଲି ଫ୍ଲାଇଓଭରଠାରୁ ରାଜଘାଟ ପର୍ଯ୍ୟନ୍ତ ବହୁ ସମସ୍ୟା ଦୀର୍ଘ ସମୟ ପର୍ଯ୍ୟନ୍ତ ଜାରି ରହିବା ଚିନ୍ତାରେ ବିଷୟ ପାଲଟିଛି।

ସମ୍ବଲପୁର ମହାନଗର ଭିତରେ ମୁଖ୍ୟ ରାସ୍ତାଗୁଡିକ ଦୀର୍ଘମାସ ଅନ୍ଧକାର ରହିଛି। ଅନ୍ୟପକ୍ଷରେ ରାସ୍ତାଗୁଡିକର ଅବସ୍ଥା ଶୋଚନୀୟ ରହିଛି। ସ୍ୱେରେଜ କାମ ଯୋଗୁ ବୀର ସୁରେନ୍ଦ୍ର ସାଏ ମାର୍ଗର ଭୂତାପଡାରୁ ଜେଲଛକ ରାସ୍ତା ଦବି ଯାଇଥିବାରୁ ଯାନବାହାନ ଚଳାଚଳ ବିପଦପୂର୍ଣ୍ଣ ହୋଇପଡିଛି। ସ୍ୱେରେଜ ମେନ ହୋଲଥିବା ସ୍ଥାନଗୁଡିକ ରାସ୍ତା ତୁଳନାରେ ଉଚ୍ଚା ହୋଇଥିବାରୁ ବାଇକ ଗତି ଅଧିକ ହେଲେ ପଛରେ ବସିଥିବା ଆରୋହୀ ପଡିବା ଥୟ। ପୂର୍ତ୍ତବିଭାଗ ଏହି ରାସ୍ତା ନିର୍ମାଣ କରିଥିବା ବେଳେ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ ବିନିତ ଲାକ୍ରା କହିଛନ୍ତି, ସ୍ୱେରେଜ ପକ୍ଷରୁ ଖୋଳାଯାଇଥିବା ଗାତଗୁଡିକୁ ଠିକ୍ ଭାବେ ପୋତାଯାଇ ନଥିବାରୁ ରାସ୍ତା ବିଭିନ୍ନ ସ୍ଥାନରେ ଦବି ଯାଇଛି। ତେବେ ପଦକ୍ଷେପ ନେଇ ବିକଳ୍ପ ବ୍ୟବସ୍ଥା ପାଇଁ ଚେଷ୍ଟା କରାଯାଉଛି। ଅନ୍ୟପକ୍ଷରେ ଷ୍ଟ୍ରିଟଲାଇଟ ଲଗାଇବା ଦାୟିତ୍ୱ ମହାନଗର ନିଗମ ନେଇଥିବା ସେ କହିଛନ୍ତି। ସମସ୍ୟା ନେଇ ମହାନଗର ନିଗମ ବିଦ୍ୟୁତ୍ ବିଭାଗକୁ ପଚାରିବାରୁ, ଜେଲଛକରୁ ଜିଲାସ୍କୁଲ ଛକ ଏବଂ ଦୁର୍ଗାପାଲି ଛକରୁ ରାଜଘାଟ ପର୍ଯ୍ୟନ୍ତ ଷ୍ଟ୍ରିଟଲାଇଟ ଲଗାଯିବା ପାଇଁ ଟେଣ୍ଡର କରାଯାଇଛି। ଉଭୟରାସ୍ତାରେ ହେରିଟେଜ ଲାଇଟ ଲଗାଯିବା ନେଇ ଯୋଜନା କରାଯାଇଛି। ଅନ୍ୟପକ୍ଷରେ ଟେଣ୍ଡର ପ୍ରକ୍ରିୟା ଶେଷ ହେବା ପରେ ଚଳିତମାସ ଶେଷ ସୁଦ୍ଧା ଷ୍ଟ୍ରିଟଲାଇଟ ଲଗାଯିବା ପ୍ରକ୍ରିୟା ଆରମ୍ଭ ହୋଇଯିବ ବୋଲି ମହାନଗର ନିଗମ କମିଶନର ରେହାନ କ୍ଷେତ୍ରୀ ସୂଚନା ଦେଇଛନ୍ତି।

# ଶାସନ ହାଇସ୍କୁଲ ନୃସିଂହ ଗୁରୁଙ୍କ ନାମରେ ନାମିତ ହେଉ


ନୃସିଂହ ଗୁରୁଙ୍କ ଜୟନ୍ତୀ କାର୍ଯ୍ୟକ୍ରମରେ ଅତିଥିମାନେ।

**ସମ୍ବଲପୁର,୭।୩(ବି.ଶଙ୍କର)**

**ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ଜୟନ୍ତୀ**

ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୨୫ ତମ ଜୟନ୍ତୀ ଶନିବାର ତାଙ୍କ ଜନ୍ମସ୍ଥାନ ଶାସନ ଥାନା ଅନ୍ତର୍ଗତ ଗୁରୁପାଲି ଗ୍ରାମରେ ପାଳିତ ହୋଇଯାଇଛି। ଭାରତୀୟ ଖାଦ୍ୟ ନିଗମର ଅବସରପ୍ରାପ୍ତ ଅଧିକାରୀ ତଥା ଆଇନଜୀବୀ ଶ୍ୟାମ ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ଏହି ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସକ ସୀତାଂଶୁ ତ୍ରିପାଠୀ ମୁଖ୍ୟ ଅତିଥି, ପରମାଣପୁରସ୍ଥିତ ଡାକ୍ତର ଝସକେତନ ସାହୁ ମହାବିଦ୍ୟାଳୟର ଇତିହାସ ବିଭାଗ ଅଧାପକ ଅଶ୍ୱିନୀ କୁମାର ବାରିକ ମୁଖ୍ୟବକ୍ତା, ଭାଜପା ନେତା ଗୋବିନ୍ଦ ପ୍ରସାଦ ଅଗ୍ରୱାଲ, ଶାସନ ପିଏମ୍‌ଶ୍ରୀ ହାଇସ୍କୁଲ ପ୍ରଧାନ ଶିକ୍ଷୟିତ୍ରୀ ତାରାବତି ବେହେରା, ଶାସନ ସରପଞ୍ଚ ସହଦେବ ଗର୍ଡିଆ ଓ ସ୍ୱୀକାର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ସ୍ୱର୍ଗତ ଗୁରୁଙ୍କ ତ୍ୟାଗପୂତ ଜୀବନ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କର ଅବଦାନ ବାବଦରେ ଆଲୋଚନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏଥିସହ ଶାସନ ହାଇସ୍କୁଲକୁ ତାଙ୍କ ନାମରେ ନାମିତ କରାଯିବା ସାଙ୍ଗକୁ ପରିତ୍ୟକ୍ତ ଅବସ୍ଥାରେ ରହିଥିବା ତାଙ୍କର ପୈତୃକ ବାସଭବନର ସୁରକ୍ଷା, ଗ୍ରାମରେ ଏକ ପାଠାଗାର ଖୋଲାଯିବା ସମେତ ତାଙ୍କର ସ୍ଥାୟୀ ସ୍ମୃତିରକ୍ଷା କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଲକ୍ଷ୍ମଣ ବାଗ ଧନ୍ୟବାଦ ଅର୍ପଣ କରିଥିଲେ। ଗ୍ରାମର ଅଶ୍ୱିନୀ ଅଦାବର, ବିଷ୍ଣୁ ପ୍ରସାଦ ବାଗ, ଦିଲ୍ଲୀପ ବାଗ, ଶାନ୍ତନୁ ବିଶ୍ୱାଳ ଓ ପ୍ରସନ୍ନ ଦାଶ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଅବସରପ୍ରାପ୍ତ ତହସିଲଦାରଙ୍କ ପରଲୋକ

**ସମ୍ବଲପୁର,୭।୩(ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର କାୟସ୍ଥ ପରିବାର ଓ ଚିତ୍ରଗୁପ୍ତ କଲ୍ୟାଣ ସଂଘର ବରିଷ୍ଠ ସଦସ୍ୟ ତଥା ଅବସରପ୍ରାପ୍ତ ତହସିଲଦାର ବିପିନ ବିହାରୀ ପଟ୍ଟନାୟକଙ୍କ ଶନିବାର ପୂର୍ବାହ୍ନ ୧୧ଟା ୪୦ରେ ପରଲୋକ ହୋଇଯାଇଛି। ତାଙ୍କୁ ୯୪ବର୍ଷ ହୋଇଥିଲା। ମହାନ୍ତି ପଡ଼ା ନିବାସୀ ପଟ୍ଟନାୟକଙ୍କ ସ୍ତ୍ରୀ ଓ ପୁତ୍ରଙ୍କ ପୂର୍ବରୁ ପରଲୋକ ହୋଇସାରିଛି। ଶେଷ ସମୟରେ ବୋହୂ, ନାତି, ନାତୁଣୀ, ଝିଅଜ୍ୱାଇଁ ଓ ପରିବାରର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେ କର୍ମତତ୍ପର ରହି ଚିତ୍ରଗୁପ୍ତ କଲ୍ୟାଣ ସଂଘର ବିଭିନ୍ନ କାର୍ଯ୍ୟରେ ଦାୟିତ୍ୱ ତୁଲାଇ ଆସୁଥିଲେ। ଏହାସହ ସମାଜର ବିଭିନ୍ନ ସେବାକାର୍ଯ୍ୟରେ ନିଜକୁ ନିୟୋଜିତ କରି ରଖିଥିଲେ। ଅନ୍ତିମ ଶୋଭାଯାତ୍ରାରେ ସହରର ବୁଦ୍ଧିଜୀବୀ ତଥା ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇଥିଲେ। ବିପିନ ବିହାରୀ ପଟ୍ଟନାୟକଙ୍କ ବିୟୋଗରେ ବିଭିନ୍ନ ସଙ୍ଗଠନ ତଥା ପ୍ରତିଷ୍ଠାନ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି।


ବିପିନ ବିହାରୀ ପଟ୍ଟନାୟକ।



ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଓ ପୁରସ୍କୃତ ମହିଳାମାନେ।

# ମହିଳାଙ୍କ ଅଧିକାର, ସଶକ୍ତୀକରଣ ଉପରେ ଗୁରୁତ୍ୱ

**ସମ୍ବଲପୁର, ୭।୩(ବି.ଶଙ୍କର)**

**ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ**

ଆଦିତ୍ୟ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ବୋମାଲେଇ ପଞ୍ଚାୟତରେ ପାଳିତ ହୋଇଯାଇଛି । ରେଙ୍ଗାଲି ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବୋମାଲୋଇ ସମିତି ସଭ୍ୟା ଅଞ୍ଜଳି କିଶାନ, ବୋମାଲୋଇ ସରପଞ୍ଚ ସରସ୍ୱତୀ ପଧାନ ଓ ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ଅତିରିକ୍ତ ମୁଖ୍ୟ କାର୍ଯନିର୍ବାହୀ ଅଧିକାରୀ ତଥା ଜିଲା ସାମାଜିକ ମଙ୍ଗଳ ଅଧିକାରୀ ସରୋଜା ବେହେରା, ଜୀବିକା ମିଶନ ଅଧିକାରୀ ଜପା ମାଳି, ମିଶନ ଶକ୍ତି ଅଧିକାରୀ ଅନିତା ବାଗ, ବ୍ଲକ କୃଷି ଅଧିକାରୀ ମମତା ନାଥ, ପୋଲିସ ଅଧିକାରୀ ଦ୍ରୌପଦୀ ଲାକ୍ରା, ସରୋଜିନୀ ମୁଣ୍ଡା, ସୁଧନ୍ତି ଟେଟେ ଓ ଜୟନ୍ତୀ ଖରିଆ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଉପସ୍ଥିତ ମହିଳାମାନଙ୍କୁ ଉତ୍ସାହିତ କରିଥିଲେ । ମହିଳାମାନେ କିପରି ଅଧିକରୁ ଅଧିକ ସ୍ୱାବଲମ୍ବୀ ହେବେ, ସେଥିପ୍ରତି କାମ କରିବା ଦରକାର ବୋଲି ଆଲୋଚନା କରାଯାଇଥିଲା । ମହିଳାମାନଙ୍କର ଅଧିକାର, ସମାନତା ଓ ସଶକ୍ତିକରଣ ଉପରେ ଅତିଥିମାନେ ଆଲୋକପାତ କରିଥିଲେ। ମୁଁ ନାରୀ ଦୁର୍ବଳା ନୁହେଁ, ଶବଳା ବୋଲି ସ୍ଲୋଗାନ ଦେଇଥିଲେ । ଏଥିସହିତ ଫାଉଣ୍ଡର ଆଣ୍ଡ ଡାଇରେକ୍ଟର ଅୟେତା ଜୀବନ ଚାରିଟେବୁଲ ଟ୍ରଷ୍ଟର ସୁଜାତା ମିଶ୍ର, ଆଦିତ୍ୟ ଆଲୁମିନିୟମ କ୍ଲଷ୍ଟର ମାନବ ସମ୍ବଳ ମୁଖ୍ୟ ଡ. କ୍ରିଷ୍ଣା ପାଢ଼ୀ, ଆଦିତ୍ୟ ଆଲୁମିନିୟମ ଲପଙ୍ଗା ମାନବ ସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର, ଶକ୍ତି ବିଭାଗ ମୁଖ୍ୟ ଗୁଲସନ ତିୱାରୀ, ସ୍ମେଲ୍ଟର ବିଭାଗର ଅଯୋୟ ପାଳିତ, ସିଏସଆର କ୍ଲଷ୍ଟର ଶିବ ପ୍ରସାଦ ମହାପାତ୍ର, ଇଆର ମୁଖ୍ୟ ଷ୍ଟେଫନ୍ ଆରୋକିଆ ରାଜ, ସୌମ୍ୟା ମହାନ୍ତି , ମୁଖ୍ୟ ପ୍ରଶାସନ ପୀୟୂଷ ରାଜ ଗୁରୁ, ସ୍ନେହା ନାୟକ, ଆଦିତ୍ୟ ଟାଉନସିପ ମହିଳା ସଂଘର ସପନା ତିୱାରୀ, ସୁଧା କ୍ରିଷ୍ଣା, ଜମି ବିଭାଗର ମୁଖ୍ୟ ହେମରଞ୍ଜନ ପଟ୍ଟନାୟକ, ସିଭିଲ ଟିମ ମୁଖ୍ୟ ରଞ୍ଜିତ କୁମାର, ଡାକ୍ତର ଦେବସ୍ମିତା ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସିଏସଆର ମୁଖ୍ୟ ରବି ନିୱାସଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ଉପପ୍ରବନ୍ଧକ ମନୋରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଲପଙ୍ଗା ଆଦିତ୍ୟ ଆଲୁମିନିୟମର ପାରିପାର୍ଶ୍ୱିକ ଅଞ୍ଚଳର ୩୫୦ରୁ ଊର୍ଦ୍ଧ୍ୱ ମହିଳା ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ, ସିଆରପି, ଏମବିକେମାନେ ଅଂଶଗ୍ରହଣ କରିଥିଲେ।

# ଘର ଭାଙ୍ଗି ଧାନ ଖାଇଲା ଦନ୍ତା

**ନାକଟିଦେଉଳ,୭।୨(ବୈକୁଣ୍ଠନାଥ ସାହୁ)**

ସମ୍ବଲପୁର ଜିଲା ନାକଟିଦେଉଳ ବନାଞ୍ଚଳ ଅନ୍ତର୍ଗତ ଆଭ୍ୟନ୍ତରୀଣ ତଥା ପାହାଡ଼ ତଳି ଗ୍ରାମରେ ଗତ କିଛି ଦିନ ହେଲା ଦନ୍ତାହାତୀ ଉପଦ୍ରବ ଲାଗି ରହିଛି । ସନ୍ଧ୍ୟା ହେବା ମାତ୍ରେ ଏହି ଦନ୍ତା ଗାଁ ମୁଣ୍ଡକୁ ଆସି ଲୋକଙ୍କ ଘରଦ୍ୱାର ଭାଙ୍ଗିବା ସହ ବ୍ୟାପକ କ୍ଷୟକ୍ଷତି କରୁଛି। ଶୁକ୍ରବାର ରାତି ପ୍ରାୟ ଗୋଟାଏରେ ଏହି ଦନ୍ତା ଘୋଷରାମାଳ ଫରେଷ୍ଟ ସେକ୍ସନର କୁଡାନାଳୀ ଗ୍ରାମରେ ପଶି ରଶ୍ମିତା ରାଉତ ଏବଂ ମହ୍ଲାର ସାହିର ସୁବର୍ଣ୍ଣ ଦେହୁରୀଙ୍କ ଘର ଭାଙ୍ଗି ପକାଇଛି। ରଶ୍ମିତାଙ୍କ ଘର କାନ୍ଥ ଭାଙ୍ଗିବା ସହ ବସ୍ତାରେ ରଖାଯାଇଥିବା ଧାନ ଖାଇବା ସହ ଫିଙ୍ଗାଫୋପଡା କରିଛି। ଗ୍ରାମରେ ପ୍ରତ୍ୟେକ ବର୍ଷ ହାତୀ ଉପଦ୍ରବରେ ଲୋକ କ୍ଷତିଗ୍ରସ୍ତ ହୋଇ ଆସୁଥିଲେ ମଧ ବିଭାଗ ପକ୍ଷରୁ କୌଣସି ପ୍ରକାର ସହାୟତା ଯୋଗାଇ ଦିଆ ଯାଉ ନ ଥିବା ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ତେଣୁ ଏହି ଦନ୍ତା ହାତୀକୁ ଘଉଡ଼ାଇବା ଦିଗରେ ବନ ବିଭାଗ ଠୋସ ପଦକ୍ଷେପ ନେବା ସହ କ୍ଷତିଗ୍ରସ୍ତ ପରିବାରକୁ ଶୀଘ୍ର ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

# ପୂର୍ବତନ ବନ ବିଭାଗ କର୍ମଚାରୀଙ୍କ ବିୟୋଗରେ ଶୋକ

**ସମ୍ବଲପୁର,୭।୩(ପ୍ରମୋଦ ବହିଦାର)**

ପୂର୍ବତନ ବନ ବିଭାଗ କର୍ମଚାରୀ ପି. କୃଷ୍ଣଚନ୍ଦ୍ର ବୈଠାରୁଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଫାଟକ ମାଲିପଡ଼ାଠାରେ ବିଜ୍ଞାପନ ଅଧିକାରୀ ସମନ୍ୱୟ ସମିତି ପକ୍ଷରୁ ଅନୁଷ୍ଠିତ ଶୋକସଭାରେ ସ୍ୱର୍ଗତ ବୈଠାରୁଙ୍କ ସ୍ମୃତିଚାରଣ କରାଯାଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା। ସ୍ୱର୍ଗତ ବୈଠାରୁ ସମ୍ବଲପୁରର ପ୍ରମୁଖ ବିଜ୍ଞାପନ ଅଧିକାରୀ ପ୍ରଭଞ୍ଜନ ବୈଠାରୁଙ୍କ ପିତା। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ଗତ ସୋମବାର ରାତିରେ ମାଲିପଡ଼ାସ୍ଥିତ ବାସଭବନରେ ୮୨ ବର୍ଷ ବୟସରେ ତାଙ୍କର ପରଲୋକ ଘଟିଥିଲା। ରାଜଘାଟରେ ମଙ୍ଗଳବାର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ପୁତ୍ର ପ୍ରଭଞ୍ଜନ ବୈଠାରୁ ମୁଖାଗ୍ନି ଦେଇଥିଲେ। ତାଙ୍କ ସ୍ତ୍ରୀ, ତିନିପୁଅ, ବୋହୂ, ଦୁଇ ଝିଅ ଓ ଜ୍ଞାତି ପରିଜନ ରହିଛନ୍ତି।

# ତଦନ୍ତ ପାଇଁ ଜିଲାପାଳଙ୍କୁ ଦାବିପତ୍ର

**ସମ୍ବଲପୁର,୭।୩(ପ୍ରମୋଦ ବହିଦାର)**

- ସମଲେଇ ପ୍ରକଳ୍ପରେ ଅନିୟମିତତା ଅଭିଯୋଗ
- ଅଡିଟକୁ ସାର୍ବଜନୀନ କରିବାକୁ ପ୍ରତିନିଧି ଦଳର ଦାବି

ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା’ ସମଲେଶ୍ୱରୀଙ୍କ ପୀଠର ରୂପାନ୍ତରଣ ପାଇଁ ଉଦ୍ଦିଷ୍ଟ ସମଲେଇ ପ୍ରକଳ୍ପ ଏବେ ବିବାଦଘେରକୁ ଆସିଛି। ପ୍ରକଳ୍ପରେ ଅନିୟମିତତା ହୋଇଥିବା ଅଭିଯୋଗ କରି କେତେଜଣ ଭକ୍ତ ଓ ସହରବାସୀଙ୍କୁ ନେଇ ଏକ ପ୍ରତିନିଧି ଦଳ ଶନିବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଘଟଣାର ତଦନ୍ତ ପାଇଁ ସେମାନେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଅଭିଯୋଗ କରିଛନ୍ତି, ପ୍ରାୟ ୨ଶହରୁ ୩ ଶହ କୋଟି ଟଙ୍କା ବ୍ୟୟ ହୋଇଥିବା ଏହି ପ୍ରକଳ୍ପର କୌଣସି ଖର୍ଚ୍ଚ ବିବରଣୀ ସାର୍ବଜନୀନ କରାଯାଇନାହିଁ। ତେଣୁ ଏହାର ଅଡିଟକୁ ସାର୍ବଜନୀନ କରିବାକୁ ପ୍ରତିନିଧିଦଳ ଦାବି କରିଛି। ପ୍ରକଳ୍ପର ନକ୍ସାକୁ ଏସ୍‌ଡିଏର ଆବଶ୍ୟକ ଅନୁମତି ମିଳିଛି ନା ନାହିଁ ପ୍ରଶ୍ନ ଉଠାଇଛି ପ୍ରତିନିଧି ଦଳ। ଏଥିସହିତ ଭୂକମ୍ପ ପ୍ରବଣ ଅଞ୍ଚଳ ଭାବେ ଏହାର ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା ପ୍ରତି କି ଧ୍ୟାନ ଦିଆଯାଇଛି ସେସମ୍ପର୍କରେ ତଦନ୍ତ ହେବା ଆବଶ୍ୟକ ବୋଲି ସେମାନେ କହିଛନ୍ତି। ସମଲେଇ ପ୍ରକଳ୍ପ ନିର୍ମାଣ ବେଳେ ପରିବେଶ ନିୟମକୁ ଉଲ୍ଲଂଘନ କରି ମତ୍ସ୍ୟ ବିଭାଗର ପ୍ରାୟ ୨୦ଟି ଜଳାଶୟ ପୋତିବା ଏବଂ ବିସ୍ଥାପିତ ପରିବାରଙ୍କୁ ସଠିକ ଭାବେ ଥଇଥାନ ନ କରିବା ଭଳି ଗୁରୁତର ଅଭିଯୋଗ ହେଉଛି। ଅନ୍ୟପଟେ ମନ୍ଦିର ପରିସରରେ ଥିବା ଦୀପ ଘର ନିକଟରୁ ମଦ ବୋତଲ ଓ ଆମିଷ ଆହାରର ଚିତ୍ର ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ମା’ଙ୍କ ପୀଠରେ ମର୍ଯ୍ୟାଦାହାନି କରୁଛି। ଏଥିପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି ପ୍ରତିନିଧି ଦଳ। ପ୍ରକଳ୍ପରେ ବ୍ୟବହୃତ ଲାଇଟ୍ ଓ ସାଉଣ୍ଡ ସିଷ୍ଟମର ନିମ୍ନମାନର କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ସହ ସୁରକ୍ଷା କର୍ମୀ ନିଯୁକ୍ତିରେ ହେଉଥିବା ଜାଲିଆତିର ଯାଞ୍ଚ ପାଇଁ ମଧ ଦାବି କରାଯାଇଛି। ଅପରପକ୍ଷରେ ରୋଜଗାର ଆଶାୟୀ ସ୍ଥାନୀୟ ବେକାର ଯୁବଗୋଷ୍ଠୀଙ୍କୁ ବାଦ୍ ଦେଇ ମନ୍ଦିର ସରୁକ୍ଷା ଦାୟତ୍ୱରେ ରାଜ୍ୟ ବାହାରର ଏକ ସଂସ୍ଥାକୁ ନିୟୋଜିତ କରିବା ଏବଂ କାଗଜପତ୍ରରେ ମିଥ୍ୟା ସୁରକ୍ଷା କର୍ମୀ ଦର୍ଶାଇ ବିଲ୍ ପାସ୍ କରିବା ଭଳି ଦୁର୍ନୀତିର ପର୍ଦ୍ଦାଫାଶ କରିବାକୁ ଦାବି ହେଉଛି। ପ୍ରଶାସନ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ଭକ୍ତ ଓ ସମ୍ବଲପୁରବାସୀ ଓଡ଼ିଶା ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗର ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ପ୍ରତିନିଧି ଦଳ କହିଛନ୍ତି।


ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଶିଶୁ ଅଧିକାର ସୁରକ୍ଷା ପାଇଁ ସଚେତନତା ଲୋଡ଼ା



ଜୋନ୍‌ସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

**ସମ୍ବଲପୁର, ୭।୩(ପ୍ରମୋଦ ବହିଦାର)**

**ଶିଶୁ ଅଧିକାର, ସୁରକ୍ଷା, ବାଲ୍ୟ ବିବାହ ନିରାକରଣ କର୍ମଶାଳା**

ବାଲ୍ୟ ବିବାହ ସହିତ ଶିଶୁ ସୁରକ୍ଷା ହନନ ସମଗ୍ର ଭାରତବର୍ଷ ପାଇଁ ଚ୍ୟାଲେଞ୍ଜଭାବେ ଉଭା ହୋଇଛି। ତେବେ କେବଳ ଆଇନଗତ କାର୍ଯ୍ୟାନୁଷ୍ଠାନ ନୁହେଁ, ବରଂ ଜନସାଧାରଣ ଓ ଅଭିଭାବକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି ଦ୍ୱାରା ଏହାକୁ ରୋକା ଯାଇପାରିବ ବୋଲିସ ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଶନିବାର ଓଡ଼ିଶା ପୋଲସ ବିଭାଗ ପକ୍ଷରୁ ଆୟୋଜିତ ଉତ୍ତରାଞ୍ଚଳ ଜୋନ୍‌ସ୍ତରୀୟ ଶିଶୁ ଅଧିକାର, ସୁରକ୍ଷା ଓ ବାଲ୍ୟ ବିବାହ ନିରାକରଣ କର୍ମଶାଳାରେ ମୁଖ୍ୟଅତିଥିଭାବେ ଯୋଗଦେଇ ଉତ୍ତରାଞ୍ଚଳ ପୋଲିସ ଆଇଜି ହିମାଂଶୁ ଲାଲ ଏହା କହିଛନ୍ତି। ସେ ବିଶେଷକରି ବାଲ୍ୟ ବିବାହ ରୋକିବା ପାଇଁ ପୋଲିସ ଅଧିକାରୀ ଏବଂ ଜିଲା ପ୍ରଶାସନ ସଜାଗ ରହିଛି। ସମସ୍ତ ଅଧିକାରୀ ଏକ ନିର୍ଦ୍ଦିଷ୍ଟ ଦୂରଦୃଷ୍ଟି ଓ ମିଶନ ମୋଡ୍‌ରେ କାର୍ଯ୍ୟ କରି ଏହି ସାମାଜିକ କୁସଂସ୍କାରକୁ ମୂଳରୁ ଶେଷ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ। ଏଥିପାଇଁ ଆବଶ୍ୟକ ଟାସ୍କଫୋର୍ସ ଏବଂ ସମସ୍ତ ସୁବିଧା ସୁଯୋଗ ରହିଛି। ମାତ୍ର ଏହାର ସଫଳ ରୂପାୟନ ପାଇଁ ସାମୂହିକ ପ୍ରତିବଦ୍ଧତା ଆବଶ୍ୟକ ବୋଲି କହିଥିଲେ।

ସମ୍ମାନିତ ଅତିଥିଭାବେ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଯୋଗଦେଇ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ରୋକିବା ପାଇଁ ସାମାଜିକ ସଚେତନତା ଜରୁରୀ ବୋଲି କହିଥିଲେ। ସେ ଶିଶୁ ଅଧିକାର ଓ ଶିଶୁକନ୍ୟା ସୁରକ୍ଷା ଉପରେ ଗୁରୁତ୍ୱାରୋପ କରି କହିଥିଲେ, ସମାଜରେ ଶିଶୁ କନ୍ୟାକୁ ନେଇ ରହିଥିବା ପାରମ୍ପରିକ ମନୋଭାବରେ ପରିବର୍ତ୍ତନ ଆଣିବା ସମୟର ଆହ୍ୱାନ। ବିଶେଷକରି ଗ୍ରାମାଞ୍ଚଳରେ ଶିଶୁମାନେ ସ୍କୁଲ୍ ଛାଡ଼ିବା ପରେ ସେମାନଙ୍କ ଉପରେ ଶୀଘ୍ର ବିବାହ ପାଇଁ ପାରିବାରିକ ଚାପ ବଢ଼ିଥାଏ। ଅଳ୍ପ ବୟସରେ ବିବାହ ଯୋଗୁ ଶିଶୁ ଓ ମାତୃ ମୃତ୍ୟୁହାର ବୃଦ୍ଧି ପାଉଥିବାରୁ ଏହାକୁ ରୋକିବା ପାଇଁ ପ୍ରଶାସନ ସହିତ ସାଧାରଣ ଜନତା, ଏନଜିଓ ଏବଂ ଗଣମାଧ୍ୟମର ମିଳିତ ସହଯୋଗ ଆବଶ୍ୟକ। ତେଣୁ ଏଥିପାଇଁ ଗ୍ରାମାଞ୍ଚଳରେ ଆଶା କର୍ମୀ, ଅଙ୍ଗନବାଡ଼ି କର୍ମୀ ଏବଂ ପଞ୍ଚାୟତ ପ୍ରତିନିଧିମାନଙ୍କୁ ଅଧିକ ସକ୍ରିୟ ହୋଇ କାମ କରିବାକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଏସ୍‌ପି ମୁକେଶ କୁମାର ଭାମୁ କହିଥିଲେ, କେବଳ ଆଇନ ଦ୍ୱାରା ଅପରାଧ ରୋକାଯାଇ ପାରିବନାହିଁ। ଯଦି ଜଣେ ବ୍ୟକ୍ତି ନିଜ ଭୁଲ ପାଇଁ ଅନୁଶୋଚନା କରେ, ତେବେ ସେ ନିଜକୁ ସୁଧାରି ପାରିବ। ଜେଲ ଦଣ୍ଡ ଅପେକ୍ଷା ନୈତିକ ମୂଲ୍ୟବୋଧ ବ୍ୟକ୍ତିକୁ ଅଧିକ ପରିବର୍ତ୍ତନ କରିଥାଏ। ଏହାସହ ଶିଶୁମାନଙ୍କ ଉପରେ ନଜର ରଖିବା ଓ ସେମାନଙ୍କୁ ସୁରକ୍ଷିତ ପରିବେଶ ଯୋଗାଇଦେବାରେ ଅଭିଭାବକମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। କର୍ମଶାଳାରେ ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ରେହାନ ଖେତ୍ରୀ, ଭାରତୀୟ ପ୍ରଶାସନିକ ସେବା ଶିକ୍ଷାନବିଶ ଶୁଭ୍ରା ପଣ୍ଡା, ଖୋର୍ଦ୍ଧା ଜିଲା ଶୁଶୁ ସୁରକ୍ଷା ସମିତି ସଦସ୍ୟା ଆଇନଜୀବୀ ମାନସୀ ପାଢ଼ୀ, ଏଡ୍‌ଏକ୍ସ ଏକ୍ସନର ଜିଲା ସଂଯୋଜିକା ସୁନୀତା ତ୍ରିପାଠୀ, କାର୍ଯ୍ୟକ୍ରମ ଅଧିକାରୀ ସରୋଜ କୁମାର ବାରିକ ଅତିଥିଭାବେ ଉପସ୍ଥିତ ଥିଲେ। ଏଥିରେ ଉତ୍ତରାଞ୍ଚଳ ପୋଲିସ ଜୋନ୍‌ର ପୋଲିସ ଅଧିକାରୀମାନେ ଯୋଗଦେଇଥିଲେ।

# ସମୟ ଗଡୁଛି, ପ୍ରକଳ୍ପ ସରୁନି

## ଉନ୍ନୟନ ପ୍ରକଳ୍ପକୁ ନେଇ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ସମୀକ୍ଷା ବୈଠକ

## ମନ୍ତ୍ରୀଙ୍କ ତାଗିଦକୁ ବି ଯନ୍ତ୍ରୀ-ଅଧିକାରୀଙ୍କ ଖାତିର ନାହିଁ

ବଲାଙ୍ଗୀର,୭।୩(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରକୁ ସରକାର ଆକାଂକ୍ଷୀ ଜିଲା ଭାବେ ଘୋଷଣା କରିଛନ୍ତି। ଜିଲାର ବିକାଶ ପ୍ରକ୍ରିୟାକୁ ପ୍ରାଥମିକତା ଦେବା ଏବଂ ଯୋଜନା ଗୁଡିକର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱ ଦେଉଥିବା ବିଭିନ୍ନ ସମୟରେ କହୁଛନ୍ତି। ତେବେ ଜିଲାର ଉନ୍ନୟନ ପ୍ରକଳ୍ପଗୁଡିକର ସ୍ଥିତାବସ୍ଥା ପରଖିଲେ ଜିଲାରେ କେବଳ ସମୟ ଗୁଡୁଛି ଏବଂ ଉନ୍ନୟନ ପ୍ରକଳ୍ପ କାମ ସବୁ ନିର୍ଦ୍ଧାରିତ ସମୟରେ ଶେଷ ହେଉ ନ ଥିବା ସ୍ପଷ୍ଟ ହୋଇଛି।

ଶନିବାର ବଲାଙ୍ଗୀର ଡିଏଫ୍ଓ ଅଫିସ ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ତଥା ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଜିଲାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ ଏବଂ ଯୋଜନାର ସମୀକ୍ଷା କରିଥିଲେ। ସମୀକ୍ଷା ବେଳେ ଅନେକ ପ୍ରକଳ୍ପ ନିର୍ଦ୍ଧାରିତ ସମୟରୁ ଢ଼େର ବିଳମ୍ବ ହେବା ସତ୍ତ୍ୱେ ଶେଷ ହେଉନଥିବାରୁ ଯନ୍ତ୍ରୀ-ଅଧିକାରୀଙ୍କୁ ତାଗିଦ୍ କରିଥିଲେ। କିଛି ପ୍ରକଳ୍ପ ପାଇଁ ଏପ୍ରିଲ ୩୦ ଏବଂ ଆଉ କିଛି ପ୍ରକଳ୍ପ ପାଇଁ ଡିସେମ୍ବର ୩୧ ସୁଦ୍ଧା ସମୟ ସୀମା ଧାର୍ଯ୍ୟ କରିଥିଲେ। ସ୍ୱାସ୍ଥ୍ୟ ବିଭାଗର ଅନେକ ହସ୍ପିଟାଲ ଓ ସବ୍‌ସେଣ୍ଟର ନିର୍ଦ୍ଧାରିତ ସମୟ ଡେଇଁଥିଲେ ମଧ୍ୟ ଶେଷ ହେଉନଥିବା ଜଣାପଡିଥିଲା। ଭୀମ ଭୋଇ ମେଡିକାଲ କଲେଜ କ୍ରିଟିକାଲ କେୟାର ବ୍ଲକ୍, ଉପରଝରର ଡେ କେୟାର ସବ୍ ସେଣ୍ଟର, ଆଗଲପୁର ସିଏଚ୍‌ସି କୋଠା, ଲୋଇସିଂହା ସିଏଚ୍‌ସି କୋଠା, ମୁରିବାହାଲ, ସଇଁନ୍ତଲା, ବଲାଙ୍ଗୀର ଜିଲା ମୁଖ୍ୟ ଚିକିତ୍ସାଳୟର ସମନ୍ୱିତ ଜନସ୍ୱାସ୍ଥ୍ୟ ଲ୍ୟାବ୍ ଏବଂ ଅନ୍ୟ କାମ ଗୁଡିକର କାର୍ଯ୍ୟ ଏପର୍ଯ୍ୟନ୍ତ ଚାଲୁ ରହିଥିବା ଜଣାପଡିଥିଲା। ଖାଲି ଏତିକି ନୁହେଁ, ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ମୁକୁନ୍ଦିଲାଲ ମହିଳା ଉଚ୍ଚ ମାଧ୍ୟମିକ ସ୍କୁଲ, ଟିଟିଲାଗଡ ସରକାରୀ ମହିଳା କଲେଜ, ପାଟଣାଗଡ ଜବାହାରଲାଲ କଲେଜ ଓ ପାଟଣେଶ୍ୱରୀ ମହିଳା କଲେଜର ହଷ୍ଟେଲ କାମ ସମ୍ପୂର୍ଣ୍ଣ ହୋଇନଥିବା ଜଣାପଡିଥିଲା। ଏହିସବୁ କାମ କରିବାରେ ବଲାଙ୍ଗୀର ଓ କଣ୍ଟାବାଞ୍ଜି ପୂର୍ତ୍ତ ବିଭାଗ, ଆରଡି ବିଭାଗ, ଏନ୍‌ବିସିସି ଅବହେଳା ପ୍ରଦର୍ଶନ କରୁଥିବା ଜଣାପଡିଥିଲା। ମନ୍ତ୍ରୀ ମହାଲିଙ୍ଗ କଣ୍ଟାବାଞ୍ଜି ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ, ଏନ୍‌ବିସିସି ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଏପରି କି ବଲାଙ୍ଗୀର ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀ, ଆରଡି ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଶୀଘ୍ର କାର୍ଯ୍ୟ ଶେଷ କରିବାକୁ କହିଥିଲେ। ଏହାସହିତ ଚଳିତ ଖରିଫ ପାଇଁ ଲୋୟର ସୁକ୍‌ତେଲ ପ୍ରକଳ୍ପରୁ କିଭଳି ଜମିକୁ ପାଣି ଯୋଗାଇ ଦିଆଯିବ ସେ ଉପରେ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବିଭାଗୀୟ ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ କହିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀ, ଜିଲା ମଙ୍ଗଳ ଅଧିକାରୀ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜଙ୍ଗଲ ବିଭାଗ, ପାନୀୟ ଜଳ, ଜନସ୍ୱାସ୍ଥ୍ୟ ବିଭାଗ, ଜଳସେଚନ ବିଭାଗ, ଉଠା ଜଳସେଚନ ବିଭାଗ ଓ ଶିକ୍ଷା ବିଭାଗ ଅଧିକାରୀ ଓ ଯନ୍ତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ କରି ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଥିଲେ। ସମୟ ଗଡୁଛି ଓ ପ୍ରକଳ୍ପ କାମ ସରୁନଥିବାରୁ ଯନ୍ତ୍ରୀ ଓ ଅଧିକାରୀମାନେ ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ପାନୀୟ ଜଳ ପ୍ରକଳ୍ପ ସମ୍ପର୍କରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରତିକ୍ରିୟା ରଖି ଗତ ବିଜେଡି ସରକାରକୁ ଦୋଷାରୋପ କରିଥିଲେ। ପାନୀୟ ଜଳ ପ୍ରକଳ୍ପର ଜଳ ଉତ୍ସ କାମ ଶେଷ ନକରି କେବଳ ଠିକା ସଂସ୍ଥା ଗୁଡିକୁ ଧରି ପାଣି ଟାଙ୍କି ଓ ପାଇପ କାମରେ ଅନୁଦାନ ଅର୍ଥ ଖର୍ଚ୍ଚ କରିଥିବାରୁ ଏହି ପ୍ରକଳ୍ପ ସବୁ କାମରେ ଲାଗୁନଥିବା କହିଥିଲେ। ଏବେ ଜଳ ଉତ୍ସ କାମ ତ୍ୱରାନ୍ୱିତ କରାଯାଉଛି ଖୁବଶୀଘ୍ର ଏହି ପ୍ରକଳ୍ପଗୁଡିକ କାର୍ଯ୍ୟକାରୀ ହେବ ବୋଲି ସେ କହିଥିଲେ। ପାଟଣାଗଡ, ବେଲପଡା, କଣ୍ଟାବାଞ୍ଜି, ଟିଟିଲାଗଡ, ତୁଷରା ବାଇପାସ୍ କାମ ଉପରେ ସମୀକ୍ଷା କରିଥିଲେ। ଏହି ବୈଠକରେ ମନ୍ତ୍ରୀ ମହାଲିଙ୍ଗଙ୍କ ସହ ଟିଟିଲାଗଡ ବିଧାୟକ ନବୀନ ଜୈନ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଏଡିଏମ୍ ଡ. ବିଜୟାନନ୍ଦ ସେଠୀ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣୀ ସୁନା ମଞ୍ଚାସୀନ ଥିଲେ। ସମୀକ୍ଷା ବୈଠକରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ବଲାଙ୍ଗୀର ଡିଏଫ୍ଓ ଅଫିସ ସମ୍ମିଳନୀ କକ୍ଷରେ ଅନ୍ୟମାନଙ୍କ ଗହଣରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ସମୀକ୍ଷା କରୁଛନ୍ତି।

# ଦୁର୍ଘଟଣାରେ ଡାକ୍ତରୀ ଛାତ୍ରୀ ଗୁରୁତର

ବଲାଙ୍ଗୀର, ୭।୩ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀରର ସହର ଭାଗିରଥି ଛକରୁ ସର୍କିଟ ହାଉସ୍ ରାସ୍ତାରେ ଶନିବାର ଏକ ସ୍ପିଡ୍ ବାଇକ୍ ଧକ୍କାରେ ଜଣେ ଆୟୁର୍ବେଦିକ କଲେଜ ଛାତ୍ରୀ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରାଯାଇ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସକାଳେ ଛାତ୍ରୀ ଜଣକ ସରକାରୀ ଆୟୁର୍ବେଦିକ କଲେଜକୁ ପାଠ ପଢ଼ିବା ପାଇଁ ଯାଉଥିବା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ । ଏହି ସମୟରେ ତାଙ୍କ ସହ ଆସୁଥିବା କେତେଜଣ ଛାତ୍ରୀ ଓ ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ଆହତ ଛାତ୍ରୀ ଜଣକ ହେଲେ ସିମରନ୍ ଷଡ଼ଙ୍ଗୀ ଓ ତାଙ୍କ ଘର କୋରାପୁଟ ଜିଲାରେ ବୋଲି ଜଣାପଡ଼ିଛି। ସେ ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ଓ ହସ୍ପିଟାଲର ପ୍ରଥମ ବର୍ଷର ଛାତ୍ରୀ । ଦୁର୍ଘଟଣା ସ୍ଥଳରେ ବଲାଙ୍ଗୀର ଟାଉନ ଥାନା ପୋଲିସ ପହଞ୍ଚି ସମ୍ପୃକ୍ତ ବାଇକ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାକୁ ନେଇଥିଲେ। ସୂଚନାଯୋଗ୍ୟ, ଏହି ଭିଆଇପି ରାସ୍ତାରେ ସ୍ପିଡ୍ ବାଇକର ଓ ଅମାନିଆମାନେ ବେପରୁଆ ଗାଡ଼ି ଚାଳନା କରୁଥିବାରୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏହାସତ୍ତ୍ୱେ ପୋଲିସ କୌଣସି ପ୍ରତିକାର ବ୍ୟବସ୍ଥା କରୁ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି।

# ଘରଡ଼ିହ ପ୍ରଦାନ ଦାବି

ଲାଠୋର,୭।୩(ଭୁବନେଶ୍ୱର ବାରିକ)

ସରକାର ଭୂମିହୀନଙ୍କୁ ଭୂମି ପ୍ରଦାନ କରୁଥିବା ବେଳେ ବିଭାଗୀୟ ଅବହେଳା ହେତୁ ଅନେକ ଭୂମିହୀନ ପରିବାର ଏଥିରୁ ବଞ୍ଚିତ ହେଉଥିବା ଅଭିଯୋଗ ହେଉଛି। ଏପରି ଏକ ଘଟଣା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ଗ୍ରାମର ମଧପଡ଼ାରେ ଦେଖିବାକୁ ମିଳିଛି। ପ୍ରକାଶ ଯେ, ତ୍ରିଲୋଚନ କୈବର୍ତ୍ତ ବାପା ସ୍ୱର୍ଗତ ଧ୍ରୁବଲେଶ୍ୱର କୈବର୍ତ୍ତଙ୍କ ନାମରେ ୩ ଡ଼ିସମିଲ ଘରଡ଼ିହ ରହିଛି। ସେଥିମଧ୍ୟରୁ ଦେଢ ଡ଼ିସମିଲ ଘରଡିହ ଅନ୍ୟମାନେ ଜବର ଦଖଲ କରିଛନ୍ତି। ବଳକା ଦେଢ ଡେସିମିଲ ଘରଡ଼ିହରେ ତ୍ରିଲୋଚନ ଘର କରିଛନ୍ତି। ସେଠାରେ ନିଜ ସ୍ତ୍ରୀ , ପିଲା, ବିଧବା ମା' ଓ ଭଉଣୀଭାଇ ମିଶି ୮ ପ୍ରାଣୀ କୁଟୁମ୍ବ ରହୁଛନ୍ତି। ଛୋଟ ଘର ଯୋଗୁ ରହିବାରେ ବାଧା ସୃଷ୍ଟି ହେଉଛି। ସରକାରୀ ଭାବେ ଭୂମି ପ୍ରଦାନ ପାଇଁ ତ୍ରିଲୋଚନ ୨୦୨୧ ଡିସେମ୍ବର ୯ ତାରିଖରେ ଲାଠୋର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟଠାରୁ ଆରମ୍ଭ କରି ଖପ୍ରାଖୋଲ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ କାଗଜପତ୍ର ଦାଖଲ ସହ ଆବେଦନ କରିଛନ୍ତି। ହେଲେ ଅନ୍ୟ ଭୂମିହୀନମାନଙ୍କୁ ଭୂମି ପ୍ରଦାନ କରାଯାଇଥିବା ବେଳେ ତ୍ରିଲୋଚନଙ୍କୁ ଅଦ୍ୟାବଧି ଭୂମି ପ୍ରଦାନ କରାଯାଇ ନାହିଁ। ସେ ବାରମ୍ବାର ସରକାରୀ ଅଧିକାରୀଙ୍କୁ ସାକ୍ଷାତ କରି ଭୂମି ପ୍ରଦାନ ପାଇଁ ଅନୁରୋଧ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏନେଇ ଲାଠୋର ରାଜସ୍ୱ ନିରୀକ୍ଷକ ଇନ୍ଦ୍ରଦ୍ୟୁମ୍ନ ନାଏକଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ନ ପାରିବାରୁ ତାଙ୍କ ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ରାଜସ୍ୱ ବିଭାଗ ଘଟଣାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

## ମହିଳା ଚାଷୀ ସମ୍ବର୍ଦ୍ଧିତ

ଖପ୍ରାଖୋଲ,୭।୩(ଅଭୟ ତ୍ରିପାଠୀ)

ସ୍ଥାନୀୟ ବ୍ଲକ ସମ୍ମିଳନୀ କକ୍ଷଠାରେ ବ୍ଲକସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ଶନିବାର ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭଇଁସାଲ, ସିଡିପିଓ ଅମିତା ପଣ୍ଡା, ଓଏଭି ଅଧ୍ୟକ୍ଷା ସରିତା ନାଏକ, ଓଏଲଏମ ବିପିଏମ ପଙ୍କଜିନୀ ତରାସିଆ, ବ୍ଲକ କୃଷି ଅଧିକାରୀ ସନ୍ତୋଷ କୁମାର ମେହେର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ପ୍ରତୀକ୍ଷା ସାହୁ ଯୋଗ ଦେଇଥିଲେ। ଅତିଥିମାନେ ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ ହେବା ସହିତ ସବୁ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରିବାକୁ ମତପୋଷଣ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ମହିଳାଙ୍କୁ ଟ୍ରଫି ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଲାଠୋର ସରପଞ୍ଚ ଜୟଶ୍ରୀ ଭଇଁସାଲ, ବ୍ଲକ ଅଧ୍ୟକ୍ଷା ନିରୂପମା ପଟେଲ, ସ୍ଥାନୀୟ ସରପଞ୍ଚ ବେଟିଖାଇ ସେନ୍ଦ୍ରୀଆ, ମହିଳା ଚାଷୀ ସରୋଜିନୀ ସାହୁ, ରଶ୍ମିତା ପାତ୍ର , ସୂର୍ଯ୍ୟ ବରିହା, ଗୌରୀ ଭୁଏ, ମହିଳା ଡ଼ାକ୍ତର ମୋନିକା ମଲ୍ଲିକଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଅଗ୍ରଣୀ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପବିତ୍ର ପଟେଲ, ଉମେଶ ଗୁପ୍ତା , ପ୍ରଶାନ୍ତ ନନ୍ଦ, ମାଧୁରୀ ଦୀପଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ , କର୍ମଚାରୀ, ଆଶା, ଅଙ୍ଗନବାଡ଼ି କର୍ମୀ, ଏମବିକେ, ସିଆରପି ଉପସ୍ଥିତ ଥିଲେ। ଏଫଇଏସ ମାଷ୍ଟର ଟ୍ରେନର ଡ. ଅଭୟ ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଓଏଲଏମ ବିପିଏମ ପାଙ୍କଜିନୀ ତରାଶିଆ ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ହାଇସ୍କୁଲର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ।

# ହରେକୃଷ୍ଣ ମହତାବ ହାଇସ୍କୁଲର ବାର୍ଷିକ ଉତ୍ସବ

ଲୋଇସିଂହା,୭।୩(ସୁଶାନ୍ତ ବାରିକ)

ବଲାଙ୍ଗୀର ଜିଲା ଲୋଇସିଂହାର ସର୍ବପୁରାତନ ଶିକ୍ଷାନୁଷ୍ଠାନ ହରେକୃଷ୍ଣ ମହତାବ ହାଇସ୍କୁଲର ୭୦ତମ ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ଶୁକ୍ରବାର ସନ୍ଧ୍ୟାରେ ପାଳିତ ହୋଇଯାଇଛି। ଉତ୍ସବରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଉଦ୍ଧବ ଚରଣ ପଟେଲ ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଏଡିଏମ ପବିତ୍ର କୁମାର ବେହେରା ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ତହସିଲଦାର ଟିଙ୍କୁନୁ ପୁଟା, ବିଡିଓ ଅକ୍ଷୟ ପାଣି ଉଦ୍ଗୁ, ଆଇନଜୀବୀ ଦିଲୀପ କୁମାର ବେହେରା, ଜୁବଲି କମିଟି ସଭାପତି ତଥା ସରପଞ୍ଚ ନବ କିଶୋର ନାଏକ, କୋଷାଧ୍ୟକ୍ଷ ରାଜ ନାରାୟଣ ଅଗ୍ରୱାଲ ମଞ୍ଚାସୀନ ଥିଲେ। ମୁଖ୍ୟଅତିଥି ବେହେରା ବିଦ୍ୟାଳୟର ବାର୍ଷିକ କାର୍ଯ୍ୟକ୍ରମ ଓ ସଫଳତାକୁ ନେଇ ଖୁସି ବ୍ୟକ୍ତ କରିବା ସହିତ ଛାତ୍ରଙ୍କୁ ଶିକ୍ଷାର ଗୁରୁତ୍ୱ, ଶୃଙ୍ଖଳା ଓ ନୈତିକ ମୂଲ୍ୟବୋଧର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ତହସିଲଦାର ପୁଟା ଓ ବିଡିଓ ଉଦ୍ଗୁ ବିଦ୍ୟାଳୟର ଛାତ୍ରଙ୍କୁ ଭଲ ପାଠପଢି ବିଦ୍ୟାଳୟର ଗୌରବ ବଢାଇବାକୁ ଆହ୍ୱାନ କରିଥିଲେ। ଆଇନଜୀବୀ ବେହେରା ଗୁରୁ ଶିଷ୍ୟ ପରମ୍ପରାକୁ ମନେ ପକାଇଥିଲେ। ସେତେବେଳେ ଗୁରୁଙ୍କ ପ୍ରତି ଶିଷ୍ୟଙ୍କ ଭକ୍ତି ରହିଥିଲା । କିନ୍ତୁ ବର୍ତ୍ତମାନ ସମୟରେ ତାହା ଦେଖିବାକୁ ମିଳୁନାହିଁ। ଏହାକୁ ନେଇ ସେ ଚିନ୍ତା ବ୍ୟକ୍ତ କରିଥିଲେ। ୭୦ ବର୍ଷ ପୂର୍ବେ ଏହି ଅଞ୍ଚଳରେ ଶୈକ୍ଷିକ ବିପ୍ଳବ ଆଣିବା ସହ ସାମାଜିକ ସୁଧାର ଆଣିବା ଲକ୍ଷ୍ୟରେ ଉକ୍ତ ବିଦ୍ୟାଳୟକୁ ପୂର୍ବପୁରୁଷମାନେ ପ୍ରତିଷ୍ଠା କରିଥିବା ସେ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ଶିକ୍ଷା, କ୍ରୀଡା, ସାଂସ୍କୃତିକ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଙ୍କୁ ଟ୍ରଫି ଓ ମାନପତ୍ର ଦିଆଯାଇ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ଭକ୍ତବନ୍ଧୁ ନାଏକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ମନାକ୍ଷୀ ମିଶ୍ର ଓ ଅନ୍ୟମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ପୁରାତନ ଛାତ୍ର ସତ୍ୟ ନାରାୟଣ ଭୋଇ ଧନ୍ୟବାଦ ଅର୍ପଣ କରିଥଲେ।






## ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ।**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମା' ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆଜିର ମହିଳା କେବଳ ପରିବାରର ଶକ୍ତି ନୁହନ୍ତି, ସେମାନେ ହେଉଛନ୍ତି ସମାଜ ଓ ରାଷ୍ଟ୍ରଗଠନର ମୂଳଶକ୍ତି। ଘରୋଇ ଦାୟିତ୍ୱରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଆଗୁଆ ଭୂମିକା ନେଇ ସମାଜ ଓ ପରିବାରର ଆର୍ଥିକ ସଶକ୍ତିକରଣକୁ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଆସୁଛନ୍ତି।

ଆମ ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି। ମହିଳାମାନଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସମ୍ମାନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। 'ସୁଭଦ୍ରା ଶକ୍ତି' ଏ ଦିଗରେ ଆମର ଏକ ବଳିଷ୍ଠ ପ୍ରୟାସ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ସବୁ ମା' ଓ ଭଉଣୀମାନଙ୍କୁ ନୂଆ ଆତ୍ମବିଶ୍ୱାସର ସହ ଆଗକୁ ବଢି ସମୃଦ୍ଧ ଓଡ଼ିଶା ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରୁଛି।

ଆସନ୍ତୁ, ଆମେ ସମସ୍ତେ ମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/33001/2/25-26/0005

33001/18/2526

## ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା

**ସାହସେ ଖଲୁ ଶ୍ରୀର୍ବସତି।**

ଅନ୍ତର୍ଜାତୀୟ ମହିଳା ଦିବସର ଏହି ପବିତ୍ର ଅବସରରେ ମୁଁ ରାଜ୍ୟର ସମସ୍ତ ମାତୃଶକ୍ତି, ଭଉଣୀ ଓ କନ୍ୟାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି। ନାରୀ ହେଉଛି ସୃଷ୍ଟି, ଶକ୍ତି ଓ ସମୃଦ୍ଧିର ପ୍ରତିମୂର୍ତ୍ତି। ସେ ହିଁ ଜୀବନର ଉତ୍ସ, ପରିବାରର ପ୍ରେରଣା ଏବଂ ଏକ ପ୍ରଗତିଶୀଳ ସମାଜର ଆଦ୍ୟବିନ୍ଦୁ। ନିଜର ସାହସ ଏବଂ ଦୃଢ଼ ସଂକଳ୍ପ ବଳରେ ସେମାନେ ସ୍ୱପ୍ନକୁ ସାକାର କରନ୍ତି, ସମାଜ ଗଠନ କରନ୍ତି ଏବଂ ଦେଶର ଭବିଷ୍ୟତକୁ ଏକ ନୂତନ ରୂପ ପ୍ରଦାନ କରନ୍ତି।

ଆଜି ଓଡ଼ିଶା ସରକାର "ମହିଳା କେନ୍ଦ୍ରିତ ଶାସନ" ଅଭିମୁଖେ ଦୃଢସଂକଳ୍ପ ସହ ଆଗକୁ ବଢୁଛନ୍ତି, ଯେଉଁଠି ମହିଳାମାନେ କେବଳ ହିତାଧିକାରୀ ନୁହନ୍ତି, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣକାରୀ ସାଜିଛନ୍ତି। 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାରେ ମହିଳାମାନେ ହିଁ ଆମର ମୁଖ୍ୟ ସ୍ତମ୍ଭ।

ଏହି ବିଶ୍ୱାସକୁ ପାଥେୟ କରି ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନାକୁ ସୁଦୃଢ ଭାବେ କାର୍ଯ୍ୟକାରୀ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ', 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', ' ଅଦ୍ୱିକା' ଯୋଜନା ଇତ୍ୟାଦି କେବଳ ଗୋଟିଏ ଗୋଟିଏ ଯୋଜନା ନୁହେଁ, ବରଂ ପ୍ରତିଟି ମହିଳାଙ୍କୁ ପରିବର୍ତ୍ତନର ସାରଥି ଭାବେ ଗଢ଼ିତୋଳିବା ପାଇଁ ଏକ ସଶକ୍ତ ପଦକ୍ଷେପ।

ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ପରିବାର ହସିଉଠେ, ଯେତେବେଳେ ମହିଳା ନେତୃତ୍ୱ ନିଅନ୍ତି, ସମାଜ ପରିବର୍ତ୍ତିତ ହୁଏ ଏବଂ ଯେତେବେଳେ ମହିଳା ସମୃଦ୍ଧ ହୁଅନ୍ତି, ରାଜ୍ୟ ପ୍ରଗତି ପଥରେ ଅଗ୍ରସର ହୁଏ।

ଆସନ୍ତୁ, ଏହି ମହିଳା ଦିବସରେ ପ୍ରତ୍ୟେକ ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ପୁନଃ ସଂକଳ୍ପବଦ୍ଧ ହେବା ଏବଂ 'ବିକଶିତ ଓଡ଼ିଶା ୨୦୩୬'କୁ ସାକାର କରିବା ଦିଗରେ ମହିଳାମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା।

ଶ୍ରୀମତୀ ପ୍ରଭାତୀ ପରିଡା
ଉପ-ମୁଖ୍ୟମନ୍ତ୍ରୀ, ତଥା ମାନ୍ୟବର ମନ୍ତ୍ରୀ,
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

# ୮.୯୧ କୁଇଣ୍ଟାଲ ଗଞ୍ଜେଇ ଜବତ

## ଜଣେ ଗିରଫ, ୩ କାର୍ ଜବତ

**ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ଗଞ୍ଜେଇ ଚୋରାଚାଲାଣର କରିଡର ପାଲଟିଛି। ଶନିବାର ସୁବର୍ଣ୍ଣପୁର ଜିଲାର ସୋନପୁର ଓ ଉଲୁଣ୍ଡା ଥାନା ଅଞ୍ଚଳରେ ପୋଲିସ ଚଢ଼ାଉକରି ମୋଟ ୮କୁଇଣ୍ଟାଲ ୯୧ କିଲୋଗ୍ରାମ ଗଞ୍ଜେଇ ଜବତ କରିଛି। ଏହି ଘଟଣାରେ ୩ଟି କାର୍ ଜବତ ହେବା ସହ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ସୁବର୍ଣ୍ଣପୁର ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ତଦନ୍ତ ଜାରି ରହିଛି ଏଥିରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ଏସ୍‌ପି କହିଛନ୍ତି।

ବୌଦ୍ଧ ଜିଲା ପଟୁ ସୁବର୍ଣ୍ଣପୁର ଜିଲା ରାସ୍ତା ଦେଇ ବିପୁଳ ପରିମାଣର ଗଞ୍ଜେଇ ଚୋରାଚାଲାଣ ହେଉଥିବା ସୁବର୍ଣ୍ଣପୁର ଏସ୍‌ପିଙ୍କୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏଥିପାଇଁ ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଏକ ସ୍ୱତନ୍ତ୍ର ଦଳ ଗଠନ ହୋଇଥିଲା। ଶନିବାର ଭୋର ସମୟରେ ବୌଦ୍ଧ ଜିଲା ମନମୁଣ୍ଡା ପଟୁ ଆସୁଥିବା ଏକ ଏର୍ଟିଗା କାର୍‌ରେ ବିପୁଳ ପରିମାଣରେ ଗଞ୍ଜେଇ ଚୋରାଚାଲାଣ କରାଯାଉଥିଲା। ଆଇଆଇସି ଯାଦବ ବାଗଙ୍କ ନେତୃତ୍ୱରେ ସୋନପୁର ଥାନା ପୋଲିସ ଟିମ୍ ଏହି କାର୍‌କୁ ଚିହ୍ନଟକରି ପିଛାକରୁଥିଲେ। ତେବେ ପୋଲିସ ଟିମ୍‌କୁ ଦେଖି ଡ୍ରାଇଭର ଓ ଅଭିଯୁକ୍ତମାନେ ସୁବର୍ଣ୍ଣପୁର ଜିଲା ମତ୍ସ୍ୟ କାର୍ଯ୍ୟାଳୟ ସମ୍ମୁଖରେ କାର୍‌କୁ ରାସ୍ତା ପାର୍ଶ୍ୱରେ ରଖି ଫେରାର ହୋଇଯାଇଥିଲେ। ମାଜିଷ୍ଟ୍ରେଟ୍ ତଥା ସୋନପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟର ସହାୟକ ଜିଲାପାଳ ସୁବାସ ଚନ୍ଦ୍ର ଭୋଇଙ୍କ ଉପସ୍ଥିତିରେ କାର୍ ତନଖି କରାଯିବା ସହ ୩୪୦ ପ୍ୟାକେଟ୍ ଗଞ୍ଜେଇକୁ ଓଜନ କରାଯାଇଥିଲା। ଓଜନ ପରେ ମୋଟ ୩ କୁଇଣ୍ଟାଲ ୩୦କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିଲା। ସେହିପରି ନକଲି ନମ୍ବର ପ୍ଲେଟ୍ ଲାଗିଥିବା ଏର୍ଟିଗା କାର ନଂ. ଓଡି୦୨ସିଏନ-୩୪୨୫କୁ ପୋଲିସ ଜବତ କରିଛି। ସୋନପୁର ଥାନାରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ଏକ ମାମଲା ରୁଜୁହେବା ସହ ଅଧିକ ତଦନ୍ତ ଜାରି ରହିଛି। ଏସ୍‌ଆଇ ସୁକାନ୍ତ ଜେନାଙ୍କ ଅଭିଯୋଗକ୍ରମେ ଏସ୍‌ଆଇ ଅନିଲ କୁମାର ବେହେରା ମାମଲାର ତଦନ୍ତ କରୁଛନ୍ତି।

ସେହିପରି ଉଲୁଣ୍ଡା ଥାନା ପୋଲିସ ଉଲୁଣ୍ଡା-ସମ୍ବଲପୁର ରାସ୍ତାର ମାଟିଖାଇ ଓ ପଞ୍ଚାୟତ ସମିତି କଲେଜ ସମ୍ମୁଖରେ ଶନିବାର ପୃଥକ୍ ଭାବେ ଚଢ଼ାଉକରି ବିପୁଳ ପରିମାଣର ଗଞ୍ଜେଇ ଜବତ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ମାଟିଖାଇ ନିକଟରେ ଟାଟା ଟିଗୋର ନକଲି ନମ୍ବର ପ୍ଲେଟ୍ ଥିବା କାର ନଂ.ଓଡି୩୦ବି-୭୭୬୯ ତନଖି ସମୟରେ ୨୭୯ ପ୍ୟାକେଟ୍ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟ୍ ତଥା ଉଲୁଣ୍ଡା ଅତିରିକ୍ତ ତହସିଲଦାର ନିରଞ୍ଜନ ଧଳଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ ପରେ ମୋଟ ୨କୁଇଣ୍ଟାଲ ୭୬କିଲୋଗ୍ରାମ ଗଞ୍ଜେଇ ଓ କାର୍ ଜବତ ହୋଇଥିଲା। ଏହି ଘଟଣାରେ ପୋଲିସ କାର୍ ଡ୍ରାଇଭର ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଅଞ୍ଚଳର ଅମର ସାହୁ(୨୩)ଙ୍କୁ ଗିରଫ କରିଛି। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଏନ୍‌ଡିପିଏସ୍ ଆଇନ ଅନୁଯାୟୀ ଏକ ମାମଲା ରୁଜୁ ହୋଇ ଅଧିକ ତଦନ୍ତ ଜାରି ରହିଛି। ପ୍ରାରମ୍ଭିକ ତଦନ୍ତରୁ ଗଞ୍ଜେଇ ବୌଦ୍ଧ ଜିଲାରୁ ସୁନ୍ଦରଗଡ଼ ଚୋରାଚାଲାଣ ହେଉଥିବା ଜଣାପଡିଛି। ରବିବାର ଗିରଫ ଡ୍ରାଇଭରଙ୍କୁ କୋର୍ଟଚାଲାଣ କରାଯିବ। ସେହିପରି କଲେଜ ଛକ ସମ୍ମୁଖରେ ନକଲି ନମ୍ବର ପ୍ଲେଟ୍ ଥିବା କାର୍ ନଂ. ଓଡି୦୨ଏଜି-୩୪୦୨ ତନଖି ସମୟରେ ୨୯୧ ପ୍ୟାକେଟ୍ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ ପରେ ୨କୁଇଣ୍ଟାଲ ୮୫କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଛି। ଏ ସମ୍ପର୍କରେ ଉଲୁଣ୍ଡା ଥାନାରେ ଅନ୍ୟ ଏକ ମାମଲା ରୁଜୁ ହୋଇଛି। ଆଇଆଇସି ଲିଙ୍ଗରାଜ ସେଠୀଙ୍କ ଅଭିଯୋଗକ୍ରମେ ଏସ୍‌ଆଇ ରୋସନ କୁମାର ପ୍ରଧାନ ମାମଲାର ତଦନ୍ତ କରୁଛନ୍ତି।

ପ୍ରକାଶ ଯେ, ବୌଦ୍ଧ ଓ କନ୍ଧମାଳ ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳରେ ବ୍ୟାପକ ଭାବେ ଗଞ୍ଜେଇ ଚାଷ ହେଉଛି। ଅମଳ ପରେ ଶୁଖିଲା ଗଞ୍ଜେଇଗୁଡିକୁ ପ୍ୟାକେଟ୍‌କରି ସୁବର୍ଣ୍ଣପୁର, ବଲାଙ୍ଗୀର, ସମ୍ବଲପୁର, ବରଗଡ଼, ଅନୁଗୋଳ ଓ ନୟାଗଡ଼ ଭଳି ଜିଲାର ବିଭିନ୍ନ ରାସ୍ତା ଦେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ବ୍ୟବସାୟୀମାନେ ଅଧିକାରୀଙ୍କ ସହ ସଲାସୁତୁରାକରି ଅଭିନବ ଉପାୟରେ ଗଞ୍ଜେଇ ଚୋରାଚାଲାଣ କରୁଛନ୍ତି। ଚୋରାଚାଲାଣରେ ଆମ୍ବୁଲାନ୍ସଠାରୁ ଆରମ୍ଭକରି ଭିଆଇପି କାର୍ ଓ କଣ୍ଟେନର ବ୍ୟବହାର ହେଉଛି। ସୁବର୍ଣ୍ଣପୁର ଏସ୍‌ପି ଭାବେ ନାରାୟଣ ନାୟକ ଯୋଗଦେବା ପରେ କରିଡରକୁ ଭାଙ୍ଗିବାକୁ ଚେଷ୍ଟା ଜାରି ରଖିଛନ୍ତି। ସୁବର୍ଣ୍ଣପୁର ଜିଲା ଦେଇ ଯାଇଥିବା ପ୍ରମୁଖ ରାସ୍ତାଗୁଡ଼ିକରେ ଧରପଗଡ଼କୁ ଜୋର୍‌ଦାର କରିଛନ୍ତି।



ସୁବର୍ଣ୍ଣପୁର ସହରରେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ପୋଲିସ ଟିମ୍ ଗଞ୍ଜେଇ ଓଜନ କରୁଛନ୍ତି।



ଜବତ ହୋଇଥିବା ଗଞ୍ଜେଇ ଚୋରାଚାଲାଣରେ ବ୍ୟବହୃତ କାର୍।

**ଜବତ ଗଞ୍ଜେଇର ବଜାର ମୂଲ୍ୟ ୮କୋଟି ୯୧ଲକ୍ଷ: ଏସ୍‌ପି**

# ମହୋତ୍ସବ ମାଲେଶ୍ରୀ ପାଇଁ ଶୁଭସ୍ତମ୍ଭ ସ୍ଥାପନ

**ବୀରମହାରାଜପୁର,୭।୩ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଲୋକ ମହୋତ୍ସବ ମାଲେଶ୍ରୀ ପାଇଁ ଶନିବାର ପୂର୍ବାହ୍ନ ୧୧ଟା ୩୦ରେ ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ଲୋକ ମହୋତ୍ସବ କମିଟିର ଅଧ୍ୟକ୍ଷ ତଥା ବୀରମହାରାଜପୁର ଉପଜିଲାପାଳ ସୁରେନ୍ଦ୍ର ମେହେର କର୍ତ୍ତା ଭାବରେ କାର୍ଯ୍ୟ ତୁଲାଇଥିଲେ। ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା ମିଳିତ ଭାବରେ ଶୁଭସ୍ତମ୍ଭ ସ୍ଥାପନ କରିଥିଲେ। ପୂଜକ ଭାବରେ ପଣ୍ଡିତ ରବୀଚନ୍ଦ୍ର ପୁରୋହିତ କାର୍ଯ୍ୟ ତୁଲାଇଥିଲେ। ଏଠାରେ ସୂଚାଇ ଦିଆଯାଇପାରେ ମାର୍ଚ୍ଚ ୨୦ରୁ ୨୩ ପର୍ଯ୍ୟନ୍ତ ୪ଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହେବ। ଶୁଭସ୍ତମ୍ଭ ସ୍ଥାପନ କାର୍ଯ୍ୟକ୍ରମରେ କମିଟିର ସମ୍ପାଦକ ତଥା ବିଡିଓ ରାଜୀବ କୁମାର ହାଁସଦା, କୋଷାଧ୍ୟକ୍ଷ ତଥା ଡେପୁଟି କଲେକ୍ଟର ଶୁଭମ୍ ଶିବାଶିଷ ଶତପଥୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା, କମିଟିର ସହ ସମ୍ପାଦକ ତଥା ସହକାରୀ ଜିଲାପାଳ ଅଜିତ କୁମାର ମିର୍ଦ୍ଧା, ଡେପୁଟି କଲେକ୍ଟର ପ୍ରିତମ୍ ମହାନ୍ତି, ସହକାରୀ ଜିଲାପାଳ ନରେନ୍ଦ୍ର କୁମାର ଭୋଇ, ବରିଷ୍ଠ ସଦସ୍ୟ ସ୍ୱୟମ୍ଭୁନାଥ ଖଣ୍ଡଗିରୀ, ଭୂଷଣ କୁମାର ପାତ୍ର, ସ୍ମରଣିକା କମିଟିର ମୁଖ୍ୟ ଡ. ଦ୍ୱିତୀକୃଷ୍ଣ ପଣ୍ଡା, ରାମକୃଷ୍ଣ ହୋତା, ସୁମନ୍ତ ଜଗଦଲା, ଅକ୍ଷୟ କୁମାର ମିଶ୍ର, ଅକ୍ଷୟ କୁମାର ରାଏ, କିଶୋର କୁମାର ହୋତା, ଜିତେନ୍ଦ୍ରିୟ ଦାସ, ମେଘନାଦ ଭୋଇ, ଦାମୋଦର ହୋତା, ଦୟାନିଧି ହୋତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସନ୍ତୋଷ କୁମାର ଭୋଇ, ନିରଞ୍ଜନ ପଣ୍ଡା, ଅକ୍ଷୟ କୁମାର ରାଏ, ବିଧାୟକ ନମିନି ପଦାର୍ଥ ଜଗଦଲା, ରୋହିତ ହୋତା, ସରପଞ୍ଚ ସଂଘ ସଭାପତି ଶ୍ରୀୟା କର୍ମୀ, ପୂର୍ବତନ ସରପଞ୍ଚ ଧର୍ମେନ୍ଦ୍ର ମେହେର, ଚମ୍ପେଶ୍ୱର ମିଶ୍ର, ପ୍ରଭାତ କୁମାର ପଣ୍ଡା, ରବିନାରାୟଣ ପଣ୍ଡା, ଶିବ ପ୍ରସାଦ ଅଗ୍ରୱାଲ୍, କମିଟିର ସଂଯୋଜକ ଯୁଗଳ କିଶୋର ମିଶ୍ର, ବୀରମହାରାଜପୁର ଥାନା ଅଧିକାରୀ ସାରଙ୍ଗଧର ପାଣିଗ୍ରାହୀଙ୍କ ସମେତ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ। ଶୁଭସ୍ତମ୍ଭ ସ୍ଥାପନ ପରେ ବୀରମହାରାଜପୁର ବ୍ଲକ ସଭାଗୃହଠାରେ ମାଲେଶ୍ରୀ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହାର ଅଗ୍ରଗତି ସମ୍ବନ୍ଧରେ ଆଲୋଚନା ହୋଇଥିଲା। ଏଥିରେ ମଧ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।



ମାଲେଶ୍ରୀ ଲୋକ ମହୋତ୍ସବ ଶୁଭସ୍ତମ୍ଭ ସ୍ଥାପନ କରାଯାଉଛି।

# ଆତ୍ମରକ୍ଷା ତାଲିମ ନେଲେ ଛାତ୍ରୀ

**ସୋନପୁର,୭।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାସ୍ତରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଶନିବାର ଦ୍ୱିତୀୟ ଦିନରେ ଛାତ୍ରୀମାନଙ୍କୁ ଆତ୍ମରକ୍ଷା ତାଲିମ ଦିଆଯାଇଥିଲା। ଟାଉନ ହଲରେ ଆତ୍ମରକ୍ଷା କୌଶଳ ଶିକ୍ଷା ସହିତ ପ୍ରଶିକ୍ଷକଙ୍କ ଦ୍ୱାରା ଜୁଡୋ, କରାଟେ, ବକ୍ସିଂ ଓ ମହିଳା ନେତୃତ୍ୱ ସୃଷ୍ଟି କରିବା ପାଇଁ ଛାତ୍ରୀମାନଙ୍କୁ ତାଲିମ ଦିଆଯାଇଛି। ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ସୋନପୁର ଉପ ଜିଲାପାଳ ଡ. ସୌମ୍ୟାରୂପା ରଥ, ଜିଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ମାଝୀ, ଜିଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ସାହୁ ଅତିଥିଭାବେ ଯୋଗଦାନ କରିଥିଲେ। ଛାତ୍ରୀମାନଙ୍କୁ ପ୍ରଶିକ୍ଷକ ଓ କୋଚମାନଙ୍କ ଦ୍ୱାରା ଆତ୍ମରକ୍ଷା କୌଶଳ, ଜୁଡୋ, କରାଟେ ସହିତ ବକ୍ସିଂ ତାଲିମ ଦିଆଯାଇଥିଲା। ଏଥିସହିତ ଛାତ୍ରୀ ଓ ମହିଳାମାନଙ୍କ ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ମୁକାବିଲା କରିବା, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା, ପୁଷ୍ଟିକର ଖାଦ୍ୟ, ନୂତନ ମହିଳା ନେତୃତ୍ୱ ସୃଷ୍ଟି କରିବା, ଦକ୍ଷତା ବୃଦ୍ଧି ଆଦି ବିଷୟରେ ତାଲିମ ଓ ସଚେତନ କରାଯାଇଥିଲା।



ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ପ୍ରଦର୍ଶନ କରୁଛନ୍ତି।



ବିନିକା ମହିଳା ସ୍ନାତକ ମହାବିଦ୍ୟାଳୟ ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ମହିଳା ସ୍ନାତକ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**ବିନିକା,୭।୩ (ରାମଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ମହିଳା ସ୍ନାତକ ମହାବିଦ୍ୟାଳୟରେ ୭ମ ବାର୍ଷିକ ମହୋତ୍ସବ ଶନିବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ହିମାଂଶୁ ଶେଖର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ସୁବର୍ଣ୍ଣପୁର ଜିଲାପାଳ ଡ଼. ନୃପରାଜ ସାହୁ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପଦ୍ମଶ୍ରୀ ଡ. ହଳଧର ନାଗ, ସମ୍ମାନିତ ଅତିଥିଭାବେ ଜିଲା ରେଡ୍‌କ୍ରସ ସଂଯୋଜକ ଉମାକାନ୍ତ ନାଗ, ସମ୍ପାଦକ ବିକାଶ ମହାନ୍ତି, ଟ୍ରଷ୍ଟି ସୂର୍ଯ୍ୟନାରାୟଣ ପାଢ଼ୀ, ଅଧ୍ୟାପିକା ଅର୍ପିତା ପଧାନ ମଞ୍ଚାସୀନ ଥିଲେ। ସଭାପତି ତ୍ରିପାଠୀଙ୍କ ସଭାପତିତ୍ୱ ସ୍ୱାଗତ ଅଭିଭାଷଣ ଏବଂ ସମ୍ପାଦକ ମହାନ୍ତି ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା ଓ ସମ୍ମାନିତ ଅତିଥିମାନେ ତାଙ୍କ ଅଭିଭାଷଣରେ ସୁସ୍ଥ ଓ ଶିକ୍ଷିତ, ବିକଶିତ ସମାଜ ଗଠନ ପାଇଁ ନାରୀ ଶିକ୍ଷା କେତେ ଜରୁରୀ କହିଥିଲେ। ନାରୀ ହେଲେ ପାଠୋଇ ଦେଶ ଯିବ ଆଗେଇ। ତେଣୁ ଛାତ୍ରୀମାନଙ୍କୁ ଶୃଙ୍ଖଳିତ, ସଂସ୍କାରିତ ରହି ପାଠପଢ଼ିବା ପ୍ରତି ଆକୃଷ୍ଟ ହେବାକୁ ଅନେକ ଉଦାହରଣ ଦେଇ ଉପଦେଶ ବାର୍ତ୍ତା ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ରାଜନୀତି ବିଜ୍ଞାନ ଅଧ୍ୟାପିକା ଅର୍ପିତା ପଧାନ, ଉଦଘୋଷିକା ଭାବେ ସୁନ୍ଦର ଭାବେ ସଭା ପରିଚାଳନା କରିଥିଲେ। ଇତିହାସ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ମହାବିଦ୍ୟାଳୟର ଛାତ୍ରୀମାନଙ୍କ ଦ୍ୱାରା ନାଚ, ଗୀତର ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀ, ଅଭିଭାବକ, ଅଭିଭାବିକାଙ୍କ ମନମୁଗ୍ଧ କରାଇଥିଲା । ଉକ୍ତ ବାର୍ଷିକ ଉତ୍ସବରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସାହାଯ୍ୟ ସହଯୋଗ କରିଥିଲେ।






**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ।**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମା' ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆଜିର ମହିଳା କେବଳ ପରିବାରର ଶକ୍ତି ନୁହନ୍ତି, ସେମାନେ ହେଉଛନ୍ତି ସମାଜ ଓ ରାଷ୍ଟ୍ରଗଠନର ମୂଳଶକ୍ତି। ଘରୋଇ ଦାୟିତ୍ୱରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଆଗୁଆ ଭୂମିକା ନେଇ ସମାଜ ଓ ପରିବାରର ଆର୍ଥିକ ସଶକ୍ତିକରଣକୁ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଆସୁଛନ୍ତି।

ଆମ ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି। ମହିଳାମାନଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସମ୍ମାନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। 'ସୁଭଦ୍ରା ଶକ୍ତି' ଏ ଦିଗରେ ଆମର ଏକ ବଳିଷ୍ଠ ପ୍ରୟାସ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ସବୁ ମା' ଓ ଭଉଣୀମାନଙ୍କୁ ନୂଆ ଆତ୍ମବିଶ୍ୱାସର ସହ ଆଗକୁ ବଢି ସମୃଦ୍ଧ ଓଡ଼ିଶା ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରୁଛି।

ଆସନ୍ତୁ, ଆମେ ସମସ୍ତେ ମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/33001/2/25-26/0005

33001/18/2526

**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା**

**ସାହସେ ଖଲୁ ଶ୍ରୀର୍ବସତି।**

ଅନ୍ତର୍ଜାତୀୟ ମହିଳା ଦିବସର ଏହି ପବିତ୍ର ଅବସରରେ ମୁଁ ରାଜ୍ୟର ସମସ୍ତ ମାତୃଶକ୍ତି, ଭଉଣୀ ଓ କନ୍ୟାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି। ନାରୀ ହେଉଛି ସୃଷ୍ଟି, ଶକ୍ତି ଓ ସମୃଦ୍ଧିର ପ୍ରତିମୂର୍ତ୍ତି। ସେ ହିଁ ଜୀବନର ଉତ୍ସ, ପରିବାରର ପ୍ରେରଣା ଏବଂ ଏକ ପ୍ରଗତିଶୀଳ ସମାଜର ଆଦ୍ୟବିନ୍ଦୁ। ନିଜର ସାହସ ଏବଂ ଦୃଢ଼ ସଂକଳ୍ପ ବଳରେ ସେମାନେ ସ୍ୱପ୍ନକୁ ସାକାର କରନ୍ତି, ସମାଜ ଗଠନ କରନ୍ତି ଏବଂ ଦେଶର ଭବିଷ୍ୟତକୁ ଏକ ନୂତନ ରୂପ ପ୍ରଦାନ କରନ୍ତି।

ଆଜି ଓଡ଼ିଶା ସରକାର "ମହିଳା କେନ୍ଦ୍ରିତ ଶାସନ" ଅଭିମୁଖେ ଦୃଢସଂକଳ୍ପ ସହ ଆଗକୁ ବଢୁଛନ୍ତି, ଯେଉଁଠି ମହିଳାମାନେ କେବଳ ହିତାଧିକାରୀ ନୁହନ୍ତି, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣକାରୀ ସାଜିଛନ୍ତି। 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାରେ ମହିଳାମାନେ ହିଁ ଆମର ମୁଖ୍ୟ ସ୍ତମ୍ଭ।

ଏହି ବିଶ୍ୱାସକୁ ପାଥେୟ କରି ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନାକୁ ସୁଦୃଢ ଭାବେ କାର୍ଯ୍ୟକାରୀ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ', 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', 'ଅଦ୍ୱିକା' ଯୋଜନା ଇତ୍ୟାଦି କେବଳ ଗୋଟିଏ ଗୋଟିଏ ଯୋଜନା ନୁହେଁ, ବରଂ ପ୍ରତିଟି ମହିଳାଙ୍କୁ ପରିବର୍ତ୍ତନର ସାରଥି ଭାବେ ଗଢ଼ିତୋଳିବା ପାଇଁ ଏକ ସଶକ୍ତ ପଦକ୍ଷେପ।

ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ପରିବାର ହସିଉଠେ, ଯେତେବେଳେ ମହିଳା ନେତୃତ୍ୱ ନିଅନ୍ତି, ସମାଜ ପରିବର୍ତ୍ତିତ ହୁଏ ଏବଂ ଯେତେବେଳେ ମହିଳା ସମୃଦ୍ଧ ହୁଅନ୍ତି, ରାଜ୍ୟ ପ୍ରଗତି ପଥରେ ଅଗ୍ରସର ହୁଏ।

ଆସନ୍ତୁ, ଏହି ମହିଳା ଦିବସରେ ପ୍ରତ୍ୟେକ ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ପୁନଃ ସଂକଳ୍ପବଦ୍ଧ ହେବା ଏବଂ 'ବିକଶିତ ଓଡ଼ିଶା ୨୦୩୬'କୁ ସାକାର କରିବା ଦିଗରେ ମହିଳାମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା।

ଶ୍ରୀମତୀ ପ୍ରଭାତୀ ପରିଡା
ଉପ-ମୁଖ୍ୟମନ୍ତ୍ରୀ, ତଥା ମାନ୍ୟବର ମନ୍ତ୍ରୀ,
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

# ଏଲ୍‌ପିଜି ଦରବୃଦ୍ଧି ମହିଳାଙ୍କୁ ଝଟକା

ରାଉରକେଲା,୭।୩(ସଙ୍ଗୀତା ଜେନା)

ମଧ୍ୟପ୍ରାଚ୍ୟରେ ଚାଲିଥିବା ଯୁଦ୍ଧର ପ୍ରଭାବ ଭାରତ ଉପରେ ପଡିବା ଆରମ୍ଭ ହୋଇଛି। ଶନିବାର ଘରୋଇ ଗ୍ୟାସ ଏବଂ କମର୍ସିଆଲ୍ ଏଲ୍‌ପିଜି ଦରବୃଦ୍ଧି ଯୋଗୁ ଏହାର ପ୍ରତ୍ୟକ୍ଷ ପ୍ରଭାବ ଖାଉଟି ଉପରେ ପଡ଼ିଛି। ଘରୋଇ ୧୪ କେଜି ସିଲିଣ୍ଡର ପ୍ରତି ୬୦ ଟଙ୍କା ବୃଦ୍ଧି ହୋଇଥିବାରୁ ବର୍ତ୍ତମାନ ଦର ୯୭୨ ଟଙ୍କାରେ ପହଞ୍ଚିଛି। ସେହିପରି କମର୍ସିଆଲ ସିଲିଣ୍ଡର ୧୧୫ ଟଙ୍କା ବଢ଼ିଛି। ଯୁଦ୍ଧ ଲାଗି ରହିଲେ ଆଗାମୀ ଦିନରେ ଆହୁରି ଦରବୃଦ୍ଧି ହେବ ବୋଲି ଆଶଙ୍କା ରହିଛି। ଅନ୍ୟପକ୍ଷେ ଏପରି ଦରବୃଦ୍ଧିକୁ ନେଇ ମହିଳାମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଏମାନେ ଯାହା କୁହନ୍ତି...



“ମହିଳାମାନେ ଘର ବଜେଟ୍ ତିଆରି କରିଥାନ୍ତି। ପ୍ରତ୍ୟେକ ସାମଗ୍ରୀର ଦରବୃଦ୍ଧି ତାଙ୍କ ବଜେଟ୍ ବିଗାଡିପାରେ। ହେଲେ ଯୁଦ୍ଧ ଯୋଗୁ ଗ୍ୟାସ୍ ଅଭାବ ଆଶଙ୍କା ଦେଖାଯାଇଛି। ମହିଳା ଦିବସ ପୂର୍ବରୁ ଏପରି ଦରବୃଦ୍ଧି ଆମ ପାଇଁ କଷ୍ଟକର ହୋଇପଡ଼ିବ। ଜଳଖିଆ ବେପାର କରି ଗୁଜୁରାଣ ମେଣ୍ଟାଉଥିବା ମହିଳାମାନଙ୍କ ଆୟ ତୁଳନାରେ ବ୍ୟୟ ଅଧିକ ହେବ। ଏଥିପ୍ରତି ସରକାର ଜାଗ୍ରତ ହେବା ଉଚିତ।

-ରଶ୍ମୀ ଦାସ, କର୍ମଜୀବୀ ମହିଳା



“ସରକାରଙ୍କ ଏପରି ରାତିଅଧିଆ ନିଷ୍ପତ୍ତି ଯୋଗୁ ଅସନ୍ତୋଷ ଦେଖାଯାଇଛି। ଦୈନିକ ଘର ଚଲାଇବା ମୁସ୍କିଲ ହୋଇପଡ଼ୁଛି। କିଛି ବର୍ଷ ହେଲା ଗ୍ୟାସ୍ ଦର ୪/୫ ଶହରୁ ଏବେ ୧ ହଜାର ଟଙ୍କା ଛୁଇଁବାକୁ ବସିଲାଣି। ଏହି ଦରବୃଦ୍ଧି ଆମକୁ ସର୍ବୋତ୍ତମ ଉପହାର ଭାବେ ପ୍ରତୀତ ହେଉଛି। ଅସାଧୁ ଓ କଳାବେପାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। କାରଣ ଏହି ବର୍ଦ୍ଧିତ ଦର ଯୋଗୁ ସେମାନେ ଆହୁରି ଅଧିକ ଦରରେ ଲୋକଙ୍କୁ ଗ୍ୟାସ୍ ବିକ୍ରି କରିବେ।

-ସୌଦାମିନୀ ନାୟକ, ଗୃହିଣୀ

“ଏହି ଦରବୃଦ୍ଧି ଯୋଗୁ ଆମକୁ ଝଟ୍‌କା ଲାଗିଛି। ଦରହ୍ରାସ କେବେ ଶୁଣିବାକୁ ମିଳିନାହିଁ। ଗୋଟିଏପକ୍ଷେ ଦେଶରେ ଇନ୍ଧନ ମହଜୁଦ ଥିବା କୁହାଯାଉଛି। ଆଉ ଅପରପକ୍ଷେ ଏହାକୁ ଆକାଶଛୁଆଁ ଦର କରାଯାଉଛି। ଏହାଦ୍ୱାରା ଛୋଟ ବ୍ୟବସାୟୀ ଓ ଗୃହିଣୀମାନେ ବେଶ୍ ପ୍ରଭାବିତ ହେବେ।

-ଲକ୍ଷ୍ମୀପ୍ରିୟା ନାୟକ, ଗୃହିଣୀ



“ଗରିବ, ଖଟିଖିଆ, ଉଜ୍ଜ୍ୱଳା ଗ୍ୟାସ୍ ନେଉଥିବା ଲୋକେ ସମସ୍ୟାର ସମ୍ମୁଖୀନ ହେବେ। ରାଉରକେଲା ହେଉ ଅବା ଅନ୍ୟ ସ୍ଥାନ ବିଭିନ୍ନ ଏସ୍‌ଏଚ୍‌ଜି ଗୁଡ଼ିକ ନିଜ ସାମଗ୍ରୀ ତିଆରି କରିବା ପାଇଁ ବହୁଳ ଭାବେ ଏଲ୍‌ପିଜି ଉପରେ ନିର୍ଭର କରିଥାନ୍ତି। ଦରବୃଦ୍ଧି ଯୋଗୁ ଜଳଖିଆ, ଶୁଖିଲା ଖାଦ୍ୟ ଆଦି ଦରବୃଦ୍ଧି ଘଟିବ। ଏସ୍‌ଏଚ୍‌ଜି ମହିଳାଙ୍କ ସ୍ୱାବଲମ୍ବନ ପ୍ରକ୍ରିୟା ମନ୍ଥର ହୋଇଯିବ।

-ଡଲି ରାୟ, ବ୍ୟବସାୟୀ



## ଜାତୀୟ ସିନିୟର କରାଟେ ଚାମ୍ପିୟନଶିପ୍ | ରାଜୀବ ସିଂ ବିଚାରକ

ରାଉରକେଲା,୭।୩(ଦିନେଶ ମିଶ୍ର)





ରାଜୀବ ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କରାଟେ ଇଣ୍ଡିଆ ଅର୍ଗାନାଇଜେଶନ (କିଓ) ପକ୍ଷରୁ ଆୟୋଜିତ ୫ମ ଜାତୀୟ ସିନିୟର ଓ ୨୧ ବର୍ଷରୁ କମ୍ ବର୍ଗର ଜାତୀୟ କରାଟେ ଚାମ୍ପିୟନଶିପ୍ ଉଦ୍‌ଯାପିତ ହୋଇଛି। କିଓର ସଭାପତି ହାଂଶୀ ଭାରତ ଶର୍ମାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାଧାନରେ ନୂଆଦିଲ୍ଲୀସ୍ଥିତ ତାଲକଟୋରା ଇଣ୍ଡୋର ଷ୍ଟାଡିୟମ୍‌ଠାରେ ଏହି ଚାମ୍ପିୟନଶିପ୍ ହୋଇଥିଲା। ରାଜ୍ୟର ଏକମାତ୍ର ବିଶ୍ୱ କରାଟେ ଫେଡେରେଶନ (ଡବ୍ଲ୍ୟୁକେଏଫ୍) ଜଜ୍ ତଥା କିଓର ରେଫରୀ କମିଶନ ସଦସ୍ୟ ରାଜୀବ କୁମାର ସିଂ ଏଥିରେ ଅଂଶଗ୍ରହଣ କରି ପାରା-କାଟା ଓ କୁମତେ ପ୍ରତିଯୋଗିତାରେ ସଫଳତାର ସହ ଜଜ୍ ଓ ରେଫରି ଦାୟିତ୍ୱ ତୁଲାଇଥିଲେ। ଫଳରେ ସେ ହାଂଶୀ ଭାରତ ଶର୍ମାଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଛନ୍ତି। ଏଥିପାଇଁ ରାଜୀବ ଓଡ଼ିଶା ରାଜ୍ୟ କରାଟେ ସଂଘ ସଭାପତି ହାଂଶୀ ଡକ୍ଟର ହରିପ୍ରସାଦ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ଶ୍ରୀରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ ପାଳିତ

ରାଉରକେଲା,୭।୩(ଦିନେଶ ମିଶ୍ର)

ବାସନ୍ତୀ କଲୋନୀସ୍ଥିତ ଏଲ ବ୍ଲକରେ ଥିବା ଶ୍ରୀ ରାଧାକୃଷ୍ଣ ମନ୍ଦିରର ବାର୍ଷିକୋତ୍ସବ ଶନିବାର ପାଳିତ ହୋଇଯାଇଛି। ରାଧାକୃଷ୍ଣ ସେବା ସମିତି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ସ୍ଥାନୀୟ ଶତାଧିକ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ। ମନ୍ଦିର ମୁଖ୍ୟ ପୂଜକ ନୃସିଂହ ଚରଣ ମିଶ୍ର ପ୍ରାତଃ ସମୟରେ ସକାଳ ଧୂପ, ବାଲ୍ୟଭୋଗ, ପାର୍ଶ୍ୱଦେବା ଦେବୀ ପୂଜା କରିଥିଲେ। ପରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତିକୁ ପୁଷ୍ପରେ ସଜ୍ଜିତ କରି ଭକ୍ତଙ୍କ ଦର୍ଶନ ଲାଗି ଛଡାଯାଇଥିଲା । ଏହି ଅବସରରେ ମନ୍ଦିର ପରିସରରେ ସାମୂହିକ ଭାଗବତ ପାରାୟଣ କରାଯାଇଥିଲା। ଏଥିରେ ୧୦୧ ଜଣ ମହିଳା ଉପସ୍ଥିତ ରହି ଭାବଗତ ପାଠ କରିଥିଲେ। ମଧ୍ୟାହ୍ନ ସାଢେ ୧୨ଟାରେ ମନ୍ଦିର ପରିସରରେ ବିଶ୍ୱଶାନ୍ତି ହୋମଯଜ୍ଞ କରାଯାଇଥିଲା। ଏଥିରେ ରାମଚନ୍ଦ୍ର ସାହୁ ଓ ମୀନତି ସାହୁ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ଏହି ଦୁଇ ଦିନିଆ ଉତ୍ସବରେ ରବିବାର ହୋମଯଜ୍ଞ ପୂର୍ଣ୍ଣାହୁତି ଓ ଅଷ୍ଟପ୍ରହର ନାମଯଜ୍ଞ କରାଯିବ। ସମିତିର ବରିଷ୍ଠ ସଦସ୍ୟ ବାଇଧର ପଣ୍ଡା, ନିକୁଞ୍ଜ ରାଉତ, ଟୁଟୁ ବିଶ୍ୱାଳ, ତୋଫାନ ମହାପାତ୍ର, ହାପି ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଶଶିକାନ୍ତ ଆଚାର୍ଯ୍ୟଙ୍କ ପ୍ରତିମୂର୍ତ୍ତି ଅନାବରଣ



ପ୍ରତିମୂର୍ତ୍ତି ଅନାବରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା ଜଗଦାସ୍ଥିତ ମାନବ ସେବା ପ୍ରତିଷ୍ଠାନର ପ୍ରତିଷ୍ଠାତା ପ୍ରଫେସର ଡ. ଶଶିକାନ୍ତ ଆଚାର୍ଯ୍ୟଙ୍କ ପ୍ରଥମ ବାର୍ଷିକ ସ୍ମୃତିଚାରଣ ସଭା ଓ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବ ପ୍ରତିଷ୍ଠାନ ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ସଭାପତି ଅଞ୍ଜନ କୁମାର ଦେଓଙ୍କ ଅଧ୍ୟକ୍ଷତା ଓ ସାଧାରଣ ସମ୍ପାଦକ ପିତାମ୍ବର ଲେଙ୍କାଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫେସର ଦିଲୀପ କୁମାର ବାସା ମୁଖ୍ୟ ଅତିଥି, ଉପଦେଷ୍ଟା ସଞ୍ଜୀବ କୁମାର ମହାନ୍ତି, ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ, ଡ. ଅଜିତ କୁମାର ବେହେରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡ. ଆଚାର୍ଯ୍ୟଙ୍କ ଆବକ୍ଷ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିବା ସହ ତାଙ୍କ ତ୍ୟାଗପୂତ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ। ସାମାଜିକ କର୍ମୀ ଗଗନ ବିହାରୀ ଧଳଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମଧୁସୂଦନ ମହାପାତ୍ର, ପ୍ରଭାତ ମହାନ୍ତି, ତ୍ରିଲୋଚନ ପରିଡା, ଜଟାଧାରୀ ମାଝୀ ପ୍ରମୁଖ ଡ. ଆଚାର୍ଯ୍ୟଙ୍କ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବିଶ୍ୱଜିତ ରାଉତ, ବିଣାପାଣି ପଟ୍ଟନାୟକ, ସଂଯୁକ୍ତା ପଟ୍ଟନାୟକ, ବିଦ୍ୟାଧର ବେହେରା, ଅଭିରାମ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ହେମନ୍ତ ତାଣ୍ଡିଆ ଧନ୍ୟବାଦ ଅର୍ପଣ କରିଥିଲେ।

## ନାରୀ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ

### ବିଶ୍ୱ ମହିଳା ଦିବସ ପାଳନରେ ମତପ୍ରକାଶ

ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)



କାର୍ଯ୍ୟକ୍ରମରେ ଅତିଥିମାନଙ୍କୁ ସମ୍ମାନିତ କରାଯାଉଛି।

ଶ୍ରୀ ଶ୍ରୀ ରବିଶଙ୍କର ବିଦ୍ୟାମନ୍ଦିର ପରିଚାଳିତ ସେକ୍ଟର-୨୦ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଓ ସେକ୍ଟର-୧୯ସ୍ଥିତ ଇସ୍ପାତ ବିଦ୍ୟାମନ୍ଦିରର ମିଳିତ ଆନୁକୂଲ୍ୟରେ ସେକ୍ଟର-୨୦ ବିଦ୍ୟାଳୟରେ ଶନିବାର ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ବିଦ୍ୟାଳୟର ଅଧ୍ୟକ୍ଷା ଡ. ଖୁସବୁ ଜ୍ୟୋତି ଅଧ୍ୟକ୍ଷତା କରିଥିଲେ। ବିଓ ପ୍ରବନ୍ଧକ ସୁଚିନ୍ଦ୍ରନ ସେନଗୁପ୍ତଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡାକ୍ତର ପ୍ରତିଭା ଷଡ଼ଙ୍ଗୀ ମୁଖ୍ୟଅତିଥି, ଆର୍‌ଏସ୍‌ପିର ବରିଷ୍ଠ ଅଧିକାରୀ ଆଶା କର୍ଥା ବିଶିଷ୍ଟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷା ବାସନ୍ତୀ ମହାନ୍ତି, ଡ. ସୁଶ୍ରିତା ଦାସ, ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଗିରିଜା ଶଙ୍କର ଦାସ, ସେକ୍ଟର-୨୨ ସ୍କୁଲର ଅଧ୍ୟକ୍ଷା ଭାରତୀ ଦାସ, ସେକ୍ଟର-୧୯ ବିଦ୍ୟାମନ୍ଦିରର ଅଧ୍ୟକ୍ଷା ଡ. ଶିବଦତ୍ତା ନାୟକ, ଆର୍‌ଏସ୍‌ପି ଅଧିକାରୀ ଅବିନାଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନାରୀ ହେଉଛି ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ। ମା' ଶିଶୁର ପ୍ରଥମ ଓ ସର୍ବଶ୍ରେଷ୍ଠ ଗୁରୁ। ମହିଳାମାନେ ହସିଲେ ପରିବାର, ସମାଜ, ରାଜ୍ୟ, ଦେଶ ଏବଂ ବିଶ୍ୱ ହସିବ। ଯେଉଁ ସ୍ଥାନରେ ମହିଳାଙ୍କୁ ସମ୍ମାନ ମିଳେ ସେ ସ୍ଥାନରେ ଭଗବାନ ରୁହନ୍ତି। ଆମେ ଆମ ପିଲାମାନଙ୍କୁ ସ୍ୱାକ୍ଷର କରିପାରିଛୁ କିନ୍ତୁ ଶିକ୍ଷିତ କରିପାରିନାହୁଁ। ଆଜିକାଲି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ନିଜର ଅସ୍ତିତ୍ୱ ଜାହିର କରୁଥିବାବେଳେ ସେମାନଙ୍କୁ ଘରେ ଓ ବାହାରେ ଉପଯୁକ୍ତ ସମ୍ମାନ ମିଳିଲେ ସମାଜ ହସିବା ସହ ବିଶ୍ୱ ମଧ୍ୟ ହସିବ ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ଅଭିଜିତ ପଣ୍ଡା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ବିଦ୍ୟାଳୟର ବରିଷ୍ଠ ଅଧିକାରୀ ଯଶବିନ୍ଦର କୌର, ମୀନାକ୍ଷୀ ପାଢ଼ୀ, ଶିବାନୀ ବହିଦାର, ନୈନା ବେହୁରିଆ, ମଧୁମିତା ଷଡ଼ଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ସେକ୍ଟର-୨୦, ସେକ୍ଟର-୧୯ ଓ ସେକ୍ଟର-୨୨ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକମାନେ ଉପସ୍ଥିତ ଥିଲେ।

## କୋଏଲ ନଗରରେ ଦୋଳ ମେଳଣ

ରାଉରକେଲା,୭।୩(ବିପ୍ଳବ ରଞ୍ଜନ ଦାଶ)

ରାଉରକେଲା କୋଏଲ ନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ଓ ବାବା ଆଖଣ୍ଡଳମଣି ମନ୍ଦିର ଟ୍ରଷ୍ଟ ଆନୁକୂଲ୍ୟରେ ପୁଷ୍ପାଞ୍ଜଳି ସେବା ସମିତି ପକ୍ଷରୁ ଶୁକ୍ରବାର ଦୋଳ ମେଳଣ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟି ବ୍ରଜେନ୍ଦ୍ର ଦାଶଙ୍କ ସଂଯୋଜନାରେ ଆୟୋଜିତ ଏହି ମେଳଣରେ ସହରର ବିଭିନ୍ନ ଅଞ୍ଚଳରୁ ପ୍ରାୟ ୨୦ଟି ବିମାନ ଅଂଶଗ୍ରହଣ କରିଥିଲେ। ମନ୍ଦିରର ମ୍ୟାନେଜିଂ ଟ୍ରଷ୍ଟି ଆଲୋକ ରଞ୍ଜନ ମଲ୍ଲିକ, ପ୍ରଦୀପ କୁମାର ପଣ୍ଡା, ମନୋଜ କୁମାର ପଣ୍ଡା, ବିନୟ ମହାନ୍ତି, ଡ. ସନାତନ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସେକ୍ଟର-୧୬ ରାଧାକୃଷ୍ଣ ଟ୍ରଷ୍ଟ ତରଫରୁ ଭଜନ ପରିବେଷଣ କରାଯାଇଥିଲା।

## ନୀଳଶୈଳ କଲେଜରେ ଜାତୀୟ ବିଜ୍ଞାନ ଦିବସ

ରାଉରକେଲା,୭।୩(ସଙ୍ଗୀତା ଜେନା)

ନୋବେଲ ବିଜେତା ଭାରତୀୟ ବୈଜ୍ଞାନିକ ଡ. ରମଣଙ୍କ ଜନ୍ମଦିବସ ଉପଲକ୍ଷେ ଜଗଦାସ୍ଥିତ ନୀଳଶୈଳ କଲେଜରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଲେଜ ଅଧ୍ୟକ୍ଷ ଶ୍ରୀକାନ୍ତ ଷଡଙ୍ଗୀଙ୍କ ଅଧ୍ୟକ୍ଷତାରେ 'ସମାଜର ନିରନ୍ତର ଉନ୍ନତିରେ ବିଜ୍ଞାନର ଭୂମିକା' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ଏନ୍‌ଆଇଟିର ରସାୟନ ବିଭାଗ ଆସୋସିଏଟ୍ ପ୍ରଫେସର ସରୋଜ ଲୋଚନ ସାମଲ ମୁଖ୍ୟ ଅତିଥି, ଜୀବବିଜ୍ଞାନ ବିଭାଗର ଆସୋସିଏଟ୍‌ପ୍ରଫେସର ଡ. ବ୍ରିକେଶ ବିଶ୍ୱାଳ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପ୍ରାରମ୍ଭରେ ବିଜ୍ଞାନ ପରିଷଦର ସମ୍ପାଦକ ଡ. ସୁମନ ସାହୁ କାର୍ଯ୍ୟକ୍ରମ ବିବରଣୀ ପାଠ କରିଥିଲେ। ସହ ସମ୍ପାଦିକା ଅଧ୍ୟାପିକା ନିତୁ ମାରାଣ୍ଡି କାର୍ଯ୍ୟକ୍ରମ ରୂପରେଖ ପ୍ରକାଶ କରିଥିଲେ। ଅଧ୍ୟାପିକା ଶୀତଲ ମିଞ୍ଜ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ସାମଲ ପାରମ୍ପରିକ ଶକ୍ତିର ବିକଳ୍ପ ଭାବେ ପୁନର୍ନବୀକରଣ ଶକ୍ତି ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଡ. ବିଶ୍ୱାଳ କ୍ୟାନ୍‌ସର ଚିକିତ୍ସାର ପରବର୍ତ୍ତୀ ପିଢ଼ି ଭାବେ ଫାଇଟୋଥେରାପି ସନ୍ଦର୍ଭରେ ବିସ୍ତୃତ ଆଲୋଚନା କରିଥିଲେ। ପଦାର୍ଥ ବିଜ୍ଞାନର ବରିଷ୍ଠ ପ୍ରାଧ୍ୟାପିକା ଡ. ଲୁନା ଜେନା ଓ ଇଂରାଜୀ ଅଧ୍ୟାପକ ସଞ୍ଜିତ ଭୂୟାଁ ଦେଶର ଅଗ୍ରଗତିରେ ବିଜ୍ଞାନର ଭୂମିକା ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଜୀବବିଜ୍ଞାନ ଅଧ୍ୟାପିକା ମନୀଷା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରଭାତ ରାଉତ, ପ୍ରଭା ଏକ୍କା, ସୁନୀତା ଏକ୍କା, ପ୍ରିୟଙ୍କା ପୂର୍ତ୍ତି, ଲୋଚନା ବାରିକ, ଶ୍ୱେତା ଅଗ୍ରୱାଲ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପିକା ଅର୍ଚ୍ଚନା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।







**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ।**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମା' ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆଜିର ମହିଳା କେବଳ ପରିବାରର ଶକ୍ତି ନୁହନ୍ତି, ସେମାନେ ହେଉଛନ୍ତି ସମାଜ ଓ ରାଷ୍ଟ୍ରଗଠନର ମୂଳଶକ୍ତି। ଘରୋଇ ଦାୟିତ୍ୱରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଆଗୁଆ ଭୂମିକା ନେଇ ସମାଜ ଓ ପରିବାରର ଆର୍ଥିକ ସଶକ୍ତିକରଣକୁ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଆସୁଛନ୍ତି।

ଆମ ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି। ମହିଳାମାନଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସମ୍ମାନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। 'ସୁଭଦ୍ରା ଶକ୍ତି'ଏ ଦିଗରେ ଆମର ଏକ ବଳିଷ୍ଠ ପ୍ରୟାସ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ସବୁ ମା' ଓ ଭଉଣୀମାନଙ୍କୁ ନୂଆ ଆତ୍ମବିଶ୍ୱାସର ସହ ଆଗକୁ ବଢି ସମୃଦ୍ଧ ଓଡ଼ିଶା ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରୁଛି।

ଆସନ୍ତୁ, ଆମେ ସମସ୍ତେ ମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/33001/2/25-26/0005

33001/18/2526

**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା**

**ସାହସେ ଖଲୁ ଶ୍ରୀର୍ବସତି।**

ଅନ୍ତର୍ଜାତୀୟ ମହିଳା ଦିବସର ଏହି ପବିତ୍ର ଅବସରରେ ମୁଁ ରାଜ୍ୟର ସମସ୍ତ ମାତୃଶକ୍ତି, ଭଉଣୀ ଓ କନ୍ୟାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି। ନାରୀ ହେଉଛି ସୃଷ୍ଟି, ଶକ୍ତି ଓ ସମୃଦ୍ଧିର ପ୍ରତିମୂର୍ତ୍ତି। ସେ ହିଁ ଜୀବନର ଉତ୍ସ, ପରିବାରର ପ୍ରେରଣା ଏବଂ ଏକ ପ୍ରଗତିଶୀଳ ସମାଜର ଆଦ୍ୟବିନ୍ଦୁ। ନିଜର ସାହସ ଏବଂ ଦୃଢ଼ ସଂକଳ୍ପ ବଳରେ ସେମାନେ ସ୍ୱପ୍ନକୁ ସାକାର କରନ୍ତି, ସମାଜ ଗଠନ କରନ୍ତି ଏବଂ ଦେଶର ଭବିଷ୍ୟତକୁ ଏକ ନୂତନ ରୂପ ପ୍ରଦାନ କରନ୍ତି।

ଆଜି ଓଡ଼ିଶା ସରକାର "ମହିଳା କେନ୍ଦ୍ରିତ ଶାସନ" ଅଭିମୁଖେ ଦୃଢସଂକଳ୍ପ ସହ ଆଗକୁ ବଢୁଛନ୍ତି, ଯେଉଁଠି ମହିଳାମାନେ କେବଳ ହିତାଧିକାରୀ ନୁହନ୍ତି, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣକାରୀ ସାଜିଛନ୍ତି। 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାରେ ମହିଳାମାନେ ହିଁ ଆମର ମୁଖ୍ୟ ସ୍ତମ୍ଭ।

ଏହି ବିଶ୍ୱାସକୁ ପାଥେୟ କରି ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନାକୁ ସୁଦୃଢ ଭାବେ କାର୍ଯ୍ୟକାରୀ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ', 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', 'ଅଦ୍ୱିକା' ଯୋଜନା ଇତ୍ୟାଦି କେବଳ ଗୋଟିଏ ଗୋଟିଏ ଯୋଜନା ନୁହେଁ, ବରଂ ପ୍ରତିଟି ମହିଳାଙ୍କୁ ପରିବର୍ତ୍ତନର ସାରଥି ଭାବେ ଗଢ଼ିତୋଳିବା ପାଇଁ ଏକ ସଶକ୍ତ ପଦକ୍ଷେପ।

ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ପରିବାର ହସିଉଠେ, ଯେତେବେଳେ ମହିଳା ନେତୃତ୍ୱ ନିଅନ୍ତି, ସମାଜ ପରିବର୍ତ୍ତିତ ହୁଏ ଏବଂ ଯେତେବେଳେ ମହିଳା ସମୃଦ୍ଧ ହୁଅନ୍ତି, ରାଜ୍ୟ ପ୍ରଗତି ପଥରେ ଅଗ୍ରସର ହୁଏ।

ଆସନ୍ତୁ, ଏହି ମହିଳା ଦିବସରେ ପ୍ରତ୍ୟେକ ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ପୁନଃ ସଂକଳ୍ପବଦ୍ଧ ହେବା ଏବଂ 'ବିକଶିତ ଓଡ଼ିଶା ୨୦୩୬'କୁ ସାକାର କରିବା ଦିଗରେ ମହିଳାମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା।

ଶ୍ରୀମତୀ ପ୍ରଭାତୀ ପରିଡା
ଉପ-ମୁଖ୍ୟମନ୍ତ୍ରୀ, ତଥା ମାନ୍ୟବର ମନ୍ତ୍ରୀ,
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

**ଆତ୍ମରକ୍ଷା କୌଶଳ ଶିଖିଲେ ମହିଳା**

ଦେବଗଡ଼,(ଶଶାଙ୍କ ଶେଖର ଝାଙ୍କର): ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଦେବଗଡ଼ ଇନ୍‌ଡୋର ଷ୍ଟାଡିୟମ ପରିସରରେ 'ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର' ଶୀର୍ଷକରେ ଏକ କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ବରେଣ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର ଲକ୍ଷ୍ମଣ ଅମାତ, ଜିଲା ସମାଜ ମଙ୍ଗଳ ଅଧିକାରୀ ସୁରତୀ ପ୍ରଧାନ, ଜିଲା ଶ୍ରମ ଅଧିକାରୀ ପଦ୍ମାବତୀ ମାରାଣ୍ଡି, ତିଲେଇବଣି ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟଦର୍ଶିନୀ ମିର୍ଦ୍ଧା ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଆତ୍ମରକ୍ଷା ପାଇଁ ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର କାର୍ଯ୍ୟକ୍ରମ ସଂଯୋଜନା ଓ ସହକାରୀ ଜିଲାପାଳ ତାପସ କୁମାର ମହନ୍ତ ଧନ୍ୟବାଦ ଦେଇଥିଲେ।

# ୫୦ ସିଆର୍‌ସିସିଙ୍କୁ ସ୍କୁଲର ସମସ୍ତ ତଥ୍ୟ ମାଗିଲେ ଜିଲାପାଳ

**ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)**




- ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ଅନିୟମିତତା
- ଅର୍ଥ ନେଇ ନିଯୁକ୍ତି, ଶିକ୍ଷକଙ୍କୁ ଡେପୁଟେଶନ
- ତଦନ୍ତ କରିବେ ଜିଲା ପ୍ରଶାସନର ସ୍ୱତନ୍ତ୍ର ଦଳ
- ଜଣେ କିରାଣିଙ୍କ ଦ୍ୱାରା ଦୁର୍ନୀତି ହୋଇଥିବା ଅଭିଯୋଗ

ଦେବଗଡ଼ ଜିଲା ଶିକ୍ଷା ବିଭାଗରେ ହୋଇଥିବା ବେଆଇନ ନିଯୁକ୍ତି ଓ ଅର୍ଥ କାରବାର ହୋଇ ବଦଳି, ଡେପୁଟେଶନ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଜିଲାର ୫୦ ସିଆର୍‌ସିସିଙ୍କୁ ସେମାନଙ୍କ ଅଧୀନ ସ୍କୁଲଗୁଡ଼ିକର ସମସ୍ତ ତଥ୍ୟ ମାଗିଛନ୍ତି ଜିଲାପାଳ। ଏହି ଘଟଣା ପରେ ଶିକ୍ଷା ବିଭାଗର କର୍ମଚାରୀଙ୍କ ମଧ୍ୟରେ ଛନକା ପଶିଛି। ଶିକ୍ଷା ବିଭାଗରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଆସୁଛି। ଜିଲାରେ ୭୦ରୁ ଅଧିକ ଶିକ୍ଷକଙ୍କଠାରୁ ମୋଟା ଅଙ୍କର ଅର୍ଥ କାରବାର ହୋଇ ନିଜର ସୁବିଧା ସ୍ଥାନ, ସ୍କୁଲକୁ ଡେପୁଟେଶନ କରାଯାଇଛି। ଫଳରେ ଜିଲାରେ କେଉଁ ସ୍କୁଲରେ ଅଧିକ ଶିକ୍ଷକ ଅଛନ୍ତି ତ କେଉଁଠି ଶିକ୍ଷକ ଅଭାବ ରହିଛନ୍ତି। ଏହି ଘଟଣାକୁ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଗୁରୁତର ଭାବେ ନେଇ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି। ଏହି ଘଟଣାର ତଦନ୍ତ ଜିଲା ପ୍ରଶାସନର ସ୍ୱତନ୍ତ୍ର ଦଳ କରିବ। ଜିଲାପାଳ ଚିଠି ନଂ. ୪୫୪୨ରେ ଜିଲାର ସମସ୍ତ ୫୦ ସିଆରସିସିଙ୍କୁ ନିଜ ଦାୟିତ୍ୱରେ ଥିବା ସ୍କୁଲଗୁଡ଼ିକର ଛାତ୍ରୀଛାତ୍ର ସଂଖ୍ୟା, କେତେ ଜଣ ଶିକ୍ଷୟିତ୍ରୀଶିକ୍ଷକ ଅଛନ୍ତି ଓ ଶିକ୍ଷୟିତ୍ରୀ ଶିକ୍ଷକ ଡେପୁଟେଶନରେ ଆସିଛନ୍ତି କି ଯାଇଛନ୍ତି, କେଉଁ ତାରିଖରେ ଆସିଛନ୍ତି ଆଉ କେଉଁ ତାରିଖରେ ଯାଇଛନ୍ତି ସମସ୍ତ ରିପୋର୍ଟ ଜିଲାପାଳ ଚିଠି କରି ମାଗିଛନ୍ତି। ୯ ତାରିଖ ସୁଦ୍ଧା ରିପୋର୍ଟ ଦେବା ପାଇଁ ଜିଲାପାଳ କହିଛନ୍ତି। ଅନ୍ୟପକ୍ଷରେ ଯେଉଁ ଶିକ୍ଷକ ବ୍ଲକ ଲେଭଲ ଅଫିସର (ବିଏଲଓ) ଦାୟିତ୍ୱରେ ଥାଆନ୍ତି ଡେପୁଟେଶନ ହେବା କଥା ନୁହେଁ, କିନ୍ତୁ ନିୟମକୁ ଉଲ୍ଲଂଘନ କରାଯାଇ ମୋଟା ଅଙ୍କର ଟଙ୍କା ଏବଂ ବିଭାଗ ସହିତ ମଧୁଚନ୍ଦ୍ରିକା ହୋଇ ବିଭାଗର ଜଣେ କିରାଣି ବିଏଲଓଙ୍କୁ ମଧ ଡେପୁଟେଶନ କରିଥିବା ଅଭିଯୋଗ ହେଉଛି। ଏସବୁ ଜିଲା ଶିକ୍ଷା ବିଭାଗର ସମ୍ପୃକ୍ତ କିରାଣି କରିଥିବା ଅଭିଯୋଗ ହେଉଛି। କିନ୍ତୁ ସମ୍ପୃକ୍ତ କିରାଣିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉନାହିଁ କଣ ପାଇଁ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ସମାଲୋଚନା ହେଉଛି। ଦେବଗଡ଼ ଜିଲା ଶିକ୍ଷା ବିଭାଗ ସନ୍ଦେହ ଘେରରେ ବୋଲି ଚର୍ଚ୍ଚା ହେଉଛି। ଜନ ପ୍ରତିନିଧି ଓ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ଶିକ୍ଷା ବିଭାଗର ଅନିୟମିତତା ବିରୋଧରେ ମୁହଁ ଖୋଲୁନାହାନ୍ତି କ'ଣ ପାଇଁ ବୋଲି ଚର୍ଚ୍ଚା ଆରମ୍ଭ ହେଲାଣି। କୁଆଡେ ନିଜେ ଜିଲାପାଳ ଯେଉଁ ସ୍କୁଲଗୁଡ଼ିକରେ ଶିକ୍ଷକ ଜରୁରୀ ଥିଲା, ସେହି ସ୍କୁଲଗୁଡ଼ିକରେ ୧୯ ଶିକ୍ଷକଙ୍କୁ ପ୍ରଥମ ପର୍ଯ୍ୟାୟରେ ଡେପୁଟେଶନ କରିଛନ୍ତି। କିନ୍ତୁ ଏହି ମୌକା ଦେଖି ୩ ବ୍ଲକ ଓ ସହର ସମେତ ରିଆମାଳ ବ୍ଲକ, ବାରକୋଟ, ତିଲେଇବଣିରେ ୭୦ରୁ ଉର୍ଦ୍ଧ୍ୱ ଶିକ୍ଷକଙ୍କୁ ମୋଟା ଅଙ୍କର ଟଙ୍କା କାରବାର କରାଯାଇ ଦ୍ୱିତୀୟ ପର୍ଯ୍ୟାୟରେ ଜିଲାପାଳଙ୍କ ଅଜ୍ଞାତରେ ଡେପୁଟେଶନ କରାଯାଇଛି ବୋଲି ଅଭିଯୋଗ ହୋଇଛି। ସିଆର୍‌ସିସି ନିଜ ଅଧୀନ ସ୍କୁଲଗୁଡ଼ିକର ତଥ୍ୟ ଦେବା ପରେ ଅର୍ଥ କାରବାର ହୋଇ କିଭଳି ଡେପୁଟେଶନ ହୋଇଛି ତାହା ଜଣାପଡ଼ିବ। ସୂଚନାଥାଉକି, ଦେବଗଡ଼ ଶିକ୍ଷା ବିଭାଗରେ ବଦଳି, ଡେପୁଟେଶନ, ନୂତନ ନିଯୁକ୍ତି ହୋଇଥିବା କର୍ମଚାରୀଙ୍କଠାରୁ ଲକ୍ଷାଧିକ ଟଙ୍କା କାରବାର ହୋଇଥିବା ଅଭିଯୋଗ ହୋଇଛି। ନିଜର ପସନ୍ଦ ସ୍ଥାନକୁ ଯିବା ପାଇଁ ପ୍ରଚୁର ଟଙ୍କା କାରବାର ହୋଇଛି। କହିବାକୁ ଗଲେ ଟଙ୍କା ଦିଅ ନିଜ ପସନ୍ଦ ସ୍ଥାନକୁ ବଦଳି ହେଉ କି ଡେପୁଟେଶନରେ ଯାଅ। ଏପରିକି ଯେଉଁ ସ୍କୁଲରେ ଶିକ୍ଷକ ଆବଶ୍ୟକ ନାହିଁ, ହେଲେ ବି ଟଙ୍କା ଖାଇ ବଦଳି ହେଉ କି ଡେପୁଟେଶନ କରିଦେଉଥିବା ଅଭିଯୋଗ ହେଉଛି। ସିଆର୍‌ସିସି ତଥ୍ୟ ଦେବା ପରେ ଏହି ଘଟଣା ଧରାପଡ଼ିବ। ସେହିପରି ପୁନଃଥଇଥାନ ପାଇଁ ୨୫ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରୁ ୧୯ ଜଣଙ୍କୁ ପିଅନ ଓ ୬ ଜଣଙ୍କୁ କିରାଣି ନିଯୁକ୍ତି ଦିଆଯାଇଛି। ଯିଏ ମୋଟା ଅଙ୍କର ଟଙ୍କା ଦେଇଛନ୍ତି ତାଙ୍କୁ କିରାଣି, ଯିଏ କମ ଦେଇଛନ୍ତି ତାଙ୍କୁ ପିଅନ ପଦବୀ ଦିଆଯାଇଛି। ଶିକ୍ଷା ବିଭାଗର ଅଜବ ନୀତି। ଏଇଠି କଥା ଉଠୁଛି, କେଉଁ ଗାଇଡ୍ ଲାଇନରେ ୬ ଜଣଙ୍କୁ କିରାଣି ନିଯୁକ୍ତି ଦିଆଯାଇଛି। କ'ଣ ରହିଛି ନିୟମ। ନିୟମରେ ଉଲ୍ଲଂଘନ ହୋଇଛି ବୋଲି ଅଭିଯୋଗ ହେଉଛି। ଜିଲା ଶିକ୍ଷା ବିଭାଗରେ ଜଣେ କିରାଣିଙ୍କ ଦ୍ୱାରା ଏହିସବୁ ହୋଇଛି ବୋଲି କୁହାଯାଉଛି। ତେବେ କିରାଣିଙ୍କ ସହ ଶିକ୍ଷା ବିଭାଗରେ ଆଉ କେଉଁ ଅଧିକାରୀ ସମ୍ପୃକ୍ତ ଅଛନ୍ତି ତାହା ତଦନ୍ତ କଲେ ଜଣାପଡ଼ିବ ବୋଲି କୁହାଯାଉଛି।

## ଚଳିତ ବଜେଟ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସତ କରିବ

**ଝାରସୁଗୁଡ଼ା,୭।୩(ଆଶିଷ ରଞ୍ଜନ ଦାଶ)**

ଚଳିତ ବିଧାନସଭାରେ ପାରିତ ହୋଇଥିବା ବଜେଟ୍ ବିକଶିତ ଓଡ଼ିଶାର ସ୍ୱପ୍ନକୁ ସତରେ ପରିଣତ କରିବ। ଏହା ଏକ ଐତିହାସିକ ବଜେଟ୍ ବୋଲି ଝାରସୁଗୁଡ଼ାର ଏକ ହୋଟେଲରେ ଶନିବାର ପୂର୍ବାହ୍ନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଓ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ସୂଚନା ଦେଇଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ ମହାଲିଙ୍ଗ କହିଛନ୍ତି, ୨୦୨୫-୨୬ ବଜେଟ୍‌ଟି ୩. ୧୦ ଲକ୍ଷ କୋଟିର ହୋଇଥିବାବେଳେ ଏହା ବିକଶିତ ଓଡ଼ିଶା-୨୦୩୬ ଓ ବିକଶିତ ଭାରତ-୨୦୪୭ ଭିଜନକୁ ନେଇ ପାରିତ ହୋଇଛି। ଏଥିରେ ରାଜ୍ୟର ସ୍ୱାସ୍ଥ୍ୟ, ଶିକ୍ଷା, କୃଷିକୁ ଗୁରୁତ୍ୱ ଦିଆଯାଇଛି। ୧୬ କୋଟି ଟଙ୍କା କେବଳ ଶିକ୍ଷାଗତ ସଂସ୍କାର ଉନ୍ନତି ପାଇଁ ବଜେଟ୍‌ରେ ସ୍ଥାନ ଦିଆଯାଇଥିବାବେଳେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ଖୋଲିବା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିସହ ୪ଟି ଆୟୁର୍ବେଦିକ କଲେଜ, ୬ଟି ମେଡିକାଲ କଲେଜ, ୨ଟି ଇଞ୍ଜିନିୟରିଂ କଲେଜ, ୨ଟି ହୋମିଓପ୍ୟାଥିକ କଲେଜ, ଗୋଟିଏ କୃଷି ବିଶ୍ୱବିଦ୍ୟାଳୟ ଏବଂ ଏକ ମତ୍ସ୍ୟ ମହାବିଦ୍ୟାଳୟ ଖୋଲିବା ପାଇଁ ବଜେଟ୍‌ରେ ନିଷ୍ପତ୍ତି ନିଆଯାଇଛି। ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶାରେ ଗମନାଗମନ ପାଇଁ ଗାଁରୁ ଗାଁକୁ ସଂଯୋଗ କରିବା ନିମନ୍ତେ ପିଡବ୍ଲୁଡି ବିଭାଗକୁ ଅର୍ଥ ପ୍ରଦାନ କରାଯାଇଛି। ଏଥର ନୂତନ ଯୋଜନା ମଧ୍ୟରେ ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ, ଅଟଳ ରକ୍ତଦାନ ଯୋଜନା, ୧ ହଜାର ଆଇସିୟୁ ବେଡ୍, ୫ ହଜାର ବେଡ୍ ବ୍ୟବସ୍ଥା କରାଯାଇ ଲୋକଙ୍କ ସେବାରେ ଲଗାଯିବ। ୬ ଲକ୍ଷ ୫୦ ହଜାରରୁ ଉର୍ଦ୍ଧ୍ୱ ଲୋକଙ୍କୁ ମଧୁବାବୁ ପେନସନ୍ ଯୋଜନାରେ ଭତ୍ତା ପ୍ରଦାନ ଏବଂ ରାଶନ କାର୍ଡରେ ୫ କେଜି ସ୍ଥାନରେ ୧୦ କେଜି ଚାଉଳ ଦିଆଯିବ। ଏହି ବଜେଟ୍ ଉତ୍କର୍ଷ ଓଡ଼ିଶା ଗଠନରେ ସହାୟକ ହେବ। ଏହା ଏକ ଜନ କଲ୍ୟାଣକାରୀ ବଜେଟ୍ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ବିଧାୟକ ତ୍ରିପାଠୀ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଓଡ଼ିଶା ବହୁ ଆଗକୁ ଯିବା ସହିତ ଝାରସୁଗୁଡ଼ା ମଧ୍ୟ ବହୁତ ଆଗକୁ ଯାଇଛି।

## 'ଆର୍‌ଟିଆଇ ସ୍ୱଚ୍ଛ ଶାସନର ଦର୍ପଣ'

**ଝାରସୁଗୁଡ଼ା,୭।୩(ଆଶିଷ ରଞ୍ଜନ ଦାଶ)**

**ସୂଚନା ଅଧିକାର ଆଇନ ସମ୍ପର୍କିତ କର୍ମଶାଳା**

ଝାରସୁଗୁଡ଼ା ଜିଲା କାର୍ଯ୍ୟାଳୟସ୍ଥିତ ଜିଲା ଖଣିଜ ପାଣ୍ଠି ପ୍ରେକ୍ଷାଗୃହ ପରିସରରେ ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ମାର୍ଗଦର୍ଶିକା ଅନୁଯାୟୀ ସୂଚନା ଅଧିକାର ଆଇନ(ଆର୍‌ଟିଆଇ), ୨୦୦୫, କର୍ମଶାଳା-୨୦୨୬ ଶନିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାରେ ସମ୍ମାନିତ ଅତିଥି ଭାବେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଅତିରିକ୍ତ ଜିଲାପାଳ ବ୍ରଜବନ୍ଧୁ ଭୋଇ ଉପସ୍ଥିତ ଥିଲେ। ଜିଲାପାଳ ଚହ୍ୱାଣ କହିଛନ୍ତି, ଆର୍‌ଟିଆଇ ସ୍ୱଚ୍ଛ ଶାସନର ଏକ ଦର୍ପଣ। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ବୃଦ୍ଧି ପାଇବା ସହ ନାଗରିକମାନେ ସରକାରୀ ଯୋଜନା ବିଷୟରେ ସିଧାସଳଖ ତଥ୍ୟ ପାଇପାରିବେ। ସେହିପରି ଏସ୍‌ପି ରାଘବେନ୍ଦ୍ର କହିଛନ୍ତି, ଆର୍‌ଟିଆଇକୁ କେବଳ ଆଇନଗତ ପ୍ରକ୍ରିୟା ବା ଅଭିଯୋଗ ପଦ୍ଧତି ଭାବରେ ନ ଦେଖି ଏକ ଉନ୍ନତ ମ୍ୟାନେଜମେଣ୍ଟ ସିଷ୍ଟମ ଭାବେ ଗ୍ରହଣ କରିବା ଉଚିତ। ପୋଲିସ ବିଭାଗରେ ଏହାର ପ୍ରଭାବଶାଳୀ ରୂପାୟନ ଏକ ଜନକେନ୍ଦ୍ରିକ ପ୍ରଶାସନ ଗଠନ କରିବାରେ ସହାୟକ ହେବ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କର୍ମଶାଳାରେ ୧୦୦ରୁ ଉର୍ଦ୍ଧ୍ୱ ଜନସୂଚନା ଅଧିକାରୀ, ସହକାରୀ ଜନସୂଚନା ଅଧିକାରୀ, ଡେପୁଟି କଲେକ୍ଟର ଏବଂ ବିଭିନ୍ନ ବିଭାଗର ପଦାଧିକାରୀ ଅଂଶଗ୍ରହଣ କରିଥିଲେ। ଲୁମିନ୍‌ସ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରଶିକ୍ଷକ ରଞ୍ଜନ କୁମାର ବକ୍ସି ସୂଚନା ଅଧିକାର ଆଇନରେ ଦରଖାସ୍ତ ଗ୍ରହଣ ଅନ୍‌ଲାଇନ୍‌ରେ ସମସ୍ତ ପ୍ରକ୍ରିୟା ସମ୍ପାଦନ କୌଶଳ, କାର୍ଯ୍ୟାଳୟରେ ସୂଚନା ଅଧିକାର ଆଇନ ନିମିତ୍ତ ବିଭିନ୍ନ ପ୍ରକ୍ରିୟା ବିଷୟରେ ଆଲୋଚନା କରିଥିଲେ। ଏହି ଅବସରରେ ସୂଚନା ଅଧିକାର ଆଇନ ଉପରେ ଆୟୋଜିତ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ପ୍ରଶ୍ନୋତ୍ତର ଅଧିବେଶନରେ ଅଧିକାରୀମାନେ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଡେପୁଟି କଲେକ୍ଟର ସୌମେଶ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।



କର୍ମଶାଳାରେ ଜିଲାପାଳ, ଏସ୍‌ପି ଓ ଅନ୍ୟ ଅଧିକାରୀ।




ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଅନୁଷ୍ଠିତ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ, ବିଧାୟକ, ଜିଲାପାଳ ଓ ଅନ୍ୟମାନେ।

## ମାତୃଶକ୍ତିର ସୁରକ୍ଷା ସମାଜର ପ୍ରକୃତ ପ୍ରଗତି: ସ୍ୱାସ୍ଥ୍ୟମନ୍ତ୍ରୀ

**ଝାରସୁଗୁଡ଼ା,୭।୩(ଆଶିଷ ରଞ୍ଜନ ଦାଶ)**

**ଏଚ୍‌ପିଭି ଟିକାକରଣ ଶୁଭାରମ୍ଭ**

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଶନିବାର ସକାଳ ୯ଟାରେ ଜିଲାସ୍ତରୀୟ ଏଚ୍‌ପିଭି ଟୀକାକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଯୋଗଦେଇ ଟିକାକରଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରି କହିଛନ୍ତି, ଝାରସୁଗୁଡ଼ା ଜିଲାର ୪,୪୪୨ରୁ ଉର୍ଦ୍ଧ୍ୱ କିଶୋରୀଙ୍କୁ ଏହି ଅଭିଯାନରେ ସାମିଲ କରାଯିବ। ଏଥିପାଇଁ ଜିଲାର ୬୫୦ ଆଶାକର୍ମୀ, ୫୨ ଜଣ ଟିକାକାରୀ ଓ ସମସ୍ତ ମେଡିକାଲ ଅଫିସରଙ୍କୁ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯାଇଛି। ମାତୃଶକ୍ତିର ସୁରକ୍ଷା ହିଁ ସମାଜର ପ୍ରକୃତ ପ୍ରଗତି। ଏହି ଟିକାକରଣ ଅଭିଯାନ ଜରାୟୁ ଗ୍ରୀବା କର୍କଟ ରୋଗ ବିରୋଧରେ ଏକ ଅମୋଘ ଅସ୍ତ୍ର ସଦୃଶ କାର୍ଯ୍ୟ କରିବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମାର୍ଗଦର୍ଶନରେ ଉକ୍ତ ଟୀକାକରଣ ଅଭିଯାନ ଆମକୁ ଏହି ଯୁଦ୍ଧରେ ନିଶ୍ଚିତ ଭାବେ ବିଜୟୀ କରାଇବ। କର୍କଟ ମୁକ୍ତ ଓଡ଼ିଶା ଗଠନରେ ସମସ୍ତେ ସହଯୋଗ କରିବାକୁ ସେ ଆହ୍ୱାନ ଦେଇଥିଲେ। ସେହିପରି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି, ଝାରସୁଗୁଡ଼ା ଜିଲାରେ ଏଚ୍‌ପିଭି ଟୀକାକରଣ ଅଭିଯାନ ସଫଳ ହେବ। ସରକାରଙ୍କ ଏଭଳି ପଦକ୍ଷେପ ଜରିଆରେ ଆମେ ପ୍ରତିଟି ପରିବାର ମଧ୍ୟରେ ସଚେତନତା ସୃଷ୍ଟି କରିବା ସହ ଜରାୟୁ ଗ୍ରୀବା କର୍କଟ ରୋଗର ସମ୍ପୂର୍ଣ୍ଣ ମୂଳୋତ୍ପାଟନ କରିବା ପାଇଁ ସଂକଳ୍ପବଦ୍ଧ। ଜିଲାର ପ୍ରତିଟି ଯୋଗ୍ୟ କିଶୋରୀ, ବାଳିକାଙ୍କୁ ଏହି ଅଭିଯାନରେ ସାମିଲ କରିବା ଦିଗରେ ଆମର ଏହି ମିଳିତ ଉଦ୍ୟମ ଫଳପ୍ରଦ ହେବ ବୋଲି ବିଧାୟକ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏଥିସହ ଝାରସୁଗୁଡ଼ାରେ ଏକ ନର୍ସିଂ କଲେଜ ସ୍ଥାପନ ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ନିକଟରେ ସେ ଦାବି କରିଛନ୍ତି। ଆଗାମୀ ଦିନରେ ନର୍ସିଂ କଲେଜ ଖୋଲାଯିବା ପାଇଁ ମନ୍ତ୍ରୀ ମହାଲିଙ୍ଗ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ସମେତ ରାଜସ୍ୱ ମନ୍ତ୍ରୀ ଏବଂ ଏମ୍‌ପିଙ୍କ ପ୍ରତିନିଧି ଉପସ୍ଥିତ ଥିଲେ। ଏହି ଅବସରରେ ମଙ୍ଗଳବଜାରସ୍ଥିତ ସାଟେଲାଇଟ ହସ୍ପିଟାଲ ପାଇଁ ଏକ ଇସିଜି ମେସିନ ପ୍ରଦାନ କରାଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କୃଷ୍ଣାକେଶୀ ବଳିଆରସିଂହ କାର୍ଯ୍ୟକ୍ରମ ପରିଚାଳନା ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ ମୋହନ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ରାସ୍ତା ପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ

**ବ୍ରଜରାଜନଗର, ୭।୩ (ବିଜୟ ବରାଡ଼)**

ବ୍ରଜରାଜନଗର ଅଞ୍ଚଳର ରାସ୍ତାପାର୍ଶ୍ୱରୁ ଶନିବାର ସ୍ଥାନୀୟ ପୌରପାଳିକା ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପୁରୁଣା ଟୋଲ୍‌ଗେଟ୍ ନିକଟସ୍ଥ ଜାତୀୟ ରାଜପଥ କଡ଼ରେ ରହିଥିବା ବେଆଇନ ନିର୍ମାଣ ଓ ଅବରୋଧ ଯୋଗୁ ଯାତାୟାତରେ ସମସ୍ୟା ହେବା ସହ ଦୁର୍ଘଟଣା ଆଶଙ୍କା ରହୁଥିଲା। ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ନିର୍ଦ୍ଦେଶକ୍ରମେ ବ୍ରଜରାଜନଗର ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଉଚ୍ଛେଦ ପ୍ରକ୍ରିୟା ପରିଚାଳିତ ହୋଇଥିଲା। ପ୍ରଶାସନିକ ଟିମ୍ ସେଠାରେ ପହଞ୍ଚି ବେଆଇନ ନିର୍ମାଣଗୁଡ଼ିକୁ ହଟାଇବା ସହ ରାସ୍ତାପାର୍ଶ୍ୱ ସଫା କରିଥିଲେ।






**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ।**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମା' ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆଜିର ମହିଳା କେବଳ ପରିବାରର ଶକ୍ତି ନୁହନ୍ତି, ସେମାନେ ହେଉଛନ୍ତି ସମାଜ ଓ ରାଷ୍ଟ୍ରଗଠନର ମୂଳଶକ୍ତି। ଘରୋଇ ଦାୟିତ୍ୱରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଆଗୁଆ ଭୂମିକା ନେଇ ସମାଜ ଓ ପରିବାରର ଆର୍ଥିକ ସଶକ୍ତିକରଣକୁ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଆସୁଛନ୍ତି।

ଆମ ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି। ମହିଳାମାନଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସମ୍ମାନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। 'ସୁଭଦ୍ରା ଶକ୍ତି' ଏ ଦିଗରେ ଆମର ଏକ ବଳିଷ୍ଠ ପ୍ରୟାସ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ସବୁ ମା' ଓ ଭଉଣୀମାନଙ୍କୁ ନୂଆ ଆତ୍ମବିଶ୍ୱାସର ସହ ଆଗକୁ ବଢ଼ି ସମୃଦ୍ଧ ଓଡ଼ିଶା ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରୁଛି।

ଆସନ୍ତୁ, ଆମେ ସମସ୍ତେ ମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/33001/2/25-26/0005

33001/18/2526

**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା**

**ସାହସେ ଖଲୁ ଶ୍ରୀର୍ବସତି।**

ଅନ୍ତର୍ଜାତୀୟ ମହିଳା ଦିବସର ଏହି ପବିତ୍ର ଅବସରରେ ମୁଁ ରାଜ୍ୟର ସମସ୍ତ ମାତୃଶକ୍ତି, ଭଉଣୀ ଓ କନ୍ୟାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି। ନାରୀ ହେଉଛି ସୃଷ୍ଟି, ଶକ୍ତି ଓ ସମୃଦ୍ଧିର ପ୍ରତିମୂର୍ତ୍ତି। ସେ ହିଁ ଜୀବନର ଉତ୍ସ, ପରିବାରର ପ୍ରେରଣା ଏବଂ ଏକ ପ୍ରଗତିଶୀଳ ସମାଜର ଆଦ୍ୟବିନ୍ଦୁ। ନିଜର ସାହସ ଏବଂ ଦୃଢ଼ ସଂକଳ୍ପ ବଳରେ ସେମାନେ ସ୍ୱପ୍ନକୁ ସାକାର କରନ୍ତି, ସମାଜ ଗଠନ କରନ୍ତି ଏବଂ ଦେଶର ଭବିଷ୍ୟତକୁ ଏକ ନୂତନ ରୂପ ପ୍ରଦାନ କରନ୍ତି।

ଆଜି ଓଡ଼ିଶା ସରକାର "ମହିଳା କେନ୍ଦ୍ରିତ ଶାସନ" ଅଭିମୁଖେ ଦୃଢ଼ସଂକଳ୍ପ ସହ ଆଗକୁ ବଢୁଛନ୍ତି, ଯେଉଁଠି ମହିଳାମାନେ କେବଳ ହିତାଧିକାରୀ ନୁହନ୍ତି, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣକାରୀ ସାଜିଛନ୍ତି। 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାରେ ମହିଳାମାନେ ହିଁ ଆମର ମୁଖ୍ୟ ସ୍ତମ୍ଭ।

ଏହି ବିଶ୍ୱାସକୁ ପାଥେୟ କରି ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନାକୁ ସୁଦୃଢ଼ ଭାବେ କାର୍ଯ୍ୟକାରୀ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ', 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', 'ଅଦ୍ୱିକା' ଯୋଜନା ଇତ୍ୟାଦି କେବଳ ଗୋଟିଏ ଗୋଟିଏ ଯୋଜନା ନୁହେଁ, ବରଂ ପ୍ରତିଟି ମହିଳାଙ୍କୁ ପରିବର୍ତ୍ତନର ସାରଥି ଭାବେ ଗଢ଼ିତୋଳିବା ପାଇଁ ଏକ ସଶକ୍ତ ପଦକ୍ଷେପ।

ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ପରିବାର ହସିଉଠେ, ଯେତେବେଳେ ମହିଳା ନେତୃତ୍ୱ ନିଅନ୍ତି, ସମାଜ ପରିବର୍ତ୍ତିତ ହୁଏ ଏବଂ ଯେତେବେଳେ ମହିଳା ସମୃଦ୍ଧ ହୁଅନ୍ତି, ରାଜ୍ୟ ପ୍ରଗତି ପଥରେ ଅଗ୍ରସର ହୁଏ।

ଆସନ୍ତୁ, ଏହି ମହିଳା ଦିବସରେ ପ୍ରତ୍ୟେକ ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ପୁନଃ ସଂକଳ୍ପବଦ୍ଧ ହେବା ଏବଂ 'ବିକଶିତ ଓଡ଼ିଶା ୨୦୩୬'କୁ ସାକାର କରିବା ଦିଗରେ ମହିଳାମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା।

ଶ୍ରୀମତୀ ପ୍ରଭାତୀ ପରିଡା
ଉପ-ମୁଖ୍ୟମନ୍ତ୍ରୀ, ତଥା ମାନ୍ୟବର ମନ୍ତ୍ରୀ,
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା



ନେପାଳ ସାଧାରଣ ନିର୍ବାଚନରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ବୃହତ୍ ବିଜୟ ଦିଗରେ ଅଗ୍ରସର ହେଉଥିବାବେଳେ ଏହାର ସମର୍ଥକମାନେ ଶନିବାର ଉତ୍ସବ ମନାଉଛନ୍ତି।

# ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ ଟିଏମ୍‌ସି

ନୂଆଦିଲ୍ଲୀ, ୭।୩(ପି.ଟି.)



ଓମ୍ ବିର୍ଲା

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଆଣିଥିବା ଅନାସ୍ଥା ନୋଟିସରେ ସ୍ୱାକ୍ଷର କରିବାକୁ କିଛି ସପ୍ତାହ ପୂର୍ବରୁ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପିମାନେ ମନା କରିଥିଲେ। ଏବେ ମମତା ବାନାର୍ଜୀଙ୍କ ଦଳ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ସୋମବାର ଆରମ୍ଭ ହେବାକୁ ଥିବାବେଳେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ। ଟିଏମ୍‌ସି ଏମ୍‌ପିମାନେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ଦଳ ନିଷ୍ପତ୍ତି ନେଇଛି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ଦଳ ଅଧ୍ୟକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳୀୟ ଏମ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଦଳର ୨ ଜଣ ବରିଷ୍ଠ ନେତା କହିଛନ୍ତି। ଲୋକ ସଭାରେ ଟିଏମ୍‌ସିର ୨୮ ଏବଂ ରାଜ୍ୟ ସଭାରେ ୧୨ ସଦସ୍ୟ ରହିଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତାଙ୍କୁ ବାଚସ୍ପତି କହିବାକୁ ସୁଯୋଗ ନ ଦେବା ଏବଂ ପକ୍ଷପାତ ନୀତି ଆପଣାଉଥିବା ଅଭିଯୋଗ କରି ୧୧୮ ଜଣ ବିରୋଧୀ ଏମ୍‌ପିଙ୍କ ସ୍ୱାକ୍ଷର ଥାଇ ବାଚସ୍ପତି ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଫେବୃଆରୀ ୧୦ରେ ନୋଟିସ୍ ଦିଆଯାଇଥିଲା। ଆମେ ସବୁବେଳେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଅଛୁ ବୋଲି ଟିଏମ୍‌ସି ନେତା କହିବା ସହ ସୋମବାର ଦଳର ସମସ୍ତ ଏମ୍‌ପି ଲୋକ ସଭାରେ ଉପସ୍ଥିତ ରହିବେ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ଟିଏମ୍‌ସି ନେତାମାନେ ଇଣ୍ଡିଆ ବ୍ଲକ୍‌ର ଅନ୍ୟ ନେତାମାନଙ୍କ ସହ ଯୋଗାଯୋଗରେ ରହିଛନ୍ତି। ନିମ୍ନ ସଦନରେ ସାଧାରଣ ସଂଖ୍ୟାଗରିଷ୍ଠତାରେ ବିଲ୍ ଗୃହୀତ ହେଲେ ବାଚସ୍ପତି ବହିଷ୍କୃତ ହୋଇପାରିବେ। ସମ୍ବିଧାନର ଅନୁଚ୍ଛେଦ ୯୪ସିରେ ଏହି ବ୍ୟବସ୍ଥା ରହିଛି। ତେବେ ବାଚସ୍ପତି ଗୃହରେ ନିଜ ସପକ୍ଷରେ ଯୁକ୍ତି ରଖିବାକୁ ଅନୁଚ୍ଛେଦ ୯୬ ଅନୁମତି ଦେଇଛି।

# ପଡ଼ୋଶୀଙ୍କୁ କ୍ଷମା ମାଗିଲା ଇରାନ

ତେହରାନ୍,୭।୩



ମେହମୁଦ ପେଜେସ୍କିଆନ୍

ଇରାନ-ଆମେରିକା ଯୁଦ୍ଧକୁ ନେଇ ଏବେ ବି ସ୍ଥିତି ଗମ୍ଭୀର ରହିଛି। ଯୁଦ୍ଧର ଅଷ୍ଟମ ଦିନରେ ଶନିବାର ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଆହୁରି ଜୋର୍‌ଦାର ହୋଇଥିଲା ବେଳେ ଇରାନ ମଧ୍ୟ ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶରେ ଆମେରିକୀୟ ଠିକଣାଗୁଡିକ ଉପରେ ଆକ୍ରମଣ ଜାରି ରଖିଛି। ହେଲେ ଯୁଦ୍ଧକୁ ନେଇ ଇରାନ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିବା ସହ ଶନିବାର ପଡ଼ୋଶୀ ରାଷ୍ଟ୍ରଗୁଡିକୁ କ୍ଷମା ମାଗିବା ଘଟଣା ଯୁଦ୍ଧ ପରିସ୍ଥିତିରେ ଏକ ନୂଆ ମୋଡ଼ ଆଣିଛି। ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ସାଉଦି ଆରବ,ୟୁଏଇ, କାତାର, କୁଏତ୍, ବାହାରିନ୍ ଭଳି ବହୁ ଉପସାଗରୀୟ ତଥା ପଡ଼ୋଶୀ ଦେଶରେ ରହିଥିବା ଆମେରିକୀୟ ସାମରିକ ଘାଟିଗୁଡିକ ଉପରେ ଇରାନ ଆକ୍ରମଣ କରିଥିଲା। କେବଳ ସାମରିକ ଘାଟି ନୁହେଁ, ତୈଳ ଓ ଗ୍ୟାସ୍ ରିଫାଇନେରି, ବିମାନ ବନ୍ଦର, ହୋଟେଲ ଏବଂ ଅନ୍ୟ ପ୍ରମୁଖ ଭିତ୍ତିଭୂମି ଉପରେ ଇରାନ ଘନ ଘନ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ଉପରୋକ୍ତ ସବୁ ଦେଶର ପର୍ଯ୍ୟାପ୍ତ କ୍ଷତି ଘଟିବା ସହିତ ଇରାନର ଏହି ଆଭିମୁଖ୍ୟକୁ ନେଇ ସେଗୁଡିକ ଗଭୀର ଉଦ୍‌ବେଗ ପ୍ରକାଶ କରିଥିଲେ। କିନ୍ତୁ ଆକ୍ରମଣ ପାଇଁ ଅଚାନକ ଇରାନ ଏହିସବୁ ପଡ଼ୋଶୀ ରାଷ୍ଟ୍ରଗୁଡିକୁ ଶନିବାର କ୍ଷମା ମାଗିଛି। ଇରାନ ରାଷ୍ଟ୍ରପତି ମେହମୁଦ୍ ପେଜେସ୍କିଆନ୍ ରାଷ୍ଟ୍ରୀୟ ଟିଭି ପ୍ରସାରଣରେ ଏହି ସମସ୍ତ ଦେଶକୁ କ୍ଷମା ପ୍ରାର୍ଥନା କରିବା ସହ ଆଉ ଆକ୍ରମଣ କରାଯିବ ନାହିଁ ବୋଲି କହିଛନ୍ତି। ଯେପର୍ଯ୍ୟନ୍ତ ଏହିସବୁ ଦେଶ ପକ୍ଷରୁ ଇରାନ ଉପରେ ପ୍ରଥମେ ଆକ୍ରମଣ କରା ନ ଯାଇଛି, ସେପର୍ଯ୍ୟନ୍ତ ଇରାନ କୌଣସି ପଦକ୍ଷେପ ଗ୍ରହଣ କରିବ ନାହିଁ ବୋଲି ପେଜେସ୍କିଆନ୍ କହିଛନ୍ତି।

## ଆମେରିକା, ଇସ୍ରାଏଲ ମାଡ଼ରେ ଇରାନ ସାବାଡ଼:ଟ୍ରମ୍ପ୍

ଇରାନ ରାଷ୍ଟ୍ରପତି ମେହମୁଦ ପେଜେସ୍କିଆନ୍ ପଡ଼ୋଶୀ ରାଷ୍ଟ୍ରଗୁଡିକୁ କ୍ଷମା ମାଗିଲା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନକୁ ତାଚ୍ଛଲ୍ୟ କରି ଆମେରିକା ଏବଂ ଇସ୍ରାଏଲ ପ୍ରହାରରେ ଇରାନ ଧୂଳିସାତ୍ ହୋଇସାରିଛି ବୋଲି କହିଛନ୍ତି। ଟ୍ରମ୍ପ୍ ସୋସିଆଲ ମିଡିଆ ଟ୍ରୁଥ୍‌ରେ କହିଛନ୍ତି, ଇରାନ ମଧ୍ୟପ୍ରାଚ୍ୟରେ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡିକ ଉପରେ ଆଉ ଆକ୍ରମଣ କରିବ ନାହିଁ ବୋଲି ଘୋଷଣା କରିଛି। କିନ୍ତୁ ଏହା କେବଳ ଆମେରିକା ଏବଂ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ ଯୋଗୁ ସମ୍ଭବ ହୋଇଛି।



ଡୋନାଲ୍ଡ ଟ୍ରମ୍ପ୍

ଯେଉଁ ଦେଶ ମଧ୍ୟପ୍ରାଚ୍ୟର ସବୁ ଦେଶ ଉପରେ ପ୍ରଭାବ ବିସ୍ତାର କରି ନିଜର ଆଧିପତ୍ୟ ଜାହିର କରିବାକୁ ଚାହୁଁଥିଲା, ବର୍ତ୍ତମାନ ସେହି ଦେଶ ସବୁ ଦେଶକୁ

### ଆହୁରି ଜୋର୍‌ଦାର ହେବ ଆକ୍ରମଣ

କ୍ଷମା ପ୍ରାର୍ଥନା କରିବାକୁ ବାଧ୍ୟ ହୋଇଛି ବୋଲି ଟ୍ରମ୍ପ୍ ଇରାନ ଉଦ୍ଦେଶ୍ୟରେ କହିଛନ୍ତି। ଏହାଛଡ଼ା ସେ ଇରାନକୁ ପୁଣି ଚେତାବନୀ ଦେଇ ଆକ୍ରମଣକୁ ଆହୁରି ଜୋର୍‌ଦାର କରାଯିବ ବୋଲି କହିଛନ୍ତି। ଯଦି ଇରାନ ପରବର୍ତ୍ତୀ ସମୟରେ ପୁଣି ବ୍ୟତିକ୍ରମ କରେ , ତେବେ ସାଂଘାତିକ ଆକ୍ରମଣ କରି ଇରାନକୁ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯିବ ବୋଲି ଟ୍ରମ୍ପ୍ କହିଛନ୍ତି।

## ଖର୍କିଭ୍‌ରେ ରୁଷିଆର ମିଶାଇଲ ମାଡ଼: ୭ ନିହତ

ଖର୍କିଭ୍,୭।୩

ୟୁକ୍ରେନ୍‌ର ଖର୍କିଭ୍ ସହରରେ ଶୁକ୍ରବାର ବିଳମ୍ବିତ ରାତିରେ ରୁଷିଆ ମିଶାଇଲ୍ ମାଡ଼ କରିବାରୁ ୨ ପିଲାଙ୍କ ସମେତ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଥିବା ଆଞ୍ଚଳିକ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବାଲିଷ୍ଟିକ୍ ମିଶାଇଲ୍ ମାଡ଼ରେ ଧ୍ୱଂସ ହୋଇଯାଇଥିବା ଏକ ଆବାସିକ ଆପାର୍ଟମେଣ୍ଟର ଭଗ୍ନାବଶେଷ ମଧ୍ୟରୁ ୫ ମୃତଦେହ ମିଳିଛି। ରୁଷିଆ ଜୋର୍‌ଦାର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିବାରୁ ୟୁକ୍ରେନ୍‌ର ଅଧିକାଂଶ ଭାଗରେ ଏୟାର ରେଡ୍ ସତର୍କ ସୂଚନା ଜାରି କରାଯାଇଛି। ଡିନିପ୍ରୋପେଟ୍ରୋଭସ୍କ ଅଞ୍ଚଳରେ ଅନ୍ୟ ଏକ ଆକ୍ରମଣରେ ଜଣେ ପ୍ରାଣ ହରାଇଛନ୍ତି। ଶତ୍ରୁପକ୍ଷର ଆକ୍ରମଣରେ ଖର୍କିଭ୍‌ର କିଭିସ୍କି ଜିଲାରେ ଥିବା ଏକ ୫ ମହଲା ବିଲ୍ଡିଂ ଆଂଶିକ କ୍ଷତିଗ୍ରସ୍ତ ହେବା ସହ ପାଖରେ ଥିବା ଏକ ଘର ଧ୍ୱଂସ ହୋଇଯାଇଛି।

## ଘରୋଇ ଏଲ୍‌ପିଜି ମୂଲ୍ୟ ୬୦ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୭।୩

ସର୍ବଭାରତୀୟ ସ୍ତରରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୬୦ ଟଙ୍କା ବୃଦ୍ଧି ଘଟିଛି। ଶନିବାରଠାରୁ ଏହି ବର୍ଦ୍ଧିତ ମୂଲ୍ୟ ଲାଗୁ କରାଯାଇଥିବାରୁ ଖାଉଟିଙ୍କ ଉପରେ ପୁଣି ବୋଝ ପଡ଼ିଛି। ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ ଖାଉଟି ମଧ୍ୟ ଏହି ବର୍ଦ୍ଧିତ ମୂଲ୍ୟରେ ଗ୍ୟାସ୍ କିଣିବେ। ବ୍ୟାବସାୟିକ ସିଲିଣ୍ଡର ମୂଲ୍ୟରେ ମଧ୍ୟ ୧୧୫ ଟଙ୍କା ବୃଦ୍ଧି କରାଯାଇଛି। ଇରାନ-ଆମେରିକା ଯୁଦ୍ଧକୁ ନେଇ ଅନ୍ତର୍ଜାତୀୟ ବଜାରରେ ପେଟ୍ରୋଲିୟମ ଓ ଗ୍ୟାସ୍ ମୂଲ୍ୟ ଅସ୍ଥିର ହେବାକୁ ଲାଗିଥିଲା ବେଳେ ଏହାର ପ୍ରଭାବରେ ଏଲ୍‌ପିଜି ମୂଲ୍ୟ ବୃଦ୍ଧି ଘଟିଥିବା କୁହାଯାଉଛି। ଆଗକୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ଘଟିପାରେ ବୋଲି ଆଶଙ୍କା ବଢ଼ିଛି।

## ଜିମ୍‌ରେ ସରପଞ୍ଚଙ୍କୁ ଗୁଳିକରି ହତ୍ୟା

ବଠିଣ୍ଡା,୭।୩

ପଞ୍ଜାବର ମୋଗା ଜିଲା ଅନ୍ତର୍ଗତ ବାଘପୁରାନା ସହରରେ ଶୁକ୍ରବାର ସକାଳେ ଜଣେ ସରପଞ୍ଚଙ୍କୁ ଗୁଳିକରି ହତ୍ୟା କରାଯାଇଛି। ପାଙ୍ଗୋ ହୀରାସିଂ ସରପଞ୍ଚ ହରୱିନ୍ଦର ସିଂ ତାଙ୍କ 'ସୁଜନ ଫିଟ୍‌ନେସ୍ କ୍ଲବ୍'ରେ ପହଞ୍ଚିବାମାତ୍ରେ ତାଙ୍କୁ ଗୁଳି କରାଯାଇଥିଲା। ବାଘପୁରାନା ସିଭିଲ୍ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ହରୱିନ୍ଦରଙ୍କୁ ହତ୍ୟା ଧମକ ମିଳିଥିଲା। ଆପ୍ ବିଧାୟକ ଅମ୍ରିତପାଲ ସିଂ ସୁଖାନନ୍ଦ ଧମକ ଦେଇଥିଲେ ବୋଲି ହରୱିନ୍ଦରଙ୍କ ସମ୍ପର୍କୀୟ ଅଭିଯୋଗ କରିବା ସହ ତାଙ୍କ ବିରୋଧରେ ଏତଲା ଦାଏର ପାଇଁ ଦାବି କରିଛନ୍ତି।

## ମଧ୍ୟପ୍ରାଚ୍ୟରୁ ସ୍ୱଦେଶ ଫେରିଲେଣି ୫୨ ହଜାର ଭାରତୀୟ

ନୂଆଦିଲ୍ଲୀ,୭।୩

ଇରାନ-ଆମେରିକା ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ସ୍ଥିତି ଜଟିଳ ହୋଇପଡ଼ିବାରୁ ଭାରତୀୟମାନଙ୍କ ସୁରକ୍ଷା ଚିନ୍ତାର ବିଷୟ ହୋଇଛି। ସାଉଦି ଆରବ, ୟୁଏଇ, କାତାର, ବାହାରିନ, କୁଏତ ଆଦି ଦେଶରେ ଅନେକ ଲକ୍ଷ ଭାରତୀୟ ରହୁଥିବା ବେଳେ ଏହିସବୁ ଦେଶ ଉପରେ ଇରାନ ଆକ୍ରମଣ କରିବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ବର୍ତ୍ତମାନ ସୁଦ୍ଧା ୨୮୦ ବିମାନରେ ମୋଟ ୫୨ ହଜାର ୩୬୦ ଜଣଙ୍କୁ ଭାରତ ଅଣାଯାଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। ୟୁଏଇର ଦୁବାଇ, ଆବୁଧାବି, କାତାର, କୁଏତ୍ ଏବଂ ସାଉଦି ଆରବର ରିଆଦ ଆଦି ସହରରେ ସର୍ବାଧିକ ଭାରତୀୟ କାର୍ଯ୍ୟ କରନ୍ତି। ଇରାନ ଏହିସବୁ ଦେଶ ଉପରେ ଆକ୍ରମଣ କରିଚାଲିଛି। ଭାରତୀୟଙ୍କୁ ଫେରାଇ ଆଣିବା ଲାଗି କେନ୍ଦ୍ର ଅଗ୍ରାଧିକାର ଦେଇଥିଲା। ଭାରତ ଏବଂ ମଧ୍ୟପ୍ରାଚ୍ୟର ବିଭିନ୍ନ ଏୟାରଲାଇନ୍ସ ଦ୍ୱାରା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି।

## ଖବରଦାତା ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଦୋଷମୁକ୍ତ

ଚଣ୍ଡିଗଡ଼,୭।୩(ପି.ଟି.)



ଗୁର୍‌ମିତ୍ ରାମରହିମ୍ ସିଂ

୨୦୦୨ରେ ଜଣେ ଖବରଦାତାଙ୍କୁ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁର୍‌ମିତ୍ ରାମରହିମ୍ ସିଂଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଶନିବାର ଦୋଷମୁକ୍ତ କରିଛନ୍ତି। ୭ ବର୍ଷ ପୂର୍ବରୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ରାମରହିମ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ୫୮ ବର୍ଷୀୟ ରାମରହିମ୍ ଏବେ ରୋହତକ୍‌ର ସୁନାରିକା ଜେଲରେ ଅଛନ୍ତି। ୨ ଅନୁଗାମୀ ମହିଳାଙ୍କୁ ବଳାତ୍କାର ମାମଲାରେ ତାଙ୍କୁ ୨୦୧୭ରେ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା। ୨୦୦୨ରେ ପୂର୍ବତନ ମ୍ୟାନେଜର ରଞ୍ଜିତ୍ ସିଂଙ୍କୁ ହତ୍ୟା ମାମଲାରେ ହାଇକୋର୍ଟ ୨୦୨୪ ମେ'ରେ ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ରାୟକୁ ଖାରଜ କରିଦେଇ ରାମରହିମ୍ ଓ ଅନ୍ୟ ୪ ଜଣଙ୍କୁ ଦୋଷମୁକ୍ତ କରିଥିଲେ।

ସିର୍ସାସ୍ଥିତ ଡେରା ମୁଖ୍ୟାଳୟରେ ମହିଳା ଅନୁଗାମୀମାନଙ୍କୁ ଯୌନ ଶୋଷଣ କରାଯାଉଥିବା ସମ୍ପର୍କରେ ଲେଖାଥିବା ଏକ ବେନାମୀ ପତ୍ର ଖବରଦାତା ରାମଚନ୍ଦ୍ର ଛତ୍ରପତିଙ୍କ ଖବରକାଗଜ 'ପୂରା ସଚ୍'ରେ ପ୍ରକାଶ ପାଇଥିଲା। ୨୦୦୨ ଅକ୍ଟୋବରରେ ଛତ୍ରପତିଙ୍କୁ ସିର୍ସାସ୍ଥିତ ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପଛରେ ରାମରହିମ୍‌ଙ୍କ ଷଡ଼ଯନ୍ତ୍ର ଥିବା ଅଭିଯୋଗରେ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ୨୦୧୯ରେ ପଞ୍ଚକୁଲାର ସ୍ୱତନ୍ତ୍ର ସିବିଆଇ କୋର୍ଟ ରାମରହିମ୍‌ଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।





ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣକୁ ବିରୋଧ କରି ତୁର୍କୀର ଇସ୍ତାନବୁଲ୍‌ସ୍ଥିତ ଇସ୍ରାଏଲୀ ବାଣିଜ୍ୟିକ ଦୂତାବାସ ବାହାରେ ଲୋକେ ସ୍ଲୋଗାନ ଦେଉଛନ୍ତି।

## ପଶ୍ଚିମବଙ୍ଗରେ ବେରୋଜଗାରୀଙ୍କୁ ୧,୫୦୦ ଟଙ୍କା ଭତ୍ତା

କୋଲକାତା,୭।୩

### ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ସମସ୍ତ ଦଶମ ଶ୍ରେଣୀ ପାସ୍ ବେରୋଜଗାରୀ ଯୁବବର୍ଗଙ୍କୁ ମାସିକ ୧,୫୦୦ ଟଙ୍କା ଭତ୍ତା ଶନିବାର ପ୍ରଦାନ କରିଛନ୍ତି। ପ୍ରତି ମାସରେ ଏହି ଭତ୍ତା ସେମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର ହେବାରେ ସହାୟକ ହେବ ବୋଲି ମମତା କହିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବେଳେ ବହୁସଂଖ୍ୟାରେ ଭୋଟରଙ୍କ ନାଁ କାଟିଦିଆଯାଇଥିବାରୁ ଏହାର ପ୍ରତିବାଦରେ ଧାରଣାରେ ବସିଥିବା ଟିଏମ୍‌ସି ସୁପ୍ରିମୋ ମମତା ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ବେରୋଜଗାରୀ ଭତ୍ତା ଘୋଷଣା କରିଛନ୍ତି। ୨୧ରୁ ୪୦ ବର୍ଷ ବୟସବର୍ଗର ମାଧ୍ୟମିକ ପରୀକ୍ଷା ପାସ୍ କରିଥିବା ପୁରୁଷ ଓ ମହିଳାଙ୍କୁ ମାର୍ଚ୍ଚ ୭ରୁ ପ୍ରତି ମାସରେ ୧,୫୦୦ ଟଙ୍କା ଲେଖାଏ ମିଳିବ ବୋଲି ମମତା କହିଛନ୍ତି। ଯେଉଁମାନେ ଏବେ ବି ପଢୁଛନ୍ତି, ଏବଂ ଛାତ୍ରବୃତ୍ତି ବ୍ୟତୀତ ଅନ୍ୟ କୌଣସି ଯୋଜନାର ହିତାଧିକାରୀ ହୋଇନାହାନ୍ତି, ସେମାନଙ୍କୁ ଉକ୍ତ ଭତ୍ତା ମିଳିବ। ଏପ୍ରିଲ ୧ରୁ ଭତ୍ତା ପ୍ରଦାନ କରାଯିବ ବୋଲି ସରକାର ପୂର୍ବରୁ କହିଥିବାବେଳେ ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ଏହାକୁ ଏକ ଉପହାର ଭାବେ ଦେବା ପାଇଁ ସ୍ଥିର କରାଗଲା ବୋଲି ମମତା କହିଛନ୍ତି। ଭତ୍ତା ପାଇଁ ଆବେଦନ କରିଥିବା ପ୍ରାୟ ୧ କୋଟି ଯୁବବର୍ଗ ଏଥିରୁ ଉପକୃତ ହେବେ।

## ସାରାଙ୍କ ହାତରେ ବନ୍ଧୁକ

ମୁମ୍ବାଇ



ସାରା ଅର୍ଜୁନ

'ଧୁରନ୍ଧର: ଦିରିଭେଞ୍ଜ'(ଧୁରନ୍ଧର-୨)ର ଟ୍ରେଲର ରିଲିଜ ହୋଇଛି। ଏହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି। ଦର୍ଶକ ପୁଣି ଆକ୍ସନ-ଭରା କାହାଣୀ ଦେଖିବାକୁ ଉତ୍ସାହିତ ଅଛନ୍ତି। ଟ୍ରେଲରଟି ଅନେକ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ମଧ୍ୟ ପ୍ରକାଶ କରିଛି। ଫିଲ୍ମର ନାୟିକା ସାରା ଅର୍ଜୁନ ବନ୍ଧୁକ ଧରିଥିବାର ନଜର ଆସିଛନ୍ତି। ପ୍ରଥମ ପାର୍ଟରେ ସାରାଙ୍କୁ ରୋମାନ୍ସ କରୁଥିବାର ଦେଖିବାକୁ ମିଳିଥିଲା। କିନ୍ତୁ 'ଧୁରନ୍ଧର-୨'ରେ ସେ ବନ୍ଧୁକ ଧରିଥିବା ଦର୍ଶକେ ଦେଖିବାକୁ ପାଇବେ। ସାରାଙ୍କୁ ଏବେ ମାତ୍ର ୨୦ ବର୍ଷ। 'ଧୁରନ୍ଧର'ରେ ସେ ତାଙ୍କଠାରୁ ୨୦ ବର୍ଷ ବଡ଼ ରଣବୀର ସିଂଙ୍କ ସହ ରୋମାନ୍ସ କରିଥିଲେ। ତଥାପି ଏହି ଅନ୍-ସ୍କ୍ରିନ୍ ଯୋଡ଼ି ଦର୍ଶକଙ୍କ ହୃଦୟ ଜିଣିଥିଲା। 'ଧୁରନ୍ଧର'ରେ ସାରାଙ୍କ 'ୟାଲିନା ଜମାଲ' ଚରିତ୍ରରେ ପ୍ରେମର ଝଲକ ଦୃଶ୍ୟମାନ ହେଉଥିଲା। କିନ୍ତୁ ଏବେ ଧୁରନ୍ଧର -୨ ଟ୍ରେଲରରେ ୟାଲିନାଙ୍କ ଆଖିରେ ଏକ ଭୟଙ୍କର ଭାବ ଏବଂ ହାତରେ ବନ୍ଧୁକ ଦେଖିବାକୁ ମିଳିଛି। ଏହା କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ହୋଇପାରେ ବୋଲି ବିଶ୍ୱାସ କରାଯାଉଛି।

# ଡକାୟତି ଘଟଣା: ୯ ଗିରଫ

ଝାରସୁଗୁଡ଼ା/ଲଇକେରା,୭।୩
(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ ତାଲମୁଣ୍ଡା ଗ୍ରାମରେ ଘଟିଥିବା ଡକାୟତି ଘଟଣାରେ ପୋଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମ୍ବଲପୁର ଅଞ୍ଚଳର ଦୀପକ ଖଡ଼ିଆ(୨୫), ଅଶୋକ ଖଡ଼ିଆ(୨୦), ଆକାଶ ସାହୁ (୨୪), ଅଜୟ ମୁଣ୍ଡା (୧୯), ଧନଞ୍ଜୟ ଖଡ଼ିଆ(୪୭), ବବଲୁ ବରାଭୟା(୨୨), ରେଙ୍ଗାଲି-ଲଇକେରା ଅଞ୍ଚଳର ଭୋଳା ନାୟକ(୨୫), ବିଶାଳ ଓରାମ୍(୨୭) ଓ ବିଶ୍ୱଜିତ୍ ପଶାୟତ(୨୭)। ସେମାନଙ୍କ ନିକଟରୁ ଏକାଧିକ ସୁନାଚେନ୍, ମଙ୍ଗଳସୂତ୍ର, ମୁଦି, ଚୁଡ଼ି ସହ ରୁପା ଅଳଙ୍କାର, ୧ ଲକ୍ଷ ୪୩ ହଜାର ୮୦୩ ଟଙ୍କା, ୮ଟି ମୋବାଇଲ ଫୋନ୍, ପୁରାତନ ରୁପାମୁଦ୍ରା, ଛୁରି, ବେସ୍‌ବଲ୍ ବ୍ୟାଟ୍ ଓ ଡକାୟତିରେ ବ୍ୟବହୃତ ବୋଲେରୋ (ଓଆର୍୧୫-ଏସ୍-୩୫୪୩)କୁ ପୋଲିସ ଜବତ କରିଛି। ତେବେ ଏହି ମାମଲାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ଅଧିକ ତଦନ୍ତ ଚାଲିଛି ବୋଲି ଶନିବାର ଅପରାହ୍ନରେ ଝାରସୁଗୁଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ସୋମବାର ରାତିରେ ଲଇକେରା ଥାନା ଅଧୀନ ତାଲମୁଣ୍ଡା ଗ୍ରାମର ପ୍ରକାଶ ନାଏକ ଏବଂ ତାଙ୍କ ସ୍ତ୍ରୀ ଝିଲି ନାଏକ ଘରେ ଶୋଇଥିଲେ। ବିଳମ୍ବିତ ରାତି ପ୍ରାୟ ୧ଟାରେ କେତେଜଣ ମୁଖାପିନ୍ଧା ଦୁର୍ବୃତ୍ତ ତାଙ୍କ ଘରର କବାଟ ଭାଙ୍ଗି ଭିତରେ ପଶିଥିଲେ। ପରେ ସେମାନଙ୍କୁ ବନ୍ଧୁକ ଓ ଖଣ୍ଡା ଦେଖାଇ ଭୟଭୀତ କରିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ଏହାପରେ ଘରେ ଥିବା ଗଡ୍‌ରେଜ୍ ଆଲମିରାରୁ ୭ ଲକ୍ଷ ଟଙ୍କା, ସୁନା ଅଳଙ୍କାର ସମେତ ଝିଲି ପିନ୍ଧିଥିବା ଅଳଙ୍କାର ଲୁଟ୍ କରି ଫେରାର ହୋଇଯାଇଥିଲେ। ଖବରପାଇ ମଙ୍ଗଳବାର ସକାଳେ ଝାରସୁଗୁଡ଼ା ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଲଇକେରା ପୋଲିସ ପହଞ୍ଚି ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରିଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ପୋଲିସ ସିସିଟିଭି ଫୁଟେଜ୍ ଓ ସାଇବର ସେଲ୍ ସହାୟତାରେ ଅଭିଯୁକ୍ତମାନଙ୍କୁ ଚିହ୍ନଟକରି ଗିରଫ କରିଛି। ଏସ୍‌ପି ରାଘବେନ୍ଦ୍ର କହିଛନ୍ତି, ଅପରେଶନ ନେତ୍ର ମାଧ୍ୟମରେ ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯାଇଛି ଏବଂ ଅଞ୍ଚଳରେ ଆଇନଶୃଙ୍ଖଳା ରକ୍ଷା ପାଇଁ ପୋଲିସ ତତ୍ପର ରହିଛି। ଖବରଦାତା ସମ୍ମିଳନୀରେ ଝାରସୁଗୁଡ଼ା ଏସ୍‌ଡିପିଓ ଉମାଶଙ୍କର ସିଂ, ଲଇକେରା ଆଇଆଇସି କୃଷ୍ଣଚନ୍ଦ୍ର ମେହେରଙ୍କ ସମେତ ବହୁ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

**ଅଳଙ୍କାର, ଟଙ୍କା, ମୋବାଇଲ, ବୋଲେରୋ ଜବତ**


ଜବତ ଅଳଙ୍କାର, ଟଙ୍କା, ମୋବାଇଲ ଓ ଅନ୍ୟ ସାମଗ୍ରୀ।

# ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

ବାସୁଦେବପୁର,୭।୩(ନାରାୟଣ ପ୍ରସାଦ ବାରିକ୍)

■ ପାଚେରି ଡେଇଁ ଗାଁରେ ସୁରକ୍ଷା ମାଗିଲେ ଛାତ୍ରୀ
■ ଗିରଫ ହେଲେ ହିନ୍ଦୀ ଶିକ୍ଷକ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତ ଅଧୀନ ଚାନ୍ଦିମାଳସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ହଷ୍ଟେଲରେ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଛି। ଶୁକ୍ରବାର ଏହି ଘଟଣା ଘଟିଥିବା ବେଳେ ଛାତ୍ରୀ ଜଣକ ଶନିବାର ଭୋର୍ ସମୟରେ ବିଦ୍ୟାଳୟ ପାଚେରି ଡେଇଁ ନିକଟସ୍ଥ ଗାଁରେ ପହଞ୍ଚି ସୁରକ୍ଷା ମାଗିବାରୁ ଘଟଣା ସାମ୍ନାକୁ ଆସିଛି। ଘଟଣାରେ ସମ୍ପୃକ୍ତ ହିନ୍ଦୀ ଶିକ୍ଷକ କ୍ରୀଷ୍ଣାନନ୍ଦ ମିଶ୍ରଙ୍କୁ ଶନିବାର କଷିଆ ସାମୁଦ୍ରିକ ଥାନା ପୋଲିସ ଗିରଫ କରିଛି। ଏନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୩୬/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଶିକ୍ଷକ ମିଶ୍ର ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ଘଟଣା ପ୍ରଘଟ ନ କରିବାକୁ ଚେତାବନୀ ଦେଇଥିଲେ। ଛାତ୍ରୀ ଜଣକ ଭୋର୍ ସମୟରେ ବିଦ୍ୟାଳୟ ପାଚେରି ଡେଇଁ ଭୟରେ ନିକଟସ୍ଥ ଗ୍ରାମକୁ ଯାଇ ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚି ସୁରକ୍ଷା ମାଗିଥିଲେ। ଗ୍ରାମବାସୀ ତାଙ୍କୁ ଆଶ୍ୱାସନା ଦେବା ସହ ପ୍ରାଥମିକ ସୁରକ୍ଷା ପ୍ରଦାନ କରି ଘଟଣା ସମ୍ପର୍କରେ କଷିଆ ସାମୁଦ୍ରିକ ଥାନାକୁ ଅବଗତ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କୁ ଥାନାକୁ ନେଇଥିଲା। ଉତ୍ୟକ୍ତ ଗ୍ରାମବାସୀ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ପୋଲିସ ଛାତ୍ରୀଙ୍କଠାରୁ ପ୍ରାଥମିକ ବୟାନ ନେଇ ଶିକ୍ଷକ ମିଶ୍ରଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଛାତ୍ରୀଙ୍କ ଘର ବନ୍ତ ବ୍ଲକର ଆଗରପଡ଼ା ଅଞ୍ଚଳରେ ହୋଇଥିବା ବେଳେ ଏନେଇ ଖବର ପାଇ ତାଙ୍କ ପରିବାର ଲୋକ ଥାନାରେ ପହଞ୍ଚିଥିଲେ। ଛାତ୍ରୀଙ୍କ ପରିବାର ଲୋକ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଶିକ୍ଷକଙ୍କୁ ଶନିବାର ଗିରଫ କରାଯାଇଥିବା ଆଇଆଇସି କୁନି ବେସ୍ରା କହିଛନ୍ତି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ସତ୍ୟତା ନାହିଁ ବୋଲି ଗିରଫ ଶିକ୍ଷକ ମିଶ୍ର କହିଥିବା ବେଳେ ପୋଲିସ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉ କି, ନିକଟରେ ଏହି ବ୍ଲକ ଅଧୀନ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିବା ନେଇ ଉତ୍ତେଜନା ଦେଖାଦେଇଥିଲା।

# ଭାଜପା, ବିଜେଡି ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

ନୟାଗଡ଼, ୭।୩(ଲୋକନାଥ ମିଶ୍ର)

■ ଉଭୟ ପକ୍ଷର ୫ ଆହତ, ୩ ଗିରଫ
■ ହରିପୁରରେ ଉତ୍ତେଜନା, ପୋଲିସ ମୁତୟନ

ଶୁଦ୍ଧିଘର ଭୋଜି ଓ ବିବାହ ଶୋଭାଯାତ୍ରାକୁ ନେଇ ନୟାଗଡ଼ ଜିଲା ଇଟାମାଟି ଥାନା ହରିପୁର ଗାଁରେ ଶୁକ୍ରବାର ରାତି ଓ ଶନିବାର ସକାଳେ ସୃଷ୍ଟ ବିବାଦୀୟ ଘଟଣାରୁ ଗୋଷ୍ଠୀ ସଂଘର୍ଷ ହୋଇଛି । ଏଥିରେ ଭାଜପାର ୩ ଓ ବିଜେଡିର ୨ଜଣ ଆହତ ହୋଇଛନ୍ତି । ପୋଲିସ ଦୁଇଟି ମାମଲା ରୁଜୁ କରି ଉଭୟ ପକ୍ଷର ୩ଜଣଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଗାଁରେ ଉତ୍ତେଜନା ଲାଗି ରହିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ହରିପୁରରେ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଭାଜପା ସମର୍ଥକ ରମେଶ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୯୪/୨୬ରେ ମାମଲା ରୁଜୁକରି ବିଜେଡିର ଲିଙ୍ଗରାଜ ପାତ୍ର ଓ ସୁଶାନ୍ତ ନାୟକଙ୍କୁ ଗିରଫ କରିଛି । ସେହିପରି ବିଜେଡିର ପ୍ରହଲାଦ ପଲେଇଙ୍କ ଅଭିଯୋଗ କ୍ରମେ ନଂ.୯୫/୨୬ରେ ମାମଲା ରୁଜୁକରି ଅଜିତ ପ୍ରଧାନଙ୍କୁ ଗିରଫ କରିଛି ।

ସୂଚନା ଅନୁସାରେ, ହରିପୁର ଗାଁରେ ଜଣେ ଭାଜପା ସମର୍ଥକଙ୍କର ଶୁଦ୍ଧିଘର ୧୨ଦିନ ଭୋଜି ଶୁକ୍ରବାର ରାତିରେ ଗାଁ ଦାଣ୍ଡରେ ଚାଲିଥିଲା । ଏହି ସମୟରେ ବିଜେଡି କର୍ମୀଙ୍କ ବାହାଘର ଶୋଭାଯାତ୍ରା ଗାଁ ପରିକ୍ରମା କରିବାକୁ ଆସିଥିଲା। ଘରେ ରୋଗିଣା ବ୍ୟକ୍ତି ଥିବାରୁ ସାଉଣ୍ଡ କମ୍ କରି ଶୋଭାଯାତ୍ରା କରିବାକୁ ଭାଜପା କର୍ମୀ ଅପରପକ୍ଷଙ୍କୁ କହିଥିଲେ। ହେଲେ ଉଭୟ ସମର୍ଥକଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତା ଥିବାରୁ କେହି କାହା ସହ ସାଲିସ କରିପାରି ନ ଥିଲେ। ଉଭୟ ସମର୍ଥକଙ୍କ ମଧ୍ୟରେ କଥା କଟାକଟି, ଯୁକ୍ତିତର୍କ ଓ ପରେ ମାରପିଟ ରୂପ ନେଇଥିଲା। ଶୁକ୍ରବାର ରାତିରେ ମାରପିଟ ଘଟଣାରେ ଭାଜପାର ୨ଜଣ, ବିଜେଡିର ଜଣେ ୩ଜଣ ସମର୍ଥକ ଆହତ ହୋଇଥିଲେ। ଶୁକ୍ରବାର ରାତି ଘଟଣାକୁ ନେଇ ଶନିବାର ସକାଳେ ଭାଜପା ସମର୍ଥିତ ଜଣେ କର୍ମୀଙ୍କ ନାବାଳକ ପୁତ୍ରଙ୍କୁ ଥଟ୍ଟା ଓ ଚିଗୁଲି ଘଟଣାକୁ ନେଇ ପୁଣି ଅନୁରୂପ ଭାବେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଏଥିରେ ଉଭୟ ପକ୍ଷରୁ ଜଣେ ଲେଖାଏ ୨ ଜଣ ଆହତ ହୋଇଛନ୍ତି । ୫ଜଣ ଆହତଙ୍କ ମଧ୍ୟରୁ ୨ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ କୁହନ୍ତି, ହରିପୁର ଗାଁ ବିବାଦ ଘଟଣାରେ ଉଭୟ ପକ୍ଷର ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି ।

# ଭିଜିଲାନ୍ସ ଜାଲରେ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ



ଗିରଫ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ ଏବଂ ଜବତ ଟଙ୍କା।

■ଏକକାଳୀନ ୭ ସ୍ଥାନରେ ଚଢ଼ାଉ
■୪.୪୮ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସମ୍ପତ୍ତି ଠାବ

କଟକ/ଡେରାବିଶ, ୭।୩
(କାର୍ତ୍ତିକ ସାହୁ/ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜଳସେଚନ ଡିଭିଜନ ଅନ୍ତର୍ଗତ ଡେରାବିଶ ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ଘରେ ଶନିବାର ଭିଜିଲାନ୍ସ ଚଢ଼ାଉ କରିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି। ଚଢ଼ାଉ ବେଳେ ନଗଦ ୪,୪୮,୫୮୦ ଟଙ୍କା, ୨ଟି ଦୁଇଚକିଆ ଗାଡ଼ି ସହ ଅନ୍ୟାନ୍ୟ ବହୁ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଭୁବନେଶ୍ୱର ବାଲିଅନ୍ତାର ଜୋହଳଠାରେ ୪ ମହଲା ବିଲଡିଂ, କଟକ ଚୌଦ୍ୱାରର ଯାଜଭୈରବସ୍ଥିତ ୨ ମହଲା ବିଲଡିଂ, ବାଙ୍କୀ ରଗଡ଼ିସ୍ଥିତ ପୈତୃକ ଘର, ଭଦ୍ରକ ବୁଢ଼ଙ୍ଗସ୍ଥିତ ସମ୍ପର୍କୀୟ ଘର, ଡେରାବିଶସ୍ଥିତ ଅଫିସ ଚ୍ୟାମ୍ବର ଓ ଅସ୍ଥାୟୀ ବାସଗୃହ, ଢେଙ୍କାନାଳର ସାନସାଥିଏବାଟିଆସ୍ଥିତ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ପଟିଆସ୍ଥିତ ସମ୍ପର୍କୀୟଙ୍କ ଘରକୁ ଭିଜିଲାନ୍ସ ଟିମ୍ ତଦନ୍ତ ପରିସରଭୁକ୍ତ କରିଛି। ଏହାବାଦ ଭୁବନେଶ୍ୱର ଓ ଚୌଦ୍ୱାରରେ ୨ଟି ମୂଲ୍ୟବାନ ପ୍ଲଟ ଠାବ ହୋଇଛି। ଭିଜିଲାନ୍ସ ପ୍ରମୋଦଙ୍କ ବ୍ୟାଙ୍କ, ପୋଷ୍ଟାଲ ସମେତ ଅନ୍ୟାନ୍ୟ ଜମା ଉପରେ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରମୋଦ ଜଳସମ୍ପଦ ବିଭାଗରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ୧୯୮୮ ଜୁନ୍ ୧୦ରେ ମାତ୍ର ୧୫୦୦ ଟଙ୍କା ମାସିକ ଦରମାରେ ସରକାରୀ ଚାକିରି ଆରମ୍ଭ କରିଥିଲେ। ଚଢ଼ାଉରେ ୨ଜଣ ଅତିରିକ୍ତ ଡିଏସ୍‌ପି, ୯ଜଣ ଡିଏସ୍‌ପି, ୯ଜଣ ଇନ୍ସପେକ୍ଟର, ୪ଜଣ ସହକାରୀ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଅଛନ୍ତି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଇସ୍ୟୁ ସର୍ଚ୍ଚ ୱାରେଣ୍ଟ ବଳରେ ଅଧିକାରୀମାନେ ୭ଟି ସ୍ଥାନରେ ଚଢ଼ାଉ କରିଥିଲେ।

# ଚୋର ସନ୍ଦେହରେ ଯୁବକଙ୍କୁ ମାଡ଼ ଘଟଣା, ୬ ଜେଲ ଗଲେ


ଗିରଫ ୬ ଅଭିଯୁକ୍ତ।

ଉଦଳା,୭।୩(ସନ୍ତୋଷ କୁମାର ବାଛିନି)

ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ଝିଙ୍କପଦା ଗ୍ରାମରେ ଚୋର ସନ୍ଦେହରେ ଜଣେ ଯୁବକଙ୍କୁ ମାଡ଼ ମାରିବା ଘଟଣାରେ ପୋଲିସ ୬ ଜଣଙ୍କୁ ଶୁକ୍ରବାର ରାତିରେ ଗିରଫ କରିଛି। ସେମାନେ ହେଲେ ଝିଙ୍କପଦା ଗ୍ରାମର ସୁଧାଂଶୁ ସାହୁ, ହିମାଂଶୁ ସାହୁ, ସୁବ୍ରତ କୁମାର ମୁଖୀ, ପଞ୍ଚାନନ ବିନ୍ଧାଣି, ରଞ୍ଜନ ସେଠୀ ଏବଂ ପେଡ଼ାଗଡ଼ି ଗ୍ରାମର ଗଣେଶ୍ୱର ବିନ୍ଧାଣି। ଶନିବାର ସେମାନଙ୍କୁ କୋର୍ଟ ଚାଲାଣ ପରେ ଉଦଳା ଉପକାରାଗାରକୁ ପଠାଇ ଦିଆଯାଇଛି।

ପ୍ରକାଶ ଯେ, ବୁଧବାର ହୋଲି ରାତି ପ୍ରାୟ ୮ଟା ୩୦ ବେଳେ ଝିଙ୍କପଦା ଗ୍ରାମରେ ୩ ଜଣ ଯୁବକ ଜଣେ ମହିଳାଙ୍କୁ ଛୁରି ଦେଖାଇ ଲୁଟ୍ ଉଦ୍ୟମ କରିଥିବା ନେଇ ଖବର ଜଣାପଡ଼ିଥିଲା। ଏହା ଶୁଣି ଗ୍ରାମର କେତେଜଣ ଲୋକ ସେମାନଙ୍କୁ କାବୁ କରିବାକୁ ଉଦ୍ୟମ କରିଥିଲେ। ହେଲେ ୨ଜଣ ଖସି ପଳାଇଥିବାବେଳେ ଜଣଙ୍କୁ ଧରି ନିସ୍ତୁକ ମାଡ଼ ମାରିଥିଲେ। କପ୍ତିପଦାର ଅଜିତ ରାଉଳଙ୍କ ନିକଟରେ ରହି ବୋରିଂ ମିସ୍ତ୍ରି ଭାବେ କାମ କରୁଥିବା ଶୁକରାମ ବରିଆ ନାମକ ଯୁବକ ଲୋକଙ୍କ ଆକ୍ରମଣର ଶିକାର ହୋଇଥିଲେ। ଶୁକରାମଙ୍କ କହିବା ହେଲା, ସେ ଏବଂ ତାଙ୍କର ଅନ୍ୟ ଦୁଇ ସହକର୍ମୀ ଝିଙ୍କପଦା ଛକକୁ ମିଠା କିଣିବା ପାଇଁ ଯାଇଥିଲେ। ହେଲେ ଗ୍ରାମବାସୀ ଗୁଜବ କରି ତାଙ୍କୁ ମାଡ଼ ମାରିବାରୁ ଅନ୍ୟ ଦୁଇଜଣ ସେଠାରୁ ଦୌଡ଼ି ଚାଲିଯାଇ ଆକ୍ରମଣରୁ ବର୍ତ୍ତିଯାଇଥିଲେ। ଖବରପାଇ କପ୍ତିପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଶୁକରାମଙ୍କୁ ଉଦ୍ଧାର କରିଥିଲା। ଏହି ଘଟଣା ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଶୁକରାମଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା(ନଂ.୫୩/୨୬) ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଗୁଜବ କରିବିନା ଦୋଷରେ ଚୋର ସନ୍ଦେହରେ ଆଇନକୁ ହାତକୁ ନେଇଥିବା ଅଭିଯୋଗରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ସନ୍ଦେହରେ କୌଣସି ଗୁଜବକୁ ବିଶ୍ୱାସ ନ କରିବାକୁ କପ୍ତିପଦା ଥାନା ଅଧିକାରୀ ମଧୁମିତା ମହାନ୍ତି ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

# ଶତାୟୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ : ହତ୍ୟା ସନ୍ଦେହ

ପାରାଦୀପ,୭।୩(ଶରତ ରାଉତ)

**ଆହତ ବିଧବା ବୋହୂଙ୍କ ବୟାନ: କୁରାଢ଼ିରେ ଆକ୍ରମଣ କରି ଝୁଲିପଡ଼ିଲେ ଶ୍ୱଶୁର**

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୁତମୁଣ୍ଡାଇ ଗ୍ରାମରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଶତାୟୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘର ପଞ୍ଝାରୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ବଟ ମଲ୍ଲିକ। ଭୋଟର ତାଲିକା ଅନୁଯାୟୀ ତାଙ୍କୁ ୧୧୦ ବର୍ଷ ବୋଲି ଜଣାପଡ଼ିଛି। ମୃତଦେହ ଜବତ ସମୟରେ ଘରେ ତାଙ୍କ ବିଧବା ବୋହୂ, ନାତୁଣୀ ଓ ନାତୁଣୀ ଜ୍ୱାଇଁ ଥିଲେ। ବୋହୂଙ୍କ ମୁଣ୍ଡ ଫାଟି ଥିବା ବେଳେ ଘର ଆଗରେ କୁରାଢ଼ି ପଡିଥିବା ଦେଖିବାକୁ ମିଳିଛି। ଆହତ ବୋହୂଙ୍କ ଚିକିତ୍ସା ନିମନ୍ତେ ତାଙ୍କୁ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କ ମୁଣ୍ଡକୁ କୁରାଢ଼ିରେ ହାଣିବା ପରେ ବଟ ପଞ୍ଝାରେ ଝୁଲିପଡ଼ିଥିବା ନେଇ ବୋହୂ ପୋଲିସ ଆଗରେ ବୟାନ ଦେଇଛନ୍ତି।

ଅପରପକ୍ଷେ ଯେଉଁ ପଞ୍ଝାରେ ବୃଦ୍ଧଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଛି, ସେଠାକୁ ସେ ଚଢ଼ିବା ଏକପ୍ରକାର ଅସମ୍ଭବ ପରି ମନେହେଉଛି। ତେଣୁ ବଟଙ୍କୁ ହତ୍ୟା କରାଯାଇଥିବା ନେଇ ସାଧାରଣରେ ସନ୍ଦେହ କରାଯାଇଛି। ବଟଙ୍କ ଏକମାତ୍ର ପୁଅଙ୍କ କିଛି ବର୍ଷ ତଳେ ପରଲୋକ ଘଟିଛି। ତାଙ୍କର ନାତି ଏବେ ଗାଡ଼ି ଚାଳନା ତାଲିମ ପାଇଁ ଜିଲା ବାହାରେ ରହୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଜିଲା ପ୍ରଶାସନ ପକ୍ଷରୁ ବଟଙ୍କୁ ଶତାୟୁ ଭୋଟର ଭାବେ ସମ୍ମାନିତ କରାଯାଇଥିଲା। କିଛି ଦିନ ହେବ ନାତୁଣୀଙ୍କ ସନ୍ତାନ ନାମରେ ଘର ଜମିବାଡ଼ି କରିବା ପାଇଁ ତାଙ୍କ ଉପରେ ଚାପ ପକାଯାଉଥିଲା। ସେଥିପାଇଁ ବଟ ରାଜି ହେଉ ନ ଥିଲେ। ସମ୍ପତ୍ତି ଲୋଭରୁ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏନେଇ ଲକ୍‌ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୬) ରୁଜୁ କରାଯାଇଛି।

## ରାଜ୍ୟ ଖବର

# ହାଇୱା ନେଲା ୩ ବାଇକ ଆରୋହୀଙ୍କ ଜୀବନ

**ଅନନ୍ତପୁର ଛକରେ ଦୁର୍ଘଟଣାକୁ ନେଇ ଉତ୍ତେଜନା**


ଦୁର୍ଘଟଣା ଘଟାଇଥିବା ହାଇୱା।



ଦୁର୍ଘଟଣାର ଶିକାର ହୋଇଥିବା ବାଇକ୍।

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି)/ ଫୁଲନଖରା, ୭।୩ (ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁର ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଚଢ଼ିଯିବାରୁ ବାଇକରେ ଯାଉଥିବା ୩ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗତିରେ ଯାଉଥିବା ହାଇୱାକୁ ଓଭରଟେକ୍ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତ ଯୁବକମାନେ ହେଲେ ଦେବଗଡ଼ ଜିଲାର ବିକାଶ ମହାରଣା(୨୫), ଖୋର୍ଦ୍ଧା ଜଙ୍କିଆର ରସିତ୍ ରାଉତରାୟ(୨୪) ଏବଂ କଟକ ଜିଲା ନିଆଳି କର୍ସଦାର ସତ୍ୟଜିତ ଓଝା(୨୧)। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପ୍ରଚାରିତ ହେବା ପରେ ଅନନ୍ତପୁର ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଲୋକମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହେବା ସହ ଉକ୍ତ ହାଇୱାକୁ ଜବତ କରି ପୋଲିସ ତଦନ୍ତ କରୁଛି। ଫେରାର ଡ୍ରାଇଭରଙ୍କୁ ଗିରଫ ପାଇଁ ପୋଲିସ ଟିମ୍ ତନାଘନା ଚଳାଇଛି। ସୂଚନା ଅନୁସାରେ, ବିକାଶ, ରସିତ୍ ଓ ସତ୍ୟଜିତ ଓଝା ହେଉଛନ୍ତି ୩ଜଣ ସାଙ୍ଗ। ସେମାନେ ନିଆଳିରେ ଥିବା ଏକ ଗ୍ୟାରେଜରେ କାମ କରିବା ସହ ସେଠାରେ ଘର ଭଡ଼ା ନେଇ ରହୁଥିଲେ। ବିକାଶ ଓ ରସିତଙ୍କ ସହ ସେଠାରେ ଘର ଭଡ଼ା ନେଇ ରହୁଥିଲେ। ନିଆଳିରେ ହେଉଥିବା ମେଳଣ ଦେଖିବାକୁ ଯାଉଥିବା କଥା ଘର ଲୋକଙ୍କୁ କହି ଗୋଟିଏ ବାଇକ୍‌ରେ ୩ଜଣ ବାହାରିଥିଲେ। ସେମାନେ ବାଇକ୍‌ରେ ନିଆଳିରୁ ନଖରା ଆସିଥିଲେ। ଏଠାରେ ବୁଲାବୁଲି କରିବା ପରେ ରାତିରେ ନିଆଳି ମେଳଣ ଦେଖିବାକୁ ଯାଉଥିଲେ। ହେଲେ ଅନନ୍ତପୁର ଛକରେ ଏକ ହାଇୱା ଦ୍ରୁତ ଗତିରେ ତାଙ୍କ ଆଗରେ ଯାଉଥିଲା। ସେମାନେ ଦ୍ରୁତଗତିରେ ଓଭରଟେକ୍ କରି ଆଗକୁ ଯିବା ସମୟରେ ହାଇୱାଟି ସେମାନଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇ ଚଢ଼ିଯାଇଥିଲା। ହାଇୱା ଚକ ତଳେ ୨ଜଣ ପଡିଯାଇଥିଲେ। ହାଇୱାଟି ୨ଜଣଙ୍କ ମୁଣ୍ଡ ଓ ଜଣଙ୍କର ଛାତି ଉପରେ ଚଢ଼ିଯିବାରୁ ଘଟଣା ସ୍ଥଳରେ ହିଁ ସେମାନଙ୍କର ପ୍ରାଣବାୟୁ ଉଡିଯାଇଥିଲା। ଏନେଇ ପାହାଳ ଥାନା ଅଧିକାରୀ ଅଶ୍ୱିନୀ କୁମାର ସ୍ୱାଇଁ କହିଛନ୍ତି, ଦୁର୍ଘଟଣା ଘଟାଇଥିବା ହାଇୱା ଜବତ ପରେ ଗାଡି ନମ୍ବର ଆଧାରରେ ମାଲିକଙ୍କୁ ଚିହ୍ନଟ କରାଯାଇଛି। ଫେରାର ଡ୍ରାଇଭରଙ୍କୁ ଚିହ୍ନଟ ପରେ ଗିରଫ କରାଯିବ ବୋଲି ସେ କହିଛନ୍ତି।

**ଚୋରା ବାଲି ଚାଲାଣ ପାଇଁ ଦୁର୍ଘଟଣା ବଢ଼ୁଛି**

ସ୍ଥାନୀୟ ଲୋକଙ୍କ ମତରେ ଚୋରା ବାଲି ଚାଲାଣ ପାଇଁ ଦୁର୍ଘଟଣା ବଢ଼ୁଛି। ଫଳରେ ରାତି ହେଲେ ନଖରାରୁ ନିଆଳି ରାସ୍ତାରେ ଯିବାକୁ ଡର ଲାଗୁଛି। ବିଶେଷକରି ଏହି ଚୋରା ବାଲି ଚାଲାଣରେ ଟାର୍ଗେଟ ଦିଆଯାଉଥିବାରୁ ଡ୍ରାଇଭରମାନେ ପ୍ରତିଯୋଗିତାମୂଳକ ଭାବେ ଦ୍ରୁତଗତିରେ ଗାଡି ଚଳାଉଛନ୍ତି। ଆଗରେ ଯିଏ ପଡିଲା ଜୀବନ ଗଲା। ଏଥିପାଇଁ ପୂର୍ବରୁ ଏହି ରାସ୍ତାରେ ବହୁ ଜୀବନ ଯାଇଥିବାବେଳେ ଏବେ ବେଆଇନ ବାଲି ଚାଲାଣ ପାଇଁ ଆଉ ୩ ଯୁବକଙ୍କ ମୃତ୍ୟୁ ଘଟିଲା। ତେଣୁ ଏହା ଉପରେ ପ୍ରଶାସନ ରୋକ ଲଗାଇବା ପାଇଁ ସେମାନେ ଦାବି କରିଛନ୍ତି।

# 'ଚାକିରି ଆଶାୟୀ ନ ହୋଇ ନିଯୁକ୍ତିଦାତା ହୁଅ'

**ଡ୍ରିମ୍ସ ପଲିଟେକ୍ନିକର ବାର୍ଷିକ ଉତ୍ସବ 'ଚଳନ୍ତିକା-୨୦୨୬'**

କଟକ, ୭।୩(କାର୍ତ୍ତିକ ସାହୁ)



ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଟେକ୍ନୋପଲ୍ସ' ଉନ୍ମୋଚନ କରାଯାଉଛି।

ଡ୍ରିମ୍ସ ପଲିଟେକ୍ନିକ୍ (ସ୍ୱୟଂଶାସିତ)ର ବାର୍ଷିକ ଉତ୍ସବ 'ଚଳନ୍ତିକା-୨୦୨୬' ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ, ଯୁବଛାତ୍ର ହେଉଛନ୍ତି ଟେକ୍ନୋଲୋଜି ଦୁନିଆର ଜଣେ ଜଣେ ଯୋଦ୍ଧା। ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆତ୍ମବିଶ୍ୱାସ ସହ ନିଜକୁ ପ୍ରସ୍ତୁତ କରିବା ଓ ଦକ୍ଷତାର ଠିକ୍ ଉପଯୋଗ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ଆବଶ୍ୟକତା ରହିଛି। ଜ୍ଞାନଭିତ୍ତିକ ଦକ୍ଷତା ବୃଦ୍ଧି ଦ୍ୱାରା ଯୁବକମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଏବଂ ବୈଷୟିକ ଶିକ୍ଷାକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ରାଜ୍ୟର ଡିପ୍ଲୋମା ଓ ଆଇଟିଆଇ ଶିକ୍ଷାନୁଷ୍ଠାନଗୁଡ଼ିକର ଆଧୁନିକୀକରଣ ଲାଗି ପଦକ୍ଷେପ ନିଆଯାଉଛି। ସରକାର ପ୍ରତ୍ୟେକ ଆଇଟିଆଇ ପିଛା କୋଟିଏ ଟଙ୍କାର ଅନୁଦାନ ବ୍ୟବସ୍ଥା କରିଛନ୍ତି। ଯୋଜନାର ଠିକ୍ ଉପଯୋଗ ଦ୍ୱାରା ଛାତ୍ରୀଛାତ୍ରମାନେ ଚାକିରି ଆଶାୟୀ ନ ହୋଇ ନିଜେ ନିଯୁକ୍ତିଦାତା ସାଜ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଅଭିନେତା ଅରିନ୍ଦମ୍ ରାୟ ଯୁବ ଛାତ୍ରମାନେ ସମାଜ ପ୍ରତି ନିଜର କର୍ତ୍ତବ୍ୟବୋଧ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପୌରୋହିତ୍ୟ କରି ଶିକ୍ଷାନୁଷ୍ଠାନର ଅଗ୍ରଗତି ଓ ସଫଳତା ପାଇବା କ୍ଷେତ୍ରରେ ସରକାରଙ୍କ ବୈଷୟିକ ଶିକ୍ଷା ବିଭାଗର ସହଯୋଗ ଓ ସଦିଚ୍ଛା ନିମନ୍ତେ ବିଭାଗୀୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଡ୍ରିମ୍ସ ପଲିଟେକ୍ନିକ୍ ଆଜି ରାଜ୍ୟର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ଟେକ୍ନୋପଲ୍ସ' ଉନ୍ମୋଚନ ସହ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଦେବବ୍ରତ ପତି ଓ ଅଧ୍ୟାପିକା ସୌମ୍ୟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ଦିପ୍ତୀମୟୀ ଦାସ ଧନ୍ୟବାଦ ଦେଇଥିଲେ। ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଭାଜପା ନେତା ଚୌଧୁରୀ ହେମନ୍ତ କୁମାର ସାହୁ, ଅମିତା ସାହାଣୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମନ୍ତ୍ରୀ ସ୍ୱାଇଁ ଓ ଅଭିନେତା ରାୟ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ଦେଶର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ।

# ଉରୁଗୁଏକୁ ଭେଟି ଭାରତର ଅଭିଯାନ

## ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

ହାଇଦ୍ରାବାଦ, ୭।୩ (ପି.ଟି.)

ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ରବିବାର ଉରୁଗୁଏ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଟୁର୍ନାମେଣ୍ଟରେ ଆୟୋଜକ ଭାରତ ସମେତ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଅନ୍ୟ ଦଳଗୁଡ଼ିକ ହେଲେ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ। ଏଥିରୁ ୩ଟି ଦଳ ବିଶ୍ୱକପ୍ ୨୦୨୬ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିବେ। ମହିଳା ହକି ବିଶ୍ୱକପ୍ ପୁରୁଷ ଇଭେଣ୍ଟ ସହ ଏକ ସମୟରେ ଅଗଷ୍ଟ ୧୪ରୁ ୩୦ ପର୍ଯ୍ୟନ୍ତ ହେବ। ବେଲଜିୟମ ଓ ନେଦରଲାଣ୍ଡ ମିଳିତ ଭାବେ ଟୁର୍ନାମେଣ୍ଟର ଆୟୋଜକ ହୋଇଛନ୍ତି। ଜୋର୍ଡ ମାରିଜନେ ଦ୍ୱିତୀୟ ଥର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମ ଥର ଏକ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ନେଦରଲାଣ୍ଡ୍ସର ଏହି କୋଚଙ୍କ ଅଧୀନରେ ଭାରତୀୟ ମହିଳା ଦଳ ୨୦୨୧ ଟୋକିଓ ଅଲିମ୍ପିକ୍ସ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଭାରତ ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗରେ ୯ମ ସ୍ଥାନରେ ରହିଛି। ଟୁର୍ନାମେଣ୍ଟରେ ଇଂଲଣ୍ଡ (୭ମ) ପଛକୁ... ଦ୍ୱିତୀୟ ସର୍ବୋଚ୍ଚ ର୍‍ୟାଙ୍କିଙ୍ଗପ୍ରାପ୍ତ ଦଳ। ଅଧିନାୟିକା ସାଲିମା ଟେଟେ କହିଛନ୍ତି, ଆମେ ଆମର ପ୍ରଶଂସକଙ୍କ ସମ୍ମୁଖରେ ଘରୋଇ ପରିବେଶରେ କ୍ୱାଲିଫାୟର ଖେଳିବାକୁ ପ୍ରକୃତରେ ଉତ୍ସାହିତ। ଟୁର୍ନାମେଣ୍ଟ ପାଇଁ ଆମ ଦଳ ଜୋର୍‌ଦାର ପ୍ରସ୍ତୁତି କରିଛି। ଏଠାକୁ ଆସିଥିବା ପ୍ରତିଟି ଦଳ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ବିଶ୍ୱକପ୍‌ରେ ସ୍ଥାନ ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେଣୁ ଆରମ୍ଭରୁ ଆମେ କଷ୍ଟସାଧ ମ୍ୟାଚ ଆଶା କରୁଛୁ। ଉରୁଗୁଏ ପରେ ଭାରତ ମାର୍ଚ୍ଚ ୯ ଓ ୧୧ରେ ଯଥାକ୍ରମେ ସ୍କଟଲାଣ୍ଡ ଓ ୱେଲ୍ସକୁ ଭେଟିବ। କ୍ୱାଲିଫାୟର୍ସର ଭାଗ ନେଇଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରିଆ ପୁଲ୍ 'ଏ'ରେ ସ୍ଥାନ ପାଇଥିବା ବେଳେ ଆୟୋଜକ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସକୁ ପୁଲ୍'ବି'ରେ ନିଆଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବ। ଉଭୟ ସେମିଫାଇନାଲର ବିଜେତା ଓ ବ୍ରୋଞ୍ଜ ପଦକ ବିଜେତା ଆପେ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତା ବିଶ୍ୱକପ୍‌ରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୬ଟି ଲେଖାଏ ଦଳ ଭାଗ ନେବେ। ପ୍ରତ୍ୟେକ କାଟେଗୋରୀରେ ୯ଟି ଲେଖାଏ ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।



ରିଟର୍ନ ଶଟ୍ ଖେଳିବା ଅବସରରେ ଲକ୍ଷ୍ୟ ସେନ।

# ଲକ୍ଷ୍ୟ ସେନ୍ ଫାଇନାଲରେ

ବର୍ମିଂହାମ୍, ୭।୩ (ପି.ଟି.)

ଭାରତ ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ସେ କାନାଡାର ଭିକ୍ଟର ଲାଇଙ୍କୁ ପରାସ୍ତ କରିଛନ୍ତି। ୧୨ତମ ର୍‍ୟାଙ୍କିଙ୍ଗ ସେନ୍ ବିଶ୍ୱର ୧୬ନମ୍ବର ଖେଳାଳି ଲାଇଙ୍କୁ ୨୧-୧୬, ୧୮-୨୧, ୨୧-୧୫ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୩୭ ମିନିଟ ଧରିସ ଚାଲିଥିଲା। ସୂଚନାଯୋଗ୍ୟ ଲାଇ ଗତବର୍ଷ ପ୍ୟାରିସରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟରେ ସେନ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଫାଇନାଲ। ୨୦୨୨ରେ ସେ ରନରଅପ୍ ହୋଇଥିଲେ। ସେନ୍ ରବିବାର ଫାଇନାଲରେ ଚାଇନିଜ ତାଇପେର ଲିନ୍ ଚୁନ୍-ୟିଙ୍କୁ ଭେଟିବେ। ଚୁନ୍ ଶନିବାର ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲରେଚୁନ୍ ୟି' ଥାଇଲାଣ୍ଡର ତଥା ବିଶ୍ୱର ୨ନମ୍ବର ଖେଳାଳି କୁନ୍‌ଲାଭଟ ଭିଦିତସରଣଙ୍କୁ ହରାଇ ଦେଇଥିଲେ।

# ଭିଏଟ୍‌ନାମକୁ ହରାଇଲା ତାଇୱାନ

**ପର୍ଥ, ୭।୩ (ଏପି):** ମହିଳା ଏସିଆ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ତାଇୱାନ ୧-୦ ଗୋଲ୍‌ରେ ଭିଏଟ୍‌ନାମକୁ ପରାସ୍ତ କରିଛି। ଏଥିସହିତ ଆଉ ଗୋଟିଏ ମ୍ୟାଚ ଖେଳିବାକୁ ବାକିଥାଇ ଦଳ ଗ୍ରୁପ୍ 'ସି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ସାକି ମାତ୍ସୁନାଗାଙ୍କ ଶଟ କ୍ରସ୍‌ବାର୍‌କୁ ହିଟ୍ କରିବା ପରେ ସୁ ୟୁ-ହସୁଆନ ଗୋଲ୍ କରିଥିଲେ।


## Marriage Anniversary



PRAKASH & SAILABALA
ଅମଲାପଡ଼ା, ଢେଙ୍କାନାଳ
ବିବାହ ବାର୍ଷିକ ଉପଲକ୍ଷେ ଆପଣଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।
-:ଶୁଭେଚ୍ଛା ସହ:- ଲିନା, ଇନ୍ଦୁ, ଇତି, ଲୋପା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୩୫୬୬


# ମାଧୁରୀଙ୍କ ଶତକ ; ପୂର୍ବାଞ୍ଚଳ ବିଜୟୀ

କଟକ, ୭।୩(କୁମାରଶ୍ରୀ)

ସିନିୟର ମହିଳା ଆନ୍ତଃଜୋନାଲ ଏକଦିବସୀୟ ଟ୍ରଫିରେ ଓଡ଼ିଆ ଖେଳାଳି ମାଧୁରୀ ମେହେଟାଙ୍କ ଶତକୀୟ ଇନିଂସ ବଳରେ ପୂର୍ବାଞ୍ଚଳ ୭ ଉଇକେଟରେ ଉତ୍ତର-ପୂର୍ବାଞ୍ଚଳକୁ ପରାସ୍ତ କରିଛି। ବେଙ୍ଗାଲୁରୁର ବିସିସିଆଇ ସିଓଇ ଗ୍ରାଉଣ୍ଡ-୧ରେ ଶନିବାର ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତର-ପୂର୍ବାଞ୍ଚଳ ୭ ଉଇକେଟ ବିନିମୟରେ ୨୦୬ରନ ସଂଗ୍ରହ କରିଥିଲା। ଅଧିନାୟିକା ଡିଡି ଦତ୍ତ ସର୍ବାଧିକ ୬୭ରନ କରିଥିଲେ। ମିତା ପଲଙ୍କୁ ୪ଟି ଉଇକେଟ ମିଳିଥିଲା। ପୂର୍ବାଞ୍ଚଳ ଦଳରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଉଇକେଟ ଦଖଲ କରିଥିଲେ। ୧୧୪ ବଲରୁ ୧୪ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ଓପନର ମାଧୁରୀ ୧୦୫ରନ ସଂଗ୍ରହ କରି ଦଳ ପାଇଁ ସହଜ ବିଜୟ ପଥ ଉନ୍ମୁକ୍ତ କରି ଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ଲିଗ୍‌ରେ କେନ୍ଦ୍ରାଞ୍ଚଳଠାରୁ ପରାସ୍ତ ହୋଇଥିବା ପୂର୍ବାଞ୍ଚଳ ୯ ତାରିଖରେ ୩ୟ ମ୍ୟାଚ୍‌ରେ ଉତ୍ତରାଞ୍ଚଳକୁ ଭେଟିବ।



ମାଧୁରୀ ମେହେଟା

# ଗୁଜରାଟକୁ ହରାଇଲା ଓଡ଼ିଶା

**କଟକ,୭।୩ (କୁମାରଶ୍ରୀ):** ପୁଣେର ଡେକାନ୍ ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୧୫୬ରନରେ ଗୁଜରାଟକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ କ୍ରମାଗତ ଦୁଇଟି ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪ ଉଇକେଟ ହରାଇ ୨୭୫ରନ କରିଥିଲା। ଅଧିନାୟିକା ଅଲିପ୍ସା ବିଶ୍ୱାଳ ଅପରାଜିତ ୧୦୦ରନ କରିଥିଲେ। ଗୁଜରାଟ ପକ୍ଷରୁ ଗୌରୀ ଗୋୟଲ ଏବଂ ଶିବାନୀ ଗୁପ୍ତା ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଗୁଜରାଟର ଇନିଂସ ୧୧୯ରନରେ ସୀମିତ ରହିଥିଲା। ମଧ୍ୟକ୍ରମର ବ୍ୟାଟର ସ୍ମୃତି ଜୈନ ୩୩ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଅନନ୍ୟା ମିଶ୍ର ୨୯ରନ ବ୍ୟୟ କରି ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ।

# ଟିଲୋ କପ୍: ନେସ୍କେଜ୍ ହାଇଦ୍ରାବାଦ ବିଜୟୀ

ବନ୍ତ,୭।୩(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ୍‌ର ଟିଲୋସ୍ଥିତ ହନୁମାନ ଜୀଉ ଷ୍ଟାଡିୟମ୍‌ରେ ଚାଲିଥିବା ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ଟିଲୋ କପ୍‌ର ପୁଲ-'ଏ'ର ୨ୟ ଲିଗ୍ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ନେସ୍କେଜ ହାଇଦ୍ରାବାଦ ଏବଂ ଏ ଆଣ୍ଡ୍ ଏସ୍ କୋଲ୍‌କାତା ମଧ୍ୟରେ ମ୍ୟାଚ୍ ହୋଇଥିଲା। ଏଥିରେ ନେସ୍କେଜ ହାଇଦ୍ରାବାଦ ବିଜୟୀ ହୋଇଛି। ହାଇଦ୍ରାବାଦ ଟସ୍ ଜିତି ବୋଲିଂ ପାଇଁ ନିଷ୍ପତ୍ତି ନେଇଥିଲା। କୋଲ୍‌କାତା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୧୯୦ ରନ୍ କରିଥିଲା। ଦଳ ପକ୍ଷରୁ ଶୁଭଙ୍କର ବଳ ୨୪ ବଲ୍‌ରେ ୬୭, ଅଲମାସ ସୌକତ୍ ୩୭ ବଲ୍‌ରେ ୫୬ ଓ ଅଂଶୁମାନ ପାଣ୍ଡେ ୧୧ ବଲ୍‌ରେ ୨୧ ରନ୍ କରିଥିଲେ। ନେସ୍କେଜ ହାଇଦ୍ରାବାଦର ବୋଲର ରାହୁଲ ରାଜ୍ ୩ ଓ ଆୟୁଷ ରଏ ୨ ଉଇକେଟ ନେଇଥିଲେ। ହାଇଦ୍ରାବାଦ ୧୭.୨ ଓଭରରେ ୫ ଉଇକେଟ ହରାଇ ୧୯୩ ରନ୍ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ନିଶାନ୍ତ ଯାଦବ ୪୬ ବଲ୍‌ରେ ୭୩, ଇରସାଦ ରହିମ୍ ୩୧ ବଲ୍‌ରେ ୪୯ ଓ ମହମ୍ମଦ ସରିମ୍ ୮ ବଲ୍‌ରେ ୨୧ ରନ୍ କରିଥିଲେ। ପ୍ରତିପକ୍ଷ କୋଲ୍‌କାତାର ବୋଲର ଆକାଶ ଶର୍ମା ୨, ଅଲମାସ ସୌକତ୍ ଓ ଦୀପାଂଶୁ ଉପାଧ୍ୟାୟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ହାଇଦ୍ରାବାଦର ନିଶାନ୍ତ ଯାଦବଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଅମ୍ପାୟର ଭାବେ ଲଲାଟ କେଶରୀ ନନ୍ଦ, ବିଷ୍ଣୁ ପ୍ରସାଦ ମିଶ୍ର, ପୂର୍ଣ୍ଣେନ୍ଦୁ ଜେନା, ପିଚ୍ କ୍ୟୁରେଟର ମଳୟ କୁଅଁର, ଗୋବିନ୍ଦ ଧଳ, ଭାଷ୍ୟକାର ରସିଦ୍ ଉଲ୍ ଓହିଦ୍ ଏବଂ ସ୍କୋରର ଭାବେ ସୌରଜିତ୍ ସାହୁ ଦାୟିତ୍ୱ ତୁଲାଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ସୃଜତିକୃଷ୍ଣ ବେହେରା, ତ୍ରିଲୋଚନ ପଣ୍ଡା, ଲିଙ୍ଗରାଜ ସ୍ୱାଇଁ, ପ୍ରଦ୍ୟୁମ୍ନ ସାହୁ ଓ ମନମୋହନ ସାହୁ ଯୋଗ ଦେଇଥିଲେ।


# Classified Everyday 0674-2580101, 9692975378

## MATRIMONIAL

### GROOM WANTED

Beautiful Brahmin girl 1998, 5'4", B- Tech (Burla) only daughter settled Bhubaneswar. ''SUNASANSAR" 9937512659. D-3573

49 ବୟସ୍କା ଅଙ୍ଗନୱାଡି Supervisor divorcee ନିଃସନ୍ତାନ ସୁନ୍ଦର ବ୍ରାହ୍ମଣ ଝିଅଙ୍କୁ ଘରଜ୍ୱାଇଁ ଦରକାର। 7873680393. D-3564

58 ବୟସ୍କା Kolkata ବାସିନ୍ଦା 90,000 ଦରମା Puriରେ ଏକାକୀ ରହୁଥିବା ବଙ୍ଗାଳୀ ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 9776705242. D-3565

## REAL ESTATE

### SALE

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

Premium BDA plot 3750sqft., Kalinga Vihar- K3-33 near to Sum Ultimate Hospital. All litigation free, BDA Park Main Gate front. Dr. Sanjay- 7077144498. D-246

30500sqft.Commercial Plot, Pipili Konark main road side Gharabari Boundary wall. ROR Ok. Mob- 9439583949. D-3543

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

## FOR RENT

### TO LET

2 BHK Flat (3rd floor) with Kitchen, Drawing cum Dining, Two toilets, Front side Balcony, 24 hour Water supply, Garage, Lift Service available. Bhutia Apartment, Gudianali, Dhenkanal Town. 'Allopathic Doctor' is preferred. Contact- 9007369329. D-3563

## Healthcare

All types of physiotherapy and massage contact 9556924059 / 7656969134. D-3523

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

## LOST

କବଲା ହଜିଛି- ଆମ୍ଭେ ଶ୍ରୀ ଜୀବନ ଜ୍ୟୋତି ବେହେରା, ସା. ଆଠବାଟିଆ, ଥାନା- ମାର୍ଶାଘାଇ, ଜିଲ୍ଲା-କେନ୍ଦ୍ରାପଡ଼ା ସର୍ବସାଧାରଣରେ ଜଣାଉଅଛୁକି, ମୋ ବୋଉ କମଳିନୀ ବେହେରା, ସ୍ୱାମୀ- ରାଜକିଶୋର ବେହେରାଙ୍କ ନାମରେ ଥିବା ଖାତା ନଂ. 428/678, ଖସଡ଼ା ନଂ.- 264/2642ର କବଲା ଘରୁ ମାର୍ଶାଘାଇ ଆସିବା ବେଳେ ହଜିଯାଇଛି। ସହୃଦୟ ବ୍ୟକ୍ତି ପାଇଥିଲେ, ମୋ-ନଂ- 9668213847ରେ ଜଣାନ୍ତୁ। ଧ-୩୫୬୮

ଏଠାରେ ଜଣାଇଦିଆଯାଉଛି କି ମୁଁ, ଶ୍ରୀ ମିହିର କୁମାର ସେନାପତି, ବୟସ- ୫୫ ବର୍ଷ, ପିତା- ସ୍ୱର୍ଗତ କେଦାର ସେନାପତି, କୁହା, ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୦୨, ଆମ୍ଭ ଗ୍ରାମ ନିକଟସ୍ଥ ଏକ ଜେରକ୍ସ ଦୋକାନକୁ ଜରୁରୀ କାମରେ ଯାଇଥିଲି, କିନ୍ତୁ ଦୁର୍ଭାଗ୍ୟବଶତଃ ମୋର ଜାଗାର ମୂଳ ପ୍ରମାଣପତ୍ର ଡିଡ୍ ନଂ. ୧୧୧୨୨୦୦୪୩୨୧ ଗତ ତା.୧୦।୦୨।୨୦୨୬ ଦିନ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି, ତେବେ ମୋର ଫୋନ୍ ନମ୍ବର ୮୭୫୮୦୧୯୫୨୧ରେ ଯୋଗସୂତ୍ର କରିବାକୁ ଅନୁରୋଧ। ଧ-୩୫୬୧

## AFFIDAVIT

I, Subhashakti Mishra, S/o- Jagadis Narayan Mishra, resident of Duplex#26, Arya Homes, Rangabazaar, P.O.- Gadasrirampur, P.S.- Balianta, Dist.- Khurda, PIN- 752100, Odisha, declare by this affidavit No. CF-N 127, dated: 09.10.2025 that from now onwards I shall be known as SHUBHASHAKTI MISHRA for all future purposes. D-3571

I, Pawan Parida, F/o- Sawan Kumar Parida, resident of Nehrupalli, Town- Mishra Khatal Rourkela, P.S.- Rajgangpur, Dist.- Sundergarh, PIN- 769005, Odisha declare by this affidavit No.15AA 229258 dtd.- 06.03.2026 that now onwards I shall be known as PABAN PARIDA for all future purposes. D-3560

By virtue of an affidavit sworn before the Executive Magistrate, Berhampur, Ganjam, I, Manoswini Nahak, 20 years, D/o: Ajit Nahak, Vill: Mukundapur, P.O.- Baragaon, P.S.- Aska, Dist.- Ganjam declare by this affidavit No.- A-487/ 06.03.2026 that now onwards my father's name shall be known as Ajita Kumar Nahak for all future purposes. Both Ajit Nahak & Ajita Kumar Nahak is one and same person. D-3570

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit No. 465, dtd.- 06.02.2026 sworn before the Executive Magistrate, Baramba, I, Manoj Kumar Parida, S/o.- Trilochan Parida of Vill.- Chandimangal, P.O.- Singhanathpitha, P.S.- Badamba, Dist.- Cuttack do hereby declare that my minor son's actual name is Smrutiranjan Parida as per his birth certificate. But his Aadhaar card vide No. xxxx xxxx 7712 my minor son's name has been wrongly mentioned as Srutiranjan Parida instead of Smrutiranjan Parida. Henceforth, he shall be known as Smrutiranjan Parida for all purpose. D-3567

## GENERAL

### SALE

WELDING Works contact for any type of Roof Shedes, Gril Gates, Shutters. 7809525452, 9937507638. D-247


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## ମନେ ପଡ଼ନ୍ତି

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ସରସ୍ୱତୀ ପ୍ରଧାନ
୩୪, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୧।୧୯୪୨ (କାର୍ତ୍ତିକ ପୂର୍ଣ୍ଣିମା)
ତିରୋଧାନ: ୨୬।୦୩।୨୦୦୮ (ଦୋଳ ପଞ୍ଚମୀ)
ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ତୁମର ହତଭାଗ୍ୟ: ଦିଅର-ଯାଆ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନବୃନ୍ଦ।
ଧ-୬୬୦୯୭

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ ପର୍ଶୁରାମ ଧଳଙ୍କ ଧର୍ମପତ୍ନୀ
୰ ରେବତୀଲତା ଧଳ
କୁଆଣିଆ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ : ୦୧।୦୧।୧୯୪୦
ତିରୋଧାନ : ୧୫।୦୫।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର- ପ୍ରଦୀପ୍ତ, ପବିତ୍ର, ବୋହୂ- ସଂଯୁକ୍ତା, ପ୍ରଭାସିନୀ, ଝିଅ- ଜୟନ୍ତୀ, ସୁକାନ୍ତି, ମିନତି, ଜ୍ୱାଇଁ- ବୃନ୍ଦାବନ, ଗୁଣନିଧି, ନାତି, ନାତୁଣୀ, ବନ୍ଧୁବର୍ଗ।
ଧ-୩୫୬୨

# ନୂଆ ଜବ୍ ଆଉ ଅଫିସ୍ ପଲିଟିକ୍ସ




ନୂଆ ନୂଆ ଜବ୍ କରିବା ବେଳେ ଜଣେ ଦକ୍ଷ କର୍ମଚାରୀ ଭାବେ ନିଜର ପରିଚୟ ସୃଷ୍ଟି କରିବା ଲାଗି ଧୈର୍ଯ୍ୟ ଓ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ହୋଇଥାଏ। ହେଲେ କେବେ କେବେ ଅଫିସ୍ ପଲିଟିକ୍ସ ଭଳି ଅନେକ ବାଧାବିଘ୍ନ ବି ଆସିଥାଏ। କେହି କେହି ଏଥିରେ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ନ୍ତି ତ ଆଉ କେହି ଜବ୍ ଛାଡ଼ିବାକୁ ବି ପଛାନ୍ତି ନାହିଁ। ହେଲେ ଏପରି ନ କରି ଦୃଢ଼ ଆତ୍ମବିଶ୍ୱାସ ରଖି ନିଜ କାମରେ ଫୋକସ୍ କରିବା ସହ କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟାଠୁ ଦୂରେଇ ରହିପାରିବେ...

ପ୍ରତ୍ୟେକ ଯୁବତୀଯୁବକ ପାଠ ପଢ଼ାପରେ ଭଲ ଜବ୍‌ଟିଏ ଚାହାନ୍ତି। ଜବ୍ କରିବା ପରେ ନିଜ କର୍ମକ୍ଷେତ୍ରରେ ଜଣେ ଦକ୍ଷ କର୍ମଚାରୀ ପରିଚୟ ସୃଷ୍ଟି କରିବାକୁ ବି ଚାହାନ୍ତି। ହେଲେ କେବେକେବେ ଅଫିସ୍‌ରେ ଏଭଳି କିଛି ପରିସ୍ଥିତିର ସାମ୍ନା କରିବାକୁ ହୁଏ, ଯାହାର ନକାରାତ୍ମକ ପ୍ରଭାବରେ ନା ଅଫିସ୍‌ରେ ଠିକ୍ ଭାବେ କାମ କରି ହୁଏ ନା ଘରେ ଥିବାବେଳେ ବି ଖୁସିର ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିହୁଏ। ଏଥିରୁ ଜଣେ ଅଫିସ୍ ପଲିଟିକ୍ସର ଶିକାର ସ୍ପଷ୍ଟ ଜଣାପଡ଼େ।

**କେମିତି ଜାଣିବେ ଅଫିସ୍ ପଲିଟିକ୍ସ:** ମୁଖ୍ୟତଃ କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଅଫିସ୍ ପଲିଟିକ୍ସ ଚାଲିଥିବା ଜାଣିହୁଏ। ଯେପରିକି

→କର୍ମଚାରୀମାନେ ଅନ୍ୟ ପଛରେ ଗପିବା, ଅନ୍ୟକୁ ନୀଚ ଦେଖାଇବା ଅବା ଅସୁବିଧାରେ ପକାଇବା ଲାଗି ଯୋଜନା କରିବା କିମ୍ବା କାହାର ସଫଳତାରେ ଈର୍ଷା କରିବା ଏବଂ ପରସ୍ପର ମଧ୍ୟରେ ଗୋଷ୍ଠୀ ଆରମ୍ଭ କରିଦେବା ଇତ୍ୟାଦି।

→ଜଣଙ୍କ କାମର କ୍ରେଡିଟ୍ ଆଉ ଜଣେ ନେବାକୁ ଚେଷ୍ଟା କରିବା।

→ଅନ୍ୟ ନାମରେ ଭୁଲ୍ ତଥ୍ୟ ପ୍ରଚାର କରିବା।

→କୌଣସି କାରଣକୁ ନେଇ ବସ୍‌ଙ୍କ ଦ୍ୱାରା କର୍ମଚାରୀଙ୍କ ମଧ୍ୟରେ ଭେଦଭାବ କରାଯିବା। କେତେଜଣଙ୍କୁ ଅଧିକ ସୁଯୋଗ ମିଳିବା ବେଳେ ଅନ୍ୟମାନଙ୍କୁ ଅବହେଳା କରାଯିବା।

**କିପରି ଦୂରେଇ ରହିବେ:** ଯଦି ଆପଣ ବି କେବେ ଏଭଳି ଅଫିସ୍ ପଲିଟିକ୍ସର ଶିକାର ହୁଅନ୍ତି, ତେବେ ସେଥିରୁ ନିଜକୁ କିପରି ଦୂରେଇ ରଖିପାରିବେ ; ଜାଣିରଖନ୍ତୁ ସେ ସମ୍ପର୍କରେ...

**ଜରୁରୀ ଆତ୍ମବିଶ୍ୱାସ:** କର୍ମକ୍ଷେତ୍ରରେ ଯେଭଳି ପରିସ୍ଥିତି ଆସୁନା କାହିଁକି, ମନକୁ ଦୁର୍ବଳ ନ କରି ସବୁବେଳେ ନିଜ ଉପରେ ବିଶ୍ୱାସ ରଖିବା ଦରକାର। କିଏ କ'ଣ କହିଲା, ସେସବୁ ଶୁଣି ମନ ଖରାପ କରିବା ପରିବର୍ତ୍ତେ ନିଜ କାମ ଉପରେ ଅଧିକ ଫୋକସ୍ କରି ସମୟ ପୂର୍ବରୁ ନିଜ ଆସାଇନ୍‌ମେଣ୍ଟ ସମାପ୍ତ କରିବା ଭଲ। ଏହାଦ୍ୱାରା ଆପଣ ନିଜକୁ ଜଣେ ଦକ୍ଷ କର୍ମଚାରୀ ଭାବେ ପରିଚୟ ସୃଷ୍ଟି କରିପାରିବା ସହ ଅଫିସ ପଲିଟିକ୍ସରୁ ବି ଦୂରେଇ ରହିପାରିବେ।

**ଧୈର୍ଯ୍ୟ ରଖନ୍ତୁ:** ଅଫିସ୍ ପଲିଟିକ୍ସର ଶିକାର ହେଲେ ଅନେକେ ଆଦୌ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ କିମ୍ବା ହାର୍ ମାନି ଜବ୍ ସ୍ୱିଚ୍ କରିବା ଅବା ଛାଡିଦେବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ। ସବୁବେଳେ ଧୈର୍ଯ୍ୟର ସହ ଆଗକୁ ବଢନ୍ତୁ, ପରିସ୍ଥିତିର ମୁକାବିଲା କରନ୍ତୁ।

**ଡର ଛାଡ଼ନ୍ତୁ:** ଅନେକ କର୍ମଚାରୀ ଅଫିସ୍ ପଲିଟିକ୍ସରେ ଏପରି ଛନ୍ଦି ହୋଇପଡ଼ନ୍ତି ଯେ, ସିନିୟରମାନଙ୍କ କଥା ନ ଶୁଣିଲେ ଜବ୍ ଚାଲିଯିବାର ଭୟ ସେମାନଙ୍କୁ ଚିନ୍ତାଗ୍ରସ୍ତ କରିପକାଏ। ଆଉ ଏହି ଡରରେ ସେମାନେ ଯେକୌଣସି କାମ ଦେଲେ ସାରିବାକୁ ଚେଷ୍ଟା କରନ୍ତି ଓ କାମର ଚାପ ବହୁତ ବଢ଼ିଯାଏ। ଯଦି ଆପଣଙ୍କୁ ବି ଅଫିସ୍‌ରେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡୁଛି, ତେବେ ପ୍ରଥମେ ନିଜ ଭିତରୁ ଡର ବାହାର କରନ୍ତୁ ଏବଂ କାମକୁ ପର୍‌ଫେକ୍ଟ କରିବାକୁ ଚେଷ୍ଟା କରନ୍ତୁ। ଅନ୍ୟକୁ ସାହାଯ୍ୟ କରିବା ଭଲ। ହେଲେ ଯଦି କେହି ଆପଣଙ୍କୁ ନିଜ କାମ ପାଇଁ ବ୍ୟବହାର କରୁଥାଏ ଅବା ଚାପ ପକାଉଥାଏ, ତେବେ ବିରକ୍ତ ନ ହୋଇ ଜଣେ ପ୍ରଫେଶନାଲ୍ ଭାବେ ନା କହିବା ବି ଶିଖନ୍ତୁ।

**କାମର ପ୍ରମାଣ ରଖନ୍ତୁ:** ଅଫିସ୍ ପଲିଟିକ୍ସରୁ ନିଜକୁ ଦୂରେଇ ରଖିବା ଲାଗି ଆପଣ ଯାହା କାମ କରୁଛନ୍ତି ତାହାର ରିପୋର୍ଟ, ଇ-ମେଲ୍ ଆଦି ସେଭ୍ କରିରଖନ୍ତୁ, ଯଦ୍ୱାରା ଏହା ପରେ ପ୍ରମାଣ ଭଳି କାମ କରିବ।





**ସଭିଙ୍କ ସହ ଉତ୍ତମ ସମ୍ପର୍କ ରଖନ୍ତୁ:** ପ୍ରତ୍ୟେକ କାର୍ଯ୍ୟାନୁଷ୍ଠାନରେ ଭିନ୍ନ ଭିନ୍ନ ସ୍ୱଭାବର ମଣିଷ କାର୍ଯ୍ୟ କରନ୍ତି। କେହି କେହି ଅନ୍ୟର ସଫଳତାରେ ଖୁସି ହୋଇ ଆହୁରି ଉନ୍ନତି କରିବାକୁ ପ୍ରେରଣା ଯୋଗାଇ ଦିଅନ୍ତି ତ ଆଉ କେହି ଅନ୍ୟର ସଫଳତାରେ ଈର୍ଷା ବି କରନ୍ତି। ଏମିତିକି ନିଜକୁ ବେଷ୍ଟ ଏବଂ ତାଙ୍କୁ ନୀଚ ଦେଖାଇବା ଲାଗି ପଛରେ ଗପିବାଠୁ ଆରମ୍ଭ କରି ବିଭିନ୍ନ ଉପାୟରେ ଅସୁବିଧାରେ ପକାଇବା ଭଳି କାର୍ଯ୍ୟ କରିବାକୁ ବି ପଛାନ୍ତି ନାହିଁ। ଆଉ ଏଭଳି ଅଫିସ୍ ପଲିଟିକ୍ସ ପାଇଁ ଭଲ କର୍ମଚାରୀ ବି ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ନ୍ତି ଏବଂ ଡିପ୍ରେସନ୍‌ର ଶିକାର ହୁଅନ୍ତି। ଯଦି ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ, ତେବେ ପ୍ରଥମେ ଆପଣଙ୍କୁ ଅସୁବିଧାରେ ପକାଉଥିବା ସହକର୍ମୀଙ୍କୁ ଚିହ୍ନନ୍ତୁ। ପ୍ରତିକ୍ରିୟା ପ୍ରକାଶ ନ କରି କିମ୍ବା ଝଗଡ଼ା ନ କରି ପ୍ରଥମେ ସିଧାସଳଖ କଥା ହୋଇ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ନିଜର ଉତ୍ତମ ବ୍ୟବହାର ଏବଂ ଆଚରଣ ଦ୍ୱାରା ଅନ୍ୟମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରନ୍ତୁ। କାରଣ ବୁଝାମଣା ଠିକ୍ ରହିବା ଏବଂ ପରସ୍ପରକୁ ସାହାଯ୍ୟ ମନୋବୃତ୍ତି ରହିଲେ ହିଁ କାମ କରିବା ଲାଗି ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ। ସର୍ବୋପରି ଜୁନିୟର, ସିନିୟର ସମସ୍ତଙ୍କୁ ସମ୍ମାନ ଦେଲେ ଲୋକେ ଆପଣଙ୍କୁ ସପୋର୍ଟ କରିବେ।



**ବସ୍‌ଙ୍କ ସହ ଯୋଗାଯୋଗ ରଖନ୍ତୁ:** ସବୁବେଳେ ବସ୍‌ଙ୍କ ସହ ଯୋଗାଯୋଗରେ ରହିବା ଭଲ। ନିଜ କାମର ପ୍ରଗତି ବିଷୟରେ ଏବଂ ମନକୁ କିଛି ନୂଆ ଆଇଡିଆ ଆସିଲେ ସେ ସମ୍ପର୍କରେ ବସ୍‌ଙ୍କୁ ଜଣାଇବା ଦ୍ୱାରା ଆପଣଙ୍କ ପ୍ରତି ତାଙ୍କର ସକାରାତ୍ମକ ମନୋଭାବ ରହିବ। ଏପରି ହେଲେ, ଯଦି କେବେ ଅଫିସ୍ ପଲିଟିକ୍ସର ଶିକାର ହୁଅନ୍ତି ଏବଂ ଆପଣଙ୍କ ଦ୍ୱାରା ତାହା ସମାଧାନ ନ ହୋଇପାରେ ; ତେବେ ବସ୍‌ଙ୍କୁ ଏ ସମ୍ପର୍କରେ ଜଣାଇପାରିବେ।

**ପର୍ସନାଲ୍ କଥା ଶେୟାର୍ କରନ୍ତୁ ନାହିଁ:** ଅନେକେ ଅଫିସ୍‌ରେ ପର୍ସନାଲ୍ କଥା ଶେୟାର କରିଥା'ନ୍ତି। ହେଲେ ଏପରି କରିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଅନେକେ ଆପଣଙ୍କ ଦୁର୍ବଳତା ଜାଣିଯିବା ସହ ଏହାର ସୁଯୋଗ ନେଇପାରନ୍ତି।

**ଗସିପ୍‌ଠୁ ଦୂରେଇ ରୁହନ୍ତୁ:** ନୂଆ ନୂଆ ଜବ୍ କରିବା ବେଳେ ଅଫିସ୍‌ରେ କ'ଣ ହେଉଛି କିମ୍ବା କିଏ କ'ଣ କହିଲା ସେ ସମ୍ପର୍କରେ କାହା ସହ କଥା ହୁଅନ୍ତୁ ନାହିଁ। ଯଥା ସମ୍ଭବ ଅଫିସ୍ ଗସିପ୍‌ଠୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।



## ଯୁଥ୍ ଆଲର୍ଟ

# ଶର୍ଟ୍ସ ଭିଡିଓ ଅଧିକ ଦେଖୁଥିଲେ...

ବର୍ତ୍ତମାନ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍ ଆଦି ଖୋଲିବାମାତ୍ରେ ପ୍ରଥମ ଆକର୍ଷଣ ପାଲଟୁଛି ଶର୍ଟ୍ସ ଭିଡିଓ କିମ୍ବା ରିଲ୍ସ। ଗୋଟିଏ ପରେ ଗୋଟିଏ ଶର୍ଟ୍ସ ଦେଖୁଦେଖୁ କେତେବେଳେ ଘଣ୍ଟା ଘଣ୍ଟା ସମୟ ଚାଲିଯାଉଛି ଜଣାପଡୁନାହିଁ। ଯଦିଓ ଏସବୁ ଦେଖିବାକୁ ଭଲ ଲାଗୁଛି, ହେଲେ ଦୀର୍ଘ ସମୟ ଧରି ଏଭଳି ଭିଡିଓ ଦେଖିବା ଦ୍ୱାରା ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ...

→ ବର୍ତ୍ତମାନ ଶର୍ଟ୍ସ ଭିଡିଓରେ କମେଡି, ଏଜୁକେଶନ୍, ଆର୍ଟ ଆଣ୍ଡ କ୍ରାଫ୍ଟ, ଡ୍ୟାନ୍ସ ଭଳି ବିଭିନ୍ନ ପ୍ରକାରର କଣ୍ଟେଣ୍ଟ ଆସୁଛି। ସବୁ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଶର୍ଟ୍ସ ଆସୁଥିବାରୁ ଯୁବପିଢ଼ି ଭିନ୍ନଭିନ୍ନ କଣ୍ଟେଣ୍ଟ ଦେଖିବାକୁ ପସନ୍ଦ କରୁଛନ୍ତି। ଭିଡିଓଗୁଡ଼ିକରେ ସେଭଳି କିଛି ରେଷ୍ଟ୍ରିକ୍ସନ ନ ଥିବାରୁ କେବେକେବେ ଏଭଳି କଣ୍ଟେଣ୍ଟ ମଧ୍ୟ ଆସିଯାଉଛି, ଯାହାକି ସେମାନଙ୍କ ମାନସିକସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି।

→ଶର୍ଟ୍ସ ଭିଡିଓରେ କମ୍ କମ୍ ସମୟରେ ଗୋଟିଏ ପରେ ଆଉ ଏକ ଭିଡିଓ ଆସୁଥିବାରୁ ମସ୍ତିଷ୍କ ଏହି ଶୀଘ୍ର ବଦଳୁଥିବା ସିନ୍‌ଗୁଡ଼ିକୁ ଅନୁଭବ କରିଥାଏ ଏବଂ କ୍ୱିକ୍ ରିୱାର୍ଡ ଖୋଜିବାରେ ଲାଗିପଡ଼େ। ଫଳରେ ଧୈର୍ଯ୍ୟର ସହ ବସିବା, ଶିଖିବାର କ୍ଷମତା ଧୀରେ ଧୀରେ କମିଯାଏ। ତେଣୁ ଯେଉଁମାନେ ବେଶି ଶର୍ଟ୍ସ ଦେଖନ୍ତି, ସେମାନଙ୍କୁ ଗୋଟିଏ ସ୍ଥାନରେ ବସି ଅଧିକ ସମୟ ପର୍ଯ୍ୟନ୍ତ ପଢ଼ିବାରେ ମଧ୍ୟ ଅସୁବିଧା ହୋଇଥାଏ।



→ଏକ ଗବେଷଣା ରିପୋର୍ଟ ମୁତାବକ ବାରମ୍ବାର ଶର୍ଟ୍ସ ଦେଖୁଥିବା ଯୁବପିଢ଼ିଙ୍କଠାରେ ପଢ଼ାରେ ମନ ନ ଲାଗିବା ବା ଏକାଗ୍ରତା ହ୍ରାସ ପାଇବା ସହ ଶର୍ଟ୍ସ ଦେଖିବା ନିଶାରେ ଜରୁରୀ କାର୍ଯ୍ୟକୁ ଟାଳିବା ଆଦି ବଦାଭ୍ୟାସରେ ପରିଣତ ହୋଇଯାଏ।

→ଶର୍ଟ୍ସରେ ଶୀଘ୍ର ଶୀଘ୍ର ସ୍କିନ୍ ଚେଞ୍ଜ ହେଉଥିବାରୁ ଏହାର ଆଖି ଉପରେ ମଧ୍ୟ ଚାପ ପଡ଼ିଥାଏ ଏବଂ ଦୃଷ୍ଟିଶକ୍ତି ହ୍ରାସ ପାଇଥାଏ। ରାତିରେ ଶୋଇବା ପୂର୍ବରୁ ଶର୍ଟ୍ସ ଦେଖିବାର ଅଭ୍ୟାସ ଅନେକଙ୍କର ରହିଛି, ଯାହାକି ନିଦ୍ରାହୀନତାର ବି ଏକ ବଡ଼ କାରଣ ହୋଇଥାଏ।

→ଏହି ବଦାଭ୍ୟାସ କମ୍ କରିବା ଲାଗି ସ୍କ୍ରିନ୍ ଟାଇବା ବା ଦେଖିବାର ସମୟସୀମା କମ୍ କରିବା ନିହାତି ଆବଶ୍ୟକ।

→ପଢ଼ିବାବେଳେ ପାଖରେ ମୋବାଇଲ୍ ଫୋନ୍, ଟ୍ୟାବ୍ ଆଦି ନ ରଖିବା ଦରକାର। ସେହିପରି ଖାଇବା ବେଳେ ଏବଂ ଶୋଇବା ବେଳେ ଏସବୁଠାରୁ ନିଜକୁ ଦୂରେଇ ରଖିବା ଭଲ।

→ ଫାଙ୍କା ସମୟ ପାଇଲେ ଇ-ଗ୍ୟାଜେଟ୍ ଧରି ଶର୍ଟ୍ସ ଦେଖିବା ବଦଳରେ ଯୋଗ, ବ୍ୟାୟାମ ଆଦି କରିବା ଭଲ।



→ ତେବେ ନିୟମ ଅନୁଯାୟୀ ପ୍ରତ୍ୟେକ ସୁମୋ ଫାଇଟର ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିଥା'ନ୍ତି।

## ଏ ସପ୍ତାହର ପ୍ରଶ୍ନ ?

୧- ............ ରାଜ୍ୟ ସରକାରଙ୍କ ଦ୍ୱାରା ଇନ୍ଦିରା ଗାନ୍ଧୀ ସୁଖ ଶିକ୍ଷା ଯୋଜନା ଆରମ୍ଭ କରାଯାଇଛି ?
୨- ଭବାନୀ ନଦୀ ......... ନଦୀର ଉପନଦୀ ?
୩- ପ୍ରସାଦ ସ୍କିମ୍ .......... ପକ୍ଷରୁ ଆରମ୍ଭ କରାଯାଇଛି ?
୪- ରୋଡ୍-ମୋବାଇଲ୍ ମିସାଇଲ୍ ସିଜେ(CJ)-୧୦୦୦କୁ ......... ଦେଶ ନିର୍ମାଣ କରିଛି ?
୫- କାନ୍‌ଲାଓନ୍ ଆଗ୍ନେୟଗିରି .......... ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଫେବୃଆରୀ ୧୩ ତାରିଖ
୨ ୩ୟ ସ୍ଥାନ
୩ ବାର୍ବାଡସ୍
୪ ଉତ୍ତରାଖଣ୍ଡ
୫ ୧୯୬୩ ମସିହା

## ଉତ୍ତରଦାତା


ଶେଖ୍ ୟାକୁବ୍ ଗୋପ


ମନମଥ ମଣ୍ଡଳ ବାଲେଶ୍ୱର


ଦେବେନ୍ଦ୍ର ରାଉଳ କେନ୍ଦ୍ରାପଡା


ମଦନ ହରିଜନ କୋରାପୁଟ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ଗୋଲ୍ଡ ମାଇନିଂ କମ୍ପାନି

୧. ନ୍ୟୁମଣ୍ଟ କର୍ପୋରେଶନ୍ .................... ଆମେରିକା
୨. ବ୍ୟାରିକ୍ ଗୋଲ୍ଡ .................... କାନାଡା
୩. ଅଗ୍ନିକୋ ଇଗଲ୍ ମାଇନ୍ସ .................... କାନାଡା
୪. ଜିଜିନ୍ ମାଇନିଂ ଗ୍ରୁପ୍ .................... ଚାଇନା
୫. ପୋଲିଅସ୍ .................... ରୁଷିଆ
୬. ଆଙ୍ଗ୍ଲୋଗୋଲ୍ଡ ଅଶାନ୍ତି .................... ସାଉଥ୍ ଆଫ୍ରିକା
୭. ଗୋଲ୍ଡ ଫିଲ୍ଡସ୍ .................... ସାଉଥ୍ ଆଫ୍ରିକା
୮. କିନ୍‌ରସ୍ ଗୋଲ୍ଡ .................... କାନାଡା
୯. ନର୍ଦ୍ଦେନ୍ ଷ୍ଟାର୍ ରିସୋର୍ସେସ୍ .................... ଅଷ୍ଟ୍ରେଲିଆ
୧୦. ଫ୍ରିପୋର୍ଟ-ମ୍ୟାକ୍‌ମୋରାନ୍ .................... ଆମେରିକା

# ବ୍ୟକ୍ତିତ୍ୱର ପରିଚୟ ଦିଏ ହାତଲେଖା




ପିଲାବେଳେ ଲେଖିବାର ପ୍ରାରମ୍ଭ ସମୟରେ ଝିଅଙ୍କ ତୁଳନାରେ ପୁଅଙ୍କଠାରେ ଲେଖିବାରେ ଅଧିକ ସମସ୍ୟା ଦେଖାଦେଇଥାଏ। ଧୀରେ ଧୀରେ ବଡ଼ ହେବା ସହ ଲେଖିବାର ଶୈଳୀ ମଧ୍ୟ ବଦଳିଥାଏ। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏକ ଗବେଷଣା ମୁତାବକ ଜଣଙ୍କ ହାତଲେଖାରୁ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଜାଣିହୁଏ। ଜାଣିବା ଏ ସମ୍ପର୍କରେ...

➤ଏକ ଗବେଷଣା ମୁତାବକ ଅକ୍ଷରରୁ ମଣିଷର ବ୍ୟକ୍ତିତ୍ୱ ଜଣାପଡ଼ିଥାଏ। ଛୋଟ ଅକ୍ଷର ଥିବା ମଣିଷ ଅନ୍ତର୍ମୁଖୀ ହୋଇଥିବା ବେଳେ ବଡ଼ ଅକ୍ଷର ଥିଲେ ବହିର୍ମୁଖୀ ବୋଲି ଜଣାପଡ଼ିଥାଏ।–

ଯେଉଁମାନଙ୍କ ଲେଖାରେ ଶବ୍ଦ-ଶବ୍ଦ ମଧ୍ୟରେ କମ୍ ଅନ୍ତର ରହିଥାଏ, ସେମାନେ ସଭିଙ୍କ ସହ ଏକାଠି ରହିବାକୁ ପସନ୍ଦ କରିଥା'ନ୍ତି। ହେଲେ ଯେଉଁମାନଙ୍କ ଲେଖା ମଧ୍ୟରେ ଅନ୍ତର ବେଶି, ସେମାନେ ଅଧିକ ଭିଡ଼ରେ ରହିବା ଅପେକ୍ଷା ଏକାକୀ ଆରାମଦାୟକ ଜୀବନ ଜିଇବାକୁ ପସନ୍ଦ କରିଥା'ନ୍ତି।

➤ଧାଡ଼ି ସିଧା କରି ଲେଖୁଥିବା ବ୍ୟକ୍ତି ସର୍ବଦା ପ୍ରାକ୍ଟିକାଲ୍ ହୋଇଥା'ନ୍ତି। ହେଲେ ଯେଉଁମାନେ ସାମାନ୍ୟ ଡାହାଣକୁ ଢଳିଲା ଭଳି ଅକ୍ଷର ଲେଖନ୍ତି, ସେମାନେ ସର୍ବଦା ନୂଆ ନୂଆ ଲୋକଙ୍କୁ ଭେଟିବା ସହ ନୂଆ ଅନୁଭବ ନେବାରେ ରୁଚି ରଖନ୍ତି। ସେହିପରି ବାମକୁ ଢଳିଲା ବା ବଙ୍କା ଭଳି ଅକ୍ଷର ଲେଖୁଥିବା ବ୍ୟକ୍ତି ନିଜ ଭାବନାରେ ରହିବାକୁ ପସନ୍ଦ କରୁଥିବା ବେଳେ କେବେକେବେ ବିଦ୍ରୋହୀ ସ୍ୱଭାବର ମଧ୍ୟ ହୋଇଥା'ନ୍ତି।

– ଗୋଲ ଗୋଲ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଅଧିକ କଳାତ୍ମକ ହୋଇଥା'ନ୍ତି।

– ଖୁବ୍‌ଶୀଘ୍ର ଏବଂ ତରତର ହୋଇ ଲେଖୁଥିବା ବ୍ୟକ୍ତି ଅସ୍ଥିର ହୋଇଥିବା ବେଳେ ଧୀରେ ଲେଖୁଥିବା ବ୍ୟକ୍ତି ବ୍ୟବସ୍ଥିତ, ସ୍ଥିରମନା ଏବଂ କଳାତ୍ମକ ହୋଇଥା'ନ୍ତି।



➤କଲମକୁ ପ୍ରେସର ଦେଇ ବା ଦବାଇ ଲେଖୁଥିବା ବ୍ୟକ୍ତି ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ପ୍ରତ୍ୟେକ କଥାକୁ ଗଭୀର ଭାବେ ଗ୍ରହଣ କରିଥା'ନ୍ତି। ଯେଉଁମାନେ ଅତ୍ୟଧିକ ଦବାଇ ଲେଖନ୍ତି, ସେମାନେ ବ୍ୟସ୍ତ ବିବ୍ରତ ସ୍ୱଭାବର ହୋଇଥିବା ବେଳେ ଅବସାଦଗ୍ରସ୍ତ ରହିଥା'ନ୍ତି। ଯେଉଁମାନେ କଲମକୁ ନ ଦବାଇ ଆରାମରେ ଲେଖିଥା'ନ୍ତି, ସେମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇଥା'ନ୍ତି।

➤ଯେଉଁମାନଙ୍କ ଦସ୍ତଖତ ସ୍ପଷ୍ଟ, ସେମାନେ ଆତ୍ମବିଶ୍ୱାସୀ ହୋଇଥିବା ବେଳେ ଅସ୍ପଷ୍ଟ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଏକାକୀ ଏବଂ ଦୁର୍ବଳମନା ହୋଇଥା'ନ୍ତି। ସେହିପରି ଦସ୍ତଖତ ତଳେ ଗାର ପକାଉଥିବା ବ୍ୟକ୍ତି ଆତ୍ମସମ୍ମାନପ୍ରିୟ ହୋଇଥା'ନ୍ତି।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ Bhubaneswar, Sunday, March 8/ 2026







# ଭାରତୀୟ ଦଳରେ ପରିବର୍ତ୍ତନ ସମ୍ଭାବନା

ଅହମଦାବାଦ,୭।୩

ଟି୨୦ ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଅଭିଷେକ ଶର୍ମା ଦେଶର ସବୁଠୁ ଚର୍ଚ୍ଚିତ କ୍ରିକେଟର ଥିଲେ। କିନ୍ତୁ ଫାଇନାଲରେ ତାଙ୍କର ସ୍ଥାନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ତାଙ୍କର ବ୍ୟାଟିଂରେ ଥିବା ଟେକ୍‌ନିକାଲ ତ୍ରୁଟି ଓ ଏକପ୍ରକାର ଖେଳିବା ଶୈଳୀ ସମ୍ପୂର୍ଣ୍ଣ ରୂପେ ପଦାରେ ପଡ଼ିଛି। ଯଦି ସେ ଫାଇନାଲ ଖେଳନ୍ତି, ତେବେ ତାଙ୍କୁ ପ୍ରତିପକ୍ଷ ଦଳର ଅଫ୍ ସ୍ପିନର କୋଲ ମ୍ୟାକୋଞ୍ଚି ଫସାଇବାକୁ ଉଦ୍ୟମ କରିବେ। ଯଦି ତାଙ୍କୁ ବାଦ୍ ଦିଆଯାଏ, ତେବେ ମଧ୍ୟକ୍ରମରେ ରିଙ୍କୁ ସିଂ କିମ୍ବା ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇପାରେ।

ସେହିଭଳି ଟି୨୦ କ୍ରିକେଟର ନଂ-୧ ବୋଲର ବରୁଣ ଚକ୍ରବର୍ତ୍ତୀ ମଧ୍ୟ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ବ୍ୟାଟିଂ ଲାଗି ଉପଯୋଗୀ ପିଚ୍‌ରେ ତାଙ୍କ ବୋଲିଂରେ ଥିବା ରହସ୍ୟ ଉଭାନ ହୋଇଯାଉଥିବା ଅନୁଭବ ହେଉଛି। ସେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୪ ଓଭରରେ ୬୪ ରନ ବ୍ୟୟରେ ୧ ଉଇକେଟ ନେଇଥିଲେ। ଏଣୁ ତାଙ୍କ ସ୍ଥାନରେ ବାମହାତୀ କୁଳଦୀପ ଯାଦବଙ୍କୁ ଦଳରେ ସାମିଲ କରାଯିବାର ଆବଶ୍ୟକତା ରହିଥିବା କିଛି ପୂର୍ବତନ ଖେଳାଳି ମତ ଦେଇଛନ୍ତି। ହେଲେ ଏ ସମ୍ପର୍କରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭିନ୍ନ ମତ ଦେଇଛନ୍ତି।


ଅଭ୍ୟାସ ଅବସରରେ ସଞ୍ଜୁ ସାମସନ ଓ ଇଶାନ କିଶନ।

## ବରୁଣଙ୍କ ଫର୍ମକୁ ନେଇ ଚିନ୍ତିତ ନୁହନ୍ତି ସୂର୍ଯ୍ୟ

ଲଗାତର ଖରାପ ପ୍ରଦର୍ଶନ ସତ୍ତ୍ୱେ ବରୁଣଙ୍କ ଫର୍ମକୁ ନେଇ ଭାରତୀୟ ଦଳର ଟିମ ମ୍ୟାନେଜମେଣ୍ଟ ଚିନ୍ତିତ ନ ଥିବା ଅଧିନାୟକ ସୂର୍ଯ୍ୟକୁମାର ଶନିବାର କହିଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ହେବାକୁ ଥିବା ଫାଇନାଲରେ ଦର୍ଶକଙ୍କୁ ଚୁପ କରିବାକୁ ଲକ୍ଷ୍ୟ ରଖିଥିବା ନେଇ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ଦେଇଥିବା ଟିପ୍ପଣି ଉପରେ ସେ ପ୍ରତିକ୍ରିୟା ରଖିଛନ୍ତି। ଉଲ୍ଲେଖଯୋଗ୍ୟ, ସମାନ ଭେନ୍ୟୁରେ ଖେଳାଯାଇଥିବା ୨୦୨୩ ଆଇସିସି ଦିନିକିଆ ବିଶ୍ୱକପ୍ ପୂର୍ବରୁ ଅଷ୍ଟ୍ରେଲିଆ ଅଧିନାୟକ ପ୍ୟାଟ କମିନ୍ସ ସମାନ ଟିପ୍ପଣି ଦେଇଥିଲେ।

ବରୁଣଙ୍କ ଫର୍ମକୁ ନେଇ ଦଳରେ କୌଣସି ଚିନ୍ତା ନାହିଁ। ଆମେ ମିଳିତ ଉଦ୍ୟମ ବଳରେ ଏପର୍ଯ୍ୟନ୍ତ ମ୍ୟାଚ୍ ଜିତୁଛୁ। ଏଣୁ କାହାକୁ ଅଧିକ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଦଳରେ ୧୧ ଖେଳାଳି ଅଛନ୍ତି। କିନ୍ତୁ ପ୍ରତ୍ୟେକ ଦିନ ସମସ୍ତେ ପ୍ରଦର୍ଶନ କରିବେ ନାହିଁ। ମୁଁ ବରୁଣଙ୍କ ଫର୍ମକୁ ନେଇ ଚିନ୍ତିତ ନୁହେଁ। କାରଣ ସେ ବିଶ୍ୱର ନଂ-୧ ବୋଲର। ବଡ଼ ମ୍ୟାଚ୍‌ରେ ତାଙ୍କୁ କେଉଁଭଳି ପ୍ରଦର୍ଶନ କରିବା ଦରକାର ତାହା ତାଙ୍କୁ ଭଲ ଭାବେ ଜଣା। ମୁଁ ନିଶ୍ଚିତ ଯେ, ସେ ଆମକୁ ଫାଇନାଲ ଜିତାଇବେ ବୋଲି ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାବାଦ୍ ସାଣ୍ଟନର ଦେଇଥିବା ବୟାସନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ସମସ୍ତେ ସମାନ କଥା କହୁଛନ୍ତି। କିଛି ତ ନୂଆ କୁହ। ଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ଡ୍ରେସିଂ ରୁମ୍ ପରିବେଶ ସମ୍ପର୍କରେ ସେ କହିଛନ୍ତି, ସମସ୍ତ ଖେଳାଳି ଉତ୍ସାହିତ ଅଛନ୍ତି।

**ସମ୍ଭାବ୍ୟ ଭାରତୀୟ ଦଳ:** ଅଭିଷେକ ଶର୍ମା, ସଞ୍ଜୁ ସାମସନ(ଉଇକେଟକିପର), ଇଶାନ କିଶନ, ସୂର୍ଯ୍ୟକୁମାର ଯାଦବ (ଅଧିନାୟକ), ତିଲକ ବର୍ମା, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା, ଅକ୍ଷର ପଟେଲ, ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା, ବରୁଣ ଚକ୍ରବର୍ତ୍ତୀ/କୁଳଦୀପ ଯାଦବ।

**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଜିଓ ହଟଷ୍ଟାର**

# ଭାରତକୁ 'ଅଶୁଭ' ଡର

କଟକ,୭।୩ (କୁମାରଶ୍ରୀ)

କ୍ରମାଗତ ଦୁଇଥର ଟି-୨୦ ବିଶ୍ୱକପ୍ ଟାଇଟଲ ଜିତି ନୂତନ ରେକର୍ଡ କରିବା ଲକ୍ଷ୍ୟରେ ରହିଛି ଭାରତ। ରବିବାର ସନ୍ଧ୍ୟାରେ ହେବାକୁ ଥିବା ଫାଇନାଲ ମୁକାବିଲାରେ ଭାରତ ନ୍ୟୁଜିଲାଣ୍ଡକୁ ଭେଟିବ। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଚଳିତ ବିଶ୍ୱକପ୍‌ର ଶେଷ ଲଢ଼େଇ ହେବ। ତେବେ ଭାରତୀୟ ଦଳର ପ୍ରଦର୍ଶନ ବ୍ୟତୀତ ଏବେ ଷ୍ଟାଡିୟମର ରେକର୍ଡକୁ ନେଇ ଚର୍ଚ୍ଚା ବଢ଼ିଛି। ୨୦୨୩ ଏକଦିବସୀୟ ବିଶ୍ୱକପ୍‌ରେ ଅପରାଜେୟ ରହିଥିବା ଭାରତ ଏହି ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଠାରୁ ପରାସ୍ତ ହୋଇଥିଲା। ସେହିପରି ଚଳିତ ବିଶ୍ୱକପରେ ଦଳ ଗୋଟିଏ ପରାଜୟର ସମ୍ମୁଖୀନ ହୋଇଥିବା ବେଳେ ତାହା ମଧ୍ୟ ଉକ୍ତ ଷ୍ଟାଡିୟମରେ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ନରେନ୍ଦ୍ର ମୋଦି ଷ୍ଟାଡିୟମକୁ ଆଇସିସି ଇଭେଣ୍ଟରେ ଭାରତ ପାଇଁ 'ଅଶୁଭ' ବୋଲି ବିବେଚନା କରାଯାଉଛି। ଏ ବାବଦରେ ଓଡ଼ିଆ କ୍ରିକେଟରମାନେ ଯାହା କୁହନ୍ତି...


ଟ୍ରଫି ସହ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

## ଶୁଭଫଳ ମିଳୁ



ପୁରୁଣା କିଛି ମ୍ୟାଚ୍ ରେକର୍ଡରୁ ନରେନ୍ଦ୍ର ମୋଦି ଷ୍ଟାଡିୟମକୁ ପନୋତି ତଥା ଅଶୁଭ ବୋଲି କୁହାଯାଉଛି। ହେଲେ ସମସ୍ତ ଭାରତୀୟଙ୍କ ଭଲପାଇବା ବଳରେ ଏବେ ଶୁଭ ଫଳ ମିଳୁ। ମନରେ ଯେଉଁ ଭୟ ରହିଛି, ତାହା ସତରେ ପରିଣତ ହୋଇନଯାଉ। ନ୍ୟୁଜିଲାଣ୍ଡର ଓପନର ବ୍ୟାଟର ଭାରତ ପାଇଁ ଚିନ୍ତା ବଢ଼ାଇ ପାରନ୍ତି। ବୁମ୍‌ରାଙ୍କ ଯାଦୁ ଚାଲିଲେ ଖେଳ ବଦଳି ଯାଇପାରେ। ବରୁଣ ଚକ୍ରବର୍ତ୍ତୀଙ୍କ ପ୍ରଦର୍ଶନକୁ ନେଇ ଚିନ୍ତା ବଢ଼ିଛି। ତଥାପି ତାଙ୍କ ଉପରେ ଦଳ ଯେଉଁ ଭରସା ଏବଂ ବିଶ୍ୱାସ ରଖିଛି ସେଥିରୁ ସେ 'ଏକ୍ସ-ଫ୍ୟାକ୍ଟର' ଭାବେ ପରିଗଣିତ ହୋଇପାରନ୍ତି।

- ଶୁଭ୍ରାଂଶୁ ଶେଖର ସେନାପତି

## ସବୁଦିନ ସମାନ ନ ଥାଏ



ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବା ପ୍ରସଙ୍ଗକୁ ନେଇ ସମସ୍ତଙ୍କ ମନରେ ଅଳ୍ପବହୁତେ ଆଶଙ୍କା ରହିଛି। ଫଳାଫଳ ଭାରତ ବିପକ୍ଷରେ ନଯାଉ ବୋଲି ଡର ରହିଛି। ତଥାପି ସବୁଦିନ ସମାନ ନଥାଏ। ଫାଇନାଲ ମୁକାବିଲାରେ କଡା ଟକ୍କର ହେବା ନିଶ୍ଚିତ। ଅଭିଷେକ ଶର୍ମାଙ୍କ ଠାରୁ କିଛି ବିସ୍ଫୋରକ ପାଳି ଆଶା କରାଯାଉଛି। କ୍ରିକେଟ ଇତିହାସରେ ଭାରତ ଯେଉଁ ବ୍ରାଣ୍ଡ୍ ସେଟ୍ କରିସାରିଛି, ସେହି ଅନୁସାରେ ଖେଳିଲେ ବିଶ୍ୱକପ୍ ପୁଣି ଥରେ ଭାରତବାସୀଙ୍କ ପାଖକୁ ଫେରିବ। ବୋଲିଂ ଲାଇନ୍‌ଅପରେ ବୁମ୍‌ରାଙ୍କ ସମେତ ଅନ୍ୟମାନେ ଶାଣିତ ବୋଲିଂ କରି ପାରିଲେ ନ୍ୟୁଜିଲାଣ୍ଡକୁ ସହଜରେ ଧୂଳି ଚଟାଇ ପାରିବ।

- ବିପ୍ଳବ ସାମନ୍ତରାୟ

# ଦର୍ଶକଙ୍କୁ ଚୁପ୍ କରିବା ଆମର ଲକ୍ଷ୍ୟ: ସାଣ୍ଟନର


ଖବରଦାତା ସମ୍ମିଳନୀରେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର।

**ଅହମଦାବାଦ,୭।୩:** ଟୁର୍ନାମେଣ୍ଟ ଜିତିବା ପାଇଁ ଆମେ ଫେଭରାଇଟ୍ ଦଳ ନୁହେଁ। କିନ୍ତୁ ଥରେ ଟ୍ରଫି ଉଠାଇବା ପାଇଁ ଯଦି ଆମକୁ କିଛି ହୃଦୟ ଭାଙ୍ଗିବାକୁ ପଡ଼େ, ତେବେ ଆମେ ମନା କରିବୁ ନାହିଁ। ଫାଇନାଲ ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ନ୍ୟୁଜିଲାଣ୍ଡ ଦଳର ଅଧିନାୟକ ମିଚେଲ ସାଣ୍ଟନର କହିଛନ୍ତି। ଇଭେଣ୍ଟକୁ ଆୟୋଜନ କରିବା ସହ ଟାଇଟଲକୁ ଡିଫେଣ୍ଡ ଓ ଦେଶବାସୀଙ୍କ ଆଶା ଏବଂ ଆକାଂକ୍ଷାର ବୋଝ ଭାରତୀୟ ଦଳ ଉପରେ ପ୍ରବଳ ଚାପ ପକାଇବ। ଏହା ଆୟୋଜକ ଦଳକୁ ଫାଇଦା ପ୍ରଦାନ କରୁଥିବା ବେଳେ ଏହା ନ୍ୟୁଜିଲାଣ୍ଡ ପାଇଁ ଏକ ସୁଯୋଗ।

ଆମର ଲକ୍ଷ୍ୟ ହେଉଛି, ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ଚୁପ କରିବା। ଟି୨୦ କ୍ରିକେଟରେ ସମୟ କ୍ରମେ ଅନେକ ପରିବର୍ତ୍ତନ ଆସୁଛି। ପୂରା ଟୁର୍ନାମେଣ୍ଟରେ ଅନେକ ଦଳ ସମାନ ପରିସ୍ଥିତିରେ ଥିଲେ ଏବଂ ମ୍ୟାଚ୍‌ର କିଛି ଛୋଟ ଛୋଟ ମୁହୂର୍ତ୍ତରେ ଘଟୁଥିବା ଘଟଣା ଫଳାଫଳ ପରିବର୍ତ୍ତନ କରିଥିଲା। ଭାରତ ବିପକ୍ଷ ସେମିଫାଇନାଲରେ ଇଂଲଣ୍ଡ ବିଜୟ ଲକ୍ଷ୍ୟର ଖୁବ ନିକଟରେ ପହଞ୍ଚି ଯାଇଥିଲା। ଦକ୍ଷିଣ ଆଫ୍ରିକା ମଧ୍ୟ ପୂରା ଟୁର୍ନାମେଣ୍ଟରେ ଭଲ କ୍ରିକେଟ ଖେଳିଥିଲା। ଏଣୁ ଛୋଟ ଛୋଟ ତ୍ରୁଟି ତୁମକୁ ମ୍ୟାଚ୍‌ରୁ ବିଦା କରିପାରେ। ଯଦି ଆମେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବା, ତେବେ ଆମେ ଆଉ ଏକ ବଡ଼ ଦଳକୁ ଅପସେଟ୍ କରିପାରିବୁ। ମୋ ମତରେ ଭାରତୀୟ ଦଳ ଉପରେ ଘରୋଇ ପରିବେଶରେ ବିଶ୍ୱକପ୍ ଜିତିବାର ଖୁବ ଚାପ ରହିଛି। ଯଦି ଆମେ ଏହି ମ୍ୟାଚ୍ ଜିତିବାରେ ବିଫଳ ହେଉ, ତେବେ ଘରୋଇ ଦଳ ଲାଗି ବିଶ୍ୱକପ୍ ଜିତିବା ଖୁବ ସୁଖଦ ହେବ। ଏଣୁ ଆମେ ସେମାନଙ୍କ ଉପରେ ଆହୁରି ଅଧିକ ଚାପ ପକାଇବାକୁ ଉଦ୍ୟମ କରିବୁ ବୋଲି ସାଣ୍ଟନର କହିଛନ୍ତି। ନ୍ୟୁଜିଲାଣ୍ଡ ଗତ ୧୧ ବର୍ଷରେ ପଞ୍ଚମ ଥର ପାଇଁ ଆଇସିସି ଟୁର୍ନାମେଣ୍ଟର ଫାଇନାଲ ଖେଳିବାକୁ ଯାଉଛି। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଟ୍ରଫି ଜିତିବାରେ ମୋର କୌଣସି ଆପତ୍ତି ନାହିଁ। ଆମ ଦଳର ଖେଳାଳିମାନେ ଆଇସିସି ଟୁର୍ନାମେଣ୍ଟରେ ଖୁବ ସ୍ଥିର ପ୍ରଦର୍ଶନ କରି ଆସୁଛନ୍ତି। କାରଣ ଆମେ ପରିସ୍ଥିତି କିମ୍ବା ପ୍ରତିପକ୍ଷ ଦଳକୁ ନେଇ ବିଚଳିତ ହେଉ ନାହିଁ। ଆମେ କେବଳ ଫିଲ୍ଡରେ ଏକ ଦଳ ଭାବେ ପ୍ରଦର୍ଶନ କରିବାକୁ ଉଦ୍ୟମ କରୁ। ଏଥର ମଧ୍ୟ ଆମେ ସମାନ କାର୍ଯ୍ୟ କରିବୁ। ସଭିଙ୍କୁ ଜଣା ଯେ, ଆମେ ଟୁର୍ନାମେଣ୍ଟ ଜିତିବା ଲାଗି ଫେଭରାଇଟ୍ ନୁହେଁ। କିନ୍ତୁ ଏଥିରେ ଆମର କୌଣସି ଆପତ୍ତି ନାହିଁ। କାରଣ ଆମକୁ ଜଣାଅଛି, ଯଦି ଆମେ ଭଲ ପ୍ରଦର୍ଶନ କରିବୁ, ତେବେ ଟ୍ରଫି ଉଠାଇବା ପାଇଁ ଭଲ ସ୍ଥିତିରେ ପହଞ୍ଚିପାରିବୁ। କିନ୍ତୁ ହଁ, ଥରେ ଟ୍ରଫି ଉଠାଇବା ପାଇଁ ମୁଁ କିଛି ହୃଦୟ ଭାଙ୍ଗିବାକୁ ମନା କରିବି ନାହିଁ।

# ପିଚ୍ ବ୍ୟାଟରଙ୍କୁ ସୁହାଇବ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଫାଇନାଲ ମ୍ୟାଚ୍ ଲାଗି କେଉଁ ପିଚ୍ ବ୍ୟବହାର କରାଯିବ, ତାହା ଚର୍ଚ୍ଚାର ବିଷୟ ରହିଛି। ଏହି ଭେନ୍ୟୁ ଚଳିତ ଟୁର୍ନାମେଣ୍ଟରେ ବ୍ୟାଟରଙ୍କୁ ସୁହାଇଛି। ଏଠାରେ ପ୍ରଥମ ଇନିଂସରେ ହାରାହାରି ସ୍କୋର ୧୮୯ ରହିଛି। ୨୦୨୧ଠାରୁ ପୁନଃ ଅନ୍ତର୍ଜାତୀୟ ମ୍ୟାଚ୍ ଆୟୋଜନ କରାଯିବା ପରଠାରୁ ଏଠାରେ ସନ୍ଧ୍ୟାରେ ୧୧ ଟି୨୦ ମ୍ୟାଚ୍ ଖେଳାଯାଇଛି। ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ ଥର ବାଜି ମାରିଛି। ପ୍ରଥମେ ବ୍ୟାଟିଂ କରି ମ୍ୟାଚ୍ ଜିତିଥିବା ସମସ୍ତ ଦଳ ୧୮୫ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲେ। ଅନ୍ୟ ୪ ଥର ୧୮୦ରୁ କମ୍ ସ୍କୋର ଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଲକ୍ଷ୍ୟର ପିଛା କରିବାକୁ ଇଚ୍ଛୁକ।

# ହୋଟେଲ ଭଡ଼ା ୪୦୦% ବଢ଼ିଲା

**ଅହମଦାବାଦ,୭।୩:** ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିଲାଗି ସହରର ପ୍ରାୟତଃ ହୋଟେଲରେ ରୁମ ଭଡ଼ା ବୃଦ୍ଧି ପାଇଛି। ଏପରିକି ରୁମ ଭଡ଼ା ୩୦୦ରୁ ୪୦୦ ପ୍ରତିଶତ ବୃଦ୍ଧି ପାଇଛି। ଏ ସମ୍ପର୍କରେ ହୋଟେଲ୍ସ ଆଣ୍ଡ ରେଷ୍ଟୁରାଣ୍ଟ ଆସୋସିଏଶନ ଅଫ୍ ଗୁଜରାଟ ସଭାପତି ତଥା ହୋଟେଲିଅର ନରେନ୍ଦ୍ର ସୋମାନି କହିଛନ୍ତି, ପୂର୍ବରୁ ଯେଉଁ ରୁମର ମୂଲ୍ୟ ୫ ହଜାର ଥିଲା, ତାହା ଏବେ ୩୦୦ରୁ ୪୦୦% ବୃଦ୍ଧି ପାଇ ୨୦ ହଜାରରେ ପହଞ୍ଚିଛି। ଫାଇନାଲରେ ଭାରତ ଖେଳୁଥିବାରୁ କ୍ରିକେଟ ପ୍ରଶଂସକଙ୍କ ମଧ୍ୟରେ ହୋଟେଲ ରୁମ ଚାହିଦା ବୃଦ୍ଧି ପାଇଛି। ଏଥିଯୋଗୁ ଅନଲାଇନରେ ଅନେକ ପ୍ରମୁଖ ହୋଟେଲରେ ରୁମ୍ ଭଡ଼ାରେ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। ସିନ୍ଧୁ ଭବନ ରୋଡ୍‌ରେ ଥିବା ତାଜ ସ୍କାଇଲାଇନରେ ଏକ ଡିଲକ୍ସ ରୁମ୍‌ର ଭଡ଼ା ରବିବାର ରାତିପାଇଁ ୨.୦୧ ଲକ୍ଷ ଟଙ୍କା ସହିତ ଜିଏସ୍‌ଟି ବାବଦକୁ ୩୬ ହଜାର ଅଧିକ ଦେବାକୁ ପଡ଼ିବ।





| PARAMETER | VICTORIS S-CNG | COMPETITION MID SUV DIESEL | BENEFIT OF VICTORIS S-CNG OVER DIESEL CARS |
|---|---|---|---|
| Running Cost/km | ₹4 | ~ ₹6.1 | ✓ More savings per km |
| Lower Maintenance Cost | ✓ | ✗ | ✓ Easy on pocket |
| Reduced Emission | ✓ | ✗ | ✓ Good for environment |
| Recovery Period# | ~3.8 Yrs | ~11.1 Yrs | ✓ Faster recovery |



Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ